ବାସ୍ତବତାର ପରିପ୍ରକାଶ

ISSN: 2583-147X (P)
ISSN: 3048-8958 (O)

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee Patrika

ମଇ ୨୦୨୫
ମୂଲ୍ୟ : ୨୫ ଟଙ୍କା

Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

# Prachee Centre for Cultural Relations(PCCR)
**Niladri Vihar**
**Naya Bazar, Cuttack-753004**

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ

କବି ଜୟନ୍ତ ମହାପାତ୍ର



**ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

## ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବବ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀ ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

Vol.- 11, May 2025, Issue No. II
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


୧. ବିଦ୍ୟାନିଧି ଯୋଗେଶଚନ୍ଦ୍ର ରାୟ ଓ କଟକ
ଶିଶିର ବେହେରା.......... ୦୯

୨. ଓଡ଼ିଆ ସାହିତ୍ୟରେ ବିଶ୍ଳେଷଣାତ୍ମକ ଭାଷାତତ୍ତ୍ୱର ପ୍ରୟୋଗ
ପ୍ରତାପ କୁମାର ଦାଶ.......... ୧୬

୩. ସାମାଜିକ ଚେତନାରେ ସାବିତ୍ରୀ ଅମାବାସ୍ୟା
ସଞ୍ଜୟ କୁମାର ପଣ୍ଡା.......... ୨୪

୪. 'ବୁଢ଼ାବଳଙ୍ଗର ମାଝି'ରେ ମାଝିବୁଢ଼ା, ବଳଙ୍ଗ ନଦୀ ଓ ରଂଜନ ପ୍ରଧାନ
ଜୟନ୍ତ କୁମାର ଦାସ.......... ୨୮

୫. ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନାର ଅଭିନବ ଆଶୟ ଓ ବିଷୟ
ରଶ୍ମିତା ପଣ୍ଡା.......... ୩୬

୬. ମାଟିର ମୂଳ ଲୁହର ନିର୍ମାଲ୍ୟ : ଧାନଫୁଲ କାନଫୁଲ
ମାନସ କୁମାର ଦାସ.......... ୫୧

୭. ଡାକ୍ତର ଶ୍ରୀପ୍ରସାଦ ମହାନ୍ତିଙ୍କ ସମ୍ମୋହନ ଓ
ଅନ୍ୟାନ୍ୟ ଗଳ୍ପରେ ସାମାଜିକ ପ୍ରତିବଦ୍ଧତା
ଚିନ୍ମୟ ସାହୁ.......... ୫୯

୮. ଓଡ଼ିଆ ଅସ୍ମିତା ର ପୂର୍ଣ୍ଣ ବିଜୟ କେବେ ?
ବିକାଶ ମହାନ୍ତି.......... ୬୭

୯. ଆଧୁନିକ ସମାଲୋଚନା ଧାରାର ନବ୍ୟରୂପାନ୍ତର: ପ୍ରମୋଦ ସର
ସୋନାଲି ସାହୁ.......... ୭୧

୧୦. ମିତ୍ରସ୍ୟ ଚକ୍ଷୁସାରେ ସମାଜ ଦୃଷ୍ଟି
ଶକୁନ୍ତଳା ମିର୍ଦ୍ଧା.......... ୭୪

# ପୋଡା ନୋଟ୍‌ରେ ଗାନ୍ଧିଜୀ

ଦିଲ୍ଲୀ ହାଇକୋର୍ଟର ଜେନୈକ ବିଚାରପତିଙ୍କ ସରକାରୀ ବାସଭବନେର ଲାଗିଥିବା ନିଆଁ ଲିଭାଇବାକୁ ଯାଇ କମର୍ଚ୍ଚରୀମାନେ ପୋଡିଯାଉଥିବା ବିଡା ବିଡା ପାଂଶହ ଟଙ୍କାର ଗଣ୍ଡିଲି ବାହାରକୁ ଅଣିବାପେର, ତାକୁ ଦେଖି କୌଣସି ଜେଣ ଦଶର୍କଙ୍କ ପାଟିରୁ ବାହାରିଗଲା- ‘ଦେଖ, ଗାନ୍ଧିଜୀ ପୋଡିଯାଉଛନ୍ତି’। ଆଇନର ରକ୍ଷାକର୍ତ୍ତା, ନ୍ୟାୟଭିକ୍ଷୁ ଜନସାଧାରଣଙ୍କ ଶେଷ ଆଶା ଓ ଭରଷା, ସମ୍ବିଧାନର ଅବିଭାବକ ରୂପେ କାର୍ଯ୍ୟକରୁଥିବା ନ୍ୟାୟଳୟର ବିଚାରପତି, ସେନ୍ଦହର କାଠଗଡାେର ଠିଅହେବାଦ୍ୱାରା, ଗାନ୍ଧିଜୀଙ୍କ ନୈତିକତାର ଆଦଶର୍ରେ ନିଆଁଲାଗିଗଲା । ଏହାକୁ ନେଇ ସାରା ଦେଶେର ଏେବ ବଡ ଚର୍ଚ୍ଚା। ନିଆଁ ଲିଭା ବିଭାଗର କମର୍ଚ୍ଚରୀ ଗୋଟିଏ ଘରର ନିଆଁ ଲିଭାଇବାକୁ ଯାଇ, ସେତ ଯେମିତି ସାରା ଦେଶେର ନିଆଁ ଲେଗଇ ଦେଇଛନ୍ତି। ଏେବ ଅଧିକ ମୂଲ୍ୟର ନୋଟ ହିଁ ସବୁ ବଡ଼ ବଡ଼ ଦୁର୍ନୀତି, ଲାଞ୍ଚ, ଠେକଇ କାରବାରର ମାଧମ ପାଲଟି ଯାଇଛି। ଆଧାର ଓ ପାନ୍‌କାଡ୍ ସଂଯୁକ୍ତ ହୋଇଥିବା କାରଣରୁ, ବ୍ୟାଙ୍କ ଜମାରୁ ଅଥର୍ର ଦେଣ ନେଣ ସହଜ ହୋଇପାରୁନାହିଁ। ଦାତା ଓ ଗ୍ରହୀତାଙ୍କ ପରିଚୟ ତଦ୍ୱାରା ଗୋପନୀୟ ରହିନପାରିବାର ଆଶଙ୍କା ରହିଛି। ତେଣୁ ଏେବ ଭିଜିଲାନ୍ସ ଅଥବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାଲେର ପଡୁଥିବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତି / ଅଧିକାରୀଙ୍କ ଠାରୁ ପୁଳା ପୁଳା ନୋଟ ଆଉ ସୁନା ଜବତ ହେଉଛି। ନୋଟର ପରିମାଣ ଏେତେବଶୀ ଯେ ତାକୁ ଗଣିବା ପାଇଁ ମେସିନର ସହାୟତା ନିଆ ଯାଉଛି।

ଆମ ଦେଶେର ପ୍ରଚଳିତ ନୋଟର (ଏକ ଟଙ୍କା ଓ ଦୁଇ ଟଙ୍କାକୁ ଛାଡି) ସାମନା ପେଟ ସତ୍ୟର ପୂଜାରୀ ମହାତ୍ମା ଗାନ୍ଧିଙ୍କ ଛବି ଆଉ ପଛ ପେଟ ଗାନ୍ଧିଙ୍କ ଗୋଲ ଗୋଲ ଚଷମାର ଛବି। ଚଷମାର ବାମପଟ କାଚେର ହିନ୍ଦିରେ ‘ସ୍ୱଚ୍ଛ’ ଲେଖାଯାଇଥିବା ବେେଳ, ଡାହାଣ ପେଟ ଲେଖା ଅଛି ‘ଭାରତ’। ତେଳ ଲେଖାଅଛି ସ୍ୱଚ୍ଛତା ଆଡକୁ ଗୋଟିଏ ପାଦ (ଏକ କଦମ୍ ସ୍ୱଚ୍ଛତା କି ଔର୍)। ଏହା ପରିବେଶର ସ୍ୱଚ୍ଛତା ରକ୍ଷା ନିମିତ୍ତ ଗାନ୍ଧିଜୀଙ୍କ ଗୁରୁତ୍ୱକୁ ଆଧାର କରି ସରକାରୀ ସ୍ତରେର ନିଆଯାଉଥିବା ସ୍ୱଚ୍ଛ ଭାରତର ପ୍ରଚାର ମୂଳକ ଚିହ୍ନ ଓ ଆପ୍ତବାକ୍ୟ। ପରିବେଶର ସ୍ୱଚ୍ଛତା ସହିତ ସାଧାରଣ ଜନଜୀବନେର ନୈତିକତା, ସ୍ୱଚ୍ଛତା ଓ ସତ୍ୟତା ରକ୍ଷା ଉପେର ଥିଲା ଗାନ୍ଧିଜୀଙ୍କର ବଡ଼ ଗୁରୁତ୍ୱ। ଏେବ ନୀତିହୀନ ପ୍ରଶାସନିକ ଓ ନ୍ୟାୟିକ ଅଧିକାରୀ, ରାଜେନତା, ବ୍ୟବସାୟୀ ଆଉ ଉେଦ୍ୟାଗପତିଙ୍କ ଦୁର୍ନୀତିରେ ଉଚ୍ଚ ମୂଲ୍ୟର ନୋଟ୍ ଦେଣ ନେଣର ମାଧମ ପାଲଟିଛି । ଏହି ସବୁ ନୋଟେର ମୁଦ୍ରିତ ଗାନ୍ଧିଜୀ ବ୍ୟଥିତ ଆଉ ମର୍ମାହତ ହୋଇ ଚଷମା କାଚତଳୁ ଜୁଳୁ ଜୁଳୁ ହୋଇ ଚାହିଁ ରହିବା ପରି ମେନ ହେଉଛି। ଏ ଯନ୍ତ୍ରଣାରୁ ଗାନ୍ଧିଜୀଙ୍କୁ ମୁକ୍ତ କରାଯାଇ ପାରିବକି ନାହିଁ, ସେ ପ୍ରଶ୍ନ ଅେନକ ବୁଦ୍ଧିଜୀବି, ଗାନ୍ଧିବାଦୀ ଓ ଆଦଶର୍ବାଦୀ ଜେନେନତାଙ୍କ ମେନର ଏେବ ଉଠୁଛି।

ଜନ ଜୀବନରୁ ଦୁର୍ନୀତି ହେଟଇ ସ୍ୱଚ୍ଛତା ରକ୍ଷାକରିବା ଏକ ଜଟିଳ ପ୍ରଶ୍ନବାଚୀ ସୃଷ୍ଟିକେର। ପ୍ରଥମରୁ ସ୍ୱାଧୀନ ଭାରତର ନୋଟେର ଗାନ୍ଧିଙ୍କ ଛବି ନଥିଲା। ସମ୍ରାଟ ଷଷ୍ଠ ଜର୍ଜଙ୍କ ଛବିଥିବା ଉପନିବେଶ ଶାସନ ସମୟର ନୋଟ ସ୍ୱାଧୀନ ଭାରେତର କିଛି ବର୍ଷ ଚାଲୁରହିଲା। ୧୯୪୯ ମସିହାେର ପ୍ରଚଳିତ ହୋଇଥିବା ଏକ ଟଙ୍କିଆ ନୋଟରୁ ଏହି ଛବି ଉଠାଇଦିଆଗଲା ଓ ତା ବଦଳେର ଭାରତର ଶକ୍ତି ସାମର୍ଥ୍ୟର ପ୍ରତୀକ ଅେଶାକ ସ୍ତମ୍ଭର ଚିହ୍ନ ଛପାଗଲା। ୧୯୫୦ରେ ଦୁଇ ଟଙ୍କା, ପାଞ୍ଚ ଟଙ୍କା, ଦଶ ଟଙ୍କା ଓ ଶେହ ଟଙ୍କାର ଯେଉଁ ନୂଆ ନୋଟମାନ ପ୍ରଚଳିତ ହେଲା, ସେଥିରେ ମଧ୍ୟ ସେହି ଅଶୋକ ସ୍ତମ୍ଭର ଚିହ୍ନ ରହିଥିଲା। ସେତେବଳକୁ ପୃଥିବୀର ଅେନକ ଦେଶ, ତାଙ୍କ ଦେଶ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନେତାମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ଛବି ବ୍ୟାଙ୍କ ନୋଟେର ଛାପି ସାରିଥିଲେ। ମହମ୍ମଦ ଅଲ୍ଲୀ ଜିନ୍ନା, ମାଓ ସେ ତୁଙ୍ଗ, ଜର୍ଜ ଓ୍ୱାସିଂଙ୍ଗଟନଙ୍କ ଛବି ଯଥାକ୍ରେମ ପାକିସ୍ଥାନ, ଚୀନ ଓ ଅାମେରିକାର ନୋଟେର ଆସିସାରିଥିଲା। ଜାତିର ପିତା ଭାବେର, ବିନା ଦ୍ୱିଧାରେ ସ୍ୱାଧୀନ ଭାରତର ବ୍ୟାଙ୍କ ନୋଟେର ଗାନ୍ଧିଜୀଙ୍କ ଫଟୋ ରହିବା କଥା। ୧୯୫୦ ରୁ ୧୯୬୦ ମସିହାଯାଏ ଭାରତୀୟ ନୋଟେର ବାଘ, ହରିଣ ପରି ପଶୁଙ୍କ ଛବି ସହ ସମୃଦ୍ଧିର ପ୍ରତୀକ ହିରାକୁଦ ବନ୍ଧ, କୃତ୍ରିମ ଉପଗ୍ରହ ଆର୍ଯ୍ୟଭଟ୍ଟ..., ତଞ୍ଜୋରର ବୃହେଦଶ୍ୱର ମନ୍ଦିର ଆଦିର ଛବି ରହିଥିଲା। ସ୍ୱାଧୀନ

ଭାରତର ଆର୍ଥିକ ଯାତ୍ରା ଓ ସ୍ୱତନ୍ତ୍ରତାର ମାଧ୍ୟମ ରୂପେ ବ୍ୟାଙ୍କ ନୋଟେର ଛପା ହେବାପାଇଁ ଗାନ୍ଧିଜୀଙ୍କ ଫେଟା ସରକାରଙ୍କର ସବର୍ପ୍ରଥମ ପସନ୍ଦ ନଥିଲା। ଅନେକ ଅଲୋଚନା, ପର୍ଯ୍ୟାଲୋଚନା ପେର ଗାନ୍ଧିଙ୍କ ଜନ୍ମ ଶତବାର୍ଷିକି ପାଳନ ବର୍ଷ, ୧୯୬୯ ମସିହାେର ତାଙ୍କ ଛବି ପ୍ରଥମଥର ପାଇଁ ୧୦୦ ଟଙ୍କା ନୋଟେର ଛପାଗଲା। ୨୦୧୬ର ଗାନ୍ଧିଜୀଙ୍କ ଫେଟା ସହ ସ୍ୱଚ୍ଛ ଭାରତ ଅଭିଯାନର ଲେଗୋ ନୋଟେର ସ୍ଥାନୀତ ହେଲା।

ପୃଥିବୀର ବିଭିନ୍ନ ଦେଶେର ଆବଶ୍ୟକତା ଅନୁଯାୟୀ ନୋଟେର ଥିବା ଜାତୀୟ ନେତାଙ୍କ ଫେଟା ଚିତ୍ରେର ପରିବତ୍ତର୍ନ ବା ପରିବର୍ଦ୍ଧନ କରାଯାଇଛି। ଅାମେରିକାେର ପ୍ରଚଳିତ ୧ ଡଲାର ନୋଟେର ଜର୍ଜ ୱାସିଂଟନ, ୫ ଡଲାରେର ଆବ୍ରାହାମ ଲିଙ୍କନ, ୧୦ ଡଲାରେର ହାମିଲଟନ, ୨୦ ଡଲାରେର ଜାକ୍ସନ, ୫୦ ଡଲାରେର ଗ୍ରାଣ୍ଟ, ୧୦୦ ଡଲାରେର ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍‌ଙ୍କ ଫେଟାଚିତ୍ର ରହିଛି। କୁହାଯାଏ ପ୍ରାୟ ଏକ ଶହ ବର୍ଷ ପୂର୍ବେ ଶେଷଥର ପାଇଁ ଏଥିେର ପରିବତ୍ତର୍ନ ହୋଇଥିଲା। ଓବାମା ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ୨୦୧୬ ମସିହାେର ୨୦ ଡଲାର ନୋଟରୁ ଜାକସନଙ୍କ ଫେଟା ଉଠାଇେଦଇ, ଭୂତଳ ରେଳରାସ୍ତା ନିର୍ମାଣେର ମୁଖ୍ୟ ଭୂମିକା ଗ୍ରହଣ କରିଥିବା ହାରିଏଟ୍ ଟବ୍‌ମ୍ୟାନଙ୍କ ଫଟ ଦେବା ପାଇଁ ସୁପାରିଶ କରିଥିଲା। ସେତେବେଳ କିନ୍ତୁ ଏଥିେର ପରିବତ୍ତର୍ନ କରାଯାଇ ନଥିଲା । ପରବର୍ତ୍ତୀ ସମୟେର ବାଇେଡନ୍ ସରକାର ଏହି ପରବତ୍ତର୍ନ ପାଇଁ ଉଦ୍ୟମ କରିଥିେଲ ମଧ୍ୟ ତାହା ସଫଳ ହୋଇପାରି ନଥିଲା।

ଇଂଲଣ୍ଡର ପାଉଣ୍ଡ ଓ ଷ୍ଟରଲିଂେର ରାଜତନ୍ତ୍ରର ସେଙ୍କତ ରୂେପ ବିଭିନ୍ନ ସମୟେର ୫ମ ଜର୍ଜ, ଦ୍ୱିତୀୟ ଏଲିଜାବେଥ ଓ ଚାଲର୍ସ୍ ତୃତୀୟଙ୍କ ଫେଟା ରହିଆସିଛି। ଅେଷ୍ଟ୍ରଲିଆର ଡଲାର ନୋଟେର ରାଣୀ ଦ୍ୱିତୀୟ ଏଲିଜାବେଥଙ୍କ ଫେଟା ବ୍ୟତୀତ, ସାମାଜିକ ଓ ରାଜେନୈତିକ କ୍ଷେତ୍ରେର ପ୍ରସିଦ୍ଧି ଅର୍ଜନ କରିଥିବା ଡେଭିଡ ଉନାଇପନ ଓ ଏଡିଥ କୋୱାନ, ସଫଳ ମହିଳା ଉେଦ୍ୟାଗୀ ଜନ ଫ୍ଲାଇନ୍, ଚିକିତ୍ସା କ୍ଷେତ୍ରେର ନୋବେଲ ପୁରସ୍କାର ପାଇଥିବା ୱାଲଟର ଫ୍ଲୋେରଙ୍କ ଫେଟା ସ୍ଥାନୀତ ହୋଇଛି। ୨୭ଟି ଦେଶକୁ ନେଇ ଗଠିତ ୟୁେରାପୀୟ ସଂଘେର ପ୍ରଚଳିତ ୟୁେରା ନୋଟେର କୌଣସି ଜାତୀୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଛବି ନ ରହିବା ସ୍ୱାଭାବିକ। ପ୍ରେତ୍ୟକ ନୋଟେର ୟୁେରାପର ମ୍ୟାପ, ୟୁେରାପୀୟ ସଂଘର ପତାକା, ବିଭିନ୍ନ ସ୍ଥାପତ୍ୟ ଓ ଐତିହାସିକ କିର୍ତ୍ତୀରାଜିର ଛବି ରହିଛି।

୨୦୨୨ ମସିହାେର ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲା ଶ୍ରୀ ଗେଣଷ ଓ ମହାଲକ୍ଷ୍ମୀଙ୍କ ପ୍ରତିଛବି ନୋଟେର ଛାପିବା ନିେମନ୍ତ କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିେଲ। ଅନ୍ୟ କେତକ ବୁଦ୍ଧିଜୀବି ରବୀନ୍ଦ୍ର ନାଥ ଠାକୁର ଆଉ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମଙ୍କ ଫେଟା ନୋଟେର ଛାପିବା ନିେମନ୍ତ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଗାନ୍ଧିଜୀଙ୍କ ତୁଙ୍ଗ ବ୍ୟକ୍ତିତ୍ୱ ଆଉ ଭାରତୀୟ ଜାତୀୟ ଜୀବନେର ତାଙ୍କର ଗୁରୁତ୍ୱ ଦୃଷ୍ଟିରୁ କୌଣସି ନୋଟରୁ ଗାନ୍ଧିଜୀଙ୍କ ଛବି ହେଟଇ ଦେବାର ଅେପଚଷ୍ଟା ହୋଇନାହିଁ । ଜନ ଜୀବନରୁ ଦୁର୍ନୀତି ହଟାଇବା ନିେମନ୍ତ ସରକାରୀ ପ୍ରେଚଷ୍ଟା ସହିତ ଗଣ ମାଧ୍ୟମ, ନାଗରିକ ସମାଜ ଓ ଜନସାଧାରଣଙ୍କୁ ସେଚତନ ରହିବାକୁ ପଡିବ। ଅନ୍ୟଥା ଗାନ୍ଧିଜୀଙ୍କ ଫେଟାଥିବା ନୋଟ ଏଇମିତି ଜଳୁଥିବ ଆଉ ତା ସହିତ ଗାନ୍ଧିବାଦ ପୋଡିଯାଉଥିବ।

**ଡଃ. ମନ୍ଦାକିନୀ ଦାସ**
ରିଗାଲ ଭିଲା, ପ୍ରଶାନ୍ତି ବିହାର,
ପଟିଆ, ଭୂବେନଶ୍ୱର

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**

DOI : https://doi.org/10.5281/zenodo.15673606

ମୂଳ ପ୍ରବନ୍ଧ

# ବିଦ୍ୟାନିଧି ଯୋଗେଶଚନ୍ଦ୍ର ରାୟ ଓ କଟକ

**ଶିଶିର ବେହେରା**

**ସଂକ୍ଷିପ୍ତସାର :**

କଟକସହ ବହୁ ମନୀଷୀଙ୍କ ରହିଛି ଅନ୍ତରଙ୍ଗ ସଂପର୍କ ରହିଛି । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତର ବିଦ୍ୱାନମାନଙ୍କର କର୍ମକ୍ଷେତ୍ର ହୋଇଛି ଓଡ଼ିଶାର କଟକ ମାଟି । ଶିକ୍ଷା, ଶାସନ, ବାଣିଜ୍ୟ,ଭ୍ରମଣ ପ୍ରଭୃତି ଉଦ୍ଦେଶ୍ୟରେ ଆସି ସେମାନେ କଟକସହ ଘନିଷ୍ଠ ହୋଇଛନ୍ତି ଏବଂ ଏହାର ଭୌଗୋଳିକ ପରିମଣ୍ଡଳରେ ନିଜକୁ ସାମିଲ କରିଛନ୍ତି । ମାନବିକତାର ମହାମନ୍ତ୍ର ଗାଉଥିବା ଉତ୍କଳଭୂଇଁର ଏଇ ହଜାର ବର୍ଷର ସହର ସଭିଙ୍କୁ ଆପଣାଇ ନେଇଛି । କି ଶତ୍ରୁ କି ମିତ୍ର, ସକଳଙ୍କ ଲାଗି ଏହାର ବିଶାଳବକ୍ଷ ଉଦାରତାରେ ପ୍ରସାରିତ ହୋଇଯାଇଛି, ଭାଇଚାରାରେ ଓ ଆତ୍ମୀୟତାରେ ବଶୀଭୂତ କରିନେଇଛି । ଅନେକଙ୍କ ବାସସ୍ଥାନ ଓ କର୍ମଭୂମି ପାଲଟିଛି କଟକ । ଓଡ଼ିଶାର ଅନ୍ନ ଜଳରେ ପ୍ରତିପାଳିତ  ସେହି ପ୍ରମୁଖ ବ୍ୟକ୍ତିମାନେ ମଧ୍ୟ ଯଥେଷ୍ଟ କୃତଜ୍ଞ ଓ ଉପକୃତ ହୋଇଛନ୍ତି । ଯାହାକୁ ସେମାନେ କେବଳ ସ୍ମୃତିର ସାମଗ୍ରୀ କରି ରଖିନାହାନ୍ତି; ଅଧିକନ୍ତୁ ଆପଣାର ସାହିତ୍ୟକୃତି, ଆତ୍ମଜୀବନୀ, ସ୍ୱୀକାରୋକ୍ତି, ବିବିଧ ରଚନାମାନଙ୍କରେ ଲିପିବଦ୍ଧ କରିଯାଇଛନ୍ତି । ବିଦ୍ୟାନିଧି ରାୟବାହାଦୂର ଯୋଗେଶ ଚନ୍ଦ୍ର ରାୟ ଏମାନଙ୍କ ମଧ୍ୟରୁ ଅନ୍ୟତମ । ଓଡ଼ିଶା ବିଶେଷ କରି କଟକ ସହିତ ତାଙ୍କ ସଂପର୍କ ଯେତିକି ଘନିଷ୍ଠ; ଏହାର ବିକାଶ ପାଇଁ ତାଙ୍କର ଉଲ୍ଲେଖ ଯୋଗ୍ୟ ଭୂମିକା ମଧ୍ୟ ଅନସ୍ୱୀକାର୍ଯ୍ୟ ।

**ପ୍ରମୁଖ ଶବ୍ଦାବଳୀ :**

କଟକ, ଯୋଗେଶଚନ୍ଦ୍ର, ପରମ୍ପରା, ରେଭେନ୍‌ସା କଲେଜ, ସମାଜ ସଂସ୍କାର, ଆଧୁନିକ ଓଡ଼ିଶା, ଦେଶୀୟ ଶିଳ୍ପ ।

ଊନବିଂଶ ଶତାବ୍ଦୀର ଇଂରେଜ ଶାସନାଧୀନ ଭାରତବର୍ଷରେ କଟକକୁ ଆସଛନ୍ତି ଜଣେ ବିଖ୍ୟାତ ଶିକ୍ଷାବିତ୍ ଯୋଗେଶଚନ୍ଦ୍ର ରାୟ । କଟକ ଦେଇଛି ତାଙ୍କୁ ପ୍ରତିଷ୍ଠା ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତି । କଟକ ସହ ସେ ଯେପରି ଅନ୍ତରଙ୍ଗ ହୋଇଛନ୍ତି , ସେହିପରି କଟକର ବିକାଶଲାଗି ଉଦ୍ୟମକରି ସେ ହୋଇପାରିଛନ୍ତି ସ୍ମରଣୀୟ । ବିଶେଷକରି ଓଡ଼ିଶାର ଶିକ୍ଷା, ସଂସ୍କୃତି, ସମାଜସଂସ୍କାରରେ ତାଙ୍କର ମହତୋତ୍ତର ଭୂମିକା ଏକ ଗୌରବୋଜ୍ଜ୍ୱଳ ଇତିହାସ ସୃଷ୍ଟିକରିଛି । କର୍ମଦାୟରେ ଦୀର୍ଘଦିନ କଟକରେ ରହଣିଭିତରେ ନିଜର ପାଣ୍ଡିତ୍ୟ, ଅସାଧାରଣ ବ୍ୟକ୍ତିତ୍ୱ ସର୍ବୋପରି ଜଣେ ଅନୁସନ୍ଧିତ୍ସୁ ଗବେଷକଭାବରେ ଆପଣାର କାର୍ଯ୍ୟଦକ୍ଷତାର ଯେଉଁ ପରିଚୟ ପ୍ରଦାନ କରିଛନ୍ତି, ତାହାକୁ ଓଡ଼ିଶାବାସୀ ସାଦରେ ସ୍ୱୀକାର କରିଥାନ୍ତି । ଉଦ୍ଭିଦ ବିଜ୍ଞାନରେ ଅନର୍ସ ଓ ଏମ୍.ଏ ପାଶ୍ କଲାପରେ ଭଦ୍ରେଶ୍ୱରର ଏକ ସ୍କୁଲ୍‌ରେ ପ୍ରଥମେ ଶିକ୍ଷକତା କରିବାସହିତ ଆଇନ୍ କ୍ଲାସ୍‌ରେ ଭର୍ତ୍ତି ହେଲେ । ୧୮୮୩ ମସିହା ମାର୍ଚ୍ଚ ମାସରେ କଟକ କଲେଜରେ 'ଲେକ୍‌ଚର ଇନ୍ ଫିଜିକାଲ୍ ସାଇନ୍ସ' ପଦରେ ନିଯୁକ୍ତି ପାଇଥିଲେ । ତିନିବର୍ଷ ଏହି ଅସ୍ଥାୟୀ ଚାକିରିରେ କାର୍ଯ୍ୟକରି ୧୮୮୬ ରେ ପୁନଃ କଲିକତାର ମଦ୍ରାସାରେ ଆସି ଯୋଗଦେଲେ । ସେଠାରୁ କେତେମାସ ପାଇଁ ବଦଳିହେଲେ ଚଟ୍ଟଗ୍ରାମ କଲେଜକୁ ୧୮୮୮ ମସିହାରେ । ପରେ ସେହିବର୍ଷ ନଭେମ୍ବର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :**
https://pracheenews.com/

**DOI:**
https://doi.org/10.5281/zenodo.15673606
Article No - BPP00292

**ଯୋଗାଯୋଗ : ଡକ୍ଟର ଶିଶିର ବେହେରା,** ସହକାରୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
**E-mail.ID :** sisirabehera87@gmail.com
**ORCID ID :** https://orcid.org/0000-0003-2444-4645

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୨.୨୦୨୫ | ୧୦.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ଶିଶିର; ୨୦୨୫ । ବିଦ୍ୟାନିଧି ଯୋଗେଶଚନ୍ଦ୍ର ରାୟ ଓ କଟକ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଖ; ପୃଷ୍ଠା :୯-୧୫ ।

ମାସରେ ପ୍ରେସିଡ଼େନ୍‌ସି କଲେଜରେ ଲ୍ୟାବରେଟରି ଆସିଷ୍ଟାଣ୍ଟ ପଦରେ ଅବସ୍ଥାପିତ ହେଲେ। ମାତ୍ର,୧୮୮୯ ଜୁନ୍ ମାସ ୨୮ ତାରିଖରେ ବଙ୍ଗଳାଛାଡ଼ିଲେ ଏବଂ ଜୁଲାଇମାସ ୫ ତାରିଖ ଶୁକ୍ରବାରଠାରୁ ପୁନର୍ବାର କଟକବାସୀ ହୋଇଗଲେ ଯୋଗେଶଚନ୍ଦ୍ର। ଏଥର ରେଭେନ୍‌ସା କଲେଜରେ ସ୍ଥାୟୀଭାବରେ ବିଜ୍ଞାନ ଅଧ୍ୟାପକ ହେଲେ ସେ। ଓଡ଼ିଶାରେ ଆଧୁନିକ ଶିକ୍ଷା ବିକାଶରେ କଟକର ରେଭେନ୍ସା କଲେଜର ପ୍ରତିଷ୍ଠା ଊନବିଂଶ ଶତକର ଏକ ଐତିହାସିକ କୀର୍ତ୍ତି। ଭାରତବର୍ଷର ପ୍ରସିଦ୍ଧ ବ୍ୟକ୍ତିମାନେ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ ସହିତ ଶିକ୍ଷକଭାବରେ ଯୋଗଦେଇ ଏହାକୁ ଐତିହ୍ୟସ୍ଥଳୀରେ ପରିଣତ କରିଛନ୍ତି। ଯୋଗେଶଚନ୍ଦ୍ର ସବୁଠାରୁ ଅଧିକ ସମୟ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରିବାସହିତ ରେଭେନ୍‌ସାର କ୍ରମବିକାଶରେ ଯଥେଷ୍ଟ ସହଯୋଗ କରିଛନ୍ତି। ସେତେବେଳର କଟକ କଲେଜରେ ଏକାଧାରରେ ବିଜ୍ଞାନ, ବଙ୍ଗଳା, ରସାୟନ, ଗଣିତ, ଉଦ୍ଭିଦବିଜ୍ଞାନ ପଢାଉଥିଲେ। ବିଜ୍ଞାନ ପଢାଇବାରେ ତାଙ୍କ ଭଳି ବିଚକ୍ଷଣ ଶିକ୍ଷକ ଥିଲେ ବାସ୍ତବରେ ବିରଳ। ଏ ସଂପର୍କରେ ଲାଲା ନଗେନ୍ଦ୍ର କୁମାର ରାୟ କହିଛନ୍ତି: " *ଆମ ସମୟରେ କଲେଜର ପ୍ରିନ୍‌ସିପାଲ ଥାଆନ୍ତି ମିଷ୍ଟର ଲ୍ୟାମ୍ବାର୍ଟ। ଇତିହାସର ଅଧ୍ୟାପକ ଥାନ୍ତି ମିଷ୍ଟର ରସ୍ ମସୁଦ ଯେ କି ଆଲିଗଡ଼ ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ। କଲେଜର ଅନ୍ୟାନ୍ୟ ଅଧ୍ୟାପକଙ୍କ ମଧ୍ୟରେ ସର୍ବାଧିକ ଖ୍ୟାତିସଂପନ୍ନ ଥିଲେ ରାଏ ବାହାଦୁର ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି। ଉଦ୍ଭିଦବିଦ୍ୟା ଛଡ଼ା ଯୋଗେଶବାବୁ ରସାୟନ, ପଦାର୍ଥବିଜ୍ଞାନ, ଗଣିତ ଓ ବଙ୍ଗଳା ସାହିତ୍ୟ ତଥା ଇତିହାସ ମଧ୍ୟ କ୍ଲାସ୍‌ରେ ପଢାଉଥାନ୍ତି। × × ×ଅଧ୍ୟାପକ ଯୋଗେଶଚନ୍ଦ୍ର ସାଧାରଣ ଭାଷାରେ କହିଲେ – ଜଣେ ମଡ଼ମଡ଼ିଆ ଶ୍ୟାମଳବର୍ଣ୍ଣର ମଝିମଝିଆ ଉଚ୍ଚତାର ଲୋକଥିଲେ। ତାଙ୍କର ଅଧ୍ୟାପନାର ପୋଷାକପତ୍ର ମଧ୍ୟ ଥିଲା ଅତି ସାଧାରଣ। ଗୋଟିଏ ମଠା ବା ମୁଗା ରେଶମର ମଟକା ପ୍ୟାଣ୍ଟ ଏବଂ ପରେ ସେଇ କନାର ଗଳାବନ୍ଦ କୋଟ୍ ଥିଲା ତାଙ୍କର ସବୁଦିନିଆ ପୋଷାକ। ଆମପରି ନୂଆ ଛାତ୍ରଙ୍କ ଆଖିରେ ତାଙ୍କ ଛତାଟି ଥିଲା ସବୁଠାରୁ ଉଲ୍ଲେଖଯୋଗ୍ୟ। ଯୋଗେଶବାବୁ ବଜାରର ସାଧାରଣ କଳାଛତା ନ କିଣି ଅଲଗା ବରାଦଦିଆ –ବାଘନିଶ ହଲାନା ଖ୍ୟାତ-ଆଲୋକର ସାତରଙ୍ଗିଆ ଛତାଟିଏ ଧରି, ଚାଲିଚାଲି କ୍ଲାସ୍‌କୁ ଆସନ୍ତି। ତାଙ୍କର ଏ ପ୍ରକାର ଅତି ସାଧାରଣ ରୂପଭେକ ସତ୍ତ୍ୱେ ସେ ଛାତ୍ରମହଲ ବା ଅଧ୍ୟାପକମଣ୍ଡଳୀ ସମସ୍ତଙ୍କ ପାଖରେ ଥାନ୍ତି ସମ୍ମାନ ଆଦର ଓ ପୂଜାର ପାତ୍ର। × × ×ଯୋଗେଶଚନ୍ଦ୍ରଙ୍କ ନିକଟରେ ଦୁଇଟିବର୍ଷ ପାଠ ପଢିବାର ସୁଯୋଗ ମୁଁ ପାଇଥିଲି। ଉଦ୍ଭିଦବିଦ୍ୟା ଶ୍ରେଣୀରେ ପଢାଇଲାବେଳେ ଯେଉଁଦିନ ଯେଉଁଗଛ ବା ପତ୍ରଟି ସେ ପିଲାଙ୍କୁ ପଢାଉଥିଲେ , ସେ ସମ୍ବନ୍ଧରେ ଇତିହାସ, ଭୂଗୋଳ, ବାଣିଜ୍ୟବିଦ୍ୟା ଆଦି କୌଣସି ଗୋଟିଏ ଦିଗହେଲେ ବାଦ୍ ଦେଉନଥିଲେ।*"( '*ଅର୍ଦ୍ଧଶତାବ୍ଦୀ ପୂର୍ବର ରେଭେନ୍‌ସା କଲେଜ*'- ରେଭେନ୍‌ସା କଲେଜ ସେଣ୍ଟିନାରୀ ସୋଭେନିର(୧୮୬୮-୧୯୬୮), ପୃଷ୍ଠା-୫/୬)ଖୁବ୍ ସ୍ୱଳ୍ପସମୟ ମଧ୍ୟରେ ନିଜର ଶିକ୍ଷାଦାନ,ବିଜ୍ଞାନ ଗବେଷଣାରେ ପାରଦର୍ଶିତା ଲାଭ କରିପାରିଥିଲେ ଯୋଗେଶଚନ୍ଦ୍ର। ରେଭେନ୍‌ସାରେ ସୂର୍ଯ୍ୟଘଡ଼ି ସ୍ଥାପନରେ ମଧ୍ୟ ତାଙ୍କର ଭୂମିକା ରହିଛି। ତାଙ୍କଭଳି ବହୁମୁଖୀ ପ୍ରତିଭାଧର ଶିକ୍ଷକଙ୍କ ସଂପର୍କରେ ପଣ୍ଡିତ ଗୋଦାବରୀଶ ମିଶ୍ର ମଧ୍ୟ ଗୁଣଗାନ କରିଛନ୍ତି। ସେ କହିଛନ୍ତି: *"ମୋ ପଢିଲାବେଳେ ରେଭେନ୍‌ସା କଲେଜରେ ଜଣେ ସୁଦ୍ଧା ଓଡ଼ିଆ ଅଧ୍ୟାପକ ନଥିଲେ। ସେମାନେ ପ୍ରାୟ ସମସ୍ତେ ବିଦ୍ୟା ଓ ଚରିତ୍ରରେ ଆଦର୍ଶ ବିବେଚିତ ହେଉଥିଲେ। ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟଙ୍କୁ ଏବେ ପ୍ରାୟ ନବେବର୍ଷ ବୟସ ହେବଣି। ସେ ତାଙ୍କ ଜନ୍ମସ୍ଥାନ ବାଙ୍କୁଡ଼ାରେ ଆସି ଅଦ୍ୟାପି ଲେଖାପଢା ଚଳାଇଛନ୍ତି। ଆମ ଓଡ଼ିଆଜାତିର ଗୌରବ ପଠାଣି ସାମନ୍ତଙ୍କୁ ସୁଧୀ ସମାଜରେ ଚିହ୍ନାଇବା ଲୋକ ହେଉଛନ୍ତି ସେ।" (ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ,* ଗ୍ରନ୍ଥମନ୍ଦିର, ୨୦୧୪, ପୃଷ୍ଠା-୬୭)ତାଙ୍କ ଶିକ୍ଷାଦାନର ସଫଳତା ଏବଂ ଓଡ଼ିଶାର ମହାନ ଜ୍ୟୋତିଷଶାସ୍ତ୍ର ବିଶାରଦ ଚନ୍ଦ୍ରଶେଖର ସିଂହସାମନ୍ତ(ପଠାଣି ସାମନ୍ତ)ଙ୍କୁ ଆବିଷ୍କାର କରିଥିବା ହେତୁ ସକଳ ଓଡ଼ିଆଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ ସେ। ଓଡ଼ିଆ ଜାତିକୁ ଯୋଗେଶଚନ୍ଦ୍ରଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ଖଣ୍ଡପଡ଼ା ଭଳି ଗଡ଼ଜାତ ମହଲର ବଣକୁସୁମ ପଠାଣି ସାମନ୍ତଙ୍କୁ ସମଗ୍ରବିଶ୍ୱରେ ପରିଚିତ କରାଇବା। ସାମନ୍ତ ଚନ୍ଦ୍ରଶେଖରଙ୍କ ' '*ସିଦ୍ଧାନ୍ତଦର୍ପଣ*'ର ସଂପାଦନା ତାଙ୍କର ଅନ୍ୟତମ ମହତକୀର୍ତ୍ତି। ଯୋଗେଶଚନ୍ଦ୍ର ଯେପରି ଚନ୍ଦ୍ରଶେଖରଙ୍କୁ ଆବିଷ୍କାର କରିଥିଲେ, ପରୋକ୍ଷଭାବରେ ଚନ୍ଦ୍ରଶେଖର ମଧ୍ୟ ଯୋଗେଶଚନ୍ଦ୍ରଙ୍କ ସୁପ୍ତ ପ୍ରତିଭାକୁ ଆବିଷ୍କାର କରାଇବାରେ ସହାୟକ ହୋଇପାରିଥିଲେ।ଜ୍ୟୋତିଷୀ ଶାସ୍ତ୍ରଗ୍ରନ୍ଥ '*ସିଦ୍ଧାନ୍ତଦର୍ପଣ*'ସଂପାଦନା ପାଇଁ ୧୯୦୨ ମସିହାରେ ଯୋଗେଶଚନ୍ଦ୍ର ପ୍ରାପ୍ତ କରିଥିଲେ 'ଫେଲୋ ଅଫ୍ ଦି ରୟାଲ ଆଷ୍ଟ୍ରୋନମିକାଲ୍ ସୋସାଇଟି' ପଦ। ଏ ସଂପର୍କରେ ସେ '*ନବ୍ୟ ଭାରତ*' ପତ୍ରିକା, ୧୩୦୦ ବଙ୍ଗାବ୍ଦ ଭାଦ୍ରସଂଖ୍ୟାରେ '*ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ଓ ସିଦ୍ଧାନ୍ତଦର୍ପଣ*' ନାମରେ ଏବଂ ୧୯୩୮ ମସିହାରେ *Ravenshaw College Magazine* ରେ '*Reminisences of Chandrasekhara, Astronomer of Orissa*' ନାମରେ ଦୀର୍ଘ ପ୍ରବନ୍ଧ ଲେଖିଥିଲେ। ଫକିରମୋହନ ସେନାପତି ଯୋଗେଶଚନ୍ଦ୍ରଙ୍କ ଏହି ଅସାମାନ୍ୟ ବ୍ୟକ୍ତିତ୍ୱ, ବିଜ୍ଞାନଚର୍ଚ୍ଚା, ଅଧ୍ୟାପନା, ପାଣ୍ଡିତ୍ୟକୁ ପ୍ରଶଂସାକରି କହିଥିଲେ:

*"ଶୁଣିଥିଲି ଗତ ହେଲା ସାତବର୍ଷ ପ୍ରାୟ*
*କଟକରେ ଅଛି ଜଣେ ଯୋଗେଶ୍ଚନ୍ଦ୍ର ରାୟ।*
*ବୋଟାନି ଓ କେମେଷ୍ଟ୍ରିରେ ଭାରି ତାର knowledge*

*କାମକରେ ପ୍ରଫେସରି କଟକ କଲେଜ।" (ଉତ୍କଳ ଭ୍ରମଣଂ)*

ଇଂରେଜ ଶାସନକାଳରେ ଆଧୁନିକ ଓଡ଼ିଶା ନିର୍ମାଣରେ ଯୋଗେଶଚନ୍ଦ୍ର ରାୟଙ୍କ ଭୂମିକା ଥିଲା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। କଟକ ଥିଲା ଯୋଗେଶଚନ୍ଦ୍ରଙ୍କ କର୍ମପୀଠ; ଯେଉଁଠି ତାଙ୍କ ବ୍ୟକ୍ତିତ୍ୱର ଅସାଧାରଣ ପ୍ରତିଭା ଉନ୍ମୋଚିତ ହୋଇଥିଲା। ଜୀବନର ତେତିଶବର୍ଷ ଅତିବାହିତ କରିଥିଲେକଟକମାଟିରେ। ପ୍ରଥମେ ତିନିବର୍ଷ (୧୮୮୩-୧୮୮୬) ଅସ୍ଥାୟୀ ଅଧ୍ୟାପକ ଭାବରେ ଏବଂ ପରେ ଦୀର୍ଘ ତିରିଶବର୍ଷ ସ୍ଥାୟୀଭାବରେ ରେଭେନ୍ସା କଲେଜରେ ଅଧ୍ୟାପନା କରି ଏକ ନୂତନ ପର୍ଯ୍ୟାୟର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଓଡ଼ିଶା କହିଲେ ମୁଖ୍ୟତଃ କଟକ,ପୁରୀ ଓ ବାଲେଶ୍ୱରକୁ ବୁଝାଉଥିଲା। ନଦୀ ଅବବାହିକାରେ ଉକ୍ତ ତିନୋଟି ଜିଲ୍ଲାର ଉତ୍ପତ୍ତି। ଆୟତନରେ ସମଗ୍ର ଓଡ଼ିଶାର ଏହା ଏକତୃତୀୟାଂଶ। ବାକିଥିବା ଅନ୍ୟ ଭୂଖଣ୍ଡ ୧୮ଗୋଟି ରାଜ୍ୟରେ ବିଭକ୍ତ ହୋଇଥିଲାଏବଂ ଏହି ସମସ୍ତ ରାଜ୍ୟମାନଙ୍କରେ ସ୍ୱାଧୀନରାଜା ରହିଥିଲେ। ସମତଳ ଓଡ଼ିଶା ରହିଥିଲା ମୋଗଲମାନଙ୍କ ଅଧୀନରେ। ଇଂରେଜମାନେ ୧୮୦୩ରେ ଓଡ଼ିଶା ଆସିବାପରେ ତାଙ୍କ କର୍ତ୍ତୃତ୍ୱାଧୀନ ହେଲା। ଏହି ୧୮ଗୋଟି ରାଜ୍ୟ ଇଂରେଜମାନଙ୍କ କରଦରାଜ୍ୟ(Tributary Mahals)ରୂପେ ଘୋଷିତହେଲା। ରାଜାମାନେ କଂପାନୀକୁ ଏଥିଲାଗି କିଛି ଅର୍ଥ ପୈଠ କରୁଥିଲେ। ୧୯୧୨ ବେଳକୁ ଓଡ଼ିଶା ବଙ୍ଗଠାରୁ ବିଚ୍ଛିନ୍ନହୋଇ ବିହାରର ଅନ୍ତର୍ଭୁକ୍ତ ହେଲା। ଓଡ଼ିଶାର ସାମାଜିକ ଜୀବନ ସହିତ ଜାତୀୟ ଜୀବନରେ ମଧ୍ୟ ଯୋଗେଶଚନ୍ଦ୍ରଙ୍କ ସଂପର୍କଥିଲା ନିବିଡ଼। ବିଭିନ୍ନଗଡ଼ଜାତ ରାଜାମାନଙ୍କ ସହିତ ଥିବା ସଂପର୍କରୁ ଏହା ପ୍ରମାଣିତ ହୁଏ। ବିଶେଷକରି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ରେଭେନ୍ସା କଲେଜରେ ତାଙ୍କ ଛାତ୍ର। ବିଜ୍ଞାନର ଛାତ୍ର ଥିବା କାରଣରୁ ବିଜ୍ଞାନ ପ୍ରତି ଥିଲା ତାଙ୍କର ଅସୀମ ଶ୍ରଦ୍ଧା।ଛାତ୍ରଥିବାରୁ ଶ୍ରୀରାମଚନ୍ଦ୍ରରେଭେନ୍ସା କଲେଜରେ ବିଜ୍ଞାନଗାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

୧୮୮୯ ମସିହା ଜୁଲାଇ ମାସ ୫ ତାରିଖଦିନ ଦ୍ୱିତୀୟଥର କଟକରେ ରହଣି ହୋଇଥିଲା ଯୋଗେଶଚନ୍ଦ୍ରଙ୍କର। କଲେଜ ପାଖରେ ଥିବା ଲାଲୁ ଚକ୍ରବର୍ତ୍ତୀଙ୍କ ଘରେ ମାସିକ ୧୦ଟଙ୍କା ଭଡ଼ା ଦେଇ ରହିଲେ। ୧୮୯୦ ଜୁନ୍ ୧୧ ତାରିଖ ଯାଏଁ ଏହିଠାରେ ସେ ଅବସ୍ଥାନ କରିଥିଲେ। ଏହାପରେ କାଳୀପଦ ବାନାର୍ଜୀଙ୍କ ଘରେ ଦୁଇମାସ ରହିଥିଲେ। ଏହାପରେ ଉକ୍ତ ଘରଟିକୁ ଜଣେ ବଙ୍ଗାଳୀ ବ୍ୟକ୍ତି କ୍ରୟକରିନେବା କାରଣରୁ ୧୮୯୦ ମସିହା ଅଗଷ୍ଟମାସ ୧୩ ତାରିଖଠାରୁ ୧୯୦୮ ମସିହା ସେପ୍ଟେମ୍ବର ପର୍ଯ୍ୟନ୍ତ ୧୮ ବର୍ଷ ରାମ ମଲ୍ଲିକଙ୍କ ଘରେ ରହିଲେ ସେ। ସାହେବଜାଦା ବଜାରରେ ଥିଲା ଘରଟି। ପୁଣି ଯୋଗେଶଚନ୍ଦ୍ର ସେହି ଗଳିରେ ଥିବା ଚିନ୍ତାମଣି ଦାସଙ୍କ ଘରେ ୧୯୨୦ ପର୍ଯ୍ୟନ୍ତ ବସବାସ କରିଥିଲେ। କଟକ ଚିକିତ୍ସା ବିଦ୍ୟାଳୟରେ ରସାୟନର ଶିକ୍ଷକତା ମଧ୍ୟ ତାଙ୍କୁ କରିବାକୁ ହୋଇଥିଲା। ପ୍ରାଥମିକ କାଳରେ ରେଭେନ୍ସାରେ କାର୍ଯ୍ୟକରୁଥିବା ବେଳେ ତାଙ୍କର ପ୍ରିନ୍ସିପାଲ ଥିଲେ ଏଜାର ସାହେବ। ୧୮୯୨ ମସିହାରେ ସେ ଅବସର ନେବାପରେ କଲେଜର ଅଧକ୍ଷ ହେଲେ N.L.Hollword. ସେ Oxford University ରୁ ଏମ୍.ଏ ପାଶ୍ କରିଥିବା ଜଣେ ବିଦ୍ୱାନ। ମହାନଦୀ କୂଳରେଥିବା ଏକ ବଙ୍ଗଳାରେ ରହୁଥିଲେ ସେ। ଏହି ସମୟରେ ଯୋଗେଶ ରାୟ ରେଭେନ୍ସାରେ ଏକ ସୂର୍ଯ୍ୟଘଡ଼ି ସ୍ଥାପନ କରିଥିଲେ। ୧୮୯୫ରେ Hollword ସାହେବ ବିଦାୟ ନେଲେ, ଆସିଲେ ନୀଳକଣ୍ଠ ମଜୁମଦାର। ସେ ସନ୍ଧ୍ୟାପରେ ପଶା ଖେଳୁଥିଲେ, ସେ ଚାହୁଁଥିଲେ ଯୋଗେଶଚନ୍ଦ୍ର ତାଙ୍କ ସହ ସବୁଦିନ ଆସି ପଶା ଖେଳନ୍ତେ। କିନ୍ତୁ, ତାହା ସେ ନକରିବାରୁ ଯୋଗେଶଚନ୍ଦ୍ର ହେଲେ ତାଙ୍କର ଚକ୍ଷୁଶୂଳ। ଏହାଙ୍କ ପରେ ରେଭେନ୍ସାର ପ୍ରିନ୍ସିପାଲ ହୋଇଆସିଲେ ବିପିନ୍ ବିହାରୀ ଗୁପ୍ତ(୧୯୦୧-୧୯୦୫)। ଯୋଗେଶନ୍ଦ୍ର ମଧ୍ୟ କିଛିଦିନ ପାଇଁ ଅସ୍ଥାୟୀ ପ୍ରିନ୍ସିପାଲ ଦାୟିତ୍ୱ ଗ୍ରହଣ କରିଥିଲେ। ବିପିନ୍ ବିହାରୀଙ୍କ ପରେ Shaw ସାହେବ ହେଲେ ପ୍ରିନ୍ସିପାଲ ୧୯୦୯ରୁ ୧୯୧୫ ପର୍ଯ୍ୟନ୍ତ। ଏହି ସମୟକୁ ୧୯୧୦ ମସିହାରେ ହେଲିର ଧୂମକେତୁ ଉଦୟହେଲା। ବିଶ୍ୱ ଧ୍ୱଂସ ହୋଇଯିବାର ଆସନ୍ନ ଆଶଙ୍କା ସମଗ୍ର ଖବରକାଗଜମାନଙ୍କରେ ପ୍ରସାରିତ ହୋଇଗଲା। ସମଗ୍ର ଦେଶବ୍ୟାପୀ ଏକ ଭୟଙ୍କର ଆତଙ୍କ ଖେଳିଗଲା। ଏହି ସମୟରେ ଯୋଗେଶଚନ୍ଦ୍ର ପୁରୀ ମନ୍ଦିର ପାଖରେ, କଟକର ଟାଉନ୍ ହଲ୍‌ରେ ଦିନଦିନ ଧରି ନିଜର ବକ୍ତୃତା ମାଧ୍ୟମରେ ବୁଝାଇବାକୁ ଲାଗିଲେଯେ, ଧୂମକେତୁର ଲାଞ୍ଜ ପୃଥିବୀକୁ ସ୍ପର୍ଶ କରିବ ନାହିଁ। ପୁରୀ ମନ୍ଦିରର ପ୍ରାଙ୍ଗଣରେ ଏହିବର୍ଷ ପୁରୀର ପଣ୍ଡିତସଭା ତାଙ୍କୁ 'ବିଦ୍ୟାନିଧି' ଉପାଧିରେ ଭୂଷିତ କରିଥିଲେ। ମୃଗଚର୍ମର ଆସନ ଉପରେ ଉପବେଶନ କରି ଶଙ୍କରାଚାର୍ଯ୍ୟ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ। ୧୯୧୩ ମସିହାରେ ସରକାର ଯୋଗେଶଚନ୍ଦ୍ରଙ୍କୁ 'ରାୟସାହେବ' ଉପାଧି ପ୍ରଦାନକଲେ। ଏହା ସୁପାରିଶ କରିଥିଲେShaw ସାହେବ। ୧୯୧୬ ମସିହାରେ କଲେଜର ପ୍ରିନ୍ସିପାଲ ହେଲେ H. Lambart. ସେ ଥିଲ ଜଣେ ସଜ୍ଜନ ବ୍ୟକ୍ତି। ରେଭେନ୍ସାର ବିକାଶପାଇଁ ତାଙ୍କର ଅବଦାନ ବାସ୍ତବରେ ଅତୁଳନୀୟ। ତାଙ୍କ ସମୟରେ କଲେଜରେ Extentsion Lecture ଅନୁଷ୍ଠାନ ଆହୁରି ଅଧିକ କ୍ରିୟାଶୀଳ ହୋଇପାରିଥିଲା। ୧୯୧୬ ମସିହାରେ ଯୋଗେଶଚନ୍ଦ୍ର 'ରାୟବାହାଦୂର' ଉପାଧି ପାଇଲେ। ଏହି ସମୟରେ ବିଶିଷ୍ଟ ଐତିହାସିକ ଯଦୁନାଥ ସରକାର ପାଟଣାର ବାଙ୍କିପୁରରୁ ଆସି ରେଭେନ୍ସାରେ ଯୋଗଦାନ କଲେ। ଯୋଗେଶଚନ୍ଦ୍ର ଏବଂ ତାଙ୍କ ମଧ୍ୟରେ ଆଜୀବନ ରହିଥିଲା ବନ୍ଧୁତା।

କଟକ ସହିତ ଯୋଗେଶ ଚନ୍ଦ୍ରଙ୍କ ସଂପର୍କ ଯଦିଓ କର୍ମସୂତ୍ରରେ; ହେଲେ କଟକର ଐତିହ୍ୟ,ପରମ୍ପରା, ଭାଇଚାରା ସହିତ ଓତଃପ୍ରୋତ ହୋଇଛନ୍ତି ସେ। କେବଳ ଜଣେ ଶିକ୍ଷାବିତ୍ ଭାବରେ ଅଧ୍ୟୟନ -

ଅଧ୍ୟାପନାକୁ ଦକ୍ଷତାର ସହ ସଂପାଦନ କରିନାହାନ୍ତି ସେ; ବରଂ କଟକର ସାମାଜିକ, ସାଂସ୍କୃତିକ ଓ ପ୍ରାଶାସନିକ କାର୍ଯ୍ୟଧାରାରେ ସେ ଗ୍ରହଣ କରିଛନ୍ତି ପ୍ରମୁଖ ଭୂମିକା।୧୮୯୨ ମସିହାରେ କଟକର କଲେକ୍ଟର ସାହେବ ଯୋଗେଶଚନ୍ଦ୍ରଙ୍କୁ ସେଠାକାର ମ୍ୟୁନିସିପାଲ୍‌ଟିର କମିଶନର ନିଯୁକ୍ତ କରିଥିଲେ। ସେତେବେଳର କଟକର ପୌରସଭାର ଜନସଂଖ୍ୟା ଥିଲା ୫୬ ହଜାର। ବାର୍ଷିକଆୟ କହିଲେ ପ୍ରାୟ ୫୦ରୁ ୫୫ ହଜାରଟଙ୍କା। ଏତିକି ଅର୍ଥ ବିକାଶପାଇଁ ନିଅଣ୍ଟ ଥିଲା। ପୌରାଞ୍ଚଳର ଆୟତନଥିଲା ଛଅ ବର୍ଗମାଇଲ। ସେତେବେଳର ଚେୟାରମ୍ୟାନ୍ ଥିଲେ ସିଭିଲ୍ ସର୍ଜନ ଡକ୍ଟର ଜୋରାବ, ଭାଇସ୍ ଚେୟାରମ୍ୟାନ୍ ଥିଲେ ଓକିଲ ଲାଲ୍‌ବିହାରୀ ଘୋଷ । ମ୍ୟୁନିସିପାଲ୍‌ଟିରେ ସମୁଦାୟ କମିଶନରଙ୍କ ସଂଖ୍ୟାଥିଲା ୧୮ ଜଣ। ତନ୍ମଧ୍ୟରେ କଟକର ଜଣେ ସରକାରୀ ଇଞ୍ଜିନିୟର, ଜଣେ ମୁସଲମାନ ବ୍ୟକ୍ତି, ଜଣେ ମାରୱାଡ଼ି, ତିନିଜଣ ଓକିଲ (ଗୋକୁଳାନନ୍ଦ ଚୌଧୁରୀ, ଶରତ ମୁଖାର୍ଜୀ ଏବଂ ପ୍ରିୟନାଥ ଚାଟାର୍ଜୀ) ଏବଂ ଜଣେ ଇଂରେଜ ଥିଲେ। କଟକବାସୀଙ୍କ ପାନୀୟଜଳ ସମସ୍ୟା ସଂପର୍କରେ ବିଶେଷ ଧ୍ୟାନ ଦେଇଥିଲେ ଯୋଗେଶଚନ୍ଦ୍ର। ଲୋକେ କାଠଯୋଡ଼ି ନଦୀଜଳକୁ ଅପରିଷ୍କାର କରିବା ସହିତ ତାହାକୁ ମଧ୍ୟ ପାନୀୟଭାବେ ବ୍ୟବହାର କରୁଥିଲେ। ଫଳତଃ ନାନା ରୋଗବ୍ୟାଧିର ଶିକାର ହେଉଥିଲେ ଲୋକେ। ଏସଂକ୍ରାନ୍ତରେ ଜନସଚେତନତା ସୃଷ୍ଟିକରିବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ସେ। ଏଥିପାଇଁ ତାଙ୍କୁ ନାନା ବିରୋଧ ଓ ଅପ୍ରୀତିକର ପରିସ୍ଥିତିରସାମ୍ନାକରିବାକୁ ପଡ଼ିଥିଲା। ସେ ପ୍ରଦାନ କରିଥିବା ତଥ୍ୟ ଓ ମନ୍ତବ୍ୟରୁ ତତ୍କାଳୀନ କଟକର ଅବସ୍ଥାସହ ସାମାଜିକ ଜୀବନଚର୍ଯ୍ୟାର ବାସ୍ତବଚିତ୍ରକୁ ଲକ୍ଷ୍ୟ କରିହୁଏ। ଯୋଗେଶଚନ୍ଦ୍ର କହିଛନ୍ତି: *"ଗୋଟିଏ ବିଷୟରେ ମୁଁ ଶିକ୍ଷିତ ଭଦ୍ରଲୋକଙ୍କଦ୍ୱାରା ପରାଜିତ ହୋଇଥିଲି। ସହରର ଦକ୍ଷିଣଦିଗର ଲୋକମାନେ କାଠହୋଡ଼ି ନଦୀଜଳରେ ସ୍ନାନ କରୁଥିଲେ,ଲୁଗାପଟା ସଫା କରୁଥିଲେ, ଗୋରୁ-କୁକୁର ଗାଧୋଇ ଦେଉଥିଲେ, ଆଉ ସେ ଜଳକୁ ମଧ୍ୟ ଖାଦ୍ୟ-ପାନୀୟ ପାଇଁ ବ୍ୟବହାର କରୁଥିଲେ। ବର୍ଷରେ ସାତମାସ ନଦୀରେ ଆଣ୍ଠୁଏ ମାତ୍ର ଜଳ। ବିସ୍ତାରରେ ଦୁଇଶହ ହାତ, ତା'ପରେ ବିସ୍ତୀର୍ଣ୍ଣ ବାଲି। ଜଳପାଖରେ ମଳମୂତ୍ର ତ୍ୟାଗର ସ୍ଥାନ। ସ୍ରୋତ ଥିଲା ସତ,କିନ୍ତୁ କ୍ଷୀଣ। ଆଉ ଯେତେବେଳେ ପେଟବେମାରୀ ବାହାରେ, ସେଥିରୁ ମୁକ୍ତିମିଳିବା କଷ୍ଟକର। ଦିନେ ଡକ୍ଟର ଜୋରାବଙ୍କ ସହିତ ଏସଂପର୍କରେ ଆଲୋଚନା କଲି, ପାନୀୟଜଳ ନିମନ୍ତେ ନଦୀର କିଛିଅଂଶକୁ ସଂରକ୍ଷିତ ନରଖିଲେ ଉପାୟ ନାହିଁ। ସେ ଡାକ୍ତର, ତତକ୍ଷଣାତ୍ ରାଜିହେଲେ ଆଉ କହିଲେ 'ଯୋଗେଶବାବୁ ,ପ୍ରଥମେ ଆପଣ ଆପଣଙ୍କ ଶିକ୍ଷିତ ଦେଶବାସୀଙ୍କୁ ଶିକ୍ଷାଦିଅନ୍ତୁ। ସେମାନେହିଁ ଆପଣଙ୍କ ଉଦ୍ଦେଶ୍ୟକୁ ବିଫଳ କରିବେ।' ମୁଁ କହିଲି, 'ଉପଦେଶରେ କାମ ହେବନାହିଁ, ଦଣ୍ଡର ଭୟ ଦେଖାଇବାକୁ ହେବ।' ହୁଏତ ସେ ମନେମନେ ହସୁଥିଲେ,କିନ୍ତୁ ମୋ କଥାରେ ସମ୍ମତହେଲେ। ସହରରେ ଡେଙ୍ଗୁରା ବାଡ଼େଇ ଜଣାଇଦିଆଗଲା, 'କଲେକ୍ଟରିର ନର୍ମାଲ୍ ସ୍କୁଲ୍‌ର ଘାଟପର୍ଯ୍ୟନ୍ତ ଜଳ, ପାନୀୟ ନିମନ୍ତେ ସଂରକ୍ଷିତ ହେଲା। ଏହାରି ଭିତରେ କେହି ସ୍ନାନକଲେ, ଲୁଗା ସଫାକଲେ ଦଣ୍ଡନୀୟ ହେବେ।' ମ୍ୟୁନିସିପାଲିଟିରୁ ମ୍ୟାଜିଷ୍ଟ୍ରେଟଙ୍କ ପାଖକୁ ଚିଠିଗଲା। ଦୁଇ-ତିନିଜଣ କନ୍‌ଷ୍ଟେବଲ ପହରା ଦେବାପାଇଁ ରଖାଗଲା। ଏହି ଆଦେଶରେ ଆର ଶିକ୍ଷିତ ଭଦ୍ରଲୋକମାନେ କ୍ଷିପ୍ତ ହୋଇଉଠିଲେ। ଦଶପାଦ ତଳକୁଯାଇ ସ୍ନାନ କରିପାରିଥାନ୍ତେ, କିନ୍ତୁ କରିବେ ନାହିଁ। 'କ'ଣ ହେଲା! ଏଇ ଦାରୁଣ ଗ୍ରୀଷ୍ମରେ ଟିକିଏ ସ୍ନାନ କରିପାରିବେ ନାହିଁ। ମ୍ୟୁନିସିପାଲିଟିର ଏଇ ଅତ୍ୟାଚାର !' କେହିକେହି ଭାବିଲେ, ମୁଁ ହିଁ ଏହାର କର୍ତ୍ତା। ସେଦିନ ସନ୍ଧ୍ୟାରେ ଡେପୁଟି କାନ୍ତିଭୂଷଣ ସେନଙ୍କ ଘରେ ପଡ଼ାର ୨୫/୩୦ ଜଣ ଭଦ୍ରଲୋକ ଆସି ଉପସ୍ଥିତ। ମୁଁ ମଧ୍ୟ ଥିଲି ସେଠାରେ। ନିର୍ବାକ୍‌ହୋଇ ସେମାନଙ୍କର କଟୁକ୍ତି ଶୁଣିଚାଲିଲି। ଲୋକେ ଭୋର୍ ୪ଟାରୁ ସେହି ସଂରକ୍ଷିତ ଜଳରେ ସ୍ନାନକରିବାକୁ ଲାଗିଲେ। ସେମାନଙ୍କ ଦେଖାଦେଖି ନାରୀମାନେ ମଧ୍ୟ ସେମାନଙ୍କ କନ୍ଥା,କମ୍ବଳ,ଲୁଗାପଟା କାଚିବାକୁ ଆରମ୍ଭ କରିଦେଲେ। ଚେଷ୍ଟା ସଂପୂର୍ଣ୍ଣଭାବରେ ବିଫଳହେଲା।" (ଆତ୍ମଚରିତ-୨୯୦)*

କଟକରେ ପାନୀୟଜଳ ସମସ୍ୟାକୁ ଲକ୍ଷ୍ୟକରି '*ବିଶୁଦ୍ଧ ପାନୀୟର ପ୍ରୟୋଜନୀୟତା ଓ ସଂଗ୍ରହୋପାୟ*' ନାମରେ ଏକ ପ୍ରବନ୍ଧ ଲେଖିଥିଲେ ବଙ୍ଗଳାଭାଷାରେ। ବହୁ ବାଧାବିଘ୍ନ ସତ୍ତ୍ୱେ କଟକବାସୀଙ୍କୁ ସଚେତନ କରାଇବାପାଇଁ ସଚେଷ୍ଟ ହୋଇଥିଲେ ଯୋଗେଶଚନ୍ଦ୍ର। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତା ଜାନକୀନାଥ ବୋଷ ଥିଲେ ତାଙ୍କର ଘନିଷ୍ଠ ବନ୍ଧୁ। ପାରିବାରିକ ସମ୍ବନ୍ଧ ମଧ୍ୟ ଥିଲା ଖୁବ୍ ଘନିଷ୍ଠ। ଜାନକୀନାଥ ପୌରସଭାର ଚେୟାରମ୍ୟାନ ହୋଇଥିଲେହେଁ ସର୍ବଦା ଯୋଗେଶଚନ୍ଦ୍ରଙ୍କ ପରାମର୍ଶ ଲୋଡୁଥିଲେ। ତେଣୁ ଯୋଗେଶଚନ୍ଦ୍ର ତାଙ୍କ ସହିତ ଆଲୋଚନାକରି କାଠଯୋଡ଼ି ବାଲିରେ ଦୁଇଟି ନଳକୂପ ବସାଇ ପାଇପ୍ ଲାଇନ୍‌ଦ୍ୱାରା ପ୍ରଥମେ ଜଳଯୋଗାଣର ବ୍ୟବସ୍ଥା କରିଥିଲେ।କଟକରେ ଦୀର୍ଘଦିନର ରହଣି ମଧ୍ୟରେ ସେ କେବଳ ପରସ୍ଥିତି ପରିବେଶକୁ ଉପଲବ୍ଧି କରିନଥିଲେ; ଅଧିକନ୍ତୁ ପ୍ରାଚୀନ କଟକର ଇତିହାସ, ସଂସ୍କୃତି, ପରମ୍ପରା ଏପରିକି ଗଳି,ରାସ୍ତାଘାଟ,ବିବିଧବର୍ଗର ମଣିଷ,ବୃତ୍ତିଧାରୀ ସଂପ୍ରଦାୟ,ଶିକ୍ଷାବ୍ୟବସ୍ଥା, ଶିକ୍ଷିତସମାଜ ସହିତ ଓତଃପ୍ରୋତ ହୋଇପାରିଥିଲେ। ତେଣୁ କଟକର ଐତିହ୍ୟ ଓ ଗୌରବ ଯୋଗେଶଚନ୍ଦ୍ରଙ୍କ ବହୁଲେଖାରେ ପ୍ରତିଫଳିତ ହୋଇଛି। ତାଙ୍କ

'ଆତ୍ମଚରିତ'ରେ କଟକ ଏବଂ ଓଡ଼ିଶା ସଂପର୍କରେ ସେ ଯେଉଁସବୁ ତଥ୍ୟ ପ୍ରଦାନ କରିଛନ୍ତି, ସେସବୁ ଏକଏକ ଐତିହାସିକ ଦଲିଲ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣେ ଶିକ୍ଷିତ ବଙ୍ଗାଳୀଭାବରେ ସେ ଓଡ଼ିଶାମାଟିରୁ ନିଜପାଇଁ ପରିଚୟ ନିର୍ମାଣିଛନ୍ତି ଏବଂ ନିଜ ବୃତ୍ତି ଓ କୃତିଗତ ଜୀବନକୁ ସମୃଦ୍ଧ କରିଅଛନ୍ତି। କଟକରେ ସେସମୟରେ ପ୍ରସ୍ତୁତ ଗୁଡ଼ ସଂପର୍କରେ ଚମତ୍କାର ବର୍ଣ୍ଣନା ଦେଇଛନ୍ତି ସେ। ଦେଶୀଗୁଡ଼ର ପ୍ରସ୍ତୁତି ଏବଂ ବ୍ୟବହାରରେ ଓଡ଼ିଶାର ଖାଦ୍ୟ-ପରମ୍ପରାକୁ ବୁଝିହୁଏ। ଦେଶୀୟ ପଦ୍ଧତିରେ ଖଜୁରୀ-ତାଳ-ଆଖୁରସରୁ ପ୍ରସ୍ତୁତ ଗୁଡ଼ପ୍ରତି ଯୋଗେଶଚନ୍ଦ୍ରଙ୍କ ଆଗ୍ରହ ରହିଥିଲା। ତେଣୁ ବିଦେଶୀ ଚିନିର ଖରାପଗୁଣକୁ ଚିହ୍ନିତ କରିବାସହ ଏହି ଦେଶୀଗୁଡ଼ର ବ୍ୟବହାର ଲାଗି ସେ ମଧ୍ୟ ପ୍ରଚାର ଚଳାଇଥିଲେ। ରାମାନନ୍ଦ ଚଟ୍ଟୋପାଧ୍ୟାୟଙ୍କ ସଂପାଦିତ ବିଖ୍ୟାତ ବଙ୍ଗଳା ପତ୍ରିକା '*ପ୍ରବାସୀ*'ରେ ସ୍ୱଦେଶୀ ଗୁଡ଼କୁ ନେଇ କେତେଗୁଡ଼ିଏ ପ୍ରବନ୍ଧ ଲେଖିଥିଲେ ସେ।

ଅତୀତର କଟକକୁ ଦେଖିବାକୁ ହେଲେ ଇତିହାସ ପୃଷ୍ଠାକୁ ଲେଉଟିବାକୁ ପଡ଼େ। ଯୋଗେଶଚନ୍ଦ୍ରକଟକର ରୂପ-ଗୁଣ-ଅବସ୍ଥାକୁ ଅତି ନିକଟରୁ ନିରେଖି ଥିଲେ।ତାଙ୍କର ବହୁଲେଖାରେ ଏଣୁ କଟକର ଜୀବନ୍ତଛବି ଉକୁଟି ଆସିଛି, ଯେଉଁଥିରୁ ଐତିହାସିକ ଓ ସାମାଜିକ ଅଧ୍ୟୟନପାଇଁ ଯଥେଷ୍ଟ ଉପାଦାନ ମିଳିଥାଏ। ସହରର ରାସ୍ତାଘାଟର ଉନ୍ନତିରେ ଯୋଗେଶଚନ୍ଦ୍ରଙ୍କ ପ୍ରୟାସ ଉଲ୍ଲେଖଯୋଗ୍ୟ। କଟକର ଗଳିକନ୍ଦି,ରାସ୍ତାଘାଟ , ଖାଲଖମା ସହ ପରିଚିତ ଥିଲେ ସେ। ପରୁଣା ରାସ୍ତାକୁ ଚଉଡ଼ା କରିବାପାଇଁ ବାର୍ଷିକ ଦୁଇହଜାର ଟଙ୍କା ବ୍ୟୟବରାଦ ହେଉଥିଲା ମ୍ୟୁନିସିପାଲିଟିରେ। କମିଶନର ଭାବରେ ସେ ଯଦିଓ ଏହି ସମସ୍ୟା ସଂପର୍କରେ ଅବହିତ ଥିଲେ,ତଥାପି ସୁନିର୍ଦ୍ଦିଷ୍ଟ ବ୍ୟୟ ଅଟକଳ ଏବଂ ବିନିଯୋଗର ନିୟମାବଳୀ ସ୍ପଷ୍ଟ ନଥିବାରୁ ତାହାର କାର୍ଯ୍ୟକାରିତା ଥିଲା ନିରାଶାଜନକ। ଏଥିନିମନ୍ତେ ଜୋରାବ ସାହେବଙ୍କ ଦୃଷ୍ଟିଆକର୍ଷଣ କରି ଏଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲେ। ନିଜେ ଛିଡ଼ାହୋଇ କଲେଜଲେନ୍ ଏବଂ ଗଣେଶଘାଟ ରୋଡ୍ ରାସ୍ତାକୁ ଚଉଡ଼ା କରିବାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। କାଠଯୋଡ଼ି ରାସ୍ତାରେ ଯାତାୟତର ସୁବିଧା ଏବଂ ରାସ୍ତାର ପ୍ରଶସ୍ତିକରଣ ଲାଗି ଯୋଗେଶଚନ୍ଦ୍ରଙ୍କ ସାହସିକ ଉଦ୍ୟମ ପ୍ରଶଂସନୀୟ। ଏଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଛି। ଯୋଗେଶଚନ୍ଦ୍ର ତାଙ୍କର ଏହି ଅନୁଭୂତିକୁ ଉଲ୍ଲେଖ କରି କହିଛନ୍ତି: *"ଦିନେ ମିଟିଂରେ ଭାଇସ୍ ଚେୟାରମ୍ୟାନ୍ ଏକ ଦରଖାସ୍ତ ପଢିଲେ। କାଠଯୋଡ଼ି ନଦୀର ପୁରୀଘାଟ ଦେଇ ଶଗଡ଼ଗାଡ଼ି ଦିନରାତି ଯାତାୟାତ କରୁଥିଲା। ବର୍ଷରେ ପାଞ୍ଚମାସ ଡଙ୍ଗା ଚାଲୁଥିଲା , ତା'ପରେ ଛଅ-ସାତମାସ ସ୍ଥଳପଥ। ପ୍ରାୟ ଏକମାଇଲ ବାଲି। ସେ ବାଲି ବଳଦମାନଙ୍କ କଷ୍ଟ ଆଉ ଶଗଡ଼ିଆର ଆର୍ତ୍ତିଯିଏ ଦେଖିଛି, ସେହିଁ ପ୍ରତିକାର ପାଇଁ ଚିନ୍ତା କରିପାରିବ। ପଶ୍ଚିମା ବ୍ରଜବିହାରୀ ନଦୀଉପରେ ଶଗଡ଼ଗାଡ଼ି ଯିବାପାଇଁ ରାସ୍ତା କରିବାକୁ ଅନୁମତି ଆବଶ୍ୟକ। ଏହି ଅଧିକାର ବିନିମୟରେ ମ୍ୟୁନିସିପାଲ୍‌ଟିକୁ ମର୍ଯ୍ୟାଦା ଦେବାପାଇଁ ଇଚ୍ଛୁକ। ଦରଖାସ୍ତ ପଢାହେଲା। ଉପସ୍ଥିତ ୧୨/୧୪ ଜଣ କମିଶନର ହସିହସି ଗଡ଼ିଗଲେ। ଲୋକଟା ପାଗଳ। ଛ'ମାସ ପାଇଁ ରାସ୍ତା ବାନ୍ଧିବ, ହଜାର-ଦୁଇହଜାର ଟଙ୍କା ଖର୍ଚ୍ଚକରିବ ଆଉ ଶଗଡ଼ିଆମାନେ ପଇସାଦେଇ ତା ରାସ୍ତା ଉପରେ ଗାଡ଼ିଚଲାଇବେ! କେହି କହିଲେ, ଲୋକଟାର ଟଙ୍କାଅଛି, ନଦୀବାଲିରେ ପୋତିବାପାଇଁ ଚାଲିଆସିଛି। ସମସ୍ତେ ମୋଆଡ଼କୁ ଚାହିଁଥାନ୍ତି। ମୁଁ ମୃଦୁସ୍ୱରରେ କହିଲି, 'ମସ୍ତିସ୍କର ପୁରସ୍କାର ନିଶ୍ଚୟ ଚାହିଁବି। ବେଶୀ ନୁହେଁ, ମ୍ୟୁନିସିପାଲ୍‌ଟି ଦୁଇଶହ ଟଙ୍କା ଦେଉ।' ମୋ କଥାରେ ପୁଣିଥରେ ହାସ୍ୟରୋଳ। ମୁଁ କହିଲି ଏହାପରେ କିନ୍ତୁ ଆପଣମାନେ ପସ୍ତାଇବେ।"* (ଆତ୍ମଚରିତ)

ସେହିପରି ଧୂଆଁପତ୍ର ସାହିରେ ବାରମ୍ବାର ଘଟୁଥିବା ଅଗ୍ନିକାଣ୍ଡ ବ୍ୟଥିତ କରୁଥିଲା ଯୋଗେଶଚନ୍ଦ୍ରଙ୍କୁ। ସାହିରେ ବାସ କରୁଥିବା ଗରିବ ପରିବାରଙ୍କ ଅର୍ଥାଭାବ ଏବଂ ସ୍ଥାନୀୟ ପ୍ରଶାସନର ଦୂରଦୃଷ୍ଟିର ଅଭାବଯୋଗୁଁ ପ୍ରତିବର୍ଷ ଭୟାବହ ଅଗ୍ନିକାଣ୍ଡରେ ଧନଜୀବନ ବିପନ୍ନ ହୋଇଯାଉଥିଲା। ଏଥିପାଇଁ ଟି.ଥମସନଙ୍କୁ ପତ୍ର ଲେଖିବାସହ ଏହାର ନିରାକରଣ ପାଇଁ ଅନେକ ପ୍ରୟାସ କରିଥିଲେ। ଯୋଗେଶଚନ୍ଦ୍ର ଥିଲେ ସ୍ୱାଭିମାନୀ ମଣିଷ। ଶିକ୍ଷକହୋଇ ଆସିଥିଲେ ଓଡ଼ିଶାକୁ, କଟକକୁ। ମାତ୍ର, କଟକ ସହରର ବିକାଶ ଓ ଉନ୍ନତିରେ ସେ ହୋଇଗଲେ ପ୍ରମୁଖ ଅଂଶୀଦାର। ପ୍ରାଶାସନିକ ପଦବୀରେ ଥାଇ ସେ ଅନ୍ଧ ଆନୁଗତ୍ୟ ପ୍ରଦର୍ଶନ କରିନାହାନ୍ତି; ସାମାଜିକ ମଣିଷପାଇଁ ସେ ଥିଲେ ଦରଦୀପ୍ରାଣ। ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇବା ସହ ତା'ର ପ୍ରତିବାଦ କରୁଥିଲେ। ଏକଦା କଟକ ସହରରେ ଶଗଡ଼ଗାଡ଼ିରେ ବାଉଁଶଦେଇ ଯିବାକୁ କେନ୍ଦ୍ରକରି ବିରୋଧ ଦେଖାଦେଇଥିଲା। ସେତେବେଳର ଇଂରେଜ କମିଶନର ନିୟମ କରିବାକୁ ଚାହିଁଲେଯେ, ଦିନ ଦଶଟାରୁ ଉପରବେଳା ପାଞ୍ଚଟା ପର୍ଯ୍ୟନ୍ତ ଶଗଡ଼ଗାଡ଼ି ଚଳାଚଳ ବନ୍ଦରହିବ। ହେଲେ ଯୋଗେଶଚନ୍ଦ୍ର ଏହି ଅନ୍ୟାୟର ପ୍ରତିବାଦ କରିଥିଲେ । ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାସ୍ତାକୁ ଚଉଡ଼ାକରିବା ଏବଂ ରାସ୍ତାର ବାମପାଖରେ ଶଗଡ଼ଗାଡ଼ି ଚଳାଚଳ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ଓଡ଼ିଶାର ପ୍ରତ୍ନତତ୍ତ୍ୱ, ପ୍ରାଚୀନ ତାଳପତ୍ର ପୋଥି,ଐତିହାସିକ ତଥ୍ୟସନ୍ଧାନ ପାଇଁ ଉତ୍କଳ ସାହିତ୍ୟ ସମାଜ ଯେତେବେଳେ ଉଦ୍ୟମ କରୁଥିଲେ, ସେତେବେଳେ ଯୋଗେଶଚନ୍ଦ୍ର ଏଥିରେ ବିଶେଷ ସହଯୋଗ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ପ୍ରତି ତାଙ୍କର

ମମତ୍ୱ ରହିଥିଲା। ସାହିତ୍ୟ ସମାଜରେ ଏନେଇ ଏକ ୧୪ ଜଣିଆ ଅନୁସନ୍ଧାନ ସମିତି ଗଠିତ ହୋଇଥିଲା। ତନ୍ମଧ୍ୟରେ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ପ୍ରମୁଖ ତଥା ପ୍ରଥମ ସଦସ୍ୟ ଥିଲେ। ଉତ୍କଳ ସାହିତ୍ୟ ସମାଜ ଇତିହାସରେ ଏସଂପର୍କରେ ସୂଚନା ରହିଅଛି: *"ଉତ୍କଳ ସାହିତ୍ୟ ସମାଜର ତ୍ରୟୋଦଶ ବର୍ଷ ୧୯୧୭-୧୮ ମସିହାରେ କାର୍ଯ୍ୟନିର୍ବାହିକା ସମିତିର ପ୍ରଥମ ଅଧିବେଶନରେ ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ରାୟଙ୍କର 'ଇତିହାସ ଅନୁସନ୍ଧାନ ସମିତି' ଗଠନ ବିଷୟକ ପତ୍ର ପଠିତ ହୋଇ ନିର୍ଦ୍ଧାରିତ ହୋଇଥିଲାଯେ, ଶୀଘ୍ର ସମାଜ ପକ୍ଷରୁ ଜଣେ ଅନ୍ୱେଷକ ନିଯୁକ୍ତି ହେବାର ବ୍ୟବସ୍ଥା କରାଯାଉ। ମାତ୍ର ସଭାର ସ୍ଥାୟୀ କାର୍ଯ୍ୟାଳୟ ନଥିବାରୁ ନାନାସ୍ଥାନରୁ ପ୍ରାଚୀନ ପୁସ୍ତକ ସଂଗ୍ରହ ଓ ଐତିହାସିକ ଉପକରଣମାନ ସଂକଳନ କରିବାର ସୁବିଧା ହେବନାହିଁ ବିଚାରି ସମାଜ ସେ ପର୍ଯ୍ୟନ୍ତ ସେ ସେହି ବିଷୟରେ ପ୍ରତ୍ୟକ୍ଷ ହସ୍ତକ୍ଷେପ କରିନଥିଲେ। xxx ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ରାୟ ସମିତିର ସଭାପତି, ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥ ଏହାର ସଂପାଦକ ନିର୍ବାଚିତ ହୋଇଥିଲେ। ୧୯୧୮-୧୯ରେ (ସମିତି ସ୍ଥାପନର ପ୍ରଥମବର୍ଷରେ) ଅନୁସନ୍ଧାନ ସମିତିର ଦୁଇଗୋଟି ଅଧିବେଶନ ସମିତିର ସଭାପତିଙ୍କ ଗୃହରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରୁ କେତେକ ଐତିହାସିକ ତଥ୍ୟ ଓ କେନ୍ଦୁପାଟଣାର ତାମ୍ରଶାସନ ଅବିଷ୍କୃତ ହୋଇଥିଲା। କେତେକ ପୁରାତନ ପୋଥି ମଧ୍ୟ ସମିତିର ହସ୍ତଗତ ହୋଇଥିଲା।"* ( ଉତ୍କଳ ସାହିତ୍ୟ ସମାଜର ଇତିହାସ, ପୃଷ୍ଠା ୨୫-୨୬)

ମହାତ୍ମାଗାନ୍ଧୀ ଚରଖା ପ୍ରଚଳନ କରିବା ପୂର୍ବରୁ ଓଡ଼ିଶାରେ ଏହାର ପ୍ରଚଳନ ଆରମ୍ଭ ହୋଇସାରିଥିଲା। ନବ ଉତ୍କଳର ନିର୍ମାତା ମଧୁବାବୁଙ୍କ ଦୂରଦର୍ଶୀ ଚିନ୍ତାଧାରା ଏବଂ ଦେଶୀୟ ଲୋକଙ୍କୁ ସ୍ୱାବଲମ୍ବୀ କରାଇବାର ମାନସିକତା ଯୋଗୁଁ ଏହା ସମ୍ଭବ ହୋଇଥିଲା।କଟକକୁ ଆସିବାପରେ ଅନୁପ୍ରାଣିତ ହୋଇ ୧୮୯୨ରୁ ସ୍ୱଦେଶୀ ବସ୍ତ୍ର ବ୍ୟବହାର ପାଇଁ ପ୍ରଚାର ଆରମ୍ଭ କରିଥିଲେ ଏବଂ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ଉତ୍ପାଦନରେ ସେ ଅଧିକ ମନଯୋଗୀ ହୋଇଥିଲେ। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସହ ରହିଥିଲା ତାଙ୍କର ଘନିଷ୍ଠ ବନ୍ଧୁତ୍ୱ।ମଧୁବାବୁଙ୍କ ତାରକସି କାର୍ଯ୍ୟଦ୍ୱାରା ଅନୁପ୍ରେରିତ ହୋଇ ୧୮୯୮ ମସିହାରେ ସେ କଟକରେ ସ୍ଥାପନ କରିଥିଲେ *'ଉଦ୍ୟୋଗୀ ସମିତିର ଭଣ୍ଡାର'*।ମଧୁବାବୁଙ୍କ Orissa Arts Wares ଏବଂ Utkal Tannery ପ୍ରତିଷ୍ଠାକୁ ଭୁରୁଭୁରି ପ୍ରଶଂସା କରିଛନ୍ତି ଯୋଗେଶଚନ୍ଦ୍ର। ତାଙ୍କ ମତରେ, ମଧୁବାବୁ ନିଦ୍ରିତ ଓଡ଼ିଶାକୁ ଜାଗ୍ରତ କରାଇବାକୁ ଚେଷ୍ଟା କରିଥିଲେ।

ଦେଶର ବିକାଶରେ ସ୍ୱଦେଶର କଳା, ଶିଳ୍ପ, ଭାସ୍କର୍ଯ୍ୟ ଏପରିକି ଦେଶୀୟଶିଳ୍ପର ଉନ୍ନତିଲାଗି ସେ ପ୍ରଯତ୍ନ କରିଥିଲେ ନିଜର ବିଜ୍ଞାନବୁଦ୍ଧିକୁ ଉପଯୋଗକରି। ଦେଶୀୟ ଶିଳ୍ପର ବିକାଶ ନିମନ୍ତେ ଦେଶରେ ରହିଥିବା ବିଜ୍ଞାନଚର୍ଚ୍ଚାର ଅଭାବ ଏବଂ ଅସୁବିଧାର ଦିଗଗୁଡ଼ିକୁ ସେ ଲକ୍ଷ୍ୟ କରିବାସହ ସମାଜରେ ବିଜ୍ଞାନର ପ୍ରସାରପାଇଁ ଉଦ୍ୟମ ଚଳାଇଥିଲେ। ସେଥିଲାଗି ଦେଶବାସୀଙ୍କୁ ବିଦେଶୀନିର୍ଭର ମାନସିକତାରୁ ଅପସାରିତ କରି ସ୍ୱନିର୍ଭର କରାଇବାକୁ ଚାହିଁଥିଲେ। ନିଜର ବିଜ୍ଞାନ-ଅନୁଭୂତି ଓ ଅଭିଜ୍ଞତାକୁ ନେଇ ଏକ ପୁସ୍ତକ ମଧ୍ୟ ରଚନା କରିଥିଲେ, ଯାହାର ନାମ ଥିଲା- *Everyman is his own mechanic.*ଅର୍ଥାତ୍ ,ପ୍ରତ୍ୟେକ ମଣିଷ ତା'ର ନିଜର ହିଁ ମିସ୍ତ୍ରୀ। ଓଡ଼ିଶାର ଶିଳ୍ପକଳା, ସ୍ଥାପତ୍ୟ, ମନ୍ଦିର, କାରୁକଳା, ପ୍ରାକୃତିକ ସୁଷମାକୁ ଦେଖିସେ ତେଣୁ ମୁଗ୍ଧ ହୋଇଛନ୍ତି। ଏହି ଭ୍ରମଣଜନିତ ଅନୁଭୂତି ଓ ଆନନ୍ଦକୁ ପ୍ରବନ୍ଧର ରୂପଦେଇ ବଙ୍ଗଳା ପତ୍ରିକାମାନଙ୍କରେ ପ୍ରକାଶ କରିଛନ୍ତି। ତାଙ୍କର ସେହି ଅନୁଭୂତିକୁ ସେ ଉଲ୍ଲେଖ କରିଛନ୍ତି ଏହିପରି- *" ଅଦ୍ଭୁତ ଦେଶ ଓଡ଼ିଶା ! ଏହାର ଯେଉଁ ଜିନିଷଟା ମୋତେ ସବୁଠାରୁ ବେଶି ଷ୍ଟ୍ରାଇକ୍ କରୁଥିଲା, ସେଇଟା ହେଲା 'ଜାତି'କୁ ନେଇ। କଥା କଥାରେ ସେମାନଙ୍କର ଜାତି ଚାଲିଯିବାର ଭୟ ଥିଲା। ମୁଁ ଥରେ ଜଣେ ଚାକରକୁ କହିଲି 'ଆରେ, କେତେଟା କାଠ କାଟିଦେ ତ।' ସେ କହିଲା- 'ମୋର ଜାତି ଯିବ'। ମୁଁ କେତେଟା ହଂସ ପାଳିଥିଲି। ଦିନେ ସେଗୁଡ଼ାକ ପଳାଇଯାଉଥିଲେ, ଏହାଦେଖି ଜଣେ ଚାକରକୁ କହିଲି –'ଆରେ ହଂସଗୁଡ଼ାକୁ ଅଡ଼ାଇ ଆଣେ ତ'। ସେ କହିଲା- 'ମୋର ଜାତି ଯିବ'। ଜାତି ଚାଲିଯିବାର ଭୟ ଯେଉଁମାନଙ୍କର ଏତେବେଶି, ପୁରୁଷୋତ୍ତମ କ୍ଷେତ୍ରକୁ ଯାଇ ଦେଖ, ସେମାନେ ପୁଣି ଛତିଶ ଜାତିଙ୍କ ସହ ଏକତ୍ରବସି ପରସ୍ପରର ଛୁଆଁ ଖାଉଚନ୍ତି, ଅଇଁଠା ଖାଉଛନ୍ତି ନିର୍ବିବାଦରେ !"* ସେ ଲକ୍ଷ୍ୟକରିଥିବା କୁସଂସ୍କାରକୁ ଦୂର କରିବାଲାଗି ଯଥେଷ୍ଟ ଉଦ୍ୟମ କରିଛନ୍ତି। ସକଳଙ୍କ ପ୍ରତି ତାଙ୍କ ହୃଦୟରେ ସ୍ନେହ, ସୌହାର୍ଦ୍ଦ୍ୟ, ସମବେଦନା ପୂରି ରହିଥିଲା। ଶିକ୍ଷା ମାଧ୍ୟମରେ ସଂସ୍କାର ଆଣିବାଥିଲା ତାଙ୍କର ପ୍ରମୁଖ ଲକ୍ଷ୍ୟ। କଟକରେ ତାଙ୍କ ସହ ରହିଥିବା ଚାକର ରାମକୁ ସେ ସ୍କୁଲ୍‌ରେ ଭର୍ତ୍ତିକରି ତାକୁ ସ୍ୱନିର୍ଭର ହେବାପାଇଁ ସହାୟତା କରିଥିଲେ। ଏହାର ପରିଚୟ ମିଳିଥାଏ ତାଙ୍କ ଲିଖିତ *'ଆମାର ମାଲି'* (ମୋର ମାଳି) ନାମକ ପ୍ରବନ୍ଧରୁ।

ଯୋଗେଶଚନ୍ଦ୍ରଙ୍କ ବିଭିନ୍ନ ଶିଳ୍ପଚର୍ଚ୍ଚା କଥା ଆଲୋଚନା କଲାବେଳେ ପ୍ରଥମେ ବସ୍ତ୍ର-ରଞ୍ଜନ ଓ ଚିତ୍ରକଳା ପ୍ରସଙ୍ଗ ମନକୁଆସେ। ଓଡ଼ିଶାରେ ନାରୀମାନେ ପିନ୍ଧୁଥିବା ହଳଦୀରଙ୍ଗର ଶାଢୀକୁ ଦେଖି ଦେଶୀୟକଳାର ପୁନରୁଦ୍ଧାର ଉଦ୍ଦେଶ୍ୟରେ ବସ୍ତ୍ରରଞ୍ଜନ କଳାପ୍ରତି ଆକୃଷ୍ଟହୋଇ ଯୋଗେଶଚନ୍ଦ୍ର ବିବିଧ ପ୍ରୟୋଗ ଏବଂ ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ଦେଶୀୟ ଆଚରଣ ତାଙ୍କର ଅସ୍ଥି ମଜ୍ଜାଗତ ହୋଇଯାଇଥିଲା। ହରରଙ୍ଗୀ ଛତା ବ୍ୟବହାର କରୁଥିବାରୁ ତାଙ୍କୁ

ସମାଲୋଚିତ ହେବାକୁ ପଡୁଥିଲା । ଏହି ଛତା ବ୍ୟବହାରକାଳୀନ ଏକ ଚମତ୍କାର ବିଜ୍ଞାନସିଦ୍ଧ ଅନୁଭୂତିକୁ ଉଲ୍ଲେଖ କରିଛନ୍ତି ଯୋଗେଶଚନ୍ଦ୍ର: *"କଟକ ଟାଉନହଲ୍‌ରେ ସନ୍ଧ୍ୟାପରେ ଗୋଟାଏ ମିଟିଂ ଥିଲା । ମୁଁ ଛତାନେଇ ଯାଇଥାଏ । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ମଧ ଯାଇଥାନ୍ତି । ଏକଥା-ସେକଥା ହୋଇସାରିବା ପରେ ପ୍ରଶ୍ନକଲେ- ମୁଁ ଛତାରେ ହଳଦୀରଙ୍ଗର କପଡ଼ା କାହିଁକି ଦେଇଛି । ମୁଁ କହିଲି, 'ରାଜା, ମୋତେ ଆଉ ଦୁଇଜଣ ଭଦ୍ରଲୋକ ପ୍ରଶ୍ନ ପଚାରିଥିଲେ, ଆପଣ ହେଉଛନ୍ତି ତୃତୀୟ । ମୁଁ ଯେଉଁ ଉତ୍ତର ଦେଇଥିଲି, ତାହା ଆପଣଙ୍କୁ ଶୁଣାଉଛି । ଆମ ଦେଶଟା ଇଂରେଜଙ୍କ ଅଧୀନ । କିନ୍ତୁ ଏପରି କୌଣସି କାରଣ ନାହିଁଯେ , ଆମେ ଇଂରେଜମାନଙ୍କ ଆଚାର- ବ୍ୟବହାର, ବସନ-ଭୂଷଣର ନକଲ କରିବୁ । ଇଂରେଜଙ୍କ ଦେଶରେ ଶୀତ ପ୍ରବଳ । ସେହି କାରଣରୁ କଳାପୋଷାକ । ସେଥିରେ ସୂର୍ଯ୍ୟଙ୍କ ତାପ ପଡ଼ି ଶରୀରକୁ ଗରମ ରଖେ । ଏହି କାରଣରୁ ସେମାନଙ୍କ ଦେଶର ଛତା ମଧ କଳାକପଡ଼ାର । ଛତାଟି ଗୋଲାକାର । ଛତା ମଥାଉପରେ ରଖିଲେ ମସ୍ତିଷ୍କ ତା'ର କେନ୍ଦ୍ରହୁଏ । ମଥାରେ ହ୍ୟାଟ୍ ଥାଏ । ହ୍ୟାଟ୍ ଗରମହୁଏ । କିନ୍ତୁ ଆମ ଦେଶ ଗ୍ରୀଷ୍ମପ୍ରଧାନ । ଆମମାନଙ୍କର ମଥାରେ ମଉଡ଼(ମୁକୁଟ) ନାହିଁ, ପଗଡ଼ି ମଧ ନାହିଁ । ଛତାର ରଙ୍ଗ କଳା ହେବାକାରଣରୁ ସୂର୍ଯ୍ୟର ତାପ କେନ୍ଦ୍ରୀଭୂତ ହୋଇ ମସ୍ତିଷ୍କ ଉତ୍ତପ୍ତ କରେ । ଛତାରେ ଧଳାକପଡ଼ା ଦେଲେ ଚଳନ୍ତା । ବିଶେଷ କଥା ହେଉଛି, ସୂର୍ଯ୍ୟର Active Rays ମଝିରେ ମଝିରେ ଦେହରେ ବାଜିବା ଭଲ, କିନ୍ତୁ ମସ୍ତିଷ୍କରେ ନୁହେଁ । ହଳଦୀରଙ୍ଗ ସୂର୍ଯ୍ୟର ଏହି କିରଣକୁ ନିବାରଣ କରିଥାଏ । ଆମଦେଶର ଛତା ଗୋଲାକାର ନଥିଲା । ଚନ୍ଦ୍ରାତପ ଭଳି ଚେପେଟା ଥିଲା । ଆଉ କଳା କପଡ଼ାର ଛତା ହେଉନଥିଲା । ରାଜପୁତ ମାରବାଡ଼ୀମାନେ ହଳଦୀରଙ୍ଗର ପଗଡ଼ି ପିନ୍ଧନ୍ତି । ଏହା ବହୁ ଅଭିଜ୍ଞତାର ଫଳ ।" (ଆତ୍ମଚରିତ- ୨୬୨-୬୩)*

ଓଡ଼ିଶାରସାମାଜିକ ଜୀବନ ସହିତ ପ୍ରମୁଖ ବ୍ୟକ୍ତିବର୍ଗଙ୍କ ସହ ସୁସଂପର୍କ ରହିଥିଲା ଯୋଗେଶଚନ୍ଦ୍ର ରାୟଙ୍କ । କଟକ କଲେଜର ପ୍ରଥମ ଏମ୍.ଏ ଗୋପାଳବଲ୍ଲଭ ଥିଲେ ତାଙ୍କ ଛାତ୍ର ଏବଂ ଦ୍ୱିତୀୟ ଏମ୍.ଏ ଶ୍ରୀମତୀ ଇସାବେଲା ସାମୁଏଲ୍ ଥିଲେ ତାଙ୍କ ହାତଗଢା ଛାତ୍ରୀ । ସେ ମ୍ନ ବିଭିନ୍ନ ଗଡ଼ଜାତ ଅଞ୍ଚଳ ବୁଲିଛନ୍ତି, ରାଜାମାନଙ୍କ ସହ ଅନ୍ତରଙ୍ଗ ହୋଇଛନ୍ତି । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ତାଙ୍କ ଛାତ୍ରଥିବାରୁ ରେଭେନ୍‌ସା କଲେଜରେ ବିଜ୍ଞାନଗାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସେହିପରି ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବ ଏବଂ ତାଙ୍କ ପୁତ୍ର ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ଅନୁରୋଧ ରକ୍ଷାକରି ବାମଣ୍ଡାଠାରେ ଏକ ବିଜ୍ଞାନ ପ୍ରତିଷ୍ଠା କରିଅଛନ୍ତି ଯୋଗେଶଚନ୍ଦ୍ର । କେନ୍ଦୁଝରର ଦୁଇରାଜକୁମାରଙ୍କ ମାର୍ଗଦର୍ଶକ ଭାବରେ ଯୋଗେଶଚନ୍ଦ୍ରଙ୍କ କାର୍ଯ୍ୟଧାରା ଥିଲା ପ୍ରଶଂସନୀୟ ।ଓଡ଼ିଶା ମଧ ତଦନୁରୂପ ସମ୍ମାନ, ପ୍ରତିଷ୍ଠା ଏବଂ ସମ୍ବର୍ଦ୍ଧନା ଜ୍ଞାପନ କରିଛି ତାଙ୍କୁ । ଜ୍ୟୋତିଷ ଶାସ୍ତ୍ରଗ୍ରନ୍ଥ 'ସିଦ୍ଧାନ୍ତଦର୍ପଣ' ସଂପାଦନା ପାଇଁ ୧୯୦୨ ମସିହାରେ ସେ ପାଇଛନ୍ତି 'ଫେଲୋ ଅଫ୍ ଦି ରୟାଲ ଆଷ୍ଟ୍ରୋନମିକାଲ୍ ସୋସାଇଟି ପଦ । ୧୯୧୦ ମସିହାରେ ପୁରୀର ପଣ୍ଡିତ ମହାସଭା ଯୋଗେଶଚନ୍ଦ୍ରଙ୍କୁ 'ବିଦ୍ୟାନିଧି' ଉପାଧି ପ୍ରଦାନ କରିଥିଲେ, ଯାହାକୁ ସେ ନିଜ ନାମସହିତ ଆମରଣ ବ୍ୟବହାର କରିଛନ୍ତି ଏବଂ ଭାରତବର୍ଷରେ ବିଦ୍ୟାନିଧି କହିଲେ ଯୋଗେଶଚନ୍ଦ୍ରଙ୍କୁହିଁ ବୁଝାଯାଇଛି । ଏଥିସହିତ ରାୟସାହେବ ଓ ବିଜ୍ଞାନଭୂଷଣ ଉପାଧି ଲାଭକରିଥିଲେ ସେ । ୧୯୧୯ ମସିହା ଅକ୍ଟୋବାର ମାସ ୨୦ ତାରିଖରେ ଷାଠିଏବର୍ଷ ବୟସରେ ରେଭେନ୍‌ସା କଲେଜରୁ ଅବସର ଗ୍ରହଣକଲେ । ୧୯୫୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ପ୍ରଦାନ କରିଥିଲେ । ଏହି ମହାମନୀଷୀଙ୍କ ଅବଦାନକୁ ଓଡ଼ିଶାବାସୀ ଯେପରି ସ୍ମରଣ କରିଅଛନ୍ତି, ତାଙ୍କ ପ୍ରତିଭା ଓ ପରିଚୟ ନିର୍ମାଣରେ ଓଡ଼ିଶାର ସହଯୋଗକୁ ମଧ ଯୋଗେଶଚନ୍ଦ୍ର ଏବଂ ବଙ୍ଗବାସୀ ସମ୍ମାନର ସହ ସ୍ୱୀକାର କରିଅଛନ୍ତି ।

ଯୋଗେଶଚନ୍ଦ୍ର ରାୟଙ୍କ କର୍ମଜୀବନର ବେଶିଭାଗ ଅତିବାହିତ ହୋଇଛି ଓଡ଼ିଶାରେ । ଶିକ୍ଷକହୋଇ ଆସିଥିଲେ କଟକକୁ, ମାତ୍ର ଓଡ଼ିଶାର ଜାତୀୟ ପରିଚୟ ନିର୍ମାଣରେ ପ୍ରମୁଖ ସହଯୋଗୀ ହୋଇଗଲେ । କଟକର ଲୋକଙ୍କ ସହିତ ମିଳାମିଶା କରିବାଦ୍ୱାରା ସେ ଓଡ଼ିଶାର ସଂସ୍କୃତି,ଇତିହାସ ଓ ଭାଷାସହ ଅତି ନିବିଡ଼ ହୋଇପାରିଥିଲେ ଏବଂ ଅତି ନିକଟରୁ ସାମାଜିକ ମଣିଷର ଜୀବନଧାରା, ଚଳଣି, ରୀତିନୀତିକୁ ଉପଲବ୍ଧି କରିପାରିଥିଲେ । କଟକହିଁ ହୋଇଛି ଯୋଗେଶଚନ୍ଦ୍ରଙ୍କ ବୃତ୍ତି, ସାଧନା ଓ ଜୀବନବିକାଶର ମୁଖ୍ୟସ୍ଥାନ; ଯାହାକୁ ସେ ନିଜ ଲେଖାରେ ବାରମ୍ବାର ସ୍ୱୀକାର କରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ମିଶ୍ର, ଗୋଦାବରୀଶ :ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ଗ୍ରନ୍ଥମନ୍ଦିର

୨. ସେନାପତି, ଫକୀରମୋହନ : ଉତ୍କଳ ଭ୍ରମଣଂ

୩. ଉତ୍କଳ ସାହିତ୍ୟ ସମାଜର ଇତିହାସ, ଉତ୍କଳ ସାହିତ୍ୟ ସମାଜ, କଟକ

୪. ବିଦ୍ୟାନିଧି, ଯୋଗେଶଚନ୍ଦ୍ର ରାୟ : ଆତ୍ମଚରିତ

DOI : https://doi.org/10.5281/zenodo.15673666

ମୂଳ ପ୍ରବନ୍ଧ

# ଓଡ଼ିଆ ସାହିତ୍ୟରେ ବିଶ୍ଳେଷଣାତ୍ମକ ଭାଷାତତ୍ତ୍ୱର ପ୍ରୟୋଗ

**ପ୍ରତାପ କୁମାର ଦାଶ**

**ସଂକ୍ଷିପ୍ତସାର:**

ଓଡ଼ିଆ ସାହିତ୍ୟର ଲେଖାଗୁଡ଼ିକୁ ବ୍ୟାଖ୍ୟା କରିବା ପାଇଁ ବ୍ୟାଖ୍ୟାକାର, ସମାଲୋଚକ ଏବଂ ଭାଷା ସାହିତ୍ୟର ଶିକ୍ଷକ ମାନେ ବିଭିନ୍ନ ଶୈଳୀକୁ ଆପଣେଇଥାନ୍ତି । ଶବ୍ଦ, ଶବ୍ଦଗୁଚ୍ଛ, ବାକ୍ୟ ଏବଂ ଅନ୍ୟାନ୍ୟ ପ୍ରକାରର ଲେଖାଗୁଡ଼ିକର ଗୁଢ଼ ଅର୍ଥ, ସାମାଜିକ, ସାଂସ୍କୃତିକ, ପୌରାଣିକ ଏବଂ ଐତିହାସିକ ପୃଷ୍ଠଭୂମି ଉପରେ ପର୍ଯ୍ୟବେଶିତ କରିବାଠାରୁ ଆରମ୍ଭ କରି ବ୍ୟାକରଣ ଏବଂ ଅଳଂକରଣରେ ସୁବ୍ୟାଖ୍ୟାନ ମଧ୍ୟ କରିଥାନ୍ତି । ତେବେ ସମୟର ପରିବର୍ତ୍ତନ ସହ ନୂତନ କିମ୍ବା ଅନେକ ବିଧିସମ୍ମତ ଭାଷା ଓ ସାହିତ୍ୟ ସଂପର୍କିତ ତତ୍ତ୍ୱ ଏ ଭିତରେ ଆମର ଦୃଷ୍ଟିଆକର୍ଷଣ କରିଛନ୍ତି । ଭାଷାତତ୍ତ୍ୱର ନୂତନ ବିଶ୍ଳେଷଣ ପଦ୍ଧତିଠାରୁ ଆରମ୍ଭ କରି ପାଠକ ପ୍ରତିକ୍ରିୟା, ଅନ୍ତଃପାଠ୍ୟତା ଉତ୍ତର ସଂରଚନାବାଦ ଏବଂ ବିଖଣ୍ଡିତ ପଦ୍ଧତି ସବୁରେ ବ୍ୟାଖ୍ୟା, ବର୍ଣ୍ଣନା ଓ ଅର୍ଥ ପରିପ୍ରକାଶ ଦିଗରେ ନୂଆ ନୂଆ କୌଶଳ ମଧ୍ୟ ପ୍ରୟୋଗ କରାଯାଉଛି । ସେ ଦିଗରେ ରୋମାନ୍ ଜାକୋବସନ୍, ମିଖାଏଲ୍ ? ବାଖତିନ୍ ଙ୍କଠାରୁ ନୋଆମ୍ ଚସ୍କି, ଉଲଲିୟମ୍ ଲୋବୋଭ୍, ଜିରାର୍ଡଜିନି, ଜୁଲିଆ କ୍ରିଷ୍ଟେଭାଙ୍କ ପର୍ଯ୍ୟନ୍ତ ପ୍ରସଂଗାର୍ଥେ ବିଚାର୍ଯ୍ୟ । ଏକ ସାହିତ୍ୟ ଲେଖା ପାଠକୀୟ ରୁଚି ହାସଲ କରିଥିଲେ ତାହାର ସାମାଜିକ ଉପଯୋଗିତା ଏବଂ ସମସାମୟିକ ପାଠକୀୟ ଗତିଶୀଳତାର ପ୍ରମାଣ ଦେଇଥାଏ ।

**ପ୍ରମୁଖ ଶବ୍ଦାବଳୀ :**

ଓଡ଼ିଆ ସାହିତ୍ୟ, ଭାଷାତତ୍ତ୍ୱ, ପାଠକୀୟ ପ୍ରତିକ୍ରିୟା, ଉତ୍ତର ସଂରଚନବାଦ, ବିଖଣ୍ଡିତ ପଦ୍ଧତି, ଅନ୍ତଃପାଠ୍ୟତା, ଶାବ୍ଦିକତା, ପାଠକୀୟ ଗତିଶୀଳତା ।

**ଉପକ୍ରମ :**

ସାହିତ୍ୟିକ ଲେଖାଗୁଡ଼ିକରେ ସମସାମୟିକ ଭାଷାତାତ୍ତ୍ୱିକ ଉପାଦାନ ପ୍ରୟୋଗ କରି ଉତ୍କୃଷ୍ଟ ଭାବେ ଅର୍ଥ ପରିପ୍ରକାଶ କରିହେବ । ମୂଳତଃ ଧ୍ୱନିମାନଙ୍କର ସାଂକେତିକ ଉପସ୍ଥାପନା ଅକ୍ଷରମାନଙ୍କ ଦ୍ୱାରା ହୋଇଥାଏ । ସେହିପରି ଅକ୍ଷରମାନଙ୍କ ଅର୍ଥପୂର୍ଣ୍ଣ ସଂରଚନାରେ ଶବ୍ଦ ସୃଷ୍ଟି ହୁଏ । ଏହି ଶବ୍ଦଗୁଡ଼ିକ ଅର୍ଥପୂର୍ଣ୍ଣ ଭାବେ ସଂରଚନାରେ ବ୍ୟବହୃତ ହେଲେ ବାକ୍ୟ ସୃଷ୍ଟି ହୁଏ । କଥିତ ବା ଲିଖିତଭାବେ ଆମେ ଏସବୁ ଶବ୍ଦ ସଂରଚନା ଦ୍ୱାରା ଗଠିତ ବାକ୍ୟମାନଙ୍କୁ ବ୍ୟବହାର କରିଥାଉ । ତେବେ ଯେ କୌଣସି ଭାଷା ହେଲେବି ସେମାନଙ୍କ ଏକ ସାଧାରଣ ଭାଷା ଜନିତ ଲକ୍ଷଣ ସବୁଥାଏ ; ଏବଂ ସ୍ୱତନ୍ତ୍ର ଭାବେ ସଂସ୍କୃତି, ପରଂପରା, ସମୟର ପରିବର୍ତ୍ତନ ଏବଂ ସାମାଜିକ ଧାରା ହିସାବରେ ମଧ୍ୟ ଭାଷାଗୁଡ଼ିକର ସ୍ୱାତନ୍ତ୍ର୍ୟ ଥାଏ । ପ୍ରତ୍ୟେକ ଭାଷାର ସମକାଳୀନ ଏବଂ ଐତିହାସିକ ପୃଷ୍ଠଭୂମିଥାଏ । କାଳକ୍ରମେ ଅନ୍ୟଭାଷା, ସାହିତ୍ୟ ଏବଂ ସଂସ୍କୃତି ସଂପର୍କରେ ଆସି ଏକ ଭାଷାର ନୂତନ ଶବ୍ଦ ଏବଂ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.15673666
Article No - BPP00293

**ଯୋଗାଯୋଗ :**
**ଡକ୍ଟର ପ୍ରତାପ କୁମାର ଦାଶ,** ସହଯୋଗୀ ପ୍ରାଧ୍ୟାପକ, ଇଂରାଜୀ ବିଭାଗ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିର
**Email :** pratapkumardash0@gmail.com
**ORCIDID:** https://orcid.org/0000-0002-5875-7933

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୨.୨୦୨୫ | ୧୨.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାଶ, ପ୍ରତାପ କୁମାର; ୨୦୨୫ । : ଓଡ଼ିଆ ସାହିତ୍ୟରେ ବିଶ୍ଳେଷଣାତ୍ମକ ଭାଷାତତ୍ତ୍ୱର ପ୍ରୟୋଗ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଖ; ପୃଷ୍ଠା :୧୬-୨୩ ।

ବାକ୍ୟ ସଂଗଠନର ବ୍ୟବସ୍ଥା ସୃଷ୍ଟି ହୋଇଥାଏ । ପ୍ରତ୍ୟେକ ଭାଷାର ସାହିତ୍ୟ ଅଛି । ଏହି ସାହିତ୍ୟିକ ଲେଖାଗୁଡ଼ିକ ବିଭିନ୍ନ ସମୟରେ ବିଭିନ୍ନ ଅଭିଜ୍ଞତା, ଅବସ୍ଥା, ଚିନ୍ତା ଓ ଚେତନା, ଉପସ୍ଥାପନା ଶୈଳୀ ପାଠକୀୟ ରୁଚି ଏବଂ ଏପରି ଅନେକ ବିଷୟବସ୍ତୁ ଅଧାର କରି ଲେଖାଯାଇଥାଏ । ତେବେ କହିବା ବାହୁଲ୍ୟ ଯେ ପ୍ରତ୍ୟେକ ଭାଷାର ପ୍ରତ୍ୟେକ ଧ୍ୱନି, ପ୍ରତ୍ୟେକ ଶବ୍ଦ ଏବଂ ଶବ୍ଦ ସଂଯୋଜନା ପଛରେ ଇତିହାସ ଥାଇପାରେ । ଭାଷାରେ କେବଳ ସୌନ୍ଦର୍ଯ୍ୟ ତତ୍ତ୍ୱ ନୁହେଁ ବରଂ ସାମାଜିକ ସଚେତନତା କିମ୍ବା ଅତ୍ୟନ୍ତ ଅବାସ୍ତବ ଚିନ୍ତାଧାରା ମଧ୍ୟ ପରିପ୍ରକାଶ ହୁଏ । ଭାଷାରେ କେବଳ ଗଣତାନ୍ତ୍ରିକ ମୂଲ୍ୟବୋଧ ନୁହେଁ ବରଂ ଭାଷାରେ ଗଣତନ୍ତ୍ରର ପ୍ରୟୋଗାତ୍ମକ ଧାରା ବିଷୟବସ୍ତୁସବୁକୁ ବ୍ୟବହାର କରାଯାଇଥାଏ। ମୂଳ ବିଷୟ ଏଭଳି ଭାବେ ମୁକ୍ତ ଏବଂ ସୃଜନଶୀଳ ଅବସ୍ଥାରେ ଅନେକ ଦେଶ, ଜାତି, ପୃଥିବୀ, ବିଶ୍ୱ ସବୁର ଅବଧାରଣା କରିହୁଏ । ଏସବୁରେ ସମୟ କ୍ରମେ ଆଲୋଚନା, ପର୍ଯ୍ୟାଲୋଚନା କରାଯାଇ ତତ୍ତ୍ୱର ଅବଧାରଣା କରାଯାଇଥାଏ । ବାସ୍ତବରେ ତତ୍ତ୍ୱ ଏକ ଅପ୍ରାକୃତିକ ବା ସ୍ୱତନ୍ତ୍ରଭାବେ ସୃଷ୍ଟି ଧାରା ନୁହେଁ। ତତ୍ତ୍ୱ ସବୁ ପ୍ରାକୃତିକ ସାମାଜିକ ସଚେତନତା । ଆଲୋଚନା ପର୍ଯ୍ୟାଲୋଚନା କଲାବେଳେ ଲିଖିତ, ଶାବ୍ଦିକ ଏବଂ ସାଂକେତିକ ପ୍ରମାଣରେ ତାତ୍ତ୍ୱିକ ଅର୍ଥ ବହୁବିଧ ଭାବେ ବାହାରି ଆସେ । ବସ୍ତୁମାନଙ୍କୁ ସେମାନଙ୍କର ବସ୍ତୁତ୍ୱରୁ ମୁକ୍ତି ଦେଇ ତତ୍ତ୍ୱ ସବୁ ଲେଖାଗୁଡ଼ିକୁ ବହୁ ଅର୍ଥ ସଂପନ୍ନ କରିଦେଇଥାନ୍ତି ।

**ବିଷଦ ଆଲୋଚନା :**

ପ୍ରତ୍ୟେକ ଲେଖାରେ ସାମାଜିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ, ପାରିପାର୍ଶ୍ୱିକ, ଐତିହାସିକ, କାଳ୍ପନିକ କିମ୍ବା ବ୍ୟକ୍ତିଗତ ରୁଚି ପରିପ୍ରକାଶ ହୋଇଥାଏ । ବେଳେବେଳେ ଏହା ସାମାଜିକ ଏବଂ ବ୍ୟକ୍ତିଗତ ବିଚାରଧାରାକୁ ସମର୍ଥନ କରିଥାଏ କିମ୍ବା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥାଏ କିମ୍ବା ଏ ଦୁଇ ମୁଖ୍ୟ ସ୍ରୋତରୁ ବାହାରି ଅନ୍ୟ ଏକ ନୂତନ ସ୍ରୋତ ସୃଷ୍ଟିକରିଥାଏ । ତେବେ ସାହିତ୍ୟିକ ଲେଖାଗୁଡ଼ିକର ଶାବ୍ଦିକତାର (Textuality) ର ପ୍ରୟୋଗ ଓ ପ୍ରଭାବ ସବୁକୁ ବିଚାର କରିବା ଜରୁରୀ । ସାହିତ୍ୟିକ ଲେଖାଗୁଡ଼ିକ ଭାଷା ମାଧ୍ୟମରେ ହିଁ ଏହିସବୁ ବିଷୟବସ୍ତୁକୁ ପାଠକ ପାଖରେ ପହଞ୍ଚାନ୍ତି। ଉଭୟ ଲେଖକ ଏବଂ ପାଠକ ସାହିତ୍ୟିକ ଭାଷା ଉପସ୍ଥାପନ ଶୈଳୀ ବିଷୟରେ ଅବଗତଥାନ୍ତି। ଯଦି ନଥାନ୍ତି, ତେବେ ଲେଖାଗୁଡ଼ିକ ସୃଷ୍ଟି କରିବା ଏବଂ ଠିକ ଭାବରେ ପାଠକୀୟ ପ୍ରତିକ୍ରିୟା ପାଇବା ସମ୍ଭବ ହୁଏ ନାହିଁ ।

ଏହିସବୁ ଲେଖାଗୁଡ଼ିକର ଧ୍ୱନି ବିଶ୍ଳେଷଣ ଏକ ପ୍ରାରମ୍ଭିକ ମୌଳିକ କାର୍ଯ୍ୟ । ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ, ଯୁକ୍ତାକ୍ଷର, ଏକପଦୀକରଣ ଏବଂ ଶବ୍ଦ ସଂଯୋଜନାର ମୌଳିକତା ସବୁକୁ ଦେଖିଲେ ଏହା ଲେଖକର ଉଦ୍ଦେଶ୍ୟ ଏବଂ ରସ ସଂପର୍କୀୟ ଅର୍ଥ ଆସିଥାଏ । ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଠାରୁ ଆରମ୍ଭ କରି କବି ସମ୍ରାଟ କିମ୍ବା ରମାକାନ୍ତ ରଥଙ୍କ 'ଶ୍ରୀରାଧା' ପର୍ଯ୍ୟନ୍ତ କିମ୍ବା ବୈଷ୍ଣବ ପାଣିଙ୍କଠାରୁ ମନୋରଞ୍ଜନ ଦାସ କିମ୍ବା ବିଜୟ ମିଶ୍ରଙ୍କ ଯାଏଁ ସମସ୍ତେ ଏକ ବିଷୟବସ୍ତୁ ସବୁ ମନସ୍ତାତ୍ତ୍ୱିକ ସ୍ତରରେ ଧ୍ୱନି ସହିତ ଜଡ଼ିତ । ଏହା ସ୍ମୃତିମଧୁରତା ଆଣିବାର କାର୍ଯ୍ୟ କରିଥାଏ ।

ଧ୍ୱନି ସବୁକୁ ଶବ୍ଦରେ ପରିପ୍ରକାଶ କଲାବେଳେ ଲେଖକ ଲେଖିକାମାନେ ଏକା ଧାରାରେ ଏବଂ ଏକ ସାହିତ୍ୟିକ ପ୍ରବାହରେ ବାକ୍ୟସବୁକୁ ଗୋଟିଏ ପରେ ଗୋଟିଏ ଯୋଡ଼ିଥାନ୍ତି । ଏହି ବାକ୍ୟସବୁ ସରଳ, ଯୌଗିକ ବା ଜଟିଳ ହୋଇଥାନ୍ତି । କେତେକ ଖଣ୍ଡବାକ୍ୟ କିମ୍ବା ଅସମ୍ପୂର୍ଣ୍ଣ ବାକ୍ୟ ମଧ୍ୟ ଥାନ୍ତି । ତେବେ ଭାଷାର ପରିପ୍ରକଶ କଲାବେଳେ ମାନସିକ ସ୍ତରରେ ଥିବା ଚିନ୍ତାଧାରା ସବୁକୁ ଏକ ସଂରଚନାକୁ ଆଣି ଲେଖକମାନେ କଥିତ ବା ଲିଖିତ ଭାଷାରେ ପରିପ୍ରକାଶ କରିଥାନ୍ତି । ଏହି ବାକ୍ୟଗୁଡ଼ିକ କେବଳ ଅଳଂକରଣ ନୁହେଁ ବରଂ ଆଦେଶ, ଉପଦେଶ, ଭାବ ପ୍ରବଣତା, ସୂଚନା ସମ୍ବଳିତ, ପ୍ରଶ୍ନ ଉତ୍ତର ସଂପର୍କିତ କିମ୍ବା ଉଭୟ ସାମାଜିକ ଭାବେ ଗ୍ରହଣୀୟ ଏବଂ ଅଗ୍ରହଣୀୟ ବାକ୍ୟରଚନା କରିଥାନ୍ତି । ତେବେ ଏହି ବାକ୍ୟଗୁଡ଼ିକର ସ୍ୱତନ୍ତ୍ର ଭାବେ ଅର୍ଥଥାଏ କିମ୍ବା ସମୂହ ଭାବେ ଅର୍ଥଥାଏ । ଏଥିରେ ଏକ ନିର୍ଦ୍ଦିଷ୍ଟ ଜାତି, ସାମାଜିକ ସ୍ଥିତି, ଆଞ୍ଚଳିକତା, ବୟସ, ବିଷୟ ବସ୍ତୁର ପରିପ୍ରକାଶକୁ ନେଇ ବାକ୍ୟ ସଂରଚନା ହୋଇଥାଏ ।

ବାକ୍ୟସବୁର ଅର୍ଥ ପ୍ରକାଶ କରିବାବେଳେ, ବ୍ୟାଖ୍ୟା କରିବା ବେଳେ କେତେକ ସୀମିତ ଅର୍ଥ ବିଶିଷ୍ଟ ହୋଇଥାନ୍ତି ଏବଂ ଆଉ କେତେଗୁଡ଼ିଏ ଅନେକ ଅର୍ଥ ସଂପର୍କିତ ହୋଇଥାନ୍ତି। ଅର୍ଥ, ମୁଖ୍ୟାର୍ଥ, କିମ୍ବା ବାଚ୍ୟାର୍ଥ ହୋଇପାରେ ବା ଲକ୍ଷାର୍ଥ ହୋଇପାରେ। ଅର୍ଥସବୁ ସାଧାରଣଭାବେ ବ୍ୟବହୃତ ପରିପ୍ରେକ୍ଷୀରୁ ଯାଇ ଅତି ବାସ୍ତବ, ଅବାସ୍ତବ କିମ୍ବା ବିଭିନ୍ନ ସ୍ତରକୁ ପ୍ରସାରିତ ହୋଇପାରେ। ଭାଷା ସବୁ ସଙ୍କେତମାନଙ୍କର ଶୃଙ୍ଖଳ ହୋଇପାରନ୍ତି। ଅର୍ଥସବୁ ଅନ୍ତରପାଠ୍ୟତା ହୋଇପାରନ୍ତି। ଏକ ସ୍ୱତନ୍ତ୍ର ମୂଳରୂପ କିମ୍ବା କିମ୍ବଦନ୍ତୀର ଏକ ବିଷୟବସ୍ତୁର ବାରମ୍ବାର ବିନାଶ ଘଠିଥାଏ ଏବଂ ଅନ୍ୟ ବିଭିନ୍ନ କିମ୍ବଦନ୍ତୀ ସହ ମିଶି ନୂତନ ଅର୍ଥ ପ୍ରକାଶ କରିଥାଏ ।

ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ବାକ୍ୟମାନଙ୍କୁ ଯୋଡ଼ି ଅର୍ଥ କରିଥାଉ । ସେଥିରେ ସାଧାରଣ ବାକ୍ୟହେଲେ ମଧ୍ୟ ସାହିତ୍ୟିକଙ୍କ ଲେଖା ଶୈଳୀରେ କର୍ତ୍ତା ପ୍ରଧାନ, କର୍ମ ପ୍ରଧାନ କିମ୍ବା ବିଶେଷ୍ୟ, ବିଶେଷଣ, କ୍ରିୟା ପଦ, କ୍ରିୟା ବିଶେଷଣମାନଙ୍କୁ ସ୍ୱତନ୍ତ୍ରଭାବେ

ବ୍ୟବହାର କରାଯାଇଥାଏ। ବେଳେବେଳେ ଲେଖାଗୁଡ଼ିକରେ ଏକ ନିର୍ଦ୍ଦିଷ୍ଟ ଶବ୍ଦଗୁଚ୍ଛ ବା ବାକ୍ୟ ବାରମ୍ବାର ବ୍ୟବହାର କରାଯାଇ ଅଗ୍ରଭୂମିକରଣ କରାଯାଇଥାଏ। ବାକ୍ୟରେ ନାଟକୀୟତା ଏବଂ କାବ୍ୟିକ ଶୈଳୀର ସ୍ୱାତନ୍ତ୍ର୍ୟ ମଧ୍ୟ ନଜରକରିବା କଥା । ଏହିସବୁ ବାକ୍ୟ ସଂରଚନାରେ ଉତ୍ତର ସଂରଚନାବାଦର ପ୍ରୟୋଗ ହୋଇଥାଇପାରେ ।

ଭାଷାର ସାଂକେତିକ ସଂରଚନା, ଲେଖକ, ଲେଖା ଏବଂ ପାଠକ ମଧ୍ୟରେ ହେଉଥିବା ଭାଷା ସଂବଳିତ ଜ୍ଞାନର ଆଦାନ ପ୍ରଦାନ, ଲେଖାଗୁଡିକରେ ଥିବା ନିର୍ଦ୍ଦେଶାତ୍ମକ ଏବଂ କାର୍ଯ୍ୟିକ ବିଷୟବସ୍ତୁର ଉପଯୋଗିତା; ବୈଚାରିକ ପାରସ୍ପରିକ ସଂପର୍କ ସବୁକୁ ବିଚାରକୁ ନିଆଯାଇପାରେ ।

ସଂସ୍କୃତରେ ବାକ୍ୟଶାସ୍ତ୍ର ଏବଂ ନାଟ୍ୟଶାସ୍ତ୍ର ଅନୁସାରେ ଧ୍ୱନି ସହିତ ସନ୍ଧି, ସମାସ, କାରକ, କ୍ରିୟାପଦ ସଂରଚନା, ଅଳଙ୍କାରର ପ୍ରୟୋଗ, ଧର୍ମ, କର୍ମ, ବୈଦାନ୍ତିକ, ନ୍ୟାୟ ଏବଂ ବୈଶେଶିକ ବ୍ୟାଖ୍ୟା ପଦ୍ଧତି ଦ୍ୱାରା ଏବଂ ରସ ସିଦ୍ଧାନ୍ତ ଅନୁସାରେ ବ୍ୟାଖ୍ୟା କରାଯାଇଥାଏ। ଭରତଙ୍କ ନାଟ୍ୟଶାସ୍ତ୍ର ଅନୁସାରେ ବିଭାବ, ଅନୁଭାବ ଏବଂ ବ୍ୟଭିଚାରିଭାବ ସବୁର ମିଶ୍ରଣ ହୁଏ, ସେତେବେଳେ ରସ ସୃଷ୍ଟି ହୁଏ, ସେହିପରି ଭାବେ ସମସାମୟିକ ଇଉରୋପୀୟ ଭାଷାତତ୍ତ୍ୱବିତ୍‌ମାନେ ବିଭିନ୍ନଭାବେ ଉପାଦେୟ ଭାଷାତତ୍ତ୍ୱସବୁର ବ୍ୟାଖ୍ୟା କରିଛନ୍ତି ।

ଫର୍ଡିନାଣ୍ଡ ଡି. ସସୁରେ (୧୯୧୩) ଭାଷାତତ୍ତ୍ୱରେ ଏବଂ ଭାଷାର ସାଂକେତିକତା ବିଷୟରେ ଅନେକ ଧାରଣା ଦେଇଛନ୍ତି । ତାଙ୍କ ମତରେ ଭାଷାର ବ୍ୟାଖ୍ୟାନ ଏହାର ବିଭିନ୍ନ ଉପାଦାନମାନଙ୍କୁ ନେଇ ଏକ ଔପଚାରିକ ବ୍ୟବସ୍ଥା ଭିତରେ କରିହେବ । ଏହି ଉପାଦାନ ପ୍ରଥମତଃ ସଙ୍କେତକୁ ବୁଝାଇଥାଏ । ସଂକେତ ବାଚକ ଏବଂ ଅଭିବ୍ୟଞ୍ଜନା ଅଥବା ଅର୍ଥ ପ୍ରକାଶ କରିବାକୁ ବୁଝାଇଥାଏ । ଏହି ସଂକେତ ପ୍ରାସଙ୍ଗିକ ବିଚାରକୁ ମଧ୍ୟ ବୁଝାଇଥାଏ । ଏହି ଅର୍ଥ ଭାଷାତତ୍ତ୍ୱର ସୀମା ବ୍ୟବହାରକୁ ମଧ୍ୟ ଯାଇଥାଏ। ସସୁରେଙ୍କ ଅନୁସାରେ ଗୋଟିଏ ଶବ୍ଦରେ ଧ୍ୱନିମାନଙ୍କର ସଂରଚନା ହୋଇଥାଏ । ଶବ୍ଦ ସଂରଚନା ସବୁ ବାକ୍ୟ ସଂରଚନା କରିପାରନ୍ତି । ତେବେ ଶବ୍ଦ ଗୁଡ଼ିକ ସଂକେତ ବା ଚିତ୍ରସବୁକୁ ଜଣେ ବ୍ୟକ୍ତିର ଭାବନା ଅନୁସାରେ ଅନୁପୂରକ ହୋଇଥାନ୍ତି । ଏହି ଶବ୍ଦ ବା ବାକ୍ୟ ସଂରଚନାକୁ ଆମେ ଗୋଟିଏ ଭାଷାର ବାକ୍ୟ ବିନ୍ୟାସ ଏବଂ ଉପନିର୍ଦ୍ଦେଶନାତ୍ମକ ବ୍ୟବସ୍ଥାକୁ ଯଥାକ୍ରମେ ବାମରୁ ଡାହଣକୁ କିମ୍ୱା ଡାହାଣରୁ ବାମକୁ ଏବଂ ଉପରୁ ତଳକୁ - ଏଭଳି ଭାବେ ହସ୍ତ ବା ଯନ୍ତ୍ରରେ ଲିଖିତ ବ୍ୟବସ୍ଥାରେ ଉପସ୍ଥାପନ କରିହେବ । ଏତଦ୍ ବ୍ୟତୀତ ଧ୍ୱନିଠାରୁ ଆରମ୍ଭ କରି ଶବ୍ଦ ଏବଂ ବାକ୍ୟସବୁ ମୂଳତଃ ଦ୍ୱି-ଆଧାରି ହୋଇଥାନ୍ତି । ଉଦାହରଣ ସ୍ୱରୂପ 'ପ' / 'ବ', 'ଟ' / 'ଡ' ସେହିପରି ଭାବେ 'ଜନ୍ମ' / 'ମୃତ୍ୟୁ', 'ଦିନ' / 'ରାତି', 'ବାପା' / 'ମା', 'ହେଇପାରେ' 'ନହେଇପାରେ' ଏବଂ ଏହି ଦ୍ୱି-ଆଧାରି ଅର୍ଥରେ ଭାଷା ସାହିତ୍ୟ ସବୁକୁ ଅର୍ଥ କରାଯାଇପାରେ । ଭାଷାର ଉତ୍ପତ୍ତି ଏବଂ କ୍ରମ ପରିବର୍ତ୍ତନ ପାଇଁ ଐତିହାସିକ ବା କାଳକ୍ରମିକ ଏବଂ ସମକାଳୀନ ଲକ୍ଷଣ ସବୁକୁ ନେଇ ବ୍ୟାଖ୍ୟା କରାଯାଇପାରେ । ସସୁରେଙ୍କ ଅନୁସାରେ ଭାଷାର କେତେକ ମୌଳିକ ଲକ୍ଷଣ ଥାଏ । ସେଗୁଡ଼ିକ ହେଲା : ଭାଷାରେ ବ୍ୟବହୃତ ସଂକେତ ଗୁଡ଼ିକ ମନୋମୁଖୀ ହୋଇଥାନ୍ତି ଏବଂ ଏକ ଗୋଷ୍ଠୀର ସାଂସ୍କୃତିକ ଏବଂ ପାରମ୍ପାରିକ ଭୌତିକ ବ୍ୟବସ୍ଥା ଅନୁସାରେ ବ୍ୟବହୃତ ହୁଅନ୍ତି । ଏହା ଗୋଷ୍ଠୀ ବା ସଂସ୍କୃତି ନିର୍ଦ୍ଦିଷ୍ଟ ଅଟେ । ଏକ ଭାଷାର ବ୍ୟବସ୍ଥାସବୁ ମନୁଷ୍ୟ ମନରେ ଅଭିଜ୍ଞତା ଓ ଅଭ୍ୟାସର ପରିପ୍ରକାଶ ହୋଇଥାଏ । ଏହି ମାନସିକ ସ୍ତରରେ ସଂଗଠନ ଏକ ସହଯୋଗୀ ପ୍ରକ୍ରିୟା ଯେଉଁଥିରେ କି ବିଯୁକ୍ତାତ୍ମକ ତୁଳନା, ସାଦୃଶ୍ୟତା, ପୌନଃପୁନିକ ବ୍ୟବହାରତା ଏବଂ ସନ୍ନିହିତ ବ୍ୟବସ୍ଥା ଦ୍ୱାରା ବନ୍ଧା ହୋଇଥାଏ ।

ମିଖାଏଲ ବାଖତିନ୍ (୧୮୯୫-୧୯୭୫)ଙ୍କ ଅନୁସାରେ ଯେକୌଣସି ଭାଷା ସାହିତ୍ୟ ସଂପର୍କିତ ଲେଖା ଏବଂ କଥା ଏକ ବାର୍ତ୍ତାଳାପ ଭିତ୍ତିକ ବ୍ୟବସ୍ଥା । ଏହି ବ୍ୟବସ୍ଥା ଅନୁସାରେ ଏକ ବିଷୟ ବସ୍ତୁକୁ ଶୁଣୁଥିବା ବ୍ୟକ୍ତି ବିଶେଷଭାବେ ଏକ ବାର୍ତ୍ତାଳାପ ବ୍ୟବସ୍ଥା ଭିତରେ କିମ୍ୱା ପ୍ରଶ୍ନ -ଉତ୍ତର ବ୍ୟବସ୍ଥା ଭିତରେ ସାମଗ୍ରିକ ଅର୍ଥ ଖୋଜିଥାଏ । ଶବ୍ଦ ସଂରଚିତ ବିଷୟବସ୍ତୁ ଯଦି ଅତିସାର ଗର୍ଭକ ହୋଇଥାଏ, ତେବେ ସସଂପୂର୍ଣ୍ଣ ଏବଂ ସଠିକ ଭାବେ ବୁଝିବା ଏକ ଜଟିଳ ପ୍ରକ୍ରିୟା ହୋଇଯାଏ । ଶବ୍ଦ ସବୁକୁ କ୍ରମାଗତ ଭାବେ ପଢିବା ବେଳେ ସେଇ ପରିପ୍ରେକ୍ଷୀରେ ଅର୍ଥ ବୁଝିବା ମଧ୍ୟ ଏକ ସଠିକ ପ୍ରକ୍ରିୟା । ପ୍ରତ୍ୟେକ ଶବ୍ଦରୁ ପ୍ରଶ୍ନ ବାହାରି ପାରେ, ଉତ୍ତର ମଧ୍ୟ ଏକ ଜୀବନ୍ତ ବାର୍ତ୍ତାଳାପରେ ଶବ୍ଦମାନେ ଉତ୍ତର ଦେବା ସହିତ ଏକ ମୌଳିକ ସଂରଚନାର ଅବଧାରଣା ଦେଇଥାନ୍ତି । ଏହି ବାର୍ତ୍ତାଳାପ ମଧ୍ୟରେ ଭାବ ପ୍ରବଣତା, ଏକ ବିଷୟରେ ଥିବା ବ୍ୟକ୍ତିର ସ୍ୱତନ୍ତ୍ର ଧାରଣା ବା ଜ୍ଞାନସବୁ ମଧ୍ୟ ଅନ୍ତର୍ଭୁକ୍ତ । ବାଖତିନଙ୍କ ମତରେ ଏହି ବୁଝିବା, ପ୍ରଶ୍ନ- ଉତ୍ତର ଦେବା ଏବଂ ବିବିଧ ସ୍ତରରେ ଏକ ଶବ୍ଦକୁ ଗ୍ରହଣ କରିବା ହିଁ ସଂରଚନାବାଦ ଅଟେ । ବିଭିନ୍ନ ପ୍ରକାରର ଲେଖା, ବିଶେଷ କରି ସାହିତ୍ୟିକ ଲେଖା ସବୁରେ ଏହି ପାରସ୍ପରିକ କ୍ରିୟା ବିଭିନ୍ନ ଭାବେ ଅର୍ଥ ପ୍ରକାଶ କରିବାର ଉପାୟ ପାଇଥାନ୍ତି । ଏହି ପ୍ରକ୍ରିୟାରେ ଏକ ଉପନ୍ୟାସ ବା ନାଟକରେ ଚିତ୍ରମାନଙ୍କୁ ବିଭିନ୍ନ ଦିଗରୁ ବହୁବିଧ ଅର୍ଥ ପ୍ରକାଶ କରୁଥିବାରୁ ଭାଷାଗତ

ସ୍ୱାଧିନତା ମିଳିଥାଏ। ଏକାଳାପ ଅପେକ୍ଷା ବହୁ ଆଳାପର ଅର୍ଥ ମଧ୍ୟ ବହୁବିଧ ଏହି ପରିପ୍ରେକ୍ଷିରେ ବାଖତିନ୍ ବହୁବିଧତା ହିସାବରେ ବର୍ଣ୍ଣନା କରିଥାନ୍ତି । ଏହିପରି ଭାବେ ଯେଉଁ ଭାଷା ବିଭିନ୍ନ ପ୍ରକାର ଅର୍ଥ ଓ ସେସବୁର ପ୍ରାୟୋଗିକ ସ୍ତରକୁ ନିଜ ମାଧ୍ୟମରେ ଦେଖାଇଥାଏ । ବୟସ, ଯୋଗ୍ୟତା, ପରିସ୍ଥିତି ଜନିତ ଭାଷାର ପରିପ୍ରକାଶ, ସାମାଜିକ ଉପଭାଷା, ଗୋଷ୍ଠୀମାନଙ୍କ ସାଂସ୍କୃତିକ ବ୍ୟବହାର, ଭାଷାର ସ୍ୱତନ୍ତ୍ର ଲକ୍ଷଣ ସବୁ ଏହାର ଅନ୍ତର୍ଗତ । ଏତଦ୍ ବ୍ୟତୀତ, ଭାଷା ଯାହାବି ହେଉ ବା ଯେଉଁଭଳି ଭାବେ ହେଉ, ଏହା ଏକ ନିର୍ଦ୍ଦିଷ୍ଟ ଶୈଳୀକୁ ଅନୁସରଣ କରିଥାଏ । ଏକ ଲେଖକ ବା ବକ୍ତା ହିଁ ଏକ ଭାଷାର ପରିପ୍ରକାଶକ । ଉପନ୍ୟାସଗୁଡ଼ିକ ବାଖତିନଙ୍କ ମତରେ ହେଟୋରୋଗ୍ଲାଶିଆରେ ଉତ୍ତମ ପର୍ଯ୍ୟାଲୋଚନା କରିଥାନ୍ତି । ଏଗୁଡ଼ିକର ବର୍ଣ୍ଣନା ଶୈଳୀ, ବିଷୟ ବସ୍ତୁ, ଏବଂ ଚରିତ୍ରମାନଙ୍କର ପରିସ୍ଫୁଟନ ହୋଇଥାଏ । ଚାର୍ଲସ ଡିକେନସ୍ ତାଙ୍କର ଉପନ୍ୟାସଗୁଡ଼ିକରେ ସାଧାରଣ ଭାଷା ବ୍ୟବହାର କରିବାକୁ ଯାଇ ବିଭିନ୍ନ ଉଚ୍ଚଶ୍ରେଣୀର ଭାଷାକୁ ଆଣି ବ୍ୟଙ୍ଗାତ୍ମକ ରୂପରେ ପରିପ୍ରକାଶ କରିଛନ୍ତି । ବାଖତିନ୍ ଲେଖକମାନଙ୍କ ଲେଖା ଶୈଳୀକୁ ନେଇ ଏକ 'ଅଧିକାରିକ ଭାଷାର ଉପଯୋଗ ବିଷୟରେ' ଆଲୋଚନା କରନ୍ତି ।

ରୋମାନ ଜାକବସନ୍ (୧୮୯୬-୧୯୮୨) ରୁଷିଆ ଜନ୍ମିତ ଆମେରିକୀୟ ଭାଷାବିତ୍ ସାଧାରଣତଃ ଭାଷାର ଛଅଟି କାର୍ଯ୍ୟକାରିତା ସଂପର୍କରେ ଅବଧାରଣା କରିଥାନ୍ତି । ସେଗୁଡ଼ିକ ହେଲା- ନିର୍ଦ୍ଦେଶାତ୍ମକ, କାବ୍ୟିକ, ଭାବପୂର୍ଣ୍ଣ, ଇଚ୍ଛା ପରିପ୍ରକାଶକାରୀ, ସାମାଜିକ ସଂବୋଧ, ଅଧିଭାଷିକା ବିଶେଷକରି ଭାଷାକୁ ସେ ଏକ ଯୋଗାଯୋଗର ଅତୁଳନୀୟ ମାଧ୍ୟମ ହିସାବରେ ଗଣନା କରନ୍ତି । ତାଙ୍କ ମତରେ ଏହି ଯୋଗାଯୋଗ ବ୍ୟବସ୍ଥାରେ ଛଅଟି ବ୍ୟବସ୍ଥା ଥାଏ । ସେଗୁଡ଼ିକ ହେଲା ବାର୍ତ୍ତା ପ୍ରେରକ, ବାର୍ତ୍ତା ଗ୍ରାହକ, ବାର୍ତ୍ତାର ପରିପ୍ରେକ୍ଷ ପ୍ରେରକ ଏବଂ ଗ୍ରାହକଙ୍କ ମଧ୍ୟରେ ସଂପର୍କ ବ୍ୟବହୃତ ସଂକେତ ଏବଂ ସଂହିତା, ବାର୍ତ୍ତାର ସ୍ୱରୂପ । ଏହା ବ୍ୟତୀତ ଭାଷାରେ ଥିବା ବ୍ୟାକରଣ ଗତ ସ୍ୱତନ୍ତ୍ୟ, ସ୍ୱତନ୍ତ୍ର ଚିହ୍ନ ଦେବାର ବ୍ୟବସ୍ଥା ଏବଂ ସାଧାରଣ ଭାଷାତାତ୍ତ୍ୱିକ ବ୍ୟବସ୍ଥା ସବୁ ଜାକବ୍ ସନ୍‌ଙ୍କ ଅନୁସାରେ ଭାଷାବିଜ୍ଞାନରେ ଚିହ୍ନସବୁମାନଙ୍କର ସାଙ୍କେତିକତା ହିଁ ଏହାର ସ୍ୱାତନ୍ତ୍ର୍ୟକୁ ପରିସ୍ଫୁଟନ କରିଥାଏ ।

ସସୁରେଙ୍କ ଭଳି ଜାକୋବ୍‌ସନ୍ ମଧ୍ୟ ସଂରଚନାବାଦର ଅବଧାରଣା ଦେଇଥିଲେ । ଭାଷାର ଅନୁପ୍ରତୀକାତ୍ମକ ତଥ୍ୟରେ ସେ ଶବ୍ଦ ଏବଂ ଦୃଶ୍ୟ ଜନିତ ସାଦୃଶ୍ୟ ବିଷୟରେ ବିଚାର ରଖିଥିଲେ । ଫଳରେ ଏହାର ବିପରୀତ ଅର୍ଥ ହିସାବରେ ଭାଷାରେ ଐକିକତା ଏବଂ ବିଭିନ୍ନତା ମଧ୍ୟ ବିଚାର୍ଯ୍ୟ।

ଆଧୁନିକ ଭାଷାବିଜ୍ଞାନରେ ଅନ୍ୟତମ ଜଣାଶୁଣା ଗବେଷକ ନୋଆମ ଚମସ୍କି ସଂଜ୍ଞାନାତ୍ମକ ଭଷାବିଜ୍ଞାନ ବିଷୟରେ ଆଲୋକପାତ କରିଛନ୍ତି । ସେ ମଧ୍ୟ ଭାଷା ବା ଶବ୍ଦ ଏବଂ ବାକ୍ୟମାନଙ୍କର ସଂରଚନାସବୁର ବିଶ୍ଳେଷଣ କରିଛନ୍ତି । ଗୋଟିଏ ଭାବ ବା ଚିନ୍ତା ମନ ଭିତରେ ଏକ ଅବଧାରଣା ସୃଷ୍ଟି କରେ । ତାଙ୍କ ମତରେ ସମସ୍ତ ଭାଷାଗୁଡ଼ିକର ଏକ ସାର୍ବଜନୀନ ବ୍ୟାକରଣ ଥାଏ । ଏହା ସମ୍ଭବତଃ ଗୋଟିଏ ସାଧାରଣ ଭାଷାଗତ ନିୟମ । ଏଥି ସହିତ ପ୍ରତ୍ୟେକ ମାନବ ଜନ୍ମଗତ ଭାବେ ଭାଷା ପ୍ରଶିକ୍ଷଣ ଏବଂ ଗ୍ରହଣ କରିପାରିବାର କ୍ଷମତା ପ୍ରାପ୍ତ । ତେଣୁ ଏକ ନିର୍ଦ୍ଦିଷ୍ଟ ପରିବେଶ, ସଂସ୍କୃତି, ଏବଂ ଗୋଷ୍ଠୀ ମଧ୍ୟରେ ଶିଶୁଟିଏ ଭାଷାସବୁକୁ ବୁଝିଥାଏ ଏବଂ ପ୍ରାକୃତିକ ଭାବେ ଶିଖିଥାଏ ମଧ୍ୟ। ଚମସ୍କିଙ୍କ ଅନୁସାରେ ଭାଷାରେ ସୃଜନୀ ଜନିତ ସୃଷ୍ଟି ଏବଂ ରୂପାନ୍ତରଣ ମଧ୍ୟ ନିରବଚ୍ଛିନ୍ନ ଭାବେ ହୋଇଥାଏ । ଏହି ଭାଷା ପ୍ରଶିକ୍ଷଣ, ସୃଜନୀ ଜନିତ ସୃଷ୍ଟି ଏବଂ ରୂପାନ୍ତରଣ ଏକ ନିଜସ୍ୱ ବ୍ୟକ୍ତି ବିଶେଷ କ୍ଷେତ୍ରରେ ପ୍ରାକୃତିକ ଭାବେ ସଂଗଠିତ ହୋଇଥାଏ । ଏହିସବୁ ମାନସିକ ବ୍ୟବସ୍ଥା ଅସୀମ ଅଟେ ଏବଂ କେତେକଙ୍କ ମତରେ ଏକ ପ୍ରତିଜ୍ଞାପ୍ତି ବା ପ୍ରାକ୍ କଥନ ହିସାବରେ ନିଆଯାଇପାରେ ଏବଂ ଏହା ଅନ୍ତଃଜାତ ବ୍ୟବସ୍ଥା। ଏହି କଥା ସଂଜ୍ଞାନାତ୍ମକ ବିଜ୍ଞାନରେ ମଧ୍ୟ ଆଲୋଚନା କରାଯାଏ ।

ବିଂଶ ଶତାବ୍ଦୀର ଅନ୍ୟତମ ଇଂରେଜ ଭାଷାତତ୍ତ୍ୱବିତ ହାଲିଡ଼େ ବିଶେଷତଃ ପ୍ରଣାଳୀଗତ କାର୍ଯ୍ୟାତ୍ମକ ଭାଷା ବିଜ୍ଞାନ ଉପରେ ଆଲୋକପାତ କରିଛନ୍ତି । ତାଙ୍କ ମତରେ ଭାଷା ସାମାଜିକ ଏବଂ ସାଂସ୍କୃତିକ ମାନଦଣ୍ଡ ଏବଂ ଦରକାରିତା ଉପରେ ପର୍ଯ୍ୟବେଶିତ । ତାଙ୍କ ମତରେ ଭାଷାର ସଂକେତିକତା ଏବଂ ଅର୍ଥ ପରିପ୍ରକାଶ ହିଁ ଏହାର ମୂଲ୍ୟବୋଧକୁ ବଢାଇଥାଏ । ଗୋଟିଏ ଭାଷା ବିଭିନ୍ନ ସ୍ତର ଦେଇ ପରିବର୍ତ୍ତନ ଏବଂ ପରିବର୍ଦ୍ଧନ ହୋଇଥାଏ । ଏହାର ସଂରଚନା ଓ ସାଂଗଠିକ ପ୍ରଣାଳୀ ସବୁ କ୍ଷେତ୍ରରେ ଏହାର ଛାପ ଛାଡ଼ିଯାଇଥାଏ । ଏହା ବିବିଧତା ଉପରେ ପର୍ଯ୍ୟବେଶିତ ଏବଂ ଏହାର ପ୍ରଣାଳୀରେ ବିଭିନ୍ନ ସ୍ତରରେ ସଂଯୋଜନା ଓ ବିବିଧତା ରହିଛି । ଭାଷାର ସମାଜିକ ମୂଲ୍ୟବୋଧ ଭିତ୍ତିକ ଅର୍ଥ ହିଁ ଏହାର ପରିପ୍ରକାଶ ଏବଂ ସମାଜ ଓ ଭାଷା ପରସ୍ପର ପରିପୂରକ । ହାଲିଡେଙ୍କ ମତରେ ଭାଷାର ତିନୋଟି ଅର୍ଥ ଅଛି । ସେଗୁଡିକ ହେଲା ବୈଚାରିକ, ପାରସ୍ପରିକତା ଏବଂ ଶାବ୍ଦିକତା । ଏ ସମସ୍ତ ଏକ ବ୍ୟବସ୍ଥା ବା ପରିସ୍ଥିତିରେ ସମୂହ ଭାବେ ଅର୍ଥ ପ୍ରକାଶରେ ସହାୟକ ହୋଇଥାନ୍ତି ଯେଉଁଥିରେ କି ସାମାଜିକ ଗ୍ରାହ୍ୟତା, କାର୍ଯ୍ୟକାରିତା ଏବଂ ଭାଷା ବ୍ୟବହାରକାରୀର ପସନ୍ଦିତାର ପ୍ରଭାବ ଥାଏ ।

ଉଇଲିୟମ ଲୋବୋଭ୍ (୧୯୨୭) ଜଣେ ସମସାମୟିକ ଆମେରିକୀୟ ଭାଷାତତ୍ତ୍ୱବିତ୍ । ବିଶେଷ କରି ବିବିଧତାବାଦ ସମାଜ ଭାଷା ବିଜ୍ଞାନ ପ୍ରତି ତାଙ୍କର ଅବଦାନ ରହିଛି । ତାଙ୍କ ମତରେ ଭାଷା ବିଭିନ୍ନ ସାମାଜିକ ସ୍ତର ଯଥା ସାମାଜିକ ଓ ଅର୍ଥନୈତିକ ଶ୍ରେଣୀ, ଲିଙ୍ଗ ଏବଂ ସାମାଜିକ ପରିପ୍ରେକ୍ଷୀରେ ବିବିଧ ଭାବେ ବ୍ୟବହୃତ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଭାଷାର ଲକ୍ଷଣଗୁଡ଼ିକ ଜାଣିବାକୁ ହେଲେ ତାହାର ପ୍ରାକୃତିକ ତଥ୍ୟଗୁଡିକର ପରିମାଣାତ୍ମକ ପର୍ଯ୍ୟାଲୋଚନା ହେବା ଆବଶ୍ୟକ। ଭ୍ଲାଡିମିର ନୋବୋକୋଭ୍ ମଧ୍ୟ ଲେଖାଗୁଡ଼ିକର ବହୁ ସ୍ତରିୟ ସଂରଚନା ଉପରେ ଆଲୋକପାତ କରିଛନ୍ତି । ତାଙ୍କ ମତରେ ଲେଖାଗୁଡ଼ିକରେ ଥିବା ଶ୍ଲେଷ ଯମକ, ଶ୍ଲେଷ ଅଳଙ୍କାର ବହୁଭାଷା ଅଭିବ୍ୟକ୍ତ କଳାତ୍ମକ ସଙ୍କେତ ସବୁ ଶବ୍ଦର ସଂଯୋଗୀକରଣ ଏବଂ ସାଂକେତିକରଣର ଭାବ ଧାରା ହିଁ ଲେଖାର ଅର୍ଥ ପରିପ୍ରକାଶ ହୋଇପାରେ।

ଜିରାଡ୍ ଜିନିଙ୍କ ବ୍ୟାଖ୍ୟାନ ବିଦ୍ୟା (୧୯୮୩) ମତରେ ସାହିତ୍ୟ ଲେଖାଗୁଡ଼ିକର କଥାବସ୍ତୁ କିଭଳି ଭାବେ ଏକ ସଂରଚନା ବର୍ଦ୍ଧିତ ଏବଂ ବର୍ଣ୍ଣନାତ୍ମକ ପରିଭାଷା, ସମୟ ଏବଂ ବର୍ଦ୍ଧନାଶୈଳୀ ଲେଖାର ଭିତରେ ଅନ୍ତର୍ଭୂକ୍ତ ବା ଲେଖାବାହାରେ ଥାଏ । ଗୋଟିଏ ଗଳ୍ପ ବା ଘଟଣା ସହ ଆଉ ଗୋଟିଏ ଘଟଣା କିଭଳି ଭାବେ ସଂଯୁକ୍ତ ; ଲେଖାରେ ସ୍ମୃତି ଏବଂ ଅଗ୍ରାବଲୋକନ, ବର୍ଣ୍ଣନାତ୍ମକ କେନ୍ଦ୍ରୀକରଣ ଏବଂ ବିକେନ୍ଦ୍ରୀକରଣ, ପରିପ୍ରେକ୍ଷ, ପର୍ବ କାଳ୍ପନିକତାର ସ୍ୱଭାବ ; ଚରିତ୍ର ଏବଂ ଘଟଣାବଳୀସବୁର ପରସ୍ପରଠାରୁ ଦୂରତ୍ୱ ବର୍ଣ୍ଣନା ପାଇଁ ବ୍ୟବହୃତ ବହୁତ ଭାଷାକୁ ବ୍ୟାଖ୍ୟା କରିବା ମଧ୍ୟ ଦରକାର ।

ଜର୍ଜ ଲାକୋଫ୍ (୧୯୪୧-)ଙ୍କ ମତରେ ସାହିତ୍ୟିକ ଲେଖାଗୁଡ଼ିକରେ ବୈଚାରିକ ଅନ୍ୟୋକ୍ତିଗୁଡ଼ିକ ଜଟିଳ ଘଟଣାସବୁକୁ ବ୍ୟାଖ୍ୟା କରିଥାନ୍ତି । ଆଇ.ଏ.ରି ଆଇ.ଏ.ରିଚାର୍ଡସ୍ ମଧ୍ୟ ଲେଖାଗୁଡ଼ିକରେ ବ୍ୟବହୃତ ରୂପକ ଅଳଙ୍କାର ସବୁର ଅର୍ଥପୂର୍ଣ୍ଣ ବ୍ୟାଖ୍ୟା ଦ୍ୱାରା ସଠିକ ଅର୍ଥ ବାହାରିପାରିବ ବୋଲି ମତ ରଖନ୍ତି । Metaphors We live By ପୁସ୍ତକରେ ସେ Ideasthesia ବା ମଧ୍ୟ କଳାତ୍ମକ ସୌନ୍ଦର୍ଯ୍ୟର ଅବଧାରଣା ଦିଅନ୍ତି । ଏଥିରେ ମଧ ସେ Detached God's Eye view ଏବଂ ଅନୁଭବବାଦର ପ୍ରୟୋଗ ବିଷୟରେ କହିଛନ୍ତି ।

ଜୁଲିଆ କ୍ରିଷ୍ଟେଭା (୧୯୪୧) ସାହିତ୍ୟିକ ଲେଖାଗୁଡ଼ିକରେ ବ୍ୟବହୃତ ସାଙ୍କେତିକ ଭାବର ପରିପ୍ରକାଶ ଉପରେ ଜୋର ଦେଇଛନ୍ତି। ଏହି ସଙ୍କେତିକଭାବ ତାଳ, ଲୟ, ଆଓ୍ୱାଜ୍ ଶାରିରୀକ ସଂବେଦନା ଏବଂ ବହୁବିଧ ଯୁକ୍ତି ଉପସ୍ଥାପନ ହିଁ ଭାଷା ବୁଝିବାର ଏକ ମାଧ୍ୟମ । ସାଂକେତିକ ଉପସ୍ଥାପନା ଦ୍ୱାରା ବିଷୟବସ୍ତୁଗୁଡ଼ିକ ବାରମ୍ବାର ସମଭାବ ବା ବିପରୀତ ଭାବ ଦ୍ୱାରା ଅର୍ଥ ପ୍ରକାଶ କରିଥାନ୍ତି। ଏହି ଅର୍ଥ ପ୍ରକାଶ ଏବଂ ବିଶ୍ଲେଷଣାତ୍ମକ ପଦ୍ଧତିରେ କେତେଗୁଡ଼ିଏ ବିଷୟବସ୍ତୁ ଆପେ ଆପେ ମୁଖ୍ୟ କିମ୍ବା ଗୌଣ ହୋଇଉଠନ୍ତି। ଏହି ବିଶ୍ଲେଷଣ ପଦ୍ଧତିରେ ଅନ୍ତର ପାଠ୍ୟତା ଓ ପୁରାତନ ପାଠ୍ୟଚର୍ଯ୍ୟା ପ୍ରଭୃତି ବ୍ୟବହାର କରାଯାଇପାରେ ।

ଏସବୁ ତତ୍ତ୍ୱର ଉପସ୍ଥାପନା କରିବାର ଉଦ୍ଦେଶ୍ୟ ଏହି ଯେ ଓଡିଆ ସାହିତ୍ୟ ସାହିତ୍ୟିକ ଲେଖାସବୁରେ ବହୁବିଧ ଭାବେ ବିଷୟବସ୍ତୁକୁ ଉପସ୍ଥାପନ କରାଯାଇଛି । ପୁରାତନ, ମଧ୍ୟଯୁଗୀୟ, ଆଧୁନିକ ଏବଂ ଅତ୍ୟାଧୁନିକ ଯୁଗସବୁରେ ସାହିତ୍ୟିକ ଲେଖାଗୁଡ଼ିକରେ ଭାଷା ଓ ଭାବର ପ୍ରୟୋଗାତ୍ମକ ବିଚାର କରାଯାଇଛି । ତେବେ ସମସାମୟିକ ଆଲୋଚନା ପର୍ଯ୍ୟାଲୋଚନା କ୍ଷେତ୍ରରେ ଭାଷାତତ୍ତ୍ୱ ସମ୍ବନ୍ଧିତ ଉପାଦାନ ସବୁକୁ ନେଇ ଆହୁରି ଗଭୀର ଏବଂ ସୁନ୍ଦର ସାହିତ୍ୟିକ ବ୍ୟାଖ୍ୟା କରିହେବ । ତୁଳନାତ୍ମକ ସାହିତ୍ୟ କ୍ଷେତ୍ରରେ ମଧ ଏହା ବିଶେଷ ଉପଯୋଗୀ ହୋଇପାରିବ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ରଚନା ପଦ୍ଧତିରେ ସୃଷ୍ଟ କିଛି ସାହିତ୍ୟିକ ଲେଖା ବ୍ୟାଖ୍ୟା ନିର୍ଦ୍ଧାରଣ ପାଇଁ ପରୀକ୍ଷାମୂଳକ ଭାବେ ନିଆଯାଇପାରେ ।

କ)-କାବ୍ୟିକ ବ୍ୟାଖ୍ୟା – "ତେଜି ପ୍ରପଞ୍ଚର ମାୟା,ତହୁଁ ପଞ୍ଚଭାଇ
ପାଞ୍ଚାଳୀ ସହିତେ ଆଗେ ଗଲେ ପୂର୍ବାଞ୍ଚଳେ,
ତୀର୍ଥାଟନ - ମହାବ୍ରତ ମନାସି ମାନସେ
ଏକମାତ୍ର ଧର୍ମୋଉନ୍ମୁଖ ହୃଦୟ ତାଙ୍କର
ଆତ୍ମା ପରମାତ୍ମା ପ୍ରତି ନିରତେ ଧାବିତ
ବିଶ୍ୱାସରେ ମହାବଳୀ,କ୍ଲେଶ ମଣି ସୁଖ
ଭ୍ରମିଲେ ଅସଂଖ୍ୟ ଗିରି ,କନ୍ତାର, କନ୍ଦରା
ନଦ,ନଦୀ, ମହାରଣ୍ୟ;ଅଗ୍ରେ ଯୁଧିଷ୍ଠିର
ଧର୍ମବୀର, ସଦ୍‌ଗୁଣେ ଅଗ୍ରଣୀ ଜଗତେ
ବୟୋଜ୍ୟେଷ୍ଠ, ଗୁଣଜ୍ୟୋଷ୍ଠ ,ଶିଷ୍ଟ, ଶାନ୍ତମତି
ତାଙ୍କ ପଛେ ଭୀମ,ଭୀମ ପଛେ ଧନଞ୍ଜୟ
ଧନୁଷ୍ପାଣି,ଚିର-ପୂର୍ଣ୍ଣ-ଦିବ୍ୟ-ତୂଣ-ଧାରୀ
ଯେଣୁ ସେହି ସର୍ବଜୟୀ ଧନୁତୂଣମାୟା
ତୁଟି ନ ପାରିଣ,ସଙ୍ଗେ ଆଣିଥିଲେ ବଳୀ
ସେହି ଧନୁ,ସେ ତୂଣୀର ବୈରାଗ୍ୟ - ବିରୋଧୀ,
ଚାଲନ୍ତି ଫାଲଗୁନୀ ପଛେ ମାଦ୍ରୀସୂତ ବେନି,
ତାଙ୍କ ପଛେ ଯାଜ୍ଞସେନୀ ଗଜେନ୍ଦ୍ର – ଗାମିନୀ ।"
("ମହାଯାତ୍ରା", ଦ୍ୱିତୀୟ ସର୍ଗ ୧-୧, ପୃଷ୍ଠା – ୧୪)

ଏଥିରେ ନିହିତ ଶବ୍ଦଚେତନା: 'ପ୍ରପଞ୍ଚ/ପଞ୍ଚ/ପାଞ୍ଚାଳୀ/ ପୂର୍ବାଞ୍ଚଳେ" ଏକ ଧାରାର ଶବ୍ଦ ହୋଇଥିବା ବେଳେ, 'ଜ୍ୟେଷ୍ଠ/ ଶିଷ୍ଟ" ଅନ୍ୟ ଏକ ଧାରାର ଶବ୍ଦ ଅଟନ୍ତି । ଏଥିରେ ବହୁ ଯୌଗିକ ଶବ୍ଦ ତଥା ଯୁକ୍ତାକ୍ଷର ବା ଏକପଦୀ କରଣ ଥିବାର ଲକ୍ଷ୍ୟ କରାଯାଏ ଯଥା: 'ଧର୍ମୋଉନ୍ମୁଖ', 'ଭୂମିଳେ", 'ମହାରଣ୍ୟ', 'ସର୍ବଜୟୀ", 'ଧନୁଷ୍ପାଣି" ଏବଂ 'ଚିର-ପୂର୍ଣ୍ଣ-ଦିବ୍ୟ-ତୂଣ-ଧାରୀ" ଭଳି ବିଶେଷଣ ସୃଷ୍ଟି କରିବା ଏକ ଜଟିଳ ବ୍ୟାପାର ।

ସହିତେ/ମାନସେ/ନିରତେ/ଅଗ୍ରେ/ସଙ୍ଗେ/ଜଗତେ ('ରେ' ଅପଭ୍ରଂଶ ) ଦେଖାଯାଏ । ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ବର୍ଣ୍ଣନା ତାଙ୍କ ଗୁଣସଂପନ୍ନ ବିଶେଷଣ ବ୍ୟାଖ୍ୟା ଦ୍ୱାରା ଚରିତ୍ର ଚିତ୍ରଣ ହୋଇଛି। କବିତାରେ ମହାଭାରତର ମହାଯାତ୍ରା ପ୍ରଚ୍ଛଦପଟ ଥାଇ ମାୟାରୁ ମାୟା ରହିତ ଅବସ୍ଥା ପ୍ରାପ୍ତ ହେବାର ଅବଧାରଣା ଦିଆଯାଇଛି । ରାଜପୁତ୍ର ବୀର ପଞ୍ଚୁପାଣ୍ଡବ ବର୍ତ୍ତମାନ ଏକ ଶୃଙ୍ଖଳିତ ଧାରାରେ ମହାଯାତ୍ରାରେ ସାମିଲ ହୋଇଛନ୍ତି । ସାଙ୍ଗରେ ଅଛନ୍ତି ଯାଜ୍ଞସେନୀ ଦ୍ରୌପଦୀ । ଏହା ଏକ ସ୍ୱତନ୍ତ୍ର ସଂସ୍କୃତି ଓ ପରମ୍ପରାର ଧାରା ଭିତରକୁ ଟାଣିନେଉଛି ଯାହାକି ସମସାମୟିକ ପାଠକମାନଙ୍କ ପାଇଁ ଏକ ଆଦର୍ଶମୂଳକ ବିଷୟବସ୍ତୁ ହୋଇପାରେ କିନ୍ତୁ ବାସ୍ତବବାଦୀ ନୁହେଁ । ଏଥିରେ ତୀର୍ଥାଟନକୁ ଏକ ମହାବ୍ରତ ଭାବେ ଉପସ୍ଥାପନା କରାଯାଇଛି ଯେଉଁଥିରେ ଆତ୍ମା ପରମାତ୍ମାର ସମ୍ପର୍କର ସୂତ୍ର ବୋଲି କୁହାଯାଏ ଏବଂ ଏହି ମହାଯାତ୍ରା ଏକ କଷ୍ଟ ଲବ୍ଧ ଆଧ୍ୟାତ୍ମିକ ସୁଖ ଯେଉଁଥିପାଇଁ କି ପାଣ୍ଡବ ପରିବାର ଗିରି, କାନ୍ତାର, ନଦୀ ଓ ମହାରଣ୍ୟ ପାର ହୋଇ ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି । ଏହି ମହାଯାତ୍ରାରେ ସେମାନଙ୍କ ଅସ୍ତ୍ର ଧନୁ ଓ ତୂଣୀର ନିଜର ଦମ୍ଭ ଓ ଗୌରବ ମଧ୍ୟ ତ୍ୟାଗ କରିଛନ୍ତି । ଅତଏବ ଏ ମହାଯାତ୍ରା ସମସ୍ତ ପାର୍ଥିବ ସମ୍ପର୍କତା ଏବଂ ଶାରିରୀକ ସୁଖ ତୁଳନାରେ ଆଧ୍ୟାତ୍ମିକ ସିଦ୍ଧିକୁ ଉତ୍ତମ ବୋଲି ପ୍ରତିପାଦନ କରିଛି । ବିଶ୍ୱର ପ୍ରତ୍ୟେକ ସାହିତ୍ୟରେ ଏଭଳି ମହାଯାତ୍ରା ସଂପର୍କିତ ବର୍ଣ୍ଣନା କରାଯାଇଛି ।

ଖ)- ଉପନ୍ୟାସର କିୟଦଂଶର ବ୍ୟାଖ୍ୟା - 'ସେଇ ଯୋଉ ବାବୁ ମଟରରେ ଚଢ଼ି ବୁଲି ଆସୁଥିଲେ ସେଠି ଥିଲାବେଳେ - ସେ ଯୋଉ ବାବୁ - " ହର୍ଷା ମୂଳରୁ ଲଗେଇ ଦେଲା ତାର ଗ୍ରମୋଫୋନ ରେକର୍ଡ଼,ସେ କେବଳ ସମ୍ବାଦ ଦେଉଛି , ତାର ମତାମତ ନାହିଁ ।

କୋଉ ବାବୁ ସେ ?

କେତେ ତ ଆସୁଥିଲେ ? କଣ ରଣଜିତ୍ ବାବୁ ? ନ ଆଉ କେହି ?

ହଠାତ୍ ମୁଣ୍ଡ ଭିତରେ ତାତି ଆସିଲା, ଗୋଟାଏ ନୂଆ ସ୍ତରରେ ଅବସ୍ଥିତ । ତଳି ଓଠକୁ ଦାନ୍ତରେ କାମୁଡ଼ି ବସି ରହିଲା, ସମ୍ନାର ସ୍ଥଳ ଦୃଶ୍ୟ ଦେଖି ପାରୁ ନାହିଁ, ଅଥଚ ଦେଖୁଛି ଅନ୍ଧ ଆଖିରେ ଦେଖୁଛି ବିଭୀଷିକା । ଆପଣା ମନର ଭୂତ, ସେମାନେ ଏଠି ଚାରିପାଖେ ଚରି ବୁଲୁଛନ୍ତି । ଥେଇ ଥେଇ ନାଚି ଟାହି - ଟାପରା କରୁଛନ୍ତି, ହାଡ଼ରେ ନିଆଁ ଲଗାଉଛନ୍ତି । ଓଃ ! କି ଯନ୍ତ୍ରଣା । କାହିଁର ବଡପଣ ? କାହାର ସାଫଲ୍ୟ ? କାହା ପାଇଁ ? କଣ ସେ ପାଉଛି ? ମୁଣ୍ଡରେ ଦୁଇ ହାତ ଚାପି ଧରି ଅନ୍ଧାରକୁ ଅନେଇଛି । ଏଇ ତାର ପଥ, ତାର ଅନ୍ତ ନାହିଁ। ଏଇ ତା'ର ଜୀବନର ଅଛିଣ୍ଡା କାହାଣୀ, ଦାନାପାଣିର ମୂଳତଉଳରେ ସାଫଲ୍ୟ ଖୋଜୁ ଖୋଜୁ ଦିନ ରାତି ବିତିଯାଇଛି , ଆପଣାର ଦେହରେ ଲାଗିରହିଛି ନିଆଁ।

ସରୋଜିନୀ ପୁଣି ବୁଲିଯାଉଛି ।

' ଓଃ !"

ବଳିଦତ୍ତର ତରତର ହୋଇ ଉଠିପଡ଼ିଲା । ସିଧାଚାଲିଲା ଅଫିସ ବଖୁରିକୁ। ବସିପଡ଼ି ଫାଇଲ କୁଢ଼ରୁ ଗୋଟିଏ ଫାଇଲ ଉଠେଇ ନେଇ ଚିତ୍କାର କଲା,--

'ଚପରାଶି --"

'ହଜୁର --"

'ଜଲଦି ବୁଲାଓ ଷ୍ଟେନୋ ବାବୁଙ୍କୁ । "

ବେଶ୍, ଏଇ ଭଲ, ଏଠି ସେ କର୍ତ୍ତା । ଏ କାରଖାନା,ଜୀବନ ଏଠୁ ପଛେଇ ରହେ ।

(ଗୋପୀନାଥ ମହାନ୍ତିଙ୍କ "ଦାନାପାଣି", ପୃଷ୍ଠା -୪)

ଜୀବନ ଦର୍ଶନର ଏକ ଅନନ୍ୟ ଉଦାହରଣ ସ୍ୱରୂପ "ଦାନାପାଣି" ଉପନ୍ୟାସର ଏହି କିୟଦଂଶ କେବଳ ପ୍ରଶ୍ନ ଉତ୍ତର ସମ୍ବଳିତ ନୁହେଁ ବରଂ ଜୀବନ ଦର୍ଶନର ବଗ୍ମିତାପୂର୍ଣ୍ଣ ପ୍ରଶ୍ନ । ମନର ଭୂତ, ହାଡ଼ରେ ନିଆଁ ଲଗାଇବା , ଜୀବନର ଅଛିଣ୍ଡା କାହାଣୀ , ଦାନାପାଣିର ମୂଳ ତଉଲ ଭଳି ଅଭିବ୍ୟକ୍ତି ଏ ଲେଖାଟିକୁ ଋଦ୍ଧିମନ୍ତ କରିଛି । ଅନ୍ଧ ଆଖିରେ ଦେଖିବା ଏବଂ ଅନ୍ଧାରକୁ ଅନେଇବା ଭଳି ଶବ୍ଦଗୁଚ୍ଛ ସବୁ ଦାର୍ଶନିକ ମନୋଭାବର ପରିଚାୟକ । ଜୀବନ ଦର୍ଶନକୁ ବିସ୍ତାରିତ ଭାବେ ଦେଖିବାବେଳେ ଯେଉଁ ଜଟିଳ କାରଖାନାର ଅବଧାରଣା ଦିଏ , ତାର ବିଦ୍ରୁପାତ୍ମକ ବିକଳ୍ପ ହିସାବରେ ବଳିଦତ୍ତ ନିଜ ଦଣ୍ତର କୁ ଚାଲିଯାଇଛି ଏବଂ ସେଠାରେ ନିଜର ଆଧିପତ୍ୟ ବା କ୍ଷମତାକୁ ବ୍ୟବହାର କରୁଛି । ତେବେ ଲକ୍ଷ୍ୟ କରିବାର ବିଷୟ ଏହିକି ଯେ ସୀମିତ ବର୍ଣ୍ଣାନାତ୍ମକ ଶୈଳୀରେ ଔପନ୍ୟାସିକ ଦାର୍ଶନିକ ଦୃଷ୍ଟିକୋଣରେ ସୁନ୍ଦର ଭାବେ କହିଛନ୍ତି , "ଦାନାପାଣି"ର ମୂଳ ତଉଲରେ ସାଫଲ୍ୟ ଖୋଜୁ ଖୋଜୁ ଦିନ ରାତି ବିତିଯାଉଛି।" ଏହିଭଳି କଥନ ଆଧୁନିକ ଜୀବନର ମୂଲ୍ୟବୋଧକୁ ଅସ୍ତିତ୍ୱଗତ ସଙ୍କଟ ସହ ସମ୍ପର୍କିତ କରୁଛି ।

ଗ)- ନାଟକର କିୟଦଂଶର ବ୍ୟାଖ୍ୟା –

ସରୋଜ : ମାର୍କ୍ସ, ଗାନ୍ଧି, ଋଷୋ, ଭୋଲଟାୟାର.....

ଶରତ : ଛୋଟ ରାଜନୈତିକ ସାହିତ୍ୟର ଗୋଟାଏ ପ୍ରଦର୍ଶନୀ ..... ନା ? କିନ୍ତୁ ସରୋଜ , ତତେ ମୁଁ ନିରାଶ କରିଥିବି।

ସରୋଜ : କଣ ? ଫ୍ରଏଡ୍, ଏଡଲର ୟଙ୍ଗ ପ୍ରଭୃତି ତୋ ପ୍ରଦର୍ଶନୀରେ ସ୍ଥାନ ପାଇନାହାନ୍ତି ବୋଲି ତ ? ଠିକ୍ ତା ନୁହେଁ, ସେମାନଙ୍କର ଉପସ୍ଥିତିରେ ଆଦର୍ଶ ରାଜନୀତିର ସ୍ୱପ୍ନ ଦେଖିବା ପରିବର୍ତ୍ତେ , ହୁଏତ ତୁ ଆରମ୍ଭ କରନ୍ତୁଣି ପୋଷିବାକୁ ଠେକୁଆ, ବିଲେଇ, କୁକୁର, ମୂଷା । ଛାଡ୍, ନିରାଶ କରିଛୁ ଅନ୍ୟ ବିଷୟରେ

ସରୋଜ: ତୋର ସେ ମାର୍କସଙ୍କ ବହିଟା ଖୋଲୁ ଖୋଲୁ ଗୋଟିଏ ଲାଇନ୍ ଆଖିରେ ପଡ଼ିଗଲା -- 'ମଣିଷ ମଣିଷ ପରି ବଞ୍ଚିବ ।' ମୁଁ ଦେଖୁଥିଲି ତୋର ଆଦର୍ଶ ଜନନାୟକମାନଙ୍କର ଜୀବନ ମୌଳିକ ତଥ୍ୟ ତୁ ନିଜ ଜୀବନରେ କିପରି ଗ୍ରହଣ କରିଛୁ !

ଶରତ : କଣ ଦେଖିଲୁ ?

ସରୋଜ : ଆଶାଜନକ ।

ଶରତ : ( ଭାବଗମ୍ଭୀର ହୋଇ) ବର୍ତ୍ତମାନ ? ନା ...

ସରୋଜ : ଦୁଇଟା ... ଆଜି ଆଉ କାଲି ।

ଶରତ : ( ଦୀର୍ଘ ନିଃଶ୍ୱାସ ପକାଇ ) ଜାଣେ ନା ।

ସରୋଜ : ଶରତ ! ( କହିବା ସଙ୍ଗେ ସଙ୍ଗେ ଭିତରେ ଯେପରି କଷ୍ଟ ଅନୁଭବ କଲେ )

ଶରତ : ( ନିଜକୁ ସବଳ କରିବାର ଚେଷ୍ଟା ) ତଥାପି ଜଣା ବାଟ ଛାଡ଼ି ଅଜଣା ବାଟରେ ଚାଲିବାରେ ଆନନ୍ଦ ଅଛି । ତୃପ୍ତି ଅଛି ।

ସରୋଜ : ( ସମର୍ଥନ ଭଙ୍ଗୀରେ ) ସମସ୍ତଙ୍କର ନୁହେଁ ... ଆମର । ପ୍ରାଣରେ ଯାର କେଉଁ ଏକ ଅଫୁରନ୍ତ ଖିଆଲର ପରି - ପୂର୍ଣ୍ଣତା ପାଇଁ ଆଶା ଅଛି ।

ଶରତ : ( ନିଜକୁ ଅସହାୟ ବୋଧକରି ) ସରୋଜ !

ସରୋଜ : (ଜାଗ୍ରତ ଭଙ୍ଗୀରେ ) ଜୀବନର ମହାବ୍ରତ ତୁ ବଛିନେଲୁ ସଂଗ୍ରାମ । ସଂଗ୍ରାମକ୍ଳିଷ୍ଟ କ୍ଷତାକ୍ତ ଶରତ ମୁହଁରେ ଶୋଭା ପାଏନା ଏ ଦୁର୍ବଳର କଣ୍ଠସ୍ୱର ।

ଶରତ : ( ନିଜକୁ ରକ୍ଷା କରିବା ଭଙ୍ଗୀରେ ) ତୁ ଡାକ୍ତର ..... ଯେ ଛୁରୀ, କଇଞ୍ଚି, ଔଷଧ ବୋତଲ ନେଇ ଦେହ ସଙ୍ଗେ ଖେଳ ଖେଳ .... ଯେ ମସ୍ତିଷ୍କର ସୁପ୍ତ ସ୍ତରରୁ କାଢି ଆଣେ ବ୍ୟାଧିଗ୍ରସ୍ତ ମଣିଷର ବ୍ୟାଧିର ପ୍ରଥମ ସଂକେତ ...... ମାନସିକ ଅବସ୍ଥାର ବିଶ୍ଳେଷଣ କରି ଯେ ଚିକିତ୍ସା କରେ । ସେଇ ସରୋଜ ତ ଜାଣେ ଯାହାର ଛାଇ ପର୍ଯ୍ୟନ୍ତ ଛୁଇଁ ନାହିଁ ଦୁର୍ବଳତା ସେ ହୁଏତ ପଶୁ ବା ଦେବତା । ସେ କେବେ ମଣିଷ ହୋଇପାରେନା । ସରୋଜ, ସେ କେବେ ମଣିଷ ହୋଇପାରେନା । ମୁଁ କିନ୍ତୁ ଆଜି ଦୁର୍ବଳ ନୁହେଁ । (ହସି ହସି ) ଯଦି କେବେ ବା ହୁଏ, କ୍ଷତି କଣ ? ସରୋଜ ତ ଅଛି !

(ମନୋରଞ୍ଜନ ଦାସଙ୍କ 'ଆଗାମୀ" ପ୍ରଥମ ଅଙ୍କ, ପ୍ରଥମ ଦୃଶ୍ୟ, ପୃଷ୍ଠା ୧୩-୧୫)

ନାଟକର ଆରମ୍ଭରୁ ଏକ ତର୍କ ଆରମ୍ଭ ହେବାଭଳି ପ୍ରତୀୟମାନ ହୁଏ । ସରୋଜ ଏବଂ ଶରତ ରାଜନୈତିକ ସାହିତ୍ୟ ଏବଂ ମନସ୍ତତ୍ତ୍ୱ ସାହିତ୍ୟ ସମ୍ପର୍କରେ ସମ୍ୟକ୍ ଧାରଣ ଦେଉ ଦେଉ ସାଂପ୍ରତିକ ସାହିତ୍ୟ, ରାଜନୀତି ଏବଂ ସାମାଜିକ ଚିନ୍ତାଧାରା ସମ୍ପର୍କରେ ଅନେକ କିଛି କହିବସେ। କଥୋପକଥନରେ 'ମଣିଷ ମଣିଷ ପରି' ବଞ୍ଚିବାର ରାସ୍ତା କଣ ହୋଇପାରେ ସେ ବିଷୟରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି । ତେବେ ଏକ ସମ୍ପର୍କ ଜୀବନ କରିବା ପାଇଁ 'ଅଜଣା ବାଟରେ ଚାଲିବା' ଏବଂ 'ଅଫୁରନ୍ତ ଖିଆଳର ପରିପୂର୍ଣ୍ଣତା' ଭଳି ଭାବଧାରାକୁ ଆହୁରି ସାହିତ୍ୟିକ କରି ଦେଉଛି । ବନ୍ଧୁତ୍ୱର ମର୍ଯ୍ୟାଦାକୁ ପାଥେୟ କରି ଜଣେ ମଣିଷ କିପରି ବଞ୍ଚିପାରେ ଏବଂ ମଣିଷ ମାତ୍ରକେ ଦୁର୍ବଳତା କିଭଳି ଏକ ସାଧାରଣ ଲକ୍ଷଣ ସେ ବିଷୟରେ ମଧ୍ୟ ସମ୍ୟକ୍ ସୂଚନା ମିଳୁଛି । କଥୋପକଥନରେ କିଛିଟା ଶୂନ୍ୟସ୍ଥାନ ଥିବାଭଳି ମନେହେଉଥିବା ବେଳେ ଏକ ନୂତନ ସାମାଜିକ ଚିନ୍ତାଧାରା ବିଷୟ ବାକ ପଟୁତା ଦ୍ୱାରା ପ୍ରତିପାଦିତ ହୋଇଛି । ଶରତ ସଂଗ୍ରାମକୁ ମହାବ୍ରତ ଭାବେ ଗ୍ରହଣ କରିଥିବାବେଳେ ସରୋଜ ଡାକ୍ତର ଅଟେ । ତେବେ ସେମାନଙ୍କ ବାର୍ତ୍ତାଳାପରୁ ବାସ୍ତବବାଦୀ ଚିନ୍ତାଧାରାର ପରିସ୍ଫୁଟନ ହୋଇଛି ଯାହାକି ଆଧୁନିକ ସାହିତ୍ୟର ଏକ ଆଲୋଚିତ ପର୍ଯ୍ୟାୟ ଅଟେ । କଥୋପକଥନର ପ୍ରଶ୍ନ - ଉତ୍ତର ଭାବରେ ହୋଇଥିବା ଉପସ୍ଥାପନା ଆଗକୁ କିଛି ଗମ୍ଭୀର ବିଷୟବସ୍ତୁ ଆଲୋଚନା ହୋଇଥିବାର ସୁରାକ ମଧ୍ୟ ଦେଉଛି।

ସାହିତ୍ୟିକ ଲେଖାସବୁ ସାଧାରଣ ଭାବେ ସଂସ୍କୃତି ଏବଂ ପରମ୍ପରା ସହିତ ଭାଷାର ପରିବେଶ ସହିତ ସମ୍ପର୍କକୁ ପ୍ରାକୃତିକ ରୂପରେ ଆପଣେଇ ଥାଏ । ଅତଏବ ଏକ କଳା କୃତିରେ ପାଠକ ଏକ ସ୍ୱାତନ୍ତ୍ର୍ୟ ପରିଚୟ ସୃଷ୍ଟି କରୁଥିବା ଏକ ପରିବେଶର ଅବଧାରଣ ମଧ୍ୟ କରିପାରେ । ଏହା ଏକ ପରିବେଶଜନିତ ଅନୁଭୂତି ତଥା ପ୍ରକୃତି ଏବଂ ବିକୃତିର ସଂଜ୍ଞାନାତ୍ମକ ପ୍ରତିଫଳନ କରିଥାଏ । ଠିକ୍ ସେହିଭଳି ଭାବେ ଉତ୍ତର ଉପନିବେଶବାଦ, ଯାଦୁକାରୀ ବାସ୍ତବବାଦ,ନବ୍ୟଯଥାର୍ଥବାଦ, ଉତ୍ତର ମାନବବାଦ, ଡିଜିଟାଲ ମାନବିକ ଏବଂ କ୍ଷେତ୍ରବାଦୀ ସାହିତ୍ୟ ସୃଷ୍ଟି ସବୁ ନୂତନ ଭାଷା ଏବଂ ବିଷୟ ବସ୍ତୁକୁ କ୍ରମଶଃ ଆପଣେଇ ନେଉଛନ୍ତି । ଏହି ସବୁ ଲେଖାଗୁଡ଼ିକ

ଓଡ଼ିଆ ଭାଷା ସାହିତ୍ୟର ଏକବିଂଶ ଶତାବ୍ଦୀର ପରିବର୍ଦ୍ଧିତ ଏବଂ ଉତ୍ତର ଆଧୁନିକବାଦର ସାଙ୍କେତିକ ଧାରା ଅଟନ୍ତି ।

## ଉପସଂହାର :

ଶବ୍ଦର ଶାବ୍ଦିକତାଠାରୁ ଆରମ୍ଭ କରି ବାକ୍ୟ ସଂରଚନା, ଆଲୋଚନା ଏବଂ ପର୍ଯ୍ୟାଲୋଚନାର କାରକ ହିସାବରେ ଆମେ ଏକ ସାହିତ୍ୟିକ ଲେଖାରେ ପାଠକ, ଲେଖକ ଏବଂ ଲେଖନୀ ନିସୃତ ଲେଖାସବୁରେ ଥିବା ଚରିତ୍ର ସବୁ, ଚିନ୍ତା ଓ ଚେତନାର ଧାରା ସବୁ ପରସ୍ପର ସହ ବାର୍ତ୍ତାଳାପ କିମ୍ବା ସଂଳାପି ସମ୍ପର୍କର ଏକ ଅବାରିତ ସେତୁ ସ୍ଥାପନ କରିଥାନ୍ତି । ଏହି ସେତୁରେ ପ୍ରସଙ୍ଗ, ଉଦ୍ଧୃତି, ଆଦର୍ଶ, ସାଂସ୍କୃତିକ ସ୍ୱାତନ୍ତ୍ରଏବଂ ପାଠକୀୟ ପରିପ୍ରେକ୍ଷୀ ସବୁ ଆପେ ଆପେ ଅର୍ଥ ଏବଂ ଭାବ ସଂପନ୍ନ ହୋଇ ପରିସ୍ଫୁଟନ ହୋଇଥାନ୍ତି । ଏହିଭଳି ଅର୍ଥ ଏକ ସାହିତ୍ୟିକ ଲେଖାର କେବଳ ସମସାମୟିକ ମୂଲ୍ୟାୟନ ନୁହେଁ ବରଂ ଶାଶ୍ୱତ ଏବଂ ଯୁଗପୋଯୋଗୀ ମୂଲ୍ୟାୟନ ମଧ୍ୟ ହୋଇଥାଏ। ଏହି ବ୍ୟାଖ୍ୟା ପାଠକୀୟ ଗତିଶୀଳତା କିମ୍ବା ଶିଥିଳତା ଏବଂ ପାଠ୍ୟ ଉପଯୋଗିତାର ଅବଧାରଣ ମଧ୍ୟ ଦେଇଥାଏ ।

## ସହାୟକ ଗ୍ରନ୍ଥସୂଚୀ :


୧. ମୋଇ, ତୋଭିଲ, କ୍ରିଷ୍ଟେଭା ପାଠକ, ସି.ୟୁ.ପି. - ନିୟୁର୍କ, ୧୯୮୩ ଜାକୋବ୍ସନ୍, ଆର୍, ସାହିତ୍ୟରେଭାଷା, ୧୯୮୫

୨. ବାର୍ତିନ, ମିଆଏଲ, ଦ. ଡାଲଗିକ୍ ଇମାଜିନେସନ୍, ୟୁନିଭରସିଟି

୩. ଦାନାପାଣି,ଗୋପୀନାଥ ମହାନ୍ତି,କଟକ ଷ୍ଟୁଡେଣ୍ଟସ ଷ୍ଟୋର କଟକ

୪. 'ଆଗାମୀ',ସମଗ୍ର ନାଟକ, ମନୋରଞ୍ଜନ ଦାସ,ଫ୍ରେଣ୍ଡସ ପବ୍ଲିଶର୍ସ ୧୯୯୫

୫. ମହାଯାତ୍ରା – ରାଧାନାଥ ରାୟ


❖ ❖ ❖

DOI : https://doi.org/10.5281/zenodo.15673723

ମୂଳ ପ୍ରବନ୍ଧ

# ସାମାଜିକ ଚେତନାରେ ସାବିତ୍ରୀ ଅମାବାସ୍ୟା

**ସଞ୍ଜୟ କୁମାର ପଣ୍ଡା**

**ସଂକ୍ଷିପ୍ତସାର :**

ସାବିତ୍ରୀ ଅମବାସ୍ୟା ସ୍ୱାମୀ ଓ ସ୍ତ୍ରୀ ମଧରେ ଥିବା ପୁଣ୍ୟ ସମ୍ପର୍କକୁ ନିଦର୍ଶିତ କରେ । ଶିବ ଯେପରି ଶିବାନୀଙ୍କ ବିନା ଶବ ପ୍ରତୀୟମାନ ହୁଅନ୍ତି, ଠିକ୍ ସେହିପରି ସହଧର୍ମିଣୀ ବିନା ସ୍ୱାମୀର କୌଣସି ସ୍ଥିତି ନ ଥାଏ । ଅଗ୍ନିକୁ ସାକ୍ଷୀ ରଖି ସ୍ୱାମୀ ସ୍ତ୍ରୀ ଶୁଭବିବାହ କରିଥିବା ବେଳେ ଜଣେ ଆରେକର ପରିପୂରକ ହୋଇ ନ ଥାନ୍ତି । ଏପରିକି ସ୍ତ୍ରୀ ନିଜର ପ୍ରବଳ ଇଚ୍ଛାଶକ୍ତି ଓ ସତୀତ୍ୱ ବଳରେ ଯମରାଜାଙ୍କ ଠାରୁ ନିଜ ସ୍ୱାମୀକୁ ଉଦ୍ଧାର କରିପାରେ । ଏଥିପାଇଁ ସ୍ତ୍ରୀଙ୍କୁ କଲ୍ୟାଣୀ ମଧ କୁହାଯାଏ। ଏହି ମାନସିକକୁ ଆଧାର କରି ଓଡ଼ିଶାର ପୁରପଲ୍ଲୀରେ ସାବିତ୍ରୀ ଅମାବାସ୍ୟା ପାଳନ କରାଯାଏ । ପରିବାରର ହିତ ସାଧନ ଓ ସ୍ୱାମୀର ଦୀର୍ଘ ଜୀବନ କାମନା କରିବା ଏହି ପବିତ୍ର ବ୍ରତର ମୁଖ୍ୟ ଆଭିମୁଖ୍ୟ ଥିବା ବେଳେ ଏହା ମଧରେ ଅନ୍ତର୍ନିହିତ ଥିବା ପୁଣ୍ୟଭାବ, ତ୍ୟାଗ ଜୀବନ ଓ ସାମାଜିକ ଶୃଙ୍ଖଳା ହିନ୍ଦୁ ଧର୍ମର ପରାକାଷ୍ଠାକୁ ନିଦର୍ଶିତ କରୁଛି । ନାରୀ ହିଁ ପରିବାରର ମୁଖ୍ୟ ମେରୁ। ଏହାର ଚତୁଃପାର୍ଶ୍ୱରେ ସମସ୍ତ ସଦସ୍ୟ ଘୂର୍ଣ୍ଣୟମାନ। ଆଧୁନିକ ସମାଜରେ ନାରୀ ଏଥିରୁ ବିଚ୍ୟୁତ ହୋଇ ବୃଥା ଅହଙ୍କାର ଓ ସ୍ୱେଚ୍ଛାଚାରରେ ଲିପ୍ତ ହେଉଥିବାରୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ସାବିତ୍ରୀ ଅମାବାସ୍ୟା ଏଥିରୁ ନିବୃତ୍ତି ହେବାକୁ ପ୍ରବର୍ତ୍ତାଏ ।

**ପ୍ରମୁଖ ଶବ୍ଦାବଳୀ :**

ସାବିତ୍ରୀ ଅମାବାସ୍ୟା, ସାବିତ୍ରୀ, ସତ୍ୟବାନ, ସତୀତ୍ୱ, ଶିବ-ଶିବାନୀ, ମୁଖ୍ୟ ମେରୁ ।

ବିଶ୍ୱବ୍ରହ୍ମାଣ୍ଡରେ ସ୍ରଷ୍ଟାଙ୍କ ଅନନ୍ୟ ଉପହାର ହେଉଛି ନାରୀ।ନାରୀ ସୃଷ୍ଟି ସର୍ଜନାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସୃଷ୍ଟିର ସମସ୍ତ ଉପାଦାନକୁ ପ୍ରତିପୋଷଣ କରିବାରେ ସମର୍ଥ। ନାରୀର ଐଶ୍ୱରୀୟ ସାନ୍ନିଧ୍ୟରେ ସାରାଜଗତ ବିମୋହିତ ଓ ପୁଲକିତ। ସାଂସାରିକ ଭାବ ବନ୍ଧନର ପ୍ରମୁଖ ରଜ୍ଜୁ ହିଁ ନାରୀ। ନାରୀ ନିଜର ଆଧାତ୍ମିକ ଶକ୍ତି ବଳରେ ସର୍ବଂସହା ଭାବେ ପୂଜିତ ହେବା ସ୍ଥଳେ କଦାଚିତ୍ ନିଜର କ୍ଷୋଭାନଳରେ ବିଧ୍ୱଂସକାରିଣୀ ମଧ ହୋଇପାରେ। ସେଧାତ୍ରୀ, କର୍ତ୍ତ୍ରୀ, ଲାସ୍ୟମୟୀ, ସ୍ନେହମୟୀ କିମ୍ବା ପ୍ରେରଣାଦାୟୀ ହୋଇ ଜଗତର କଲ୍ୟାଣୀ ହୋଇଥାଏ। ନାରୀ ଶକ୍ତି, ମାତା, ପିତା, ବିଦ୍ୟା ଦୟା, କ୍ଷମା, ସ୍ୱାହା ଓ ସ୍ୱଧା ସ୍ୱରୂପିଣୀ ଆଖ୍ୟା ବହନ କରି ଦେବୀ ତୁଲ୍ୟ ମୋକ୍ଷ ପ୍ରଦାୟିନୀ ରୂପେ ଉପାସ୍ୟ ହୋଇଥାଏ। ଦୁହିତା, ଜାୟା, ଭଗ୍ନୀ ଓ ମାତୃ ରୂପରେ ସାଂସାରିକ ସୌଖ୍ୟ, ବିଶ୍ୱାସ ଓ ସୁରକ୍ଷା ପ୍ରଦାନ କରି ଭାବନା ଗଙ୍ଗା ନିର୍ଝରିବା ଦିବ୍ୟ ଦକ୍ଷତା ବହନ କରି ସଂସାରକୁ ଅଗ୍ରସିତ କରେ। ଅତଏବ ସର୍ଜନାର ପ୍ରାରମ୍ଭରୁ ନାରୀ ବିନା ବ୍ରହ୍ମାଣ୍ଡର ସମ୍ପୂର୍ଣ୍ଣତା ଅକଳ୍ପନୀୟ। ନାରୀ ହିଁ ତ୍ରିଲୋକର ସମସ୍ତ ଦେବତାଙ୍କ ଜ୍ୟୋତିର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.15673723

Article No - BPP00294

**ଯୋଗାଯୋଗ :**
**ଡ.(ଇଂ)ସଞ୍ଜୟ କୁମାର ପଣ୍ଡା,** ପ୍ରାକ୍ତନ ଅର୍ଥ କମିଟି ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ, ବୌଦ୍ଧ
**Email :** drsanjayaeducationist@gmail.com
**ORCID ID :** https://orcid.org/0009-0005-0380-5554

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୨.୨୦୨୫ | ୧୨.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଣ୍ଡା, ସଂଜ୍ଞୟ କୁମାର; ୨୦୨୫। ସାମାଜିକ ଚେତନାରେ ସାବିତ୍ରୀ ଅମାବାସ୍ୟା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ; ପୃଷ୍ଠା :୨୪-୨୭।

ସାମଗ୍ରିକ ପରିପ୍ରକାଶ । ଏଣୁ ଦେବୀ ମାହାତ୍ମ୍ୟରେ ୨.୧୩ ରେ ଉଲ୍ଲିଖିତ ଅଛି ଯେ –

ଅତୁଳଂ ତତ୍ର ତତ୍ତେଜଃ ସର୍ବ ଦେବଶରୀରଜଂ
ଏକସ୍ଥଂ ତଦଭୁନ୍ନାରୀ ବ୍ୟାପ୍ତ ଲୋକତ୍ରୟଂ ତ୍ୱିଷାଃ ।

ନାରୀ କେବେ ମାତୃ ସମ ଶରୀର ପୋଷଣ କରେ, କେବେ ଭଗ୍ନୀ ସମ ଭାତୃ-ପ୍ରେମ ଓ ବିଶ୍ୱାସ ପ୍ରତୀକ ସାଜେ, କେବେ ଭାର୍ଯ୍ୟା ରୂପେ ସ୍ୱାମୀର ଦୀର୍ଘ ଜୀବନ କାମନା କରି ସଂସାରରେ ପୁଲକ ଭରିଦିଏ କିମ୍ବା ସ୍ନେହ, ପ୍ରେମ ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସାରା ସଂସାରକୁ ମୋକ୍ଷ ପ୍ରଦାନ କରି ପୃଥ୍ୱୀକୁ ବୈକୁଣ୍ଠର ଅନୁଭବ ପ୍ରାପ୍ତ କରାଇଥାଏ ।

ପ୍ରସଙ୍ଗ ଉପକ୍ରମରେ ସାବିତ୍ରୀ ଅମାବାସ୍ୟା ସ୍ୱାମୀ, ସ୍ତ୍ରୀର ଅପୂର୍ବ ଇଶ୍ୱରୀୟ ସମ୍ପର୍କକୁ ଇଙ୍ଗିତ କରିବା ସହ ଉତ୍ତର ପିଢ଼ିକୁ ପବିତ୍ର ସାଂସାରିକ ବନ୍ଧନର ବିଶ୍ୱସନୀୟ ବାର୍ତ୍ତା ସମ୍ପ୍ରସାରିତ କରୁଛି । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଯୁଧିଷ୍ଠୀର ଦ୍ରୌପଦୀଙ୍କ ସମତୁଲ ସତୀ ସମ୍ବନ୍ଧରେ ଋଷି ମାର୍କଣ୍ଡେୟଙ୍କ ସମ୍ମୁଖରେ ଜିଜ୍ଞାସା ରଖିବାରୁ ସତୀ ସାବିତ୍ରୀଙ୍କ ବର୍ଣ୍ଣନା ପ୍ରଶସ୍ତିତ ହେଲା ଯାହାକି ହିନ୍ଦୁ ଧର୍ମର ପଂଚମ ପୁରାଣ ନାମେ ବ୍ୟାସଦେବ ମହର୍ଷିଙ୍କ ଦ୍ୱାରା ରଚିତ ମହାଭାରତର ବନ ପର୍ବରେ ବର୍ଣ୍ଣିତ ହୋଇଛି । ଏହି ବନ ପର୍ବରେ ନଳ ଦମୟନ୍ତୀଙ୍କ ଗଭୀର ପ୍ରେମତତ୍ତ୍ୱ ମଧ୍ୟ ଉଲ୍ଲିଖିତ ।

ପୌରାଣିକ ତଥ୍ୟ ଅନୁଯାୟୀ ମଦ୍ର ରାଜା ଅଶ୍ୱପତି ଅପୁତ୍ରିକ ଥିବାରୁ ଦୀର୍ଘ ଅଷ୍ଟାଦଶ ବର୍ଷ କଠୋର ତପସ୍ୟା କରିବାରୁ ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ଦେବୀ ରୂପେ ରାଜା ଅଶ୍ୱପତି ସମ୍ମୁଖରେ ଆବିର୍ଭୂତ ହୋଇ ବର ଯାଚନା କଲେ । ରାଜା ଅଶ୍ୱପତି ନିଜର ସାମ୍ରାଜ୍ୟ ବିସ୍ତାର ଓ ସୁରକ୍ଷା ପାଇଁ ଅନେକ ପୁତ୍ର ସନ୍ତାନର ବର ଯାଚନା କଲେ । ମାତ୍ର ଦେବୀ ସାବିତ୍ରୀ ଏକ କନ୍ୟା ସନ୍ତାନର ବର ପ୍ରଦାନ କଲେ । ଫଳତଃ ରାଜାଙ୍କ ପାଟରାଣୀ ମାଳବ ରାଜକନ୍ୟାଙ୍କ ଗର୍ଭରୁ ଏକ କନ୍ୟା ସନ୍ତାନ ଜାତ ହେଲା । ଯାହାଙ୍କ ନାମ ସାବିତ୍ରୀ ଦେବୀଙ୍କ ନାମ ଅନୁକରଣରେ "ସାବିତ୍ରୀ" ନାମିତ ହେଲା ।

ପ୍ରାପ୍ତ ବୟସ୍କା ହେବା କ୍ରମେ ପିତାଙ୍କ ଆଗ୍ରହ ହେତୁ ଅନେକ ଆଶ୍ରମ ଓ ବନାଚଂଳ ସ୍ୱର୍ଣ୍ଣ ରଥରେ ପରିଭ୍ରମଣ କରି ଶେଷରେ ସାଲଭ୍ୟ ସାମ୍ରାଜ୍ୟର ଦେଶାନ୍ତର ଅନ୍ଧରାଜା ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ନିଜର ଭବିଷ୍ୟତ ପତି ରୂପେ ମନୋନୀତ କରିଥିଲେ । ଏହି ସମ୍ବାଦ ସାବିତ୍ରୀ ପିତା ଅଶ୍ୱପତି ଓ ମହର୍ଷୀ ନାରଦଙ୍କ ସମ୍ମୁଖରେ ଉପସ୍ଥାପିତ କରିବାରୁ ସତ୍ୟବାନ ଅଳ୍ପାୟୁ ଥିବା ନାରଦ ପ୍ରକାଶ କଲେ । ସତ୍ୟବାନ ଅତ୍ୟନ୍ତ ବିଜ୍ଞ, ସତ୍ୟବାଦୀ, ଦୟାଳୁ ଓ ଅପୂର୍ବ ସୁନ୍ଦର ହେଲେ ମଧ୍ୟ ଏକବର୍ଷ ମଧ୍ୟରେ ମୃତ୍ୟୁ ସୁନିଶ୍ଚିତ ଜ୍ଞାତ କରି ମଧ୍ୟ ସାବିତ୍ରୀ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିବାରୁ ଉଭୟ କୁଳର ସମ୍ମତିକ୍ରମେ ବିବାହ ସମ୍ପନ୍ନ ହେଲା ।

ବନ ମଧ୍ୟରେ ଅତ୍ୟନ୍ତ ସୁଖଦ ସାଂସାରିକ ଜୀବନ ଅତିବାହିତ କଲେ ସୁଦ୍ଧା ନାରଦ ମୂନୀଙ୍କ ଭବିଷ୍ୟତ ବାଣୀ ସାବିତ୍ରୀଙ୍କୁ ଆନ୍ଦୋଳିତ କରୁଥିଲା । ବର୍ଷର ଅନ୍ତିମ ତ୍ରିଦିବସ ଉପନୀତ ହେବାରୁ ସାବିତ୍ରୀ ବ୍ରତ, ଉପବାସ ଓ ଯଜ୍ଞ କର୍ମରେ ନିମଜ୍ଜିତ ହେଲେ । ଶେଷ ଦିବସରେ ନିଜ ପତି ସତ୍ୟବାନଙ୍କ ସହ ବନଜାତ କାଷ୍ଠ ସଂଗ୍ରହ ନିମନ୍ତେ ଗମନ କଲେ । ଏହି ସମୟରେ ସତ୍ୟବାନ ଅସୁସ୍ଥ ହୋଇ ସାବିତ୍ରୀଙ୍କ କୋଳରେ ମସ୍ତକ ରଖି ନିଷ୍ପ୍ରାଣ ହୋଇଗଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣ ନେଇ ଗମନ କରନ୍ତେ ସାବିତ୍ରୀ ମଧ୍ୟ ତାଙ୍କୁ ଅନୁଧାବନ କଲେ । ସାବିତ୍ରୀଙ୍କ ପତିବ୍ରତା ଗୁଣରେ ଅତ୍ୟନ୍ତ ପ୍ରୀତ ହୋଇ ଯମରାଜା ତିନୋଟି ବର ଯାଚନା କଲେ । ପର୍ଯ୍ୟାୟ କ୍ରମେ ପ୍ରଥମେ ଅନ୍ଧ ଶ୍ୱଶୁରଙ୍କ ଚକ୍ଷୁଦାନ, ଦ୍ୱିତୀୟତଃ ସାମ୍ରାଜ୍ୟ ପ୍ରାପ୍ତି ଓ ତୃତୀୟରେ ଶତପୁତ୍ର ଜନନୀର ବର ନିବେଦନ କଲେ । ଯମରାଜା ପତିବ୍ରତା ସତୀ ସାବିତ୍ରୀଙ୍କ ଧାର୍ମିକ ଗୁଣ, ଗଭୀର ପ୍ରେମ, ସତ୍ୟ, ବିଶ୍ୱାସ ଓ ତ୍ୟାଗ ଗୁଣରେ ଅତ୍ୟନ୍ତ ବିମୋହିତ ହୋଇ ତ୍ରିବର ପ୍ରଦାନ କରିବାରୁ ନିଜର ତୀକ୍ଷ୍ଣ ବୁଦ୍ଧିମତ୍ତା ହେତୁ ସାବିତ୍ରୀ ନିଜର ପତିଦେବ ସତ୍ୟବାନଙ୍କ ପୁନଃ ଜୀବନ ପ୍ରାପ୍ତ କରିଥିଲେ । ଫଳତଃ ଦେବୀ ସ୍ୱରୂପା ସତୀ ସାବିତ୍ରୀଙ୍କ ହେତୁ ସତ୍ୟବାନଙ୍କୁ ଦୀର୍ଘାୟୁ ଓ ସାମ୍ରାଜ୍ୟ ପ୍ରାପ୍ତି ହେବା ସହ ଶ୍ୱଶୁରଙ୍କ ଚକ୍ଷୁ ଲାଭ ହେଲା । ଏହି ପବିତ୍ର ଦିବସ ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ସଂଘଟିତ ହୋଇଥିବାରୁ ଏହାକୁ ପବିତ୍ର ସାବିତ୍ରୀ ଅମାବାସ୍ୟା ତିଥି ରୂପେ ହିନ୍ଦୁଧର୍ମରେ ପାଳନ କରାଯାଇ ହିନ୍ଦୁ ଧର୍ମାବଲମ୍ବୀ ସ୍ତ୍ରୀ ଶକ୍ତି ନିଜ ନିଜର ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବା ସହ ବ୍ରତ ଉପବାସ ପାଳନ କରିଥାନ୍ତି ।

ସଭ୍ୟତାର କ୍ରମବିକାଶହେତୁ ପ୍ରାଚୀନ ବନବାସୀ ଯୁଗରୁ ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ସାମାଜିକ ବିପ୍ଲବ ନୂତନ ରୂପରେଖରେ ସଂଜ୍ଞାବଦ୍ଧ ହୋଇଛି । ସାମାଜିକପରିବର୍ତ୍ତନର ସ୍ରୋତସ୍ୱିନୀ ପ୍ରବାହରେ ଚିନ୍ତାଚେତନା କେତେ ସର୍ପିଳ ପଥ ଦେଇ ଅତିକ୍ରମ କରିବା ସହ କେବେ ଶିଥିଳ ତ' କେବେ କ୍ଷିପ୍ର ବେଗେ ଗତି କରିଛି । କିନ୍ତୁ

ପ୍ରତ୍ୟେକ କାଳ ଖଣ୍ଡରେ ନାରୀ ନରମାନଙ୍କ ସ୍କନ୍ଧରେ ସ୍କନ୍ଧ ମିଳିତ କରି ସଂସାର ସାଗରକୁ ଅତିକ୍ରମଣ କରିବାର ଦକ୍ଷତା ବହନ କରୁଛି।

ପ୍ରାଚୀନ କାଳରେ ଯୁଗୋପଯୋଗୀ ଗୃହକର୍ତ୍ତ୍ରୀ ରୂପେ ନିଜର ଦାୟିତ୍ୱ ସୁସମ୍ପାଦିତ କରି ଶାନ୍ତ, ଶୀତଳ ସ୍ନେହର ପଣତରେ ସମଗ୍ର ଜଗତକୁ ଏକାକାର କରି ଜୀବନ ସୁଧା ବଣ୍ଟନ କରିଛି। ଗୃହକୁ ମନ୍ଦିର ରୂପେ ଗଢିତୋଳି ମର୍ତ୍ତ୍ୟ ବୈକୁଣ୍ଠର ସଂଜ୍ଞା ପ୍ରଦାନ କରି ଶୃଙ୍ଖଳିତ ଜୀବନଚର୍ଯ୍ୟା ସହ ଭାବାବେଗରେ ସମାଜରେ ପୁଲକ ବିବର୍ଦ୍ଧିତ କରିବାରେ ସକ୍ଷମ ଦିବ୍ୟକାନ୍ତି ସମ୍ପନ୍ନ ମାତୃକୁଳ। ଶକ୍ତି ସ୍ୱରୂପାରେ ମଧ୍ୟ ପୂଜିତା ନାରୀ ନିଜର ଦୟା, କ୍ଷମା ଗୁଣ ବଳରେ ସମାଜରେ ଶାନ୍ତି ପ୍ରତିଷ୍ଠା କରି ଅନେକ ଅସୁର ଚରିତ୍ରକୁ ନିଧନ କରି ସୃଷ୍ଟିର ଅପୂର୍ବ ସମ୍ଭାରକୁ ସଂରକ୍ଷିତ ରଖିପାରିଛି।

ସ୍ୱୟଂ ସିଦ୍ଧା ନାରୀ ଆଧୁନିକ ସମାଜରେ ନିଜର ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରି ପରିବାର ପ୍ରତିପୋଷଣ କରି କଳା, ବିଜ୍ଞାନ ଓ ସାମାଜିକ ସ୍ତରରେ ନିଜର ଉତ୍କର୍ଷତା ପ୍ରମାଣିତ କରିଛି। ବିଜ୍ଞାନ ଓ ବୈଷୟିକ ଯୁଗରେ ନିଜର ଅପୂର୍ବ ବୁଦ୍ଧିମତ୍ତାର ପ୍ରୟୋଗରେ ପୁରୁଷଙ୍କ ଠାରୁ ମଧ୍ୟ ଉର୍ଦ୍ଧ୍ୱକୁ ସ୍ଥାନିତ କରିପାରିଛି ଆଧୁନିକ ସ୍ତ୍ରୀ । ଭୌତିକ ବିକାଶରେ ଅନ୍ୟତମ ସୁତ୍ରଧର ହୋଇ ନୂତନ ସଂଜ୍ଞା ନିର୍ଦ୍ଧାରଣ କରିପାରିଛି ସ୍ତ୍ରୀ।

ଭୌତିକ ବିକାଶ ବିଜ୍ଞାନ ସର୍ବସ୍ୱ ଥିବା ବେଳେ ଆର୍ଥିକ ପ୍ରାଚୁର୍ଯ୍ୟ ବୌଦ୍ଧିକ ବିକାଶର କଣ୍ଠରୋଧ କରିବା ସହ ସାମାଜିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧନ କ୍ରମଶଃ ଢିଲା ହେବାକୁ ଲାଗିଲାଣି। ଆଧୁନିକତାର ଦ୍ୱାହି ଦେଇ ପୁରୁଷ ଓ ସ୍ତ୍ରୀ ପରି ଦିବ୍ୟ ସତ୍ତାକୁ ପରସ୍ପରର ପ୍ରତିଯୋଗୀ କରିଦେଇ ସାମାଜିକ ବିକାଶକୁ ପତୋନ୍ମୁଖୀ କରିବାକୁ ଲାଗିଲେଣି। ପରସ୍ପର ପ୍ରତି ଅସ୍ପର୍ଦ୍ଧା ଜାଗ୍ରତ କରି ଏକ ଉତ୍ତପ୍ତ ବାତାବରଣ ସୃଷ୍ଟି ହେବା ଅତ୍ୟନ୍ତ ପରିତାପର ବିଷୟ।

ସାମାଜିକ ସ୍ତରରେ ମୁକ୍ତ ପୃଥିବୀରେ ସମାନ୍ତରାଳ ଭାବରେ ଉଭୟ ନାରୀପୁରୁଷ ପରସ୍ପରର ପରିପୂରକ ହେବା ବିଧେୟ। କିନ୍ତୁ ଅର୍ଥ ପ୍ରାବଲ୍ୟ କିମ୍ବା ଆଧୁନିକତାର ଦ୍ୱାହିଦେଇ ନିଜର ପରିବାରକୁ ଅଣଦେଖା କରିବା କେତେ ଗ୍ରହଣୀୟ ତାହା ବିଚାର୍ଯ୍ୟ। ସୁଖ, ସ୍ୱାଚ୍ଛନ୍ଦ୍ୟର ପରିଧିରେ ମନୁଷ୍ୟ ଅବିବେକି ହେଲେ ସାଂସାରିକ ପରିବେଶ କଳୁଷିତ ହେବ। ସ୍ତ୍ରୀକୁ ତାର ପଦମର୍ଯ୍ୟାଦା କରିବା ପ୍ରତ୍ୟେକ ପୁରୁଷର କର୍ତ୍ତବ୍ୟ। ଏଥି ସହିତ କେବଳ ଗୃହର ବାହ୍ୟ ପରିବେଶରେ ନିଜକୁ ସମ୍ଭ୍ରାନ୍ତ, ବିକଶିତ ଓ ଶିକ୍ଷିତ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ସ୍ୱାବଲମ୍ବୀ ହେବା ନ୍ୟାୟରେ ସାମାଜିକ ବିଧିବ୍ୟବସ୍ଥାକୁ ପ୍ରଶ୍ନବାଚୀ କରିବା ଅତ୍ୟନ୍ତ ପରିତାପର ବିଷୟ।

ହିନ୍ଦୁ ଧର୍ମରେ ନାରୀକୁ ସର୍ବୋଚ୍ଚସ୍ଥାନ ପ୍ରଦାନ କରାଯାଇ ବୈକୁଣ୍ଠ ନିର୍ମାତାର ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଏଣୁ ପ୍ରତ୍ୟେକ ନାରୀ ସତୀ ସାବିତ୍ରୀ ତୁଲ୍ୟ ନିଜ ନିଜର ସତ୍ୟବାନଙ୍କ ଦୀର୍ଘାୟୁ କାମନା କରି ସାଂସାରିକ ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ଉଚିତ୍। ଆଧୁନିକ ସମାଜରେ ବୌଦ୍ଧିକ ତତ୍ତ୍ୱର ମାନ କ୍ଷୀଣ ହେବାରୁ ସମ୍ବେଦନଶୀଳତାର ଅଭାବ ପରିଲକ୍ଷିତ ହେଉଛି। ପ୍ରତି କ୍ଷେତ୍ରରେ ଅସହିଷ୍ଣୁ ହୋଇ ଯଦି ଉଭୟ ପୁରୁଷ ଓ ନାରୀ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ତଉଲିବା ଆରମ୍ଭ କରିବେ, ତାହା ଅତ୍ୟନ୍ତ ଦୁର୍ବିସହ ହେବା ସହ ସାମାଜିକ ବିଲକ୍ଷଣ ଦେଖାଦେବ।

ଏକ ଦୃଶ୍ୟ ପଟ୍ଟରେ ହିନ୍ଦୁନାରୀ ସମଗ୍ର ସଂସାରକୁ ଉଦ୍ଧାର କରୁଥିବାର ଅନେକ ଦୃଷ୍ଟାନ୍ତ ଦୃଶ୍ୟମାନ ହେଉଥିବା ସ୍ଥଳେ ଶିକ୍ଷାର ଦ୍ୱାହି ଦେଇ ନିଜର ଦାୟାଦ ଓ ପରିବାର ବର୍ଗକୁ ଅଣଦେଖା କରିବା କେତେ ଦୂର ଯଥାର୍ଥ, ତାହା ବିଚାର୍ଯ୍ୟ। ଆଜିର ସମାଜରେ ଅତି ପଣ୍ଡିତ ହୋଇ ବିଜ୍ଞାନୀ ଚିନ୍ତା କରିବା ଯେପରି ବିନାଶକାରୀ ଠିକ୍ ସେହିପରି ଅତି ଧର୍ମୀ ହୋଇ ଅନ୍ଧଭକ୍ତ ହେବା ମଧ୍ୟ ଅପକାରୀ ଅଟେ। ଏଣୁ ଉଭୟ ନାରୀ ଓ ପୁରୁଷ ହସ୍ତ ମିଳିତ କରି ସମାଜରେ ପ୍ରତିବନ୍ଧନକୁ ଅଗ୍ରସିତ କରିପାରିଲେ ସାମାଜିକ ଚେତନା ପରିବର୍ଦ୍ଧିତ ହେବ।

କିଛି ବିଜ୍ଞାନୀ ସ୍ନେହ, ପ୍ରେମ, ମୈତ୍ରୀ ଓ ତ୍ୟାଗର ବ୍ରତ ଉପବାସକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସ୍ତ୍ରୀ କାହିଁକି କରିବ, ପୁରୁଷ କାହିଁକି ନୁହେଁର ପ୍ରଶ୍ନବାଣ ଭେଦ କରନ୍ତି। କିନ୍ତୁ ନାରୀ ମାତୃ ତୁଲ୍ୟ ହେଲେ ସସ୍ନେହେ, ଶାଶ୍ୱତ ଭାବେ ପୂଜିତ ହୁଏ କିନ୍ତୁ ଉଗ୍ରମୂର୍ତ୍ତିକୁ ସଂସାର ଭୟ କରେ। ଏଣୁ କଣ ଗ୍ରହଣୀୟ ତାହା ସ୍ପଷ୍ଟ ଅନୁମେୟ।

ଆଧୁନିକ ଯୁଗରେ ବିଜ୍ଞାନ ଶିକ୍ଷାର ଉତ୍ତପ୍ତ କ୍ରମଶଃ ସାଂସାରିକ ପରିବେଶକୁ ବିଧ୍ୱଂସିତ କରିବାର ଆଶଙ୍କା ସୃଷ୍ଟି କଲାଣି। ଜୀବନ ପ୍ରକୃତି ଉପରେ ନିର୍ଭରଶୀଳ, ପ୍ରକୃତି ଜୀବନ ଉପରେ ନୁହେଁ। ବ୍ରହ୍ମାଣ୍ଡ ସୃଷ୍ଟିରେ ପ୍ରତ୍ୟେକ ସର୍ଜନାର ଏକ ସ୍ୱତନ୍ତ୍ର ଲକ୍ଷ୍ୟ ବିଧାନ ହୋଇଛି। ନାରୀ ଓ ପୁରୁଷ ନିଜ ନିଜର ଆଧ୍ୟାତ୍ମିକ ଅନ୍ତରାତ୍ମାର ସ୍ୱରକୁ ଚିହ୍ନଟ କରି ସମାଜଧର୍ମୀ ହେଲେ ସମାଜ ପୁଷ୍ପ ପ୍ରସ୍ଫୁଟିତ ହେବ ଏବଂ ଏହାର ବାସ୍ନା ସମସ୍ତଙ୍କୁ ଆମୋଦିତ କରିବ। ହିନ୍ଦୁ ଧର୍ମ ମତେ ସାବିତ୍ରୀ ପରି ତ୍ୟାଗ ନିଦର୍ଶନ ପ୍ରଦର୍ଶନ କଲେ ନିଶ୍ଚିତ ରୂପେ ପ୍ରଭୁକୃପା ଲାଭ ସହ ଅମୃତ ବର୍ଷା ହେବ।

ନାରୀମାନେ କେବଳ ସାବିତ୍ରୀ ନୁହେଁ ମାତା, ଭଗ୍ନୀ ଓ ଦେବୀ ରୂପେ ସମାଜରେ ସ୍ନେହ, ଶ୍ରଦ୍ଧା, ତ୍ୟାଗ ବଣ୍ଟନ କରି ସର୍ବଦା ପୂଜିତ ହୁଅନ୍ତୁ। ପୁରୁଷମାନେ ମଧ୍ୟ ହିମାଳୟ ସମ ବିଶ୍ୱାସ ଉଜ୍ଜ୍ୱଳିତ କରି ସମଗ୍ର ଜଗତକୁ ସୁରକ୍ଷିତ ରଖିବା ସହ ସାମାଜିକ ପ୍ରତିବନ୍ଧକକୁ ବିନଷ୍ଟ କରି ପୁଣ୍ୟତା ସ୍ୱର୍ଶ ପ୍ରଦାନ କରନ୍ତୁ। ନାରୀ ଓ ପୁରୁଷ ପ୍ରତିଯୋଗୀ ନ ହୋଇ ପ୍ରତିରୂପ ହେଲେ ସାମାଜିକ ପ୍ରେମ ପ୍ରତିଧ୍ୱନି ସର୍ବଦା ଗୁଞ୍ଜରିତ ହେବ। ନାରୀ କେବେ ମଧ୍ୟ କୁମାତା ନ ହେଉ ମା'ର ପ୍ରେମ ପଣତ ସର୍ବଦା ଜଗତକୁ ପ୍ରୀତି ଛାୟା ପ୍ରଦାନ କରୁ, ଏହାହିଁ ଆଜିର ପବିତ୍ର ଦିବସର ଅନ୍ତର୍ନିହିତସନ୍ଦେଶ ହେଉ।

**ଉପସଂହାର:**

ସାବିତ୍ରୀ ଅମାବାସ୍ୟା କେବଳ ଆଧ୍ୟାତ୍ମିକ ଅବଲମ୍ବନ ନୁହେଁ ବରଂ ଏହାର ଅନ୍ତର୍ନିହିତ ସାମାଜିକ ଓ ଭାବଗତ ପ୍ରତିବଦ୍ଧତା ସୁଦୃଢ଼ ସଂସାର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ସ୍ତ୍ରୀ ଯେ ପରିବାରର ମୁଖ୍ୟ ମେରୁଦଣ୍ଡ । ଏହା ବିନା ସଂସାର ତୁଚ୍ଛ । ସ୍ତ୍ରୀ ଗଭୀର ସ୍ନେହ, ପ୍ରେମ ଓ ତ୍ୟାଗ ବଳରେ ସମଗ୍ର ସମାଜ ପ୍ରୀତ ଓ ଶୃଙ୍ଖଳାବଦ୍ଧ । ସାବିତ୍ରୀ ଅମାବାସ୍ୟାର ପାଳନ ବୌଦ୍ଧ ଜିଲ୍ଲା ପରି ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ପାଳନ କରାଯାଇ ଏକ ଭାବଗତ ପ୍ରୀତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହୋଇପାରୁଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ନାହକ, ଗଣେଶରାମ, ପଶ୍ଚିମ ଓଡ଼ିଶାର ଯାନିଯାତ୍ରା ଓ ପର୍ବପର୍ବାଣି, ଏକ ସଂକ୍ଷିପ୍ତ ପରିଚୟ, ଅବତରଣିକା, ସତ୍ୟନାରାୟଣ ବୁକ୍ ଷ୍ଟୋର୍, ୧ମ ସଂସ୍କରଣ, ୨୦୧୦

୨. ଆମ ସଂସ୍କୃତି ଆମ କଳା, ବୌଦ୍ଧ ଜିଲ୍ଲା ଉନ୍ନୟନ ପରିଷଦ, ୧୯୯୭

୩. ପଣ୍ଡା ଡ. ସଞ୍ଜୟ କୁମାର, ପ୍ରାଚ୍ୟ ଓ ପାଶ୍ଚାତ୍ୟ ବୌଦ୍ଧ, ଏଥେନା ପବ୍ଲିକେଶନ, ୨୦୨୩

୪. ନାୟକ ଦ୍ୱାରିକା ନାଥ, ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଯାତ୍ରା ଓ ପର୍ବପର୍ବାଣି, ପ୍ର. ଶୀଳତଷଷ୍ଠୀ, ମେନକା ପ୍ରକାଶନ, ୨୦୦୨

୫. ମହାନ୍ତି ବ୍ରଜମୋହନ, ଓଡ଼ିଶାର ପର୍ବପର୍ବାଣି, ଓଷାବ୍ରତ, ଯାନିଯାତ୍ରା, (ସଙ୍କଳନ) ତୃତୀୟ ସଂସ୍କରଣ, ଓଡ଼ିଶା ବୁକ୍ସ ଷ୍ଟୋର, କଟକ, ୧୯୯୪.

DOI : https://doi.org/10.5281/zenodo.15673766

ମୂଳ ପ୍ରବନ୍ଧ

# ବୁଢ଼ାବଳଙ୍ଗର ମାଝିରେ ମାଝିବୁଢ଼ା, ବଳଙ୍ଗ ନଦୀ ଓ ରଂଜନ ପ୍ରଧାନ

**ଜୟନ୍ତ କୁମାର ଦାସ**

**ସଂକ୍ଷିପ୍ତସାର :**

ଉତର ଓଡ଼ିଶାର ଦୁଇ ପ୍ରମୁଖ ଜିଲ୍ଲା ଭାବରେ ବାଲେଶ୍ୱର ଓ ମୟୂରଭଞ୍ଜ ନିଜର ସଂସ୍କୃତି, ପରଂପରା ଓ ଐତିହ୍ୟ ପାଇଁ କେବଳ ଓଡ଼ିଶାରେ ନୁହେଁ ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିପାରିଛନ୍ତି। ଉପକୂଳବର୍ତୀ ଜିଲ୍ଲା ଭାବରେ ବାଲେଶ୍ୱର ସମୁଦ୍ର, ମୁହାଁଣ ଓ ନୌବାଣିଜ୍ୟ ପରଂପରାକୁ ନେଇ ଯେପରି ସମୃଦ୍ଧ; ଜନଜାତି, ପ୍ରକୃତି, ପରିବେଶ ଓ ଶିମିଳିପାଳ ଜୈବମଣ୍ଡଳକୁ ନେଇ ମୟୂରଭଞ୍ଜ ସେପରି ପ୍ରତିଷ୍ଠିତ। 'ବୁଢ଼ାବଳଙ୍ଗର ମାଝି' ଉପନ୍ୟାସରେ ବଳଙ୍ଗ ନଦୀର ଉତ୍ପତିସ୍ଥଳ, ପିପିଲି ଓ ବାଲେଶ୍ୱର ବନ୍ଦରର ଐତିହ୍ୟକୁ ଔପନ୍ୟାସିକ ତାର୍କିକ ଓ ତଥ୍ୟପୂର୍ଣ୍ଣ ବିଶ୍ଳେଷଣ କରିଛନ୍ତି। ବୁଢ଼ାରବଳଙ୍ଗ ନଦୀ ଶିମିଳିପାଳର ଚାତମ୍ବୁରୁ ପାହାଡରୁ ବାହାରି ବଳରାମଗଡି ମୁହାଁଣରେ ସମୁଦ୍ର ସହ ମିଶିଯାଇଛି। ଏହି ନଦୀ ଓ ତା ମୁହାଁଣ ବାଲେଶ୍ୱରର ବନ୍ଦର ସଂସ୍କୃତିର ମୁକସାକ୍ଷୀ ଭାବରେ ଏବେ ବି ଦଣ୍ଡାୟମାନ। ସପ୍ତଦଶ ଶତାବ୍ଦୀରୁ ବାଲେଶ୍ୱର ବନ୍ଦରରୁ ଆରମ୍ଭ ହୋଇଥିବା ନୌବାଣିଜ୍ୟ ପରଂପରା ଆଜି ବିଲୁପ୍ତପ୍ରାୟ। ଔପନ୍ୟାସିକ ରଂଜନ ପ୍ରଧାନ ଜଣେ ଗବେଷକ ହିସାବରେ ଏହାକୁ ଚମତ୍କାର ଢଙ୍ଗରେ ଉପସ୍ଥାପନ କରିଛନ୍ତି। ସମାନ୍ତରାଳ ଭାବରେ ବାଲେଶ୍ୱର ବନ୍ଦରର ଐତିହ୍ୟ ଓ ପରଂପରାର ସ୍ମୃତିଚାରଣ କରିବା ସହିତ ମାଝିବୁଢ଼ାର ବଳଙ୍ଗ ନଦୀର ଉତ୍ସ ଅନୁସନ୍ଧାନ ଓ ଶିମିଳିପାଳ ଜୈବମଣ୍ଡଳର ଅପରୂପ ସୌନ୍ଦର୍ଯ୍ୟକୁ ତଥ୍ୟପୂର୍ଣ୍ଣ ଓ ମାର୍ମିକ ଭାବରେ ଉପସ୍ଥାପନ କରିଛନ୍ତି। ଶିମିଳିପାଳ ଜୈବମଣ୍ଡଳର ଅପରୂପ ସୌନ୍ଦର୍ଯ୍ୟ, ବୁଢ଼ାବଳଙ୍ଗ ଗାଁରେ ବାସ କରୁଥିବା ଜନଜାତି ଗୋଷ୍ଠୀଙ୍କ ଜୀବନ ଶୈଳୀ ସହ ପ୍ରାଚୀନ ଓଡିଶାର ନୌବାଣିଜ୍ୟ ପରଂପରା, ବାଲେଶ୍ୱର ବନ୍ଦରର ଐତିହ୍ୟ, ବାଲେଶ୍ୱର ସହରରେ ଥିବା ପୁରୁଣା ୟୁରୋପୀୟ ବସତିର ଏକ ସମାନ୍ତରାଳ ବ୍ୟାଖ୍ୟା ଉପନ୍ୟାସଟି ଅଧିକ ଶାଣିତ କରିଛି। କ୍ଷେତ୍ର ଅଧ୍ୟୟନ ସମୟରେ ଏହି ଦୁଇଟି ଅଂଚଳରେ ନିଜର ଅନୁଭୂତି ଓ ଅଭିଜ୍ଞତାରୁ ବହୁ ଅଜଣା ଓ ରୋମାଂଚକର କାହାଣୀ ସଫଳ ଭାବରେ ଏଥିରେ ସଂଯୋଜନ କରିଛନ୍ତି। ମୁଖ୍ୟ ଚରିତ୍ର ରଂଜନ ପ୍ରଧାନ ଓ ବୁଢ଼ାବଳଙ୍ଗ ଗାଁ ମୁଖିଆ ସମାୟ ସୋରେନ୍‌ର ଝିଅ ବିନ୍ଦିର ଶାଶ୍ୱତ ଓ ସ୍ୱର୍ଗୀୟ ପ୍ରେମ କାହାଣୀ ଉପନ୍ୟାସଟିକୁ ଅଧିକ ଜୀବନ୍ତ କରି ଗଢ଼ିତୋଳିଛି। ସାର୍ବିକ ଦୃଷ୍ଟିରୁ ଆଲୋଚନା କଲେ ଡ. ରଂଜନ ପ୍ରଧାନଙ୍କ 'ବୁଢ଼ାବଳଙ୍ଗର ମାଝି' ଯେ ଏକ ସଫଳ ଉପନ୍ୟାସ ତାହା ନିଃସନ୍ଦେହରେ କୁହାଯାଇପାରେ।

**ପ୍ରମୁଖ ଶବ୍ଦାବଳୀ :**

ବିଲୁପ୍ତ ପରଂପରା, ଜୈବମଣ୍ଡଳ, ତାର୍କିକ ବିଶ୍ଳେଷଣ, ସମୁଦ୍ର ମୁହାଁଣ, ବନ୍ଦର ସଭ୍ୟତା, ଅପରୂପ ସୌନ୍ଦର୍ଯ୍ୟ, ଐତିହ୍ୟ, ମାର୍ମିକ ଉପସ୍ଥାପନା, ନୌବାଣିଜ୍ୟ, ତଥ୍ୟପୂର୍ଣ୍ଣ, କ୍ଷେତ୍ର ଅଧ୍ୟୟନ।

ସାଂପ୍ରତିକ ସମୟରେ ଯୁବ କଥାକାର ଭାବରେ ରଂଜନ ପ୍ରଧାନ ସୁପରିଚିତ। ବିଶେଷକରି ଓଡିଆ ଗଳ୍ପ ସାହିତ୍ୟରେ ଉଭୟ ଫର୍ମ ଓ ଥିମ୍‌ରେ ସେ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି। ଭାବବସ୍ତୁରେ ଅଭିନବତ୍ୱ ଓ ପ୍ରକାଶଭଙ୍ଗୀରେ ନୂତନତ୍ୱ ତାଙ୍କୁ ପାଠକ ମହଲରେ ଏକ ସ୍ୱତନ୍ତ୍ର ପରିଚିତି ଦେଇଛି। ଜନଜାତି ଗବେଷଣା, ନୃତାତ୍ତ୍ୱିକ ଅଧ୍ୟୟନ ଓ ବିଶ୍ଳେଷଣ ସର୍ବୋପରି ଉଶୃଙ୍ଖଳିତ ଯୁବସମାଜର ବିକୃତ ମାନସିକତାକୁ ସୁନ୍ଦର ଭାବରେ ନିଜର କଥାସାହିତ୍ୟରେ ସ୍ଥାନଦେଇଛନ୍ତି ଡ. ପ୍ରଧାନ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15673766

Article No - BPP00295

**ଯୋଗାଯୋଗ : ଡକ୍ଟର ଜୟନ୍ତ କୁମାର ଦାସ,**
ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
**Email:** : jayanta_kumar01@rediffmail.com
**ORCID ID:** https://orcid.org/0000-0001-9112-5447

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୨.୨୦୨୫ | ୧୨.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : **ଦାସ,** ଜୟନ୍ତ କୁମାର; ୨୦୨୫। ବୁଢ଼ାବଳଙ୍ଗର ମାଝିରେ ମାଝିବୁଢ଼ା, ବଳଙ୍ଗ ନଦୀ ଓ ରଂଜନ ପ୍ରଧାନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ : ୧୧, ସଂଖ୍ୟା : ଖ; ପୃଷ୍ଠା : ୨୮-୩୫।

ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଗାଳ୍ପିକ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ ହେଁ ପରବର୍ତୀ ସମୟରେ 'ବୁଢ଼ାବଳଙ୍ଗର ମାଝି' ଉପନ୍ୟାସ ମାଧ୍ୟମରେ ସେ ପ୍ରଥମ କରି ଉପନ୍ୟାସ ସାହିତ୍ୟରେ ନିଜର ସ୍ଥିତି ସଂପର୍କରେ ପାଠକମାନଙ୍କୁ ସୂଚନାଦେଲେ । ଉପନ୍ୟାସ ଜଗତରେ ଏହା ତାଙ୍କର ପ୍ରଥମ ପଦକ୍ଷେପ ହେଲେ ହେଁ ତଥ୍ୟ ସଂଗ୍ରହ, ବକ୍ତବ୍ୟ ଓ ଉପସ୍ଥାପନା ଶୈଳୀରେ ନିଜର ଦକ୍ଷତାକୁ ସେ ଯଥାଯଥ ଭାବରେ ପ୍ରମାଣ କରି ପାରି ଛନ୍ତି ବୋଲି ମନେହୁଏ । ଏଥିରେ ରହିଛି ତାଙ୍କର ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ଓ ଅଭିନବ ଉପସ୍ଥାପନା ଶୈଳୀ । ୨୦୨୩ ମସିହାରେ ସେ ପାଠକମାନଙ୍କୁ ଉପହାର ଦେଇଛନ୍ତି ତାଙ୍କର ଦ୍ୱିତୀୟ ଉପନ୍ୟାସ 'ଧରଣୀ ପେନୁ' । ଏହା ଏକ ଜନଜାତି ସମସ୍ୟାମୂଳକ ଉପନ୍ୟାସ । ଗାଳ୍ପିକ ହିସାବରେ ମଧ୍ୟ ସେ ପାଠକ ମହଲରେ ବେଶ୍ ଆଦୃତ । ଏପର୍ଯ୍ୟନ୍ତ ପ୍ରକାଶ ପାଇଥିବା ତାଙ୍କ ଗଳ୍ପ ସଂକଳନଗୁଡିକ ହେଲା– 'ତନୁଜା ବଳକୁ ଯେତେସବୁ ବେକାରିଆ ଗପ' (୨୦୦୪), 'ଭିଟାମିନ୍' (୨୦୦୬), 'ପର୍ବ' (୨୦୧୧), 'ଡୁମାଦେବତା ଓ ଅନ୍ୟାନ୍ୟ ଗପ' (୨୦୧୭), 'ପେଡ୍ ଗାର୍ଲଫ୍ରେଣ୍ଡ' (୨୦୨୧) ଓ 'କୁଏଞ୍ଚୁ' (୨୦୨୩) । ବିଶେଷକରି ତାଙ୍କର ଅଧିକାଂଶ ସୃଷ୍ଟି ଜନଜାତି ସମସ୍ୟା ଆଧାରିତ । ମାତ୍ର 'ବୁଢ଼ାବଳଙ୍ଗର ମାଝି' ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ରଚିତ ହୋଇଥିବାରୁ ଏଥିରେ ବହୁବିଧ ଘଟଣା ପରିଲକ୍ଷିତ ହୋଇଥାଏ ।

ମାଝିବୁଢ଼ାର ବଳଙ୍ଗନଦୀର ଉତ୍ସ ଅନ୍ୱେଷଣକୁ କେନ୍ଦ୍ରକରି ଅଗ୍ରସର ହୋଇଛି ଉପନ୍ୟାସଟି । ଔପନ୍ୟାସିକ ରଂଜନ ପ୍ରଧାନ ନିଜେ ଏହି ଉପନ୍ୟାସରେ ଚରିତ୍ର ଭାବରେ ଉଭା ହୋଇଛନ୍ତି ଓ ନିଜର ଗବେଷଣାତ୍ମକ ବିଶ୍ଳେଷଣ ମାଧ୍ୟମରେ ଶିମିଳିପାଳ ଜୈବମଣ୍ଡଳ, ବୁଢାବଳଙ୍ଗ ନଦୀର ଉତ୍ପତିସ୍ଥଳ, ଶିମିଳିପାଳରେ ବସବାସ କରୁଥିବା ପ୍ରାଚୀନ ଜନଜାତିର ଜୀବନଶୈଳୀ, ଓଡିଶାର ପ୍ରାଚୀନ ନୌବାଣିଜ୍ୟ ପରଂପରା, ବାଲେଶ୍ୱର ବନ୍ଦରର ଐତିହ୍ୟ, ସମୁଦ୍ର ଉପକୂଳରେ ବସବାସ କରୁଥିବା ବିଦେଶୀମାନଙ୍କ ସମ୍ପର୍କରେ ତାର୍କିକ ଓ ରୁଚିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି । ଉପନ୍ୟାସର ପରିସମାପ୍ତିରେ ସାନ୍ତାଳୀମାନଙ୍କର ବାରଣ ସତ୍ୱେ ସେ ସେମାନଙ୍କର ଧାର୍ମୀୟ ବିଶ୍ୱାସ ବିରୋଧରେ ଯାଇ ମୃତ୍ୟୁବରଣ କରିଛନ୍ତି । ଯାହା ଉପନ୍ୟାସଟିକୁ ରସୋତୀର୍ଣ୍ଣ କରି ଗଢିତୋଳିଛି । ଉପନ୍ୟାସଟିରେ ସମାନ୍ତରାଳ ଭାବରେ ଦୁଇଟି ଘଟଣାକୁ ବର୍ଣ୍ଣନା କରିଛନ୍ତି । ପ୍ରଥମଟି ଶିମିଳିପାଳର ଜୈବମଣ୍ଡଳ, ବଳଙ୍ଗ ନଦୀର ଉତ୍ସ ସନ୍ଧାନ, ଶିମିଳିପାଳରେ ବସବାସ କରୁଥିବା ବିଭିନ୍ନ ଜନଜାତିର ଜୀବନଶୈଳୀ ଓ ଦ୍ୱିତୀୟରେ ବାଲେଶ୍ୱରର ବନ୍ଦର ସଭ୍ୟତାର ଐତିହ୍ୟ ଓ ପରଂପରା, ବିଦେଶୀମାନଙ୍କର ଏହି ବନ୍ଦର ସଂଲଗ୍ନ ଅଂଚଳରେ ଅତୀତର ସ୍ମୃତି, ସଂପ୍ରତି ଏହି ଅଂଚଳରେ ବସବାସ କରିଥିବା ମଣିଷମାନଙ୍କର ଜୀବନଶୈଳୀକୁ ଅତି ନିକଟରୁ ପରଖିଛନ୍ତି ଓ ଯୁକ୍ତିସମ୍ମତ ଭାବରେ ବର୍ଣ୍ଣନା କରିଛନ୍ତି । ଡାକୁ ମାଝି ମାଧ୍ୟମରେ ସେ ନିଜର ଜିଜ୍ଞାସା ପରିପୂର୍ଣ୍ଣ କରିଛନ୍ତି । ଡାକୁ ମାଝି ଗାଇଡ୍ ଭାବରେ ରଂଜନ ପ୍ରଧାନକୁ ଏହି ଉପନ୍ୟାସଟି ଗତିଶୀଳ କରେଇବା ପାଇଁ ସମସ୍ତ ତଥ୍ୟ, ତତ୍ୱ ପ୍ରଦାନ କରିଛି । ସେ ମାଝିବୁଢାର ବଂଶଧର ହୋଇଥିବାରୁ ସେମାନେ ଆଜି ପର୍ଯ୍ୟନ୍ତ କିପରି ମାଝିବୁଢାର ଫେରିବା ପଥକୁ ଚାହିଁ ରହିଛନ୍ତି ତାହା ଉଲ୍ଲେଖ କରି କହିଛି– "ଡାକୁମାଝିର କହିବା କଥା ହେଲା, ଯୋଉ ମାଝିବୁଢା ବଳଙ୍ଗକୁ ଖୋଜି ଶିମିଳିପାଳ ଯାଇ ଆଉ ଫେରିନଥିଲା, ସେ କୁଆଡେ ତାଙ୍କ ପୂର୍ବପୁରୁଷ । ସେମାନେ ଆଜି ବି ମାଝିବୁଢାର ଫେରନ୍ତା ପଥକୁ ଚାହିଁ ବସିଛନ୍ତି । କାଳେ ମାଝିବୁଢା ଶିମିଳିପାଳରୁ ନିଜର ନାଆ ବାହି ପୁଣି ଫେରିଆସିବ ବଳରାମଗଡି ; ଏଭଳି ବିଶ୍ୱାସ କେବଳ ଡାକୁ ମାଝି କାହିଁକି ବଳରାମଗଡି, ବାଲେଶ୍ୱରରେ ବସବାସ କରୁଥିବା ସବୁ ମାଝିମାନଙ୍କର ରହିଛି ।" (ବୁଢ଼ାବଳଙ୍ଗର ମାଝି, ପୃଷ୍ଠା–୨୩)

ଡ. ପ୍ରଧାନ ଜଣେ କଥାକାର ହେଲେ ହେଁ ପ୍ରଥମେ ସେ ଜଣେ ଗବେଷକ । ସେଥିପାଇଁ ଉପନ୍ୟାସଟିର ପ୍ରତ୍ୟେକ ଘଟଣାକୁ ସେ ଯୁକ୍ତିସମ୍ମତ ଓ ତଥ୍ୟଭିତିକ ଉପସ୍ଥାପନା କରିଛନ୍ତି । ବିଶେଷକରି ବିଭିନ୍ନ ସ୍ଥାନର ନାମକରଣ କାହିଁକି ହୋଇଛି ସେ ସଂପର୍କରେ ସେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଛନ୍ତି । ଏହା ତାଙ୍କର ଏକ ନିଆରା ଶୈଳୀ । ଯେପରି ବାଲେଶ୍ୱର ସହରର ନାମକରଣ ନେଇ ସେ ଐତିହାସିକ ଓ ପୌରାଣିକ କିମ୍ବଦନ୍ତୀ ମାଧ୍ୟମରେ ବ୍ୟାଖ୍ୟା କରିଛନ୍ତି । ଇତିହାସ କହେ ମୋଗଲ ରାଜତ୍ୱ କାଳରୁ 'ବାଲା–ଏ–ଶୋର୍'ରୁ ବାଲେଶ୍ୱର ହୋଇଛି । ଯାହାର ଅର୍ଥ ହେଉଛି 'ସମୁଦ୍ରକୂଳିଆ ସହର' । ପୌରାଣିକ କିମ୍ବଦନ୍ତୀ ଅନୁସାରେ ଅସୁରରାଜ ବାଣାସୁର ଏଠାରେ ମହାଦେବଙ୍କୁ ତପସ୍ୟା କରି ବରପ୍ରାପ୍ତି ହୋଇଥିବାରୁ ଏହାର ନାମ ବାଲେଶ୍ୱର ହୋଇଛି । ସେହିପରି ଇଂରେଜ ବଣିକମାନେ ବାଲେଶ୍ୱର ସହର ମଧ୍ୟକୁ ପ୍ରବେଶ କରିବା ପାଇଁ ବାଲେଶ୍ୱର ଘାଟରୁ ପରମିଟ୍ ପାଉଥିବାରୁ ତାର ନାମ ପରମିଟ୍ ଘାଟ ରଖାଯାଇଛି । ମାଝିବୁଢା ବଳଙ୍ଗ ନଦୀର ଉତ୍ସ ଖୋଜିଖୋଜି ଯାଇଥିବାରୁ ଏହି ନଦୀର ନାମ ରଖାଯାଇଛି ବୁଢାବଳଙ୍ଗ । ବରେହିପାଣି ଜଳପ୍ରପାତର ନାମକରଣ ସଂପର୍କରେ ଶ୍ରୀଯୁକ୍ତ ପ୍ରଧାନ ଏକ ସୁନ୍ଦର ମତ ରଖିଛନ୍ତି । "ଉଚ୍ଚ ପାହାଡ଼ର ଶୀର୍ଷରୁ ବାର୍ହା ଭଳି ତଳକୁ ଲମ୍ଫ ପ୍ରଦାନ କରୁଥିବାରୁ ଏହି ଜଳପ୍ରପାତର ନାମ 'ବାର୍ହାପାଣି' ବା 'ବରେହିପାଣି' ହୋଇଛି । ଅନ୍ୟ ଅର୍ଥରେ , 'ବରେହି'ର ଅର୍ଥ ପତଳା ସୂତା ବା ଦଉଡ଼ି । ଏହି ଜଳପ୍ରପାତଟି ଅତି ଉଚ୍ଚ ପାହାଡ଼ରୁ ନିମ୍ନକୁ ଖସିବାବେଳେ ଦୂରରୁ ଏକ ପତଳା ସୂତା ବା ଦଉଡ଼ିର ଭ୍ରମ ସୃଷ୍ଟି କରିଥାଏ । ଏଣୁ ଏହାକୁ ବରେହିପାଣି ବୋଲି କୁହାଯାଇଥାଏ ।

(ବୁଢ଼ାବଳଙ୍ଗ ମାଝି, ପୃଷ୍ଠା-୧୭) ଏହିପରି ଶିମିଳିପାଳ ଜୈବମଣ୍ଡଳ ଓ ବୁଢାବଳଙ୍ଗ ନଦୀ ମୁହାଣ ଅନ୍ତର୍ଗତ ବିଭିନ୍ନ ଅଂଚଳର ନାମକରଣର ବୈଶିଷ୍ଟ୍ୟକୁ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି।

ଉକ୍ତ ଉପନ୍ୟାସଟି ଔପନ୍ୟାସିକ ଡ. ପ୍ରଧାନଙ୍କର ଏକ ଗବେଷଣାଧର୍ମୀ ଉପନ୍ୟାସ। ଫଳରେ ସେ ଶିମିଳିପାଳ ଅଭୟାରଣ୍ୟ ଓ ବାଲେଶ୍ୱର ବନ୍ଦର ଅଂଚଳ ପରିଦର୍ଶନ କରିବା ଓ ସେ ସଂପର୍କରେ ତଥ୍ୟ ସନ୍ଧାନ କରିବା ସମୟରେ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି ଓ ପ୍ରତ୍ୟେକ ଅଂଚଳ, ସ୍ଥାନ, ଘଟଣା ଓ ସ୍ମାରକୀ ସଂପର୍କରେ ସେମାନଙ୍କ ସହ ସବିଶେଷ ଆଲୋଚନା କରିବା ପରେ ତାହାକୁ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଛନ୍ତି। ଯେମିତି ବୁଢାବଳଙ୍ଗ ନଦୀର ଉତ୍ପତ୍ତିସ୍ଥଳ ସଂପର୍କରେ ଜାଣିବା ପାଇଁ ସେ ଶିମିଳିପାଳ ଅଂଚଳରେ ବସବାସ କରୁଥିବା ବିଭିନ୍ନ ଜନଜାତିର ଲୋକମାନଙ୍କ ସହ ମିଶିଛନ୍ତି। ସେମାନେ ହେଲେ ସାନ୍ତାଳ, କୋହ୍ଲ, ବାଥୁଡ଼ି, ମାଙ୍କିଡ଼ିଆ, ଖଡିଆ, ହୋ, ମୁଣ୍ଡା ଇତ୍ୟାଦି। ଏମାନେ ସେହି ଅଂଚଳର ଆଦିମ ଅଧିବାସୀ। ବାଲେଶ୍ୱର ଅଂଚଳର ଡାକୁ ମାଝି ପରି ଶିମିଳିପାଳ ଅଂଚଳର ସମାୟ ସୋରେନ୍ ଓ ତା ଝିଅ ବିନ୍ଦି ଔପନ୍ୟାସିକଙ୍କ ଗାଇଡ୍ ଭାବରେ ତାଙ୍କୁ ପଥ ପ୍ରଦର୍ଶନ କରାଇଛନ୍ତି। ସମାୟ ସୋରେନ ଏହି ହଜାର ହଜାର ବର୍ଗକିଲୋମିଟର ପରିମିତ ଶିମିଳିପାଳ ଜଙ୍ଗଲର ରଜା ଭାବରେ ପରିଚିତ। ଲୋକମାନେ ତାକୁ ଗାଁର ମୁଖିଆ ଭାବରେ ମାନନ୍ତି। ସେ ଗାଁର ମୁଖିଆ ହେଲେ ବି ସେ ଦୀନଦରିଦ୍ର ଓ ଏକ ଛୋଟ ଘରେ ଜୀବନଯାପନ କରେ, ମାତ୍ର ତା ଘର ସିନା ଛୋଟ, ତା ହୃଦୟ ତା ଦୁନିଆ, ତା ଶିମିଳିପାଳ କିନ୍ତୁ ଖୁବ୍ ବିରାଟ। ରଂଜନ ପ୍ରଧାନଙ୍କୁ ଦେଇଥିବା ଆତିଥ୍ୟ ଓ ସେବା ଯତ୍ନ ତା ମହାନତାର ପ୍ରମାଣଦିଏ। ବୁଢାବଳଙ୍ଗର ଉତ୍ପତ୍ତି ସଂପର୍କରେ ନାନା ମୁନି ନାନା ମତ ଦେଉଥିଲେ ହେଁ, ସମାୟ ସୋରେନ ଯୁକ୍ତିସମ୍ମତ ଭାବରେ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଏ ବିଷୟରେ ଧାରଣା ଦେଇଛି। ଅଧିକାଂଶ ଲୋକଙ୍କ ଧାରଣା ଶିମିଳିପାଳ ଏକ କ୍ଷୁଦ୍ର ଇଲାକା। ମାତ୍ର ଶିମିଳିପାଳର ସୀମା ସରହଦ ବହୁ ବ୍ୟାପକ। ଠାକୁରମୁଣ୍ଡା, କପ୍ତିପଦା, ଉଦଳା, ଝୁଂଟା, ଶ୍ୟାମାଖୁଂଟା, ବାରିପଦା, କୁଳିଅଣା, ବାଙ୍ଗିରିପୋଷି, ବିଶୋୟୀ, ବିଜାତଳା, ରାଇରଙ୍ଗପୁର, ଯଶୀପୁର, କରଞ୍ଜିଆ ପ୍ରଭୃତି ଅଂଚଳରେ ପରିବ୍ୟାପ୍ତ ରହିଛି ଏହି ଅଭେଦ୍ୟ ଜଙ୍ଗଲ। ଶିମିଳିପାଳ ସେହି ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ସ୍ୱର୍ଗ। ଏହି ଘଂଚ ଜଙ୍ଗଲରୁ ହିଁ ବୁଢାବଳଙ୍ଗ ନଦୀ ତାର ଯାତ୍ରା ଆରମ୍ଭ କରି ସମୁଦ୍ର ମୁହାଁ ହୋଇଛି। "ସମାୟ ସୋରେନ୍ କଥା ଆରମ୍ଭ କଲା। ବୁଢାବଳଙ୍ଗ ଗାଁରୁ ଯଦିଓ ବୁଢାବଳଙ୍ଗ ନଦୀ ବାହାରିଛି ବୋଲି ଅନେକ କହନ୍ତି, ପ୍ରକୃତରେ ବୁଢାବଳଙ୍ଗ ଗାଁର ଉପରକୁ ଥିବା ଚାଟାମ୍ବୁରୁରୁ ବୁଢାବଳଙ୍ଗ ନଇ ବାହାରିଛି। ବୁଝାଇଲା, ଗାଁ ମୁଖିଆ ସମାୟ ସୋରେନ୍। ଚାଟାମବୁରୁରୁ ଚାଟମ୍ ଝରେ ଓ ବିନ୍ଦିବାସା ପାହାଡରୁ ବିନ୍ଦିବାସା ଝରେ ମିଳିତ ହୋଇ ଆଗକୁ ବଦରଗୋଡ଼ା ନଈ ପାଲଟିଛନ୍ତି। ଆଉ ବଦରଗୋଡ଼ା ନଈ ତଳମୁଣ୍ଡରେ ବୁଢାବଳଙ୍ଗ ଗାଁ ଠାରୁ ବୁଢାବଳଙ୍ଗ ନାମ ଧାରଣ କରି ଆଗକୁ ପ୍ରବାହିତ ହୋଇଛି ବୋଲି ସମାୟ ଭୂମିରେ ଗାର କାଟି ବୁଝାଇଦେଲା।" (ବୁଢ଼ାବଳଙ୍ଗ ମାଝି, ପୃଷ୍ଠା-୧୫) ସମାୟ ସୋରେନ୍‌ର ଏହି କଥାକୁ ଗାଁର ଅନ୍ୟ ସାନ୍ତାଳମାନେ ସମର୍ଥନ କରିଛନ୍ତି।

ଶିମିଳିପାଳର ସବୁଜିମା ଓ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଛନ୍ତି କଥାକାର। ତାଙ୍କୁ ଏଥିରେ ସାହାଯ୍ୟ କରିଛନ୍ତି ବାର୍ହାକାମୁଡ଼ା ରେଞ୍ଜ ଅଧିକାରୀ ସତ୍ୟକାମ ବିରୁଆ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ସ୍ୱପ୍ନେଶ୍ୱର ପିଙ୍ଗ୍‌ପିଙ୍ଗ୍। ୧୯୫୬ରେ ଶିମିଳିପାଳରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ ହେଲା, ୧୯୮୦ରେ ଜାତୀୟ ଉଦ୍ୟାନ, ୧୯୯୪ରେ ଭାରତ ସରକାରଙ୍କ ପକ୍ଷରୁ ସଂରକ୍ଷିତ ଜୈବ ମଣ୍ଡଳ ଭାବରେ ଘୋଷଣା ହେଲା ଓ ୨୦୦୯ରେ ୟୁନେସ୍କୋ ଦ୍ୱାରା ସଂରକ୍ଷିତ ଐତିହ୍ୟ କ୍ଷେତ୍ରରେ ରୂପାନ୍ତରିତ ହେବା ପରେ ଏହି ଐତିହ୍ୟମଣ୍ଡିତ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷା ଓ ସଂରକ୍ଷଣ ଆମର ଜାତୀୟ କର୍ତବ୍ୟ ପାଲଟିଯାଇଛି। ଫଳରେ ଚତୁର୍ଦ୍ଦିଗରେ ଗେଟ୍, ସୁରକ୍ଷାକର୍ମୀ, କ୍ୟାମେରା, ଜଙ୍ଗଲ ଅଧିକାରୀମାନେ ଏହାର ସୁରକ୍ଷା ପ୍ରତି ସଚେତନ ଅଛନ୍ତି। ମାତ୍ର ଏତେସବୁ ସୁରକ୍ଷା ଭିତରେ ଏଠାରେ ନିର୍ଦ୍ୱନ୍ଦ୍ୱରେ ଗଛକଟା ହେବା ଓ ପଶୁପକ୍ଷୀ ଶିକାର ହେବା ସବୁଠାରୁ ଆଶ୍ଚର୍ଯ୍ୟକର ଘଟଣା। ଏହା ରଂଜନ ପ୍ରଧାନ ମନକୁ ଆନ୍ଦୋଳିତ କରୁଥିଲେ ହେଁ ସେ ନିରୂପାୟ। ଏହା ଆମ ସରକାରୀ ସିଷ୍ଟମର ଏକ ଅଂଶ ପାଲଟିଯାଇଛି; ଜାତୀୟ କର୍ତବ୍ୟ ହିସାବରେ ଏହା ବିରୋଧରେ ସଚେତନ ହେବା ସମସ୍ତଙ୍କର ନୈତିକ ଦାୟିତ୍ୱ। ବାସ୍ତବରେ ଶିମିଳିପାଳ ହିଁ ଭୂସ୍ୱର୍ଗ। ଏହାର ପ୍ରକୃତିରେ ଭରିରହିଛି ମାଦକତା। ସବୁଠାରୁ ଘଂଚ ଜଙ୍ଗଲ ଓ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି ଏହାର କୋର ଏରିଆରେ ଥିବା ଦେବସ୍ଥଳୀ, ବାର୍ହାକାମୁଡ଼ା, ଜେନାବିଲ, ମେଘାସନ, ତାରିଣୀବିଲା ଓ ଭଞ୍ଜବସା ପ୍ରଭୃତି ଦୁର୍ଗମ ଓ ଅଭେଦ୍ୟ ପାହାଡ଼। ଭୂସ୍ୱର୍ଗର ଏହି ସୌନ୍ଦର୍ଯ୍ୟକୁ କଳଙ୍କିତ କରୁଛନ୍ତି ଏହାର ସୁରକ୍ଷା ଦାୟିତ୍ୱରେ ଥିବା ଅଫିସରମାନେ। ରାତ୍ରିର ଅନ୍ଧକାରରେ ହେଉଥିବା କଦର୍ଯ୍ୟ ଓ ଘୃଣିତ କାର୍ଯ୍ୟ ରଂଜନ ପ୍ରଧାନଙ୍କୁ ବ୍ୟଥିତ କରିଛି। ସାରାରାତି ସେମାନେ ମଦ୍ୟପାନ କରୁଥିଲେ, ପଶୁମାଂସ ଶିକାର କରି ନିଜର କ୍ଷୁଧା ନିବାରଣ କରୁଥିଲେ ଓ ଆଦିବାସୀ ମହିଳାମାନଙ୍କ ଶରୀର ଓ ମନକୁ କ୍ଷତବିକ୍ଷତ କରୁଥିଲେ। ବାରିପଦାରୁ ଆସିଥିବା ମହିଳାମାନେ ପ୍ରତିରୋଧ କରିବାରୁ ସେମାନଙ୍କୁ ନିର୍ଘୁମ୍ ପିଟୁଥିଲେ, ଜବରଦସ୍ତ ମଦ ପିଆଇ ଉଲଗ୍ନ କରୁଥିଲେ ଓ ଇଜ୍ଜତ୍

ଲୁଟୁଥିଲେ । ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର ଶିମିଳିପାଳରେ ବିଳମ୍ବିତ ରାତ୍ରୀରେ ଯେତେବେଳେ ଜଙ୍ଗଲର ଜନ୍ତୁମାନେ ପ୍ରକୃତି କୋଳରେ ସ୍ୱପ୍ନରେ ବିଭୋର ହେଉଥିଲେ ସେତେବେଳେ ଏହି ସଭ୍ୟ ମଣିଷମାନେ ନିଜ ପାଶବିକ ଲାଳସାରେ ବିଭୋର ହୋଇଯାଉଥିଲେ ।

ଏହି ପାହାଡ଼ ଜଙ୍ଗଲ କେବଳ ନୁହେଁ; ନଈ ଓ ସମୁଦ୍ରର ସୌନ୍ଦର୍ଯ୍ୟ ମଧ୍ୟ ସର୍ବଦା ରଂଜନ ପ୍ରଧାନଙ୍କୁ ପାଗଳ କରିଥାଏ । ସେଥିପାଇଁ ବୁଢାବଳଙ୍ଗ ମୁହାଁଣସଂଲଗ୍ନ ଅଂଚଳର ଇତିହାସ ଅନ୍ୱେଷଣରେ ସେ ବିଭୋର ହୋଇଛନ୍ତି । ପୂର୍ବରୁ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧ ଥିବା ବାଲେଶ୍ୱର ଆଜି କିପରି ମୃତ ବନ୍ଦରରେ ପରିଣତ ହୋଇଛି ତାହା ଲେଖକଙ୍କୁ ବ୍ୟଥିତ କରିଛି । ଯଦି ଇଂରେଜମାନେ କାରଣବଶତଃ କଲିକତାକୁ ନିଜର ବାଣିଜ୍ୟିକ ସହର ଭାବରେ ବାଛିନଥାନ୍ତେ ତାହେଲେ ଓଡ଼ିଶା ଆଜି ଭାରତର ଏକ ପ୍ରମୁଖ ନଗର ଭାବରେ ଉଭାହୋଇଥାନ୍ତା । ଅତୀତ ଉତ୍କଳର ସମୃଦ୍ଧ ନୌବାଣିଜ୍ୟ ପରଂପରାର ସ୍ୱପ୍ନ ଦେଖି ଦୀର୍ଘଶ୍ୱାସ ଛାଡିଛନ୍ତି ଶ୍ରୀଯୁକ୍ତ ପ୍ରଧାନ । ଲେଖକଙ୍କ ଭାଷାରେ– "ଆହାଃ, ଆଉ ଫେରି ଆସନ୍ତାନି ସେ ଗୌରବମୟ ଅତୀତ । ବାଲେଶ୍ୱର ବନ୍ଦରର ଗୌରବମୟ ଇତିହାସ । ପୁଣି ଚଳଚଂଚଳ ହୋଇ ଉଠନ୍ତାନି ବାଲେଶ୍ୱର ବନ୍ଦର ଓ ଫରାସୀଡିଙ୍ଗା ! ବାଲେଶ୍ୱର ପୁଣି ପାଲଟନ୍ତାନି ଭାରତବର୍ଷର ପ୍ରମୁଖ ନୌବାଣିଜ୍ୟ ପ୍ରାଣକେନ୍ଦ୍ର !" (ବୁଢ଼ାବଳଙ୍ଗ ମାଝି, ପୃଷ୍ଠା– ୧୯) କେବଳ ବାଲେଶ୍ୱରରେ ନୁହେଁ ସମଗ୍ର ଉତ୍କଳ ଭୂଇଁ ବନ୍ଦର ଓ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧ ଥିଲା । ସୁବର୍ଣ୍ଣରେଖା, ବୁଢାବଳଙ୍ଗ ମୁହାଁଣରୁ ଆରମ୍ଭ କରି ଗମେଇ, କାଂଶବାଂଶ, ଫଂଚପଡା, କଂଟିଆଚିରା, ବୈତରଣୀ, ବ୍ରାହ୍ମଣୀ, ଗୋବରୀ, ମହାନଦୀ, ଅଳକା, ଦେବୀ, ପ୍ରାଚୀ, କାଦୁଆ, ଚନ୍ଦ୍ରଭାଗା, ଭାର୍ଗବୀ, କୁଶଭଦ୍ରା, ଋଷିକୂଲ୍ୟା, ବାହୁଦା, ବଂଶଧାରା, ମହେନ୍ଦ୍ରତନୟା ମୁହାଁଣ ପର୍ଯ୍ୟନ୍ତ ଅନେକ ରୋମାଂଚକର ନୌବାଣିଜ୍ୟ ଓ ବନ୍ଦର କାହାଣୀ ଓଡ଼ିଶାର ଇତିହାସ ସହିତ ଯୋଡ଼ିହୋଇରହିଛି । ଓଡ଼ିଶାର ଏହି ସୁସମୃଦ୍ଧ ନୌବାଣିଜ୍ୟ ପରଂପରା ଆଜି ଅତୀତ ହେଲେ ବି ତାର ସ୍ମୃତି ଓଡ଼ିଶାବାସୀଙ୍କୁ ଏବେ ମଧ୍ୟ ରୋମାଂଚିତ କରୁଛି ।

ବଳରାମଗଡ଼ିରେ ସନ୍ଧ୍ୟା ନଇଁ ଆସୁଥିଲା । ସମୁଦ୍ର ଜୁଆରରେ 'ରାସିଡିଙ୍ଗା ଘାଟରେ ଖଟା ଯାଇଥିବା ଶତାଧିକ ଟ୍ରଲର ଢେଉରେ ଦୋଳି ଖେଳୁଥିଲେ । ଏକଦା ପୁରୁଣା ବାଲେଶ୍ୱରର ଏ ବୁଢାବଳଙ୍ଗ ନଦୀ ଘାଟରେ ଫ୍ରାନ୍ସର ବଣିକମାନେ ବସତିସ୍ଥାପନ କରୁଥିବାରୁ ଏହାର ନାମ ଫରାସିଡିଙ୍ଗା ହୋଇଛି । ଏବେ କିନ୍ତୁ ଏହା ପରିତ୍ୟକ୍ତ । କେବଳ ୟୁରୋପୀୟ ବଣିକମାନଙ୍କର ସ୍ମୃତିର ସ୍ୱାକ୍ଷର ବହନ କରି ବୁଢାବଳଙ୍ଗ କୂଳରେ ଠିଆହୋଇଛି । ଏବେ କେତେଟା ମାଛଧରା ଡଙ୍ଗା, ଟ୍ରଲର ତାର ପରିଚୟ ପାଲଟିଛି । ବାଲେଶ୍ୱରର ବଡ ମାଛ ଫିସାରି ପାଲଟିଛି ଫରାସିଡିଙ୍ଗା । ସେହିପରି କାରଖାନାଗଡିରେ ପ୍ରତିଦିନ ଛୋଟବଡ ଜାହାଜ, ଡଙ୍ଗା ଓ ଟ୍ରଲର ନିର୍ମାଣ କାର୍ଯ୍ୟ ଚାଲିଥାଏ । ମୋଗଲ, ମରହଟ୍ଟା, ୟୁରୋପୀୟମାନେ ମଧ୍ୟ ଏଠାରେ ଜାହାଜ ନିର୍ମାଣ କରୁଥିଲେ । ତା ପୂର୍ବରୁ ଉତ୍କଳର ସାଧବମାନେ ଏଠି ବୋଇତ ତିଆରି କରୁଥିଲେ । ଦିନଥିଲା ସମଗ୍ର ଦକ୍ଷିଣ-ପୂର୍ବ ଏସିଆ ଓ ୟୁରୋପରେ ବାଲେଶ୍ୱର ଏକ ପ୍ରସିଦ୍ଧ ଜାହାଜ ନିର୍ମାଣ କାରଖାନା ସ୍ଥଳ ଭାବରେ ଖ୍ୟାତି ଅର୍ଜନ କରିଥିଲା । ବୁଢାବଳଙ୍ଗ କୂଳରେ ଯେଉଁଠି ଡଚ୍ ବଣିକମାନେ ରହୁଥିଲେ ତାହା ହେଉଛି ଓଲନ୍ଦାଜସାହି । ତାହା ଆଜି ଜନଶୂନ୍ୟ । ପର୍ତ୍ତୁଗୀଜ ନାବିକମାନେ ମାଡ୍ରାସ ଉପକୂଳ ଛାଡି ସୁବର୍ଣ୍ଣରେଖା ମୁହାଁଣ ନିକଟସ୍ଥ ପିପିଲି ଠାରେ ନୌବାଣିଜ୍ୟ କେନ୍ଦ୍ର ସ୍ଥାପନ କଲେ । ମାତ୍ର ଏହି ମୁହାଁଣ ପୋତି ହୋଇପଡିବାରୁ ତାହା ବେଶୀ ଦିନ ତିଷ୍ଠି ପାରିଲାନାହିଁ । ଏଣୁ ପର୍ତ୍ତୁଗୀଜମାନେ ବାଲେଶ୍ୱରର ବଳରାମଗଡିକୁ ଚାଲିଆସିଲେ 'ଲରେ ବାଲେଶ୍ୱର ବନ୍ଦରର ପ୍ରାଧାନ୍ୟ ବଢ଼ିଲା । ବାଲେଶ୍ୱରରେ ପର୍ତ୍ତୁଗୀଜମାନେ ବାଣିଜ୍ୟକୋଠି ଓ କାରଖାନା ନିର୍ମାଣ କରି ବ୍ୟବସାୟ ଆରମ୍ଭ କରିଥିଲେ; ମାତ୍ର ବାଲେଶ୍ୱର ବନ୍ଦର ବି ଦିନେ ବନ୍ଦ ହୋଇଗଲା । ତାପରେ ଇଂରେଜମାନେ ବଙ୍ଗର ସୂତାନଟି ଅଂଚଳକୁ ଚାଲିଯିବାରୁ କଲିକତା ବନ୍ଦରର ପ୍ରାଧାନ୍ୟ ବଢ଼ିଲା ଓ ଆଜି ବି ଏହା ସମଗ୍ର ଭାରତର ଏକ ପ୍ରମୁଖ ବାଣିଜ୍ୟିକ କ୍ଷେତ୍ର ଭାବରେ ପରିଚିତ ।

ଡ. ପ୍ରଧାନ ଉକ୍ତ ଉପନ୍ୟାସରେ ବାଲେଶ୍ୱରର ପ୍ରଥମ କଲେକ୍ଟର ହେନେରି ରିକେଟ୍ ସାହେବ ଓ ତାଙ୍କ ବାଲେଶ୍ୱର ପ୍ରତି ଭଲପାଇବା ସଂପର୍କରେ ଏକ ସୁନ୍ଦର ତଥ୍ୟର ଅବତାରଣା କରିଛନ୍ତି । ପ୍ରଥମେ ଇଂରେଜ ଡାକ୍ତର ଗାବ୍ରିଆଲ୍ ବ୍ରଂଟନ୍ ମୋଗଲ ସମ୍ରାଟ ଶାହାଜାହାନଙ୍କ କନ୍ୟା ରୋସ୍‌ନାରାଙ୍କୁ ନିଜ ଚିକିତ୍ସାରେ ସୁସ୍ଥ କରାଇ ପୁରସ୍କାର ସ୍ୱରୂପ ବାଲେଶ୍ୱରରେ ଜାଗା ଖଣ୍ଡେ ପାଇଥିଲେ । ପରେ ଇଂରେଜମାନେ ଏଠାରେ ବାଣିଜ୍ୟ କୋଠି ପ୍ରତିଷ୍ଠା କଲେ । ୧୬୪୨ରୁ ଇଂରେଜମାନଙ୍କର ବ୍ୟବସାୟ ଖୁବ୍ ସୁନ୍ଦର ଭାବରେ ଚାଲିଲା । ବୁଢାବଳଙ୍ଗ ନଦୀ ମୁହାଁଣ ପୋତି ହୋଇପଡିବାରୁ ଜାହାଜ ଚଳାଚଳ ଅସମ୍ଭବ ହୋଇପଡିଲା । ସେଥିପାଇଁ ସେମାନେ କଲିକତାର ହୁଗୁଳି ନଦୀ କୂଳର ସୂତାନଟିକୁ ଚାଲିଗଲେ ଓ ଆଜିର କଲିକତା ମହାନଗରର ସୃଷ୍ଟିହେଲା । ପରବର୍ତୀ ସମୟରେ ଅର୍ଥାତ୍ ୧୮୦୩ରୁ ଇଂରେଜମାନେ ଓଡିଶା ଅଧିକାର କରିବା ପରେ ୧୮୨୭ରୁ ୧୮୩୫ ମଧ୍ୟରେ ବାଲେଶ୍ୱରର ପ୍ରଥମ କଲେକ୍ଟର ଭାବରେ ଯୋଗଦେଲେ ହେନେରି ରିକେଟ୍ । ସେ ପ୍ରଜାବତ୍ସଳ ଥିଲେ ଓ ବାଲେଶ୍ୱରକୁ ଖୁବ୍ ଭଲପାଉଥିଲେ । ରିକେଟ୍ ସାହେବଙ୍କ ପତ୍ନୀ ଜଣେ ଡାକ୍ତର ଥିଲେ ଓ ବାଲେଶ୍ୱରରେ ସେ ନିଃସ୍ୱାର୍ଥପର ସେବା କରି ଲୋକମାନଙ୍କ ହୃଦୟ ଜିଣିପାରିଥିଲେ । ବାଲେଶ୍ୱରରେ ଚାକିରି

ଅବସ୍ଥାରେ ତାଙ୍କର ପତ୍ନୀଙ୍କର ଦେହାନ୍ତ ହେଲା; ଏବଂ ବାରବାଟୀ ନିକଟରେ ତାଙ୍କୁ ସମାଧି ଦିଆଗଲା। ରିକେଟ ସାହେବଙ୍କ ଶେଷ ଇଚ୍ଛା ଥିଲା ତାଙ୍କ ମୃତ୍ୟୁ ପରେ ପତ୍ନୀଙ୍କ ସମାଧି ପାଖରେ ତାଙ୍କୁ କବର ଦିଆଯିବ। ତାଙ୍କର ଚାକିରି ସରିବା ପରେ ସେ ଇଂଲଣ୍ଡ ଚାଲିଯାଇଥିଲେ ଓ ୧୮୮୬ରେ ଇଂଲଣ୍ଡରେ ହେନେରି ରିକେଟଙ୍କ ପରଲୋକ ହେଲା। ତାଙ୍କର ଶେଷ ଇଚ୍ଛା ପୂରଣ କରାଗଲା। ଇଂଲଣ୍ଡରୁ ତାଙ୍କ ମୃତ ଶରୀରକୁ ଜାହାଜରେ ଆଣି ତାଙ୍କ ପତ୍ନୀଙ୍କ ସମାଧି ନିକଟରେ ସ୍ଥାପନ କରାଗଲା। ଆଜି ବାଲେଶ୍ୱରର ବାରବାଟୀରେ ଶୋଭାପାଉଛି ଇଂଲଣ୍ଡ ଦମ୍ପତିଙ୍କ ସମାଧି; ଏବଂ ସେଥିରେ ଲେଖା ଅଛି, 'ହି ନେଭର୍ ଫରଗେଟ୍ ବାଲେଶ୍ୱର ନର୍ ଓରିଆ'। ପବିତ୍ର ଦାମ୍ପତ୍ୟ ପ୍ରେମର ସ୍ମାରକୀ ବହନ କରୁଥିବା ଏହି ବାରବାଟୀକୁ ପ୍ରତିବର୍ଷ ଇଂରେଜମାନେ ଆସି ଏହି ଦମ୍ପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥାନ୍ତି।

ଔପନ୍ୟାସିକ ଡ. ପ୍ରଧାନ ଅଖଣ୍ଡ ଶିକାର ପର୍ବର ଅବତାରଣା ମାଧ୍ୟମରେ ଶିମିଳିପାଳ ପରି ବୃହତ୍ ଜଙ୍ଗଲ ଓ ଜୈବମଣ୍ଡଳର ଖାଦ୍ୟ ଶୃଙ୍ଖଳା ପ୍ରକ୍ରିୟା ଓ ଶିକାରର ଆବଶ୍ୟକତା ସଂପର୍କରେ ତଥ୍ୟମୂଳକ ଉପସ୍ଥାପନା କରିଛନ୍ତି। ଏହା କେବଳ ଶିମିଳିପାଳର ଶିକାର ସଂପର୍କରେ ନୁହେଁ ଏହା ସାର୍ବଜନୀନ ଶିକାର ସଂପର୍କରେ ଏକ ରୋଚକ ତଥ୍ୟ। ଅତୀତରେ ଆଦିବାସୀମାନେ ଅଖଣ୍ଡ ଶିକାର ଯାତ୍ରାରେ ବାହାରି ମନଇଚ୍ଛା ହରିଣ, ସମ୍ବର ଶିକାର କରୁଥିଲେ। ରାତି ତମାମ୍ ଜଙ୍ଗଲରେ କାଠ ଜାଳି, ନାଚଗୀତ କରି ସେସବୁ ପୋଡ଼ି ଖାଉଥିଲେ। ଏହା ପରେ ବି ଶିମିଳିପାଳରେ ଜନ୍ତୁଙ୍କ ସଂଖ୍ୟା କମୁନଥିଲା। କାରଣ ଜଙ୍ଗଲରେ ହରିଣ, ସମ୍ବର, ଠେକୁଆ ଭଳି ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ଅତି ମାତ୍ରାରେ ବଢିଯାଉଥିଲା, 'ଳରେ ଜଙ୍ଗଲରେ ଗଛଲତା, ଘାସପତ୍ରର ଅଭାବ ଦେଖାଯାଉଥିଲା। ଯାହା ଜଙ୍ଗଲ ପାଇଁ ଶୁଭ ନଥିଲା। ତେଣୁ ଖାଦ୍ୟଶୃଙ୍ଖଳ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିଲା। ଏହି ଖାଦ୍ୟଶୃଙ୍ଖଳାରେ ନିୟନ୍ତ୍ରଣ ଆଣିବା ପାଇଁ ଆଦିବାସୀମାନେ ବର୍ଷକୁ ଥରେ ଅଖଣ୍ଡ ଶିକାର କରୁଥିଲେ। ତଥାପି ଜଙ୍ଗଲରେ ଜୀବଜନ୍ତୁଙ୍କ ସଂଖ୍ୟା କମୁନଥିଲା। ସଂପ୍ରତି ଏହି ଅଖଣ୍ଡ ଶିକାରକୁ ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଛି; ତା ସତ୍ତ୍ୱେ ବି ଶିମିଳିପାଳରେ ଜୀବଜନ୍ତୁଙ୍କ ସଂଖ୍ୟା ଦ୍ରୁତ ହ୍ରାସ ହେବାରେ ଲାଗିଛି। ଏହିପରି ଏକ ଘଟଣା ଉଲ୍ଲେଖ କରି ଡ. ପ୍ରଧାନ ଶିମିଳିପାଳ ପରି ଅଧିକାଂଶ ଜଙ୍ଗଲରେ ହେଉଥିବା ଅବାଧ ପଶୁଶିକାର ସଂପର୍କରେ ଚେତାବନୀ ଦେଇଛନ୍ତି। ଜଙ୍ଗଲର ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ନିୟୋଜିତ କର୍ମୀ ଓ ପଦସ୍ଥ ଅଫିସରମାନଙ୍କର ଏହି ହୀନ ମନୋବୃତି ପାଇଁ ଜଙ୍ଗଲର ଗଛଲତା ଓ ଜୀବଜନ୍ତୁ ଧୀରେଧୀରେ କମିବାରେ ଲାଗିଛି। ପରିବେଶ ସନ୍ତୁଳନ ପାଇଁ କଣ କରାଯିବା ଉଚିତ୍, ତାହା ଅଶିକ୍ଷିତ ଆଦିବାସୀମାନେ ବୁଝିପାରନ୍ତି ଓ ସେହି ଅନୁସାରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରନ୍ତି; ମାତ୍ର ଶିକ୍ଷିତ ଓ ତତ୍‌ସଂପର୍କିତ ବିଶେଷ ଜ୍ଞାନ ଅର୍ଜନ କରିଥିବା ସରକାରୀ କର୍ମଚାରୀମାନଙ୍କ ପାଇଁ ଶିମିଳିପାଳ ପରି ନୈସର୍ଗିକ ସୌନ୍ଦର୍ଯ୍ୟ ତାର ସୁଷମା ହରାଉଛି। ଏବେ ମଧ୍ୟ ସମୟ ଅଛି; ସମସ୍ତେ ଏ ସଂପର୍କରେ ସଚେତନ ହେଲେ ଆମେ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର ରକ୍ଷା କରିପାରିବା।

ପାହାଡ଼, ପର୍ବତ, ଜଙ୍ଗଲ, ନଦୀ, ସମୁଦ୍ର ପରି ପ୍ରାକୃତିକ ଦୃଶ୍ୟରେ ବିଭୋର ହେଉଥିବା ରଂଜନ ପ୍ରଧାନ ସମାୟ ସୋରେନ୍‌ର ଝିଅ ବିନ୍ଦି ପ୍ରତି ଧୀରେଧୀରେ ଆକର୍ଷିତ ହେଉଥିଲେ। ବିନ୍ଦି ବୁଢ଼ାବଳଙ୍ଗ ଗାଁ, ବୁଢାବଳଙ୍ଗ ନଦୀ ଓ ମାଝିବୁଢା ସଂପର୍କରେ ରଂଜନ ପ୍ରଧାନଙ୍କୁ ବୁଝାଉଥିଲା। ଏହା ସହ ପର୍ବତରାଜ ମେଘାସନ ଓ ସାଗରକନ୍ୟା ମୌସୁମୀଙ୍କ ପ୍ରେମ କାହାଣୀ ବର୍ଣ୍ଣନା କଲାବେଳେ ବିନ୍ଦିର ଆଖି ଛଳଛଳ ହୋଇଯାଇଥିଲା। ପ୍ରେମ ପାଗିଳିନୀ ଓ ଉନ୍ମାଦିନୀ ପ୍ରେମିକା ଭଳି ସାଗର କନ୍ୟା ମୌସୁମୀ ଧାଇଁ ଆସେ ହଜାର କୋଶ ଦୂରରୁ। ନିଷ୍ଠୁର ମେଘାସନ ପର୍ବତ ସାଗର କନ୍ୟାର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିଦିଏ। ସେଥିପାଇଁ ସାଗର କନ୍ୟା ତା ପ୍ରେମିକ ମେଘାସନ ପାହାଡ଼ ଛାତିରେ ମଥା ପିଟି କାନ୍ଦୁଥାଏ। ଏହି ଲୁହ ବନ୍ୟା ହୋଇ ଶିମିଳିପାଳକୁ ବୁଡ଼ାଇଦିଏ। କୌଣସି କାରଣରୁ ସେମାନଙ୍କର ପ୍ରେମ କାହାଣୀ ଅପୂର୍ଣ୍ଣ ରହିଯାଏ। ମୌସୁମୀର ଦୁଇ ଆଖିର ଲୁହ ଦୁଇଟି ନଦୀ ହୋଇ ଏଠାରେ ପ୍ରବାହିତ ହୁଏ; ଗୋଟିଏ ଖଇରୀ ଓ ଅନ୍ୟଟି ଭଣ୍ଡନୀ। ଦେଖିବାକୁ ନଦୀ ଦିଇଟି ପାତଳୀ ଓ ସୁକୁଟୀ ହେଲେ ବି ବର୍ଷା ସମୟରେ ଏ ଦୁଇ ପାହାଡ଼ୀ ନଈ ଉଗ୍ର ଓ ଭୀଷଣ ରୂପ ଧାରଣ କରନ୍ତି। ପର୍ବତରାଜ ମେଘାସନର ଏହି ନିଷ୍ଠୁର ନିଷ୍ପତି ବିନ୍ଦିକୁ ବ୍ୟଥିତ କରିଛି ଓ ରଂଜନ ପ୍ରଧାନର ହୃଦୟକୁ ମଧ୍ୟ ଚହଲେଇଦେଇଛି। ପାରସ୍ପରିକ ବାର୍ତାଳାପ ମଧ୍ୟରେ ସେମାନେ ବାଛୁରୀଚରା, ଯୋରନ୍ଦା, ନଓ୍ୱାଣା ପାହାଡ଼, ଦେବକନ୍ୟା କୁଣ୍ଡ, ଅସୁରହାଡ଼ ପାହାଡ଼, ରାମରାଜା ପାହାଡ଼ ଓ ଆହୁରି ଅନେକ ସ୍ଥାନ ଭ୍ରମଣ କରି ଏହି ସ୍ୱର୍ଗୀୟ ଶାନ୍ତଶୀତଳ ପରିବେଶ ଉପଭୋଗ କରିଛନ୍ତି ଓ ପରସ୍ପରର ନିକଟତର ହୋଇଛନ୍ତି। ଦୁହିଁଙ୍କ ମଧ୍ୟରେ ପ୍ରେମର ଏକ ସୂକ୍ଷ୍ମ ଧାରା ପ୍ରବାହିତ ହୋଇଛି। ଏହି ଭ୍ରମଣ ସମୟରେ ଡ. ପ୍ରଧାନ ପ୍ରତ୍ୟେକ ସ୍ଥାନର କିମ୍ବଦନ୍ତୀ ବର୍ଣ୍ଣନା କରିବା ସହ ଏହି ସ୍ଥାନର ଓ ନାମକରଣଗତ ବୈଚିତ୍ର୍ୟକୁ ମଧ୍ୟ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିଛନ୍ତି; ଯାହା ଏହି ଉପନ୍ୟାସକୁ ଅଧିକ ଆକର୍ଷଣୀୟ କରି ଗଢିତୋଳିଛି।

ଖଇରୀ ନଦୀର ବର୍ଣ୍ଣନା ଉପନ୍ୟାସଟିକୁ ଅଧିକ ଋଦ୍ଧିମନ୍ତ କରିଛି। ଶିମିଳିପାଳର ଏହି ଖଇରୀ ନଦୀ ପରବର୍ତୀ ସମୟରେ କେବଳ

ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିଲା ବାଘରାଣୀ 'ଖଇରୀ' ପାଇଁ । ତା କୂଳରୁ ମିଳିଥିବା ବାଘଛୁଆ ବଡହୋଇ ବାଘରାଣୀ ଖଇରୀ ଭାବରେ ଦେଶବିଦେଶରେ ପରିଚିତ ହେଲା । ବାଘଛୁଆ ଖଇରୀକୁ କନ୍ୟାସମ ପାଳି ଛୋଟରୁ ବଡ଼ କରିଥିବା ସେତେବେଳର ଶିମିଳିପାଳର କ୍ଷେତ୍ର ନିର୍ଦ୍ଦେଶକ ସରୋଜରାଜ ଚୌଧୁରୀ ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ଦେଶବିଦେଶର ଲୋକେ ମଣିଷ ଓ ବାଘ ମଧ୍ୟରେ ଥିବା ଏହି ଅନାବିଳ ସଂପର୍କକୁ ଦେଖିବାକୁ ଆସୁଥିଲେ । ସାମାଜିକ ଗଣମାଧ୍ୟମରେ ଏହା ଥିଲା ଏକ ମୁଖ୍ୟ ଘଟଣା । ପରବର୍ତୀ ସମୟରେ ଏହି ଖଇରୀକୁ ନେଇ ସିନେମା ପ୍ରସ୍ତୁତ ହେଲା । ବାଘଛୁଆ ଖଇରୀକୁ ଲାଳନପାଳନ କରି ବଡ କରିଥିବାରୁ ଭାରତ ସରକାରଙ୍କ ପକ୍ଷରୁ ସରୋଜରାଜ ଚୌଧୁରୀଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା । ମାତ୍ର ଯେଉଁ ଖଡ଼ିଆ ସଂପ୍ରଦାୟର ଲୋକଟି ବାଘଛୁଆ ଖଇରୀକୁ ଖଇରୀ ନଦୀରୁ ଉଦ୍ଧାର କରି ସରୋଜରାଜଙ୍କୁ ଦେଇଥିଲା ସେଇ ଖଡ଼ିଆ ଲୋକଟିକୁ ଖଇରୀର ମା ପ୍ରତିଶୋଧ ପରାୟଣା ହୋଇ ନୃଶଂସ ଭାବରେ ମାରିଥିଲା । ଲୋକଙ୍କ କହିବା ଅନୁସାରେ ବାଘୁଣୀଟି ଖଡ଼ିଆ ଲୋକଟିର ଶରୀରକୁ ଫଡାଫଡା କରି ଚିରିପକାଇଥିଲା; ହେଲେ ସାମାନ୍ୟ ଟିକିଏ ମାଂସ ମଧ୍ୟ ଖାଇନଥିଲା । କେବଳ ତା ଛୁଆକୁ ତାଠାରୁ ଅଲଗା କରିବାର ପ୍ରତିଶୋଧ ନେଇଥିଲା । ଖଇରୀ ଓ ସରୋଜରାଜଙ୍କ ଘଟଣା ଡ. ପ୍ରଧାନଙ୍କୁ ଯେତିକି ଉତ୍ସାହିତ କରିଥିଲା ଖଡ଼ିଆ ଲୋକଟିର ମର୍ମନ୍ତୁଦ ମୃତ୍ୟୁ ତାଙ୍କୁ ସମପରିମାଣରେ ବେଦନାସିକ୍ତ ମନେହେଲା ।

ଅପରପକ୍ଷରେ ବାଲେଶ୍ୱର ବନ୍ଦରର ଐତିହ୍ୟ, ପରଂପରା ଓ ସୁସମୃଦ୍ଧ ଇତିହାସର ପୃଷ୍ଠା ଓଲଟାଇଛନ୍ତି ରଂଜନ ପ୍ରଧାନ । ନଅଙ୍କ ଦୁର୍ଭିକ୍ଷ ପରେ ବାଲେଶ୍ୱର ଓ କଲିକତା ମଧ୍ୟରେ ଜଳପଥରେ ଯୋଗାଯୋଗ ସୁଗମ କରିବାକୁ ଇଂରେଜମାନେ କୋଷ୍ଟ କେନାଲ ଖନନ କରାଇଥିଲେ । ପରେପରେ ପୁରୀ କେନାଲ, କେନ୍ଦ୍ରାପଡା କେନାଲ, ପଟ୍ଟାମୁଣ୍ଡାଇ କେନାଲ, ଗୋବରୀ କେନାଲ, ଜମ୍ବୁ କେନାଲ, ତାଳଦଣ୍ଡା କେନାଲ ଭଳି ବଡବଡ ସୁନାବ୍ୟା କେନାଲ ଖନନ ହୋଇ ଜଳପଥକୁ ସୁଗମ କରାଗଲା । ଏହାଦ୍ୱାରା ଓଡିଶାରେ ଖାଦ୍ୟଶସ୍ୟ ଓ ବିଭିନ୍ନ ପ୍ରକାର ଘରୋଇ ଉପକରଣର ଆବଶ୍ୟକତା ପୂରଣ ହୋଇପାରିଲା । ଇଂରେଜମାନେ ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ହେଲେ ବି ଓଡିଶାରେ ବିଶେଷକରି ବାଲେଶ୍ୱର ନିକଟବର୍ତୀ ବିଭିନ୍ନ ଅଂଚଳରେ ସେମାନଙ୍କର ବାଣିଜ୍ୟ କାରବାରକୁ ତ୍ୱରାନ୍ୱିତ କରିବାକୁ ଜଳପଥ ଓ ସ୍ଥଳପଥକୁ ନିର୍ମାଣ କରିଥିଲେ । ଏବେ ବୁଢାବଳଙ୍ଗ ମୁହାଁଣରୁ ବିଦେଶକୁ ଜାହାଜ ଚଳାଚଳ ନହେଲେ ବି ଏଠିକାର ସ୍ଥାୟୀ ବାସିନ୍ଦାମାନେ ଟ୍ରଲର ଯୋଗେ ସମୁଦ୍ରକୁ ମାଛ ମାରିବାକୁ ଯାଉଛନ୍ତି ଏବଂ ମାଛ ଓ ଶୁଖୁଆ ବ୍ୟବସାୟ କରି ବହୁ ଅର୍ଥ ଉପାର୍ଜନ କରୁଛନ୍ତି । ଏହା ସହ ଛୋଟଛୋଟ ଡଙ୍ଗା ସାହାଯ୍ୟରେ ସମୁଦ୍ରର ପାଂଚ ଦଶ କିଲୋମିଟର ଦୂରରୁ ମଧ୍ୟ ମାଛ ମାରି ଜୀବିକା ନିର୍ବାହ କରୁଛନ୍ତି ମାଝିବୁଢାର ବଂଶଧରମାନେ । ଦରିଆ ମଧ୍ୟକୁ ଟ୍ରଲର ଯିବା ପୂର୍ବରୁ ବହୁତ ନୀତି ନିୟମ କରାଯାଇଥାଏ । ଜ୍ୟୋତିଷ ଦ୍ୱାରା ତିଥିବାର ନିର୍ଦ୍ଧାରଣ କରାଯାଇଥାଏ, ଗଙ୍ଗା ପୂଜା, ଟ୍ରଲର ପୂଜା, ଅନ୍ୟାନ୍ୟ ସମୁଦ୍ର ଦେବାଦେବୀଙ୍କ ପୂଜା କରାଯାଏ । ଶୁଭସଂକେତ ହିସାବରେ ନଡ଼ିଆ ବାଡ଼ାହୁଏ; ମାତ୍ର ଟ୍ରଲରରେ ଝିଅ ବୋହୂଙ୍କ ପାଦପଡ଼ିବା ନିଷେଧ । ମକରନ୍ଦ ମାଝିର 'ଶିବମୁନି ଡ୍ରାଏ ଫିସ୍ ଫାର୍ମ' ଏକ ପ୍ରସିଦ୍ଧ ଶୁଖୁଆ ଫାର୍ମ । ଏହି ଫାର୍ମର ଶୁଖୁଆ ଦିଲ୍ଲୀ, କୋଲକାତା, ଉତରପ୍ରଦେଶ, ମଧ୍ୟପ୍ରଦେଶ ଭଳି ରାଜ୍ୟ ଓ ଚୀନ୍, ଇଣ୍ଡୋନେସିଆ, ଜାପାନ, ଭିଏତନାମ ଭଳି ଦେଶକୁ ଚାଲାଣ କରାଯାଏ । ଏହି ଫାର୍ମରେ ଦୈନିକ ପାଖାପାଖି ଶହେ ଲେବର ଓ ନୋଳିଆ କାମ କରନ୍ତି । ଏମାନଙ୍କର ଜୀବନ ଶୈଳୀ ବିଚିତ୍ର । ସମୁଦ୍ର, ଟ୍ରଲର, ଡଙ୍ଗା, ମାଛ ଓ ଶୁଖୁଆ ମଧ୍ୟରେ ବିତିଯାଏ ଏମାନଙ୍କ ଜୀବନ । ଭିନ୍ନ ପରିସ୍ଥିତିରେ ଜୀବନକୁ ଉପଭୋଗ କରିବାର କଳା ଏମାନଙ୍କୁ ଭଲଭାବରେ ଜଣା ।

ବାଲେଶ୍ୱର ବନ୍ଦର ସପ୍ତଦଶ ଶତାବ୍ଦୀରେ ବିଦେଶରୁ ଆମଦାନୀ ରପ୍ତାନୀ କ୍ଷେତ୍ରରେ ଖୁବ୍ ପ୍ରସିଦ୍ଧି ଅର୍ଜନ କରିଥିଲା । ପଣ୍ୟଦ୍ରବ୍ୟ ବ୍ୟତୀତ ହାତୀ କାରବାରରେ ଓଡିଶା ବିଦେଶରେ ପରିଚିତ ଥିଲା । ଓଡିଶାର ହାତୀମାନେ ସହଜରେ ପୋଷାମାନନ୍ତି ଓ ମାଲିକର କାମ ସହଜରେ ତୁଲାଇପାରନ୍ତି ବୋଲି ଓଡିଶାର ହାତୀମାନଙ୍କର ବିଦେଶରେ ବେଶୀ ଚାହିଦା ଥିଲା । ବାଲେଶ୍ୱରର ସେତେବେଳର ବ୍ୟବସାୟୀ କ୍ଷେମଚାନ୍ଦ ଶ୍ରୀଲଙ୍କା, ମିଆଁମାର, ମାଲେସିଆ, ଥାଇଲାଣ୍ଡ, ଇଣ୍ଡୋନେସିଆ ପ୍ରଭୃତି ଦେଶକୁ ହାତୀ ଆମଦାନୀ ଓ ରପ୍ତାନୀ କରୁଥିଲା । ବୁଢାବଳଙ୍ଗ ଓ ପିପିଲି ବନ୍ଦର ଦେଇ ଏହି ପରିବହନ ହେଉଥିଲା । ଏହାସହ ଏହି ବନ୍ଦରରୁ ସାଧବମାନେ ଜାଭା, ସୁମାତ୍ରା, ବାଲି, ଚୀନ୍, ଥାଇଲାଣ୍ଡ, ମାଲେସିଆ, ଭିଏତନାମ ଆଦି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ପରବର୍ତୀ ସମୟରେ ଅଧିକ ଲୋଭ ଆଶାରେ ବିଭିନ୍ନ ଦେଶରେ ଟିକସ୍‌ର ପରିମାଣ ବୃଦ୍ଧି ହେବାରୁ ବାଣିଜ୍ୟ କାରବାର ବାଧାପ୍ରାପ୍ତ ହେଲା । ପରିଶେଷରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଅର୍ଥାତ୍ ୧୮୭୦ ବେଳକୁ ବୁଢାବଳଙ୍ଗ ବନ୍ଦର ଧୀରେଧୀରେ ବାଲିରେ ପୋତି ହୋଇପଡିବା ଫଳରେ ଏହି ବନ୍ଦରର କାରବାର ସଂପୂର୍ଣ୍ଣ ବନ୍ଦ ହୋଇଗଲା । ବାଲେଶ୍ୱର ବନ୍ଦରର ସୁସମୃଦ୍ଧ ଓ ଗୌରବମୟ ଇତିହାସ ମନେପକାଇ ଡ. ପ୍ରଧାନ ଗର୍ବ ଅନୁଭବ କରିଛନ୍ତି । "ଆଜି ବଳରାମଗଡି ଶ୍ରୀହୀନ ହୋଇପଡିଛି । ପିପିଲି ବନ୍ଦର ପାଲଟିଛି ବାଲୁକା ସ୍ତୁପ । କୀର୍ତନିଆଠାରେ ନୂଆ ବନ୍ଦରଟିଏ ପ୍ରତିଷ୍ଠା ହେବ ବୋଲି କେବଳ ଯାହା

ଶୁଣାଶୁଣିରେ ରହିଯାଇଛି । ବାହାବଳପୁର ବନ୍ଦର ମଧ୍ୟ ପରିତ୍ୟକ୍ତ ହୋଇପଡିଛି । ବାହାବଳପୁର ଜାହାଜ କାରଖାନା ନିଜର ଗୌରବମୟ ଇତିହାସର ପୃଷ୍ଠା ଓଲଟାଉଛି । ଏସବୁ ବନ୍ଦର ଦିନେ ବାଲେଶ୍ୱରର ଗୌରବମୟ ଗାଥା ଗାଉଥିଲେ ।" (ବୁଢ଼ାବଳଙ୍ଗ ମାଝି, ପୃଷ୍ଠା- ୬୪) ମାତ୍ର, ଆଜି ବଳଙ୍ଗ ନଦୀ ଓ ବାଲେଶ୍ୱର ବନ୍ଦର ପରିତ୍ୟକ୍ତ । ପିପିଲି ବୋଲି ଏକ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ବନ୍ଦର ବାଲେଶ୍ୱରରେ ଥିଲା ସେ ସଂପର୍କରେ ଆଜିର ଲୋକମାନେ ଜାଣିନାହାନ୍ତି । ବାଲି ଓ ପଙ୍କରେ ବଳରାମଗଡ଼ି ପୋତି ହୋଇପଡିବା 'ଳରେ ତାର ସ୍ଥିତି ମଧ୍ୟ ସଂକଟାପନ୍ନ । ସରକାରଙ୍କର ଏ ଦିଗରେ ଆନ୍ତରିକତା ଅଭାବରୁ ଆମର ବନ୍ଦର ସଭ୍ୟତା ଓ ନୌବାଣିଜ୍ୟ ପରଂପରା ସମୟ ଗର୍ଭରେ ଲୀନ ହୋଇଯାଇଛି ; ଯାହା ଗବେଷକ ରଂଜନ ପ୍ରଧାନଙ୍କୁ ଭାରାକ୍ରାନ୍ତ କରିଛି ।

ଅପରପକ୍ଷରେ ବଳଙ୍ଗ ନଦୀର ଉତ୍ପତିସ୍ଥଳ ଶିମିଳିପାଳ ସରକାରଙ୍କ ଅଧୀନକୁ ଆସିବା ପରେ ସୁରକ୍ଷା ଆଳରେ ପ୍ରାକୃତିକ ପରିବେଶ ଧ୍ୱଂସ ହେବା ସହିତ ସେଠାକାର ଜନଜାତିଙ୍କର ବିସ୍ଥାପନ ସମସ୍ୟା ସୃଷ୍ଟିହୋଇଛି । ନିଜର ଭିଟାମାଟି ଛାଡିଯିବାର ଭୟରେ ଗାଁ ମୁଖିଆ ହିସାବରେ ସମାୟ ସୋରେନ୍ ଚିନ୍ତାଗ୍ରସ୍ତ ହୋଇପଡିଛି, ତା ଅନ୍ତରାତ୍ମା କାନ୍ଦିଉଠିଛି । ଶିମିଳିପାଳ ସଂଲଗ୍ନ ଯଶୀପୁରରେ ବିସ୍ଥାପନ କଲୋନୀ ଗଢାହୋଇଛି ଏହି ଜନଜାତିର ଲୋକମାନଙ୍କର ସ୍ଥାନାନ୍ତରଣ ପାଇଁ । ଶିମିଳିପାଳ ବିଶ୍ୱସ୍ତରୀୟ 'ସଂରକ୍ଷିତ ଜୈବମଣ୍ଡଳ' ଘୋଷଣା ହେବା ପରେ ଏହି ନିରୀହ ସାନ୍ତାଳମାନେ ବିସ୍ଥାପନ କଲୋନୀକୁ ଆସିବା ଏକ ପ୍ରକାର ନିଶ୍ଚିତ । ମାତ୍ର ଉପରିସ୍ଥ ଅଫିସର, ନେତା ମନ୍ତ୍ରୀମାନଙ୍କର ହୀନମନ୍ୟତା ପାଇଁ ବିସ୍ଥାପିତମାନଙ୍କୁ ସେମାନଙ୍କର ଉଚିତ୍ ପ୍ରାପ୍ୟ ମିଳୁନାହିଁ । ଥରେ ଭିଟାମାଟି ଛାଡିବା ପରେ ଦୁର୍ବିସହ ହୋଇଯାଉଛି ଏମାନଙ୍କର ଜୀବନ । ଚିନ୍ତାଗ୍ରସ୍ତ ଗାଁ ମୁଖିଆ ସମାୟ ସୋରେନ ଓ ସମସ୍ତ ଗ୍ରାମବାସୀ । ପ୍ରକୃତରେ ଶିମିଳିପାଳ ଛାଡି କେଉଁଠିକି ଯିବେ ସେମାନେ ? ପିଢି ପରେ ପିଢି ସେମାନଙ୍କୁ ଶିମିଳିପାଳ ହିଁ ମୁଣ୍ଡ ଗୁଂଜିବାକୁ ଆଶ୍ରା ଦେଇଥିଲା । ଏହି ଶିମିଳିପାଳ ଓ ବୁଢାବଳଙ୍ଗ ଛଡା ସେମାନଙ୍କ ଦୁଃଖ, ଯନ୍ତ୍ରଣା କେହି ବୁଝିପାରିବେ ନାହିଁ । ସମସ୍ତଙ୍କ ବାଲ୍ୟକାଳ ଧନୁଶର, ଟାଙ୍ଗିଆ, ଜୀବଜନ୍ତୁ, ଶିମିଳିପାଳ ଓ ବୁଢାବଳଙ୍ଗକୁ ନେଇ ପରିପୃଷ୍ଟ । ଶିମିଳିପାଳ ଛାଡିବା ପରେ ବଂଚିବା ପାଇଁ ଜୀବନ ସଂଘର୍ଷ କଥା ଭାବି ମର୍ମାହତ ହୋଇପଡୁଥିଲେ ଏହି ନିରୀହ ଆଦିବାସୀମାନେ । ସମଗ୍ର ଶିମିଳିପାଳରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହେଉଥିଲା ; ଯାହାର କୌଣସି ସମାଧାନ ନଥିଲା ।

ଭୂସ୍ୱର୍ଗ ଶିମିଳିପାଳର ଭଲପାଇବା, ଜୀବନରେ ରଙ୍ଗ ଭରୁଥିବା ବଳଙ୍ଗ ନଦୀର ଆତ୍ମୀୟତାକୁ ଛାଡି ବିସ୍ଥାପିତ ହେବାର ଭୟ ଘାରୁଥିଲା ସମାୟ ସୋରେନ୍ ଓ ତାର ସାଥୀମାନଙ୍କୁ । ଏହାର ପ୍ରତିକାର ଉଦ୍ଦେଶ୍ୟରେ ବୁଢାବଳଙ୍ଗ ଗାଁ ସ୍କୁଲ ଅଗଣାରେ ସାନ୍ତାଳମାନେ ଏକାଠି ହେଉଥିଲେ । ପ୍ରତି ବାରବର୍ଷରେ ଥରେ ପଡେ ଯୋଡା ଅମାବାସ୍ୟା । ଏହା ଖୁବ୍ ଶୁଭ ହୋଇଥାଏ । ଏହି ଦିନ ବଡ଼ ଠାକୁରଙ୍କୁ ପୂଜା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଏମାନଙ୍କର ବିଶ୍ୱାସ । ଏବର୍ଷ ଯୋଡା ଅମାବାସ୍ୟା ପଡୁଥିବାରୁ ଚାତାମ୍ବୁରୁରେ ପୂଜା ପାଉଥିବା ବଡ଼ ଠାକୁରଙ୍କୁ ପୂଜା କରି ଆଶୀର୍ବାଦ ପାଇବା ଆଶାରେ ସେମାନେ ଏକତ୍ରିତ । ସେମାନଙ୍କର ବିଶ୍ୱାସ ବଡ଼ ଠାକୁର ନିଶ୍ଚୟ ଏହି ସମସ୍ୟାର ସମାଧାନ କରିବେ । ଆଲୋଚନାରୁ ଗବେଷକ ଡ. ପ୍ରଧାନ ଜାଣିବାକୁ ପାଇଲେ, ଗାଁର ସର୍ବୋଚ୍ଚ ଶିଖରରେ ଥିବା ଚାତାମ୍ବୁରୁ ପାହାଡର ଏକ ବିରାଟ ଛତା ଆକୃତିର ପଥର ତଳେ ଜଣେ ବୁଢା ପଥର ହୋଇ ବସିଛି । ସମସ୍ତେ ପିଲାଦିନୁ ଶୁଣିଛନ୍ତି କିନ୍ତୁ କେବେଠୁ ବସିଛି କହି ଜାଣିନାହାନ୍ତି । ଦୃଢ ନିଶ୍ଚିତ ହୋଇଛନ୍ତି ଗବେଷକ । ସେ ନିଶ୍ଚୟ ମାଝିବୁଢା ହୋଇଥିବ । ଯିଏ ବଳରାମଗଡିରୁ ବଳଙ୍ଗକୁ ଖୋଜିଖୋଜି ଶିମିଳିପାଳ ଆସିଥିଲା । ଘରକୁ ଆଉ ଫେରିପାରିନାହିଁ, ପଥର ହୋଇଯାଇଛି ମାଝିବୁଢା । ଖୁସିରେ ଆତ୍ମହରା ହୋଇଛନ୍ତି ସେ । ତାଙ୍କର ଗବେଷଣା ସାର୍ଥକ ହେବାକୁ ଯାଉଛି । ବୁଢାବଳଙ୍ଗର ଉତ୍ସ ଖୋଜିବା, ମାଝିବୁଢାକୁ ଖୋଜିବା ପାଇଁ ସେ ଘରଦ୍ୱାର, ଚାକିରି, ସଂସାର ଓ ମୋହମାୟା ଛାଡି ଚାଲିଆସିଛନ୍ତି । ଏ ଅଗମ୍ୟ, ଅପହଂଚ , ଭୟଙ୍କର ଓ ଘଂଚ ଜଙ୍ଗଲରେ ସେ ତାର ସାଥୀ ବିନ୍ଦିକୁ ନେଇ ନିଜର ଗବେଷଣା କାର୍ଯ୍ୟ ସଂପନ୍ନ କରିପାରବେ । ସମାୟ ସୋରେନ ଓ ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ସେ ବିନ୍ଦିକୁ ସାଥୀରେ ନେଇ ମାଝିବୁଢାକୁ ଦେଖିବାକୁ ଜିଦ୍ କରିଛନ୍ତି । ବିନ୍ଦି ଏଥିରେ ସହମତି ହେବାରୁ ସେ ଭାବିଛନ୍ତି- "ବିନ୍ଦି ସାଥୀରେ ସେ ନିଶ୍ଚୟ ଯିବ, ଚାତାମ୍ବୁରୁ । ଚାତାମ୍ବୁରୁରେ ସେ ତାର ପ୍ରଥମ ପାଦ ଥାପିବ । ସେଠି, ପାଷାଣ ହୋଇଯାଇଥିବା ମାଝିବୁଢାର ମୂର୍ତିକୁ ସ୍ପର୍ଶ କରିବ । ପଥର ଆହୁଲାରେ ସେ ପଥର ନାଆଟିକୁ ବାହିବ ।" (ବୁଢ଼ାବଳଙ୍ଗ ମାଝି, ପୃଷ୍ଠା- ୧୧୬)

ଝଡ଼ ପରର ନୀରବତା ଛାଇ ଯାଇଥିଲା ଶିମିଳିପାଳର ଘଂଚ ଶାଳବଣରେ । ବୁଢାବଳଙ୍ଗ ଗାଁରେ ହୁରି ପଡ଼ିଗଲା ମାଝିବୁଢାର ବିଶାଳ ପଥର ମୂର୍ତି ତଳେ ଦୁଇଟି ଶବ ପଡିଛି । ସମାୟ ସୋରେନ୍ ଦୀର୍ଘଶ୍ୱାସ ଛଟିଲା । ସେ ପାଗଳ ବିଦେଶୀ ଓ ତା ପ୍ରେମରେ ପାଗଳୀ ବିନ୍ଦି ସମସ୍ତଙ୍କର ଆକଟ ଓ ବାରଣ ନମାନି ମାରାଂବୁରୁର କୋପରୁ ଜୀବନ ହାରିଲେ । ସମସ୍ତେ ନୀରବ । ଚାତାମ୍ବୁରୁରେ ସୂର୍ଯ୍ୟ ଅସ୍ତ ଯାଉଥିଲେ । ବୁଢାବଳଙ୍ଗ ଗାଁ ଲୋକଙ୍କ ଆଖିର ଲୁହରେ ଶିମିଳିପାଳ ଓ ବୁଢାବଳଙ୍ଗ

ପ୍ଳାବିତ ହେଉଥିଲା । ବିନ୍ଦିବାସା ପାହାଡର ମଥାରେ ବିନ୍ଦି ଶୋଭା ପାଉଥିଲା ବିନ୍ଦି ହୋଇ । ମାଝିବୁଢାର ବିଶାଳ ପଥର ମୂର୍ତି ତଳେ ଗବେଷକ ରଂଜନ ପ୍ରଧାନର ପଥର ମୂର୍ତି ଲେଖିଚାଲିଥାଏ, ମାଝିବୁଢାର ବୁଢାବଳଙ୍ଗ ଉତ୍ପତି ଅନ୍ୱେଷଣର ରୋମାଂଚକର ଅନୁଭୂତି । ମାଝିବୁଢାର ସ୍ମୃତିକୁ ଜାବୁଡିଧରି ବୁଢାବଳଙ୍ଗ ବୋହିଚାଲିଥାଏ । ଶିମିଳିପାଳର ଘଂଚ ଜଙ୍ଗଲ ମଧ୍ୟରେ ମାଝିବୁଢାର ନାଆ ବାହିବାର ଶବ୍ଦ ପ୍ରତିଧ୍ୱନିତ ହେଉଥାଏ ।

'ବୁଢ଼ାବଳଙ୍ଗର ମାଝି' ଔପନ୍ୟାସିକ ରଂଜନ ପ୍ରଧାନଙ୍କର ଏକ ସଫଳ ସୃଷ୍ଟି । ଏହା ତାଙ୍କର ପ୍ରଥମ ଉପନ୍ୟାସ ହେଲେ ହେଁ ତାଙ୍କର ବିଶାଳ ଅନୁଭୂତି, ଅଭିଜ୍ଞତା, ଗବେଷଣାଲବ୍ଧ ଜ୍ଞାନ ଫଳରେ ଉପନ୍ୟାସଟି ପାଠକପ୍ରିୟ ହୋଇପାରିଛି । ବିଷୟବସ୍ତୁରେ ଅଭିନବତ୍ୱ, ଚମତ୍କାର ପ୍ରକାଶଭଙ୍ଗୀ, ତାର୍କିକ ଉପସ୍ଥାପନା ଶୈଳୀ ଓ ରୁଚିପୂର୍ଣ୍ଣ ଶବ୍ଦବିନ୍ୟାସ ଉପନ୍ୟାସଟିକୁ କରିଛି ରସାଣିତ । ବାଲେଶ୍ୱର ଓ ମୟୂରଭଞ୍ଜ ଅଂଚଳର ବହୁ ଅଜଣା ତଥ୍ୟ ଯାହା ଆମର ଐତିହ୍ୟ, ପରଂପରା ଓ ସଂସ୍କୃତି ସହିତ ଜଡିତ ତାହାକୁ ଲୋକଲୋଚନକୁ ଆଣିବାର ସଫଳ ପ୍ରୟାସ କରିଛନ୍ତି ଔପନ୍ୟାସିକ । ବାଲେଶ୍ୱରର ଲୁପ୍ତପ୍ରାୟ ସୁପ୍ରସିଦ୍ଧ ବନ୍ଦର ସଂସ୍କୃତି ଓ ବୁଢାବଳଙ୍ଗ ନଦୀର ଉତ୍ସ ଅନୁସନ୍ଧାନ ପରିପ୍ରେକ୍ଷୀରେ ଲେଖକ ବହୁ ନୂତନ ଘଟଣା ସଂପର୍କରେ ସୂଚନା ଦେଇଛନ୍ତି । ବିଶେଷକରି ବାଲେଶ୍ୱର ବନ୍ଦରର ଉଲ୍ଲେଖ ସମୟରେ ବାଲେଶ୍ୱର ଓ ଜଳେଶ୍ୱର ନିକଟବର୍ତୀ ବିଭିନ୍ନ ବନ୍ଦର, ମୁହାଁଣ, ବିଦେଶୀମାନଙ୍କର ସ୍ମୃତି ଓ ସେସବୁକୁ କେନ୍ଦ୍ରକରି ସେସମୟରୁ ଶୋଭାପାଉଥିବା ବିଭିନ୍ନ ସ୍ଥାନ ଓ ଘଟଣାକୁ ସୁନ୍ଦର ଭାବରେ ବିଶ୍ଳେଷଣ କରିଛନ୍ତି । ସେହିପରି ବୁଢାବଳଙ୍ଗ ନଦୀର ଉତ୍ସ ଅନୁସନ୍ଧାନ ସମୟରେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ସ୍ଥାନ, ଶିମିଳିପାଳର ସାଂପ୍ରତିକ ଅବସ୍ଥା, ସେଠାରେ ବସବାସ କରୁଥିବା ଜନଜାତିଙ୍କର ବାର୍ତମାନିକ ସ୍ଥିତି, ଜୈବମଣ୍ଡଳ ସୁରକ୍ଷାରେ ଥିବା ପଦସ୍ଥ ଅଫିସରମାନଙ୍କ ଘୃଣ୍ୟ ମାନସିକତା ଓ ଏହି ଭୂସ୍ୱର୍ଗର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିଆରା ଢଙ୍ଗରେ ଉପସ୍ଥାପନା କରାଯାଇଛି । ସାର୍ବିକ ଭାବରେ ଆଲୋଚନା କରି ଏହା ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ, ଏକ ନିର୍ଦ୍ଦିଷ୍ଟ ଅଂଚଳର ଭୌଗୋଳିକ, ଐତିହାସିକ ଓ ନୃତାତ୍ୱିକ ଉପାଦାନରେ ସମୃଦ୍ଧ ଏହି 'ବୁଢ଼ାବଳଙ୍ଗ ମାଝି' ଓଡ଼ିଆ ଉପନ୍ୟାସ ସାହିତ୍ୟରେ ନିଜର ସ୍ଥାନ ଅକ୍ଷୁଣ୍ଣ ରଖିପାରିବ ।

**ସହାୟକ ଗ୍ରନ୍ଥସୂଚୀ :**


୧. କର, ବାଉରୀବନ୍ଧୁ, ସ୍ୱାଧୀନତା ପରବର୍ତୀ ଓଡ଼ିଆ ଉପନ୍ୟାସ, ପ୍ରଥମ ପ୍ରକାଶ- ୨୦୦୪, ବିଦ୍ୟାପୁରୀ, କଟକ ।

୨. ନାୟକ, ଲାବଣ୍ୟ, ଉପନ୍ୟାସ ସାହିତ୍ୟ ସଂପର୍କରେ, ପ୍ରଥମ ସଂସ୍କରଣ- ୧୯୭୬, ପୁସ୍ତକ ଭଣ୍ଡାର, ବ୍ରହ୍ମପୁର ।

୩. ପ୍ରଧାନ, ରଞ୍ଜନ, ବୁଢ଼ାବଳଙ୍ଗର ମାଝି, ପ୍ରଥମ ପ୍ରକାଶ- ୨୦୧୯, ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର ।

୪. ପ୍ରଧାନ, ଡ. ସବିତା, ଉପନ୍ୟାସ ଅବବୋଧ, ପ୍ରଥମ ପ୍ରକାଶ- ୨୦୦୪, ଅଗ୍ରଦୂତ, କଟକ ।

୫. ଷଡ଼ଙ୍ଗୀ, ନୃସିଂହ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ପ୍ରଥମ ସଂସ୍କରଣ- ୧୯୮୯, ଓଡ଼ିଶା ବୁକ୍‌ଷ୍ଟୋର, କଟକ ।


❖ ❖ ❖

DOI : https://doi.org/10.5281/zenodo.15673807 ମୂଳ ପ୍ରବନ୍ଧ

# ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନାର ଅଭିନବ ଆଶୟ ଓ ବିଷୟ

**ରଶ୍ମିତା ପଣ୍ଡା**

**ସଂକ୍ଷିପ୍ତସାର:**

ଏହି ପ୍ରବନ୍ଧରେ ଏକବିଂଶ ଶତାବ୍ଦୀରେ ଦେଖାଯାଉଥିବା ଓଡ଼ିଆ ସମାଲୋଚନାର ସୀମା ଓ ସମ୍ଭାବନା ତଥା ଆଶୟ ଓ ବିଷୟ କଥା କୁହାଯାଇଛି। ଏହି ଶତାବ୍ଦୀରେ ଦୁଇ ପ୍ରକାରର ଓଡ଼ିଆ ସମାଲୋଚକ ଦେଖାଯାଆନ୍ତି। ଗୋଟିଏ ଗୋତ୍ରୀୟ ସମାଲୋଚକ ପ୍ରଥାସିଦ୍ଧ ତଥା ପାରଂପରିକ ଧାରାରେ ସମାଲୋଚନା କରି ଆସୁଥିଲା ବେଳେ ସ୍ୱକୀୟ ନୂତନ ଅଭିରୁଚି ଓ ପ୍ରତୀଚ୍ୟ ଦୃଷ୍ଟି ଦର୍ଶନଦ୍ୱାରା ପ୍ରଭାବିତ ଓ ପ୍ରୋତ୍ସାହିତ ହୋଇଛନ୍ତି ଓ ତଦନୁସାରୀ ନୂତନ ସ୍ୱର, ସ୍ୱରୂପ, ସ୍ୱାଦ ଓ ଭେଦର ସମାଲୋଚନା ଲେଖିଛନ୍ତି ଏବଂ ଠିକ୍ ଏହି ସମୟରେ ଅନ୍ୟ କିଛି ମୁଷ୍ଟିମେୟ ସମାଲୋଚକ ପ୍ରତିଜ୍ଞା କଲାପରି ନୂତନ ସ୍ୱର ଓ ସ୍ୱାକ୍ଷରପୂର୍ଣ୍ଣ ସମାଲୋଚନା ଲେଖିବା ପାଇଁ ଦାୟବଦ୍ଧ ଥିବାର ଲକ୍ଷ୍ୟ କରିହେବ। ସେମାନଙ୍କ ମଧ୍ୟରେ ଡକ୍ଟର ରବୀନ୍ଦ୍ର କୁମାର ଦାସ, ଡକ୍ଟର ସନ୍ତୋଷ କୁମାର ନାୟକ, ଡକ୍ଟର ପଞ୍ଚାନନ ମିଶ୍ର, ଡକ୍ଟର ମଧୁଛନ୍ଦା ନାୟକ, ଡକ୍ଟର ସ୍ମିତା ମହାନ୍ତି ପ୍ରମୁଖ ଶେଷୋକ୍ତ ଶ୍ରେଣୀର ସମାଲୋଚକ ହୋଇଥିଲାବେଳେ ଡକ୍ଟର ଦାଶରଥି ଦାସ, ଡକ୍ଟର ସନ୍ତୋଷ ତ୍ରିପାଠୀ, ଡକ୍ଟର ଅନାଦି ଚରଣ ଗାଁଣ, ଡକ୍ଟର ଗୌତମ ଜେନା, ଡକ୍ଟର ଗଗନେନ୍ଦ୍ର ନାଥ ଦାଶ, ଡକ୍ଟର ହରପ୍ରସାଦ ମିଶ୍ର, ଡକ୍ଟର କଇଳାଶ ପଟ୍ଟନାୟକ ପ୍ରମୁଖ ସମାଲୋଚକ ଆଦ୍ୟ (ପୂର୍ବୋକ୍ତ) ଶ୍ରେଣୀର ବୈବର୍ତ୍ତନିକ ଟ୍ରେଣ୍ଡ୍ ଆରମ୍ଭ କରନ୍ତି। ଏମାନେ ନିଜ ସମାଲୋଚନାରେ ଉତ୍ତରଉପନିବେଶବାଦ, ମନୋବିଶ୍ଳେଷଣ, ପରିବେଶ ନାରୀବାଦ, ପରିବେଶ ସମାଲୋଚନା, ମାର୍କ୍ସୀୟ ସମାଲୋଚନା, ଉତ୍ତରସଂରଚନାବାଦ, ଜଗତୀକରଣ ଅଧ୍ୟୟନ, ମନୋବିଶ୍ଳେଷଣାତ୍ମକ ସମାଲୋଚନା ଓ ଉତ୍ତରଆଧୁନିକ ସମାଲୋଚନା ପରି ଅନେକ ନୂତନ ଧାରାର ସମାଲୋଚନା ଲେଖି ଓଡ଼ିଆ ସମାଲୋଚନା ସାହିତ୍ୟର ସମ୍ଭାବନା ଓ ସୀମା ବୃଦ୍ଧି କରିଛନ୍ତି। ଓଡ଼ିଆ ସମାଲୋଚନାରେ ଏସବୁର ପ୍ରତିଫଳନ ଦର୍ଶାଇବା ସହ ନୂତନ ନୂତନ ସମୀକ୍ଷକୀୟ ଦିଗ ଦିଗନ୍ତଗୁଡ଼ିକୁ ସଂକ୍ଷେପରେ ଏଠାରେ ଉଲ୍ଲେଖ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ:**

ଜଗତୀକରଣ ଅଧ୍ୟୟନ, ଜୀବଜନ୍ତୁ ଅଧ୍ୟୟନ, ପାରିବେଶିକ ମାନବିକ ବିଦ୍ୟା, ସ୍ନାୟୁମାନବିକ ବିଦ୍ୟା, କ୍ରୀଡ଼ା ଅଧ୍ୟୟନ, ପରିବେଶ ସମାଲୋଚନା ୨.୦।

## ଉପୋଦ୍‌ଘାତ:

ଏକବିଂଶ ଶତକରେ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଦେଖାଦେଇଛି ବୈପ୍ଳବିକ ପରିବର୍ତ୍ତନ। ଗୋଟିଏ ପକ୍ଷରେ ପୁରାତନ ପିଢ଼ିର ସମାଲୋଚକ ପୁରୁଣା ଢାଞ୍ଚା, ପୁରୁଣା ଦୃଷ୍ଟି ଓ ଦର୍ଶନ, ଗତାନୁଗତିକ ଧାରା ଓ ଧରାବହିର୍ଭୂତ ଏକ ନୂଆ ଭେକରେ ଦେଖାଦେଇଥିଲା ବେଳେ ଅପରପକ୍ଷରେ ନବପ୍ରଜନ୍ମର କିଛି ସମାଲୋଚକ ଏକ୍‌ଦମ୍ ନୂଆ ରୁଚି ଓ ନୂଆ ଦର୍ଶନର ସାହିତ୍ୟ ସମାଲୋଚନା ପ୍ରସ୍ତୁତ କରିଆସିଥିବାର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15673807
Article No - BPP00296

**ଯୋଗାଯୋଗ :**
**ରଶ୍ମିତା ପଣ୍ଡା,** ଅଧ୍ୟାପିକା, ଓଡ଼ିଆ ବିଭାଗ
ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁର, ବାଲେଶ୍ୱର
**Email:** rashmipanda1993@gmail.com
**ORCID ID:** https://orcid.org/0009-0003-4751-3030

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୨.୨୦୨୫ | ୧୦.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଣ୍ଡା, ରଶ୍ମିତା ; ୨୦୨୫। ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନାର ଅଭିନବ ଆଶୟ ଓ ବିଷୟ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ; ପୃଷ୍ଠା :୩୬–୫୦।

ଲକ୍ଷ୍ୟ କରିହେବ। ଅବଶ୍ୟ ଏହା କହିବା ବାହୁଲ୍ୟ ଯେ, ଏହି କାଳରେ ଚିରାଚରିତ ବା ଗତାନୁଗତିକ ଧାରାର ସମାଲୋଚନା ମଧ୍ୟ ଦେଖାଦେଇଥିଲା। ତେବେ ଏକବିଂଶ ଶତାବ୍ଦୀର ଏଇ ଦୁଇ ଅଢ଼େଇ ଦଶନ୍ଧିର ଓଡ଼ିଆ ସମାଲୋଚନାରେ ପରିଲକ୍ଷିତ ନୂତନତାକୁ ଆବିଷ୍କାର କରିବାକୁ ବା ସେହି ନୂତନତା (ଅଭିନବତ୍ୱ)କୁ ଦିବାଲୋକକୁ ଆଣିବାକୁ ଏଠାର ପ୍ରୟାସ କରାଯାଇଛି। ଏହି ନୂତନତା ବା ନବଦୃଷ୍ଟି ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ପକ୍ଷରେ ପୁରାତନ ପାଠର ପୁନର୍ପଠନ, ପୁନରନୁଶୀଳନ କଲାବେଳେ ଅପରପକ୍ଷରେ "ନୂତନ ପାଠ" (New Text)ର ସଦାନୁଶୀଳନ ପ୍ରଭୃତିକୁ ନେଇ ସାହିତ୍ୟ ତା'ର ଆୟାମ (Dimension) ପ୍ରସ୍ତୁତ କରେ। ସେହିପରି ଏକବିଂଶ ଶତାବ୍ଦୀର ବିଭିନ୍ନ ଉପଲବ୍ଧି ଏବର ସମୟର ସାହିତ୍ୟକୁ ଓ ଏହି ସମୟର ମଣିଷର ମନ ଓ ମସ୍ତିଷ୍କକୁ ପ୍ରଭାବିତ ଓ କବଳିତ କରିଛି। ଯାହାର ଫଳସ୍ୱରୂପ, ସାହିତ୍ୟ ରଚନା କଲାବେଳେ ପ୍ରାଥମିକ ସ୍ତରରେ ଭିନ୍ନ ଭିନ୍ନ ଉପଲବ୍ଧି ବିଚିତ୍ର ସ୍ତରର ଓ ଦରର ସ୍ୱାଦ ପ୍ରଦାନ କରିପାରୁଥିଲାବେଳେ ସାହିତ୍ୟ ସମାଲୋଚକ ମଧ୍ୟ ଭିନ୍ନ ଦୃଷ୍ଟିରେ ପୁରାତନ ଓ ନୂତନ ସୃଷ୍ଟି- ଉଭୟକୁ ଦେଖିବାର ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇଛି।

**ବିଷୟାନୁପ୍ରବେଶ ଓ ଆଲୋଚନା:**

ଏକବିଂଶ ଶତାବ୍ଦୀରେ ଓଡ଼ିଆ ସମାଲୋଚନା ପ୍ରସ୍ଥରେ ଦେଖାଦେଇଛି ଅନେକ ନୂତନ ଦୃଷ୍ଟି ଓ ଦର୍ଶନର ସମୀକ୍ଷାବଳୀ। ଉତ୍ତରଉପନିବେଶବାଦୀ ସାହିତ୍ୟ ସମାଲୋଚନା, ନାରୀବାଦୀ ସମାଲୋଚନା, ଉତ୍ତରସଂରଚନାବାଦୀ ସମାଲୋଚନା, ସମଲୈଙ୍ଗିକ ସିଦ୍ଧାନ୍ତାଧାରିତ ସମାଲୋଚନା, ପରିବେଶ ସମାଲୋଚନା, ପରିବେଶନାରୀବାଦୀ ସମାଲୋଚନା, ମାର୍କ୍ସୀୟ ସମାଲୋଚନା, ମନୋବିଶ୍ଳେଷଣାତ୍ମକ ସମାଲୋଚନା, ନବ୍ୟଇତିହାସବାଦୀ ସମାଲୋଚନା, ସାଂସ୍କୃତିକ ଅଧ୍ୟୟନକୈନ୍ଦ୍ରିକ ସମାଲୋଚନା, ଡିଜିଟାଲ ମାନବିକତା କୈନ୍ଦ୍ରିକ ସମାଲୋଚନା ଓ ଆହୁରି ଛୋଟବଡ଼ ଅନେକ ଦୃଷ୍ଟିର ସମାଲୋଚନା ଏ ସମୟରେ ଦେଖାଦେଇଛି। ଉତ୍ତରମାନବତାବାଦ (Post humanism), ପରିବେଶ ସମାଲୋଚନା ୨.୦, ଜଗତୀକରଣ (ବିଶ୍ୱାୟନ) ଅଧ୍ୟୟନ, ଭିନ୍ନକ୍ଷମ ଅଧ୍ୟୟନ, ଜୀବଜନ୍ତୁ ଅଧ୍ୟୟନ (Animal Studies), ପାରିବେଶିକ ମାନବତାବାଦ, ସ୍ୱାସ୍ଥ୍ୟ-ଔଷଧୀ ମାନବତାବାଦ, ସ୍ନାୟୁ ମାନବିକବିଦ୍ୟା, ଉତ୍ତର ସମୀକ୍ଷା, ଟ୍ରାନ୍ସଜେଣ୍ଡର୍ ଅଧ୍ୟୟନ, କ୍ରୀଡ଼ା ଅଧ୍ୟୟନ (Game Studies), ଖାଦ୍ୟ ଅଧ୍ୟୟନ (Food Studies), ମେଦକୈନ୍ଦ୍ରିକ ଅଧ୍ୟୟନ (Fat Studies), ନବ୍ୟବସ୍ତୁବାଦ (New Materalism), ବସ୍ତୁକୈନ୍ଦ୍ରିକ ମୀମାଂସାତତ୍ତ୍ୱ (Object Oriented Ontology), କାଳ୍ପନିକ ଯଥାର୍ଥବାଦ (Speculative Realism), ପ୍ରଭାବତତ୍ତ୍ୱ (Affect Theory), ଅପଙ୍ଗତତ୍ତ୍ୱ (Crip Theory), ବର୍ଣ୍ଣବୈଚିତ୍ର୍ୟ ସମୀକ୍ଷା (Queer of Colour Critique) ପ୍ରଭୃତି ବିଭିନ୍ନ ଦୃଷ୍ଟିକୋଣ ଏହି ସମୟରେ ସାହିତ୍ୟ ସମାଲୋଚନାରେ ଗୁରୁତ୍ୱ ଲାଭ କରିବା ସହ ସମାଲୋଚନାର ଦିଶା ଓ ଦଶା ପରିବର୍ତ୍ତିତ କରିଛି। ସମଗ୍ର ବିଶ୍ୱର ସାହିତ୍ୟ ସମାଲୋଚନାର ପ୍ରସ୍ଥ ଏ ଦୃଷ୍ଟିରୁ ପ୍ରଭାବିତ ହେବା ସଂଗେ ସଂଗେ ଏକବିଂଶ ଶତକର ପ୍ରଥମାର୍ଦ୍ଧରେ ଭାରତରେ ଓ ଓଡ଼ିଶାରେ ମଧ୍ୟ ଏହି ଧାରାର ପ୍ରଭାବ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିହେବ। ଏହାଛଡ଼ା ଶୈଳୀତତ୍ତ୍ୱ, ରୂପତତ୍ତ୍ୱ, ତୁଳନାତ୍ମକ ସାହିତ୍ୟତତ୍ତ୍ୱ, ସବଲ୍ଟର୍ଣ୍ଣତତ୍ତ୍ୱ ଏବଂ ଉତ୍ତରାଧୁନିକ ସାହିତ୍ୟତତ୍ତ୍ୱ ଆଧାରିତ ସମୀକ୍ଷା ଏକବିଂଶ ଶତାବ୍ଦୀରୁ ଏହି ପ୍ରଥମ ଚତୁର୍ଥାଂଶ ବା ଆଦ୍ୟଚଉଠରେ ଓଡ଼ିଆ ସମାଲୋଚନାରେ ବିଶେଷ ସ୍ଥାନ ଅଧିକାର କରିଥିବାର ଲକ୍ଷ୍ୟ କରିହେବ। ଶତାବ୍ଦୀର ଏହି ଆଦ୍ୟକୋଷ୍ଟକ ବା ଆଦ୍ୟଚଉଠରେ ଯେଉଁ ବିଶିଷ୍ଟ ସମାଲୋଚକମାନେ ସ୍ୱୀୟ ଚେତନା କୈନ୍ଦ୍ରିକ ସାରସ୍ୱତ ସମୀକ୍ଷାଦ୍ୱାରା ଏହି ଧାରାଗୁଡ଼ିକରେ ନିଜର ଗୁରୁତ୍ୱ ରକ୍ଷା କରିବା ସହ ଏହି ଶତାବ୍ଦୀର ସାହିତ୍ୟ ସମାଲୋଚନାକୁ ଅନନ୍ୟ, ସ୍ୱତନ୍ତ୍ର ଓ ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ଡକ୍ଟର ଦାଶରଥି ଦାସ, ଡକ୍ଟର ପଞ୍ଚାନନ ମହାନ୍ତି, ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ, ଡକ୍ଟର ସନ୍ତୋଷ କୁମାର ରଥ, ଡକ୍ଟର ସନ୍ତୋଷ କୁମାର ନାୟକ, ଡକ୍ଟର ରବୀନ୍ଦ୍ର କୁମାର ଦାସ, ଡକ୍ଟର ସ୍ମିତା ମହାନ୍ତି, ଡକ୍ଟର ବବ୍ରୁବାହନ ମହାପାତ୍ର, ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ, ଡକ୍ଟର ଆଲୋକ ବରାଳ, ଡକ୍ଟର ପଞ୍ଚାନନ ମିଶ୍ର, ଡକ୍ଟର ଆଦିକନ୍ଦ ସାହୁ, ଡକ୍ଟର ମଧୁଛନ୍ଦା ନାୟକ, ଡକ୍ଟର ଗଗନେନ୍ଦ୍ର ନାଥ ଦାଶ, ଡକ୍ଟର କଇଳାଶ ପଟ୍ଟନାୟକ, ଡକ୍ଟର ରୁଦ୍ରନାରାୟଣ ମହାପାତ୍ର ଓ ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ କେତେଜଣ ହାତଗଣତି ସ୍ରଷ୍ଟା ଅନ୍ୟତମ।

ଉତ୍ତରମାନବତାବାଦରେ ମଣିଷ ସହ ବୈଷୟିକବିଦ୍ୟାର ସଂପର୍କକୁ ପରୀକ୍ଷା ନିରୀକ୍ଷା କରିବା ସହ ସମାଲୋଚକ ଏହି ଦୃଷ୍ଟି ଓ ଦର୍ଶନ ମୂଳେ ମଣିଷର ପରିଚୟ, ଅଭିକରଣ ବା ମାଧ୍ୟମ / ସାଧନକୁ ଅସ୍ୱୀକାର ପୂର୍ବକ ଆହ୍ୱାନ ଜଣାଇଥାଏ। ସେହିପରି "ପରିବେଶ ସମାଲୋଚନା ୨.୦" ପାରଂପରିକ ପରିବେଶ, ସମାଲୋଚନାର ବ୍ୟାପ୍ତି ପୂର୍ବକ ପରିବେଶକୈନ୍ଦ୍ରିକତା, ପର୍ଯ୍ୟାବରଣୀୟ ସ୍ଥିରତା, ସଂବହନୀୟ ସାମୂହିକ ବିକାଶ ଏବଂ "ଏନ୍ଥ୍ରୋପୋସିନ୍" (Anthropocene) ଉପରେ ଗୁରୁତ୍ୱ ଦେଇଥାଏ। ସୂଚନା ଥାଉକି ପୃଥିବୀର ଜଳବାୟୁ ଓ ରାସାୟନିକ ପରିବର୍ତ୍ତନକୁ ଆଖିଆଗରେ ରଖି ୧୧,୭୦୦ ବର୍ଷ ପୁରୁଣା ଭୂବୈଜ୍ଞାନିକ ଯୁଗ "ହୋଲୋସିନ୍" (Holocene)କୁ ଶେଷ କରି ନୂତନ ଯୁଗରେ ପ୍ରବେଶ କରିବାର ପ୍ରସ୍ତାବ ୨୦୧୬ ମସିହା ଅଗଷ୍ଟ ୨୯ ତାରିଖ ଦିନ ବୈଜ୍ଞାନିକମାନେ ଅନ୍ତର୍ରାଷ୍ଟ୍ରୀୟ ଭୂବୈଜ୍ଞାନିକ କଂଗ୍ରେସରେ ସ୍ୱୀକୃତି ନିମନ୍ତେ ପ୍ରଦାନ କରିଥିଲେ। ଏହି ପ୍ରସ୍ତାବ ଅନୁସାରେ ପୃଥିବୀରେ କ୍ରମାଗତ ଭାବରେ ହୋଇ ଆସୁଥିବା

ରାସାୟନିକ, ସାମାଜିକ ଓ ଆର୍ଥନୀତିକ ପରିବର୍ତ୍ତନକୁ ରେଖାଙ୍କିତ କରିବା ସଂଗେ ସଂଗେ ବିଂଶ ଶତାବ୍ଦୀର ମଧ୍ୟଭାଗ, ଅର୍ଥାତ୍ ଠିକ୍ ୧୯୫୦ ମସିହାରୁ ପୃଥିବୀର "ମହାନ୍ ତ୍ୱରଣ" ସୃଷ୍ଟି ହୋଇଛି ବୋଲି କୁହାଯାଇଥିଲା। ଏହିଠାରୁ ଏନ୍ଥ୍ରୋପୋସିନ୍ ଯୁଗର ଅୟମାରମ୍ଭ ବୋଲି ଏହି ପ୍ରସ୍ତାବରେ ଉଲ୍ଲେଖ ଥିଲାବେଳେ ଆଧିକାରିକ ସ୍ତରରେ ଆଫିସିଆଲ ଭାବରେ ୩୫ କାର୍ଯ୍ୟକାରୀ ସଦସ୍ୟଙ୍କ ଭିତରୁ ୩୦ଜଣ ସଦସ୍ୟ ସାତବର୍ଷର କ୍ରମାଗତ ବିବେଚନା ପରେ ଏହାର ସପକ୍ଷରେ ମତଦାନ କରିଥିଲେ। ଏହି ୧୯୫୦କୁ ସୀମାରେଖା ଭାବରେ ନେବାର କାରଣ, ବିଂଶ ଶତାବ୍ଦୀର ଠିକ୍ ମଧ୍ୟଭାଗରେ ହିଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ମିଥେନ୍ ଗ୍ୟାସ୍, ସମତାପ ମଣ୍ଡଳୀୟ ଓଜୋନ୍ (Ozone)ର ସାନ୍ଦ୍ରତା, ଭୂତାପମାତ୍ରା, ସମୁଦ୍ର ଅମ୍ଳୀକରଣ ଓ ଉଷ୍ଣକଟୀବନ୍ଧୀୟ ଜଙ୍ଗଲ ହାନି, ଜନସଂଖ୍ୟା ବିସ୍ଫୋରଣ ଏବଂ ବଡ଼ବଡ଼ ବନ୍ଧ (ନଦୀବନ୍ଧ) ନିର୍ମାଣ ପ୍ରଭୃତି ଏହି ମଧ୍ୟ ଶତାବ୍ଦୀରେ ପ୍ରାରମ୍ଭ ହୋଇଥିଲା। ଏହି 'ଏନ୍ଥ୍ରୋପୋସିନ୍' ଶବ୍ଦ ସର୍ବପ୍ରଥମେ ନୋବେଲ୍ ପୁରସ୍କାର ପ୍ରାପ୍ତ ଦୁଇ ବିଶିଷ୍ଟ ବିଦ୍ୱାନ୍ ପଲ୍ କ୍ରୁଟ୍‌ଜେନ୍ ଓ ୟୁଜିନ୍ ଷ୍ଟୋର୍ମେର୍ ୨୦୦୦ ମସିହାରେ ପ୍ରୟୋଗ କରିଥିଲେ। ସଂକ୍ଷେପରେ ଏତିକି କୁହାଯାଇପାରେ ଯେ, ଏହି ଶବ୍ଦ ବର୍ତ୍ତମାନ ସମୟ ଅନ୍ତରାଳରେ ମାନବ ଗତିବିଧିଗୁଡ଼ିକଦ୍ୱାରା ପୃଥିବୀ ଉପରେ ପଡ଼ିଥିବା ଗଭୀର ପ୍ରଭାବକୁ ଦର୍ଶାଇଥାଏ। ସାହିତ୍ୟ ସମାଲୋଚନାରେ ଏସବୁ ଦିଗପ୍ରତି ସମାଲୋଚକର ସୂକ୍ଷ୍ମ ଦୃଷ୍ଟି ଅଧୁନା ସମାଲୋଚନା ସାହିତ୍ୟକୁ ଏକ ଭିନ୍ନ ଆୟାମ ପ୍ରଦାନ କରିଛି। ସେହିପରି "ଡିଜିଟାଲ୍ ମାନବତାବାଦ" ସାହିତ୍ୟିକ ପାଠ ବା ସାହିତ୍ୟକୃତିଗୁଡ଼ିକର ବିଶ୍ଳେଷଣ କରିବା ନିମନ୍ତେ ଡିଜିଟାଲ୍ ଟେକ୍ନୋଲୋଜି ବା ଡିଜିଟାଲ୍ ବୈଷୟିକ ବିଦ୍ୟାର ସାହିତ୍ୟ, ସଂସ୍କୃତି ଓ ସମାଜ ଉପରେ ଥିବା ପ୍ରଭାବକୁ ଗୁରୁତ୍ୱ ଦେବା ସହ ସେସବୁର ବିଶ୍ଳେଷଣ ବା ସମାଲୋଚନାର ନୂତନ ପଦ୍ଧତି ଅନ୍ୱେଷଣ କରେ।

ସେହିପରି ବିଶ୍ୱାୟନ ବା ଜଗତୀକରଣ / ଭୂମଣ୍ଡଳୀକରଣ ପୃଥିବୀର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହି ପ୍ରକ୍ରିୟାଦ୍ୱାରା ବସ୍ତୁତଃ ଆର୍ଥିକ, ସାମାଜିକ, ବୈଷୟିକ ଓ ରାଜନୀତିକ ଶକ୍ତି-ସାମର୍ଥ୍ୟ ଓ ସମ୍ଭାବନାଗୁଡ଼ିକର ଏକ ସଭ୍ୟ-ସୁଚିନ୍ତିତ ସଂଯୋଜନ ହୋଇଥାଏ। ମୂଳତଃ ବିଶ୍ୱାୟନ ବା ଜଗତୀକରଣ ଅର୍ଥନୀତି କ୍ଷେତ୍ରରେ ବ୍ୟବହୃତ ହେଉଥିଲେ ହେଁ, ତାହା ସଂପୂର୍ଣ୍ଣ ସତ୍ୟ ନୁହେଁ। ଏପରିକି ଖାଲି-ଆର୍ଥନୀତିକ, ସାମାଜିକ ଓ ରାଜନୀତିକ ସ୍ତରରେ ନୁହେଁ, ଅଧିକନ୍ତୁ ବୈଷୟିକ, ବୈଜ୍ଞାନିକ, ଦାର୍ଶନିକ, ସାହିତ୍ୟିକ ଓ ନୈତିକ ସ୍ତରରେ ମଧ୍ୟ ବିଶ୍ୱାୟନ ସଂଘଟିତ ହେଉଛି। ଏଠାରେ ଅବଶ୍ୟ କହିରଖିବା ଆବଶ୍ୟକ ଯେ, "ବିଶ୍ୱାୟନ"ର ଅର୍ଥ ହେଉଛି "ସ୍ଥାନୀୟ" ବା "କ୍ଷେତ୍ରୀୟ" ବା "ଆଞ୍ଚଳିକ" (Local) ବସ୍ତୁ, ଘଟଣା, ପରଂପରା, ପ୍ରଭୃତିର ବିଶ୍ୱସ୍ତରୀୟ ରୂପାନ୍ତରଣ ଘଟିବା। ଜଗତୀକରଣ ଏପରି ଏକ ପ୍ରକ୍ରିୟା, ଯେଉଁଥିରେ ସାରା ପୃଥିବୀରେ ବିଭିନ୍ନ ଦେଶର ବିଭିନ୍ନ ସଂସ୍ଥା ମଧ୍ୟରେ ଆର୍ଥିକ, ସାଂସ୍କୃତିକ, ରାଜନୀତିକ, ସାମାଜିକ, ଦାର୍ଶନିକ, ବୈଷୟିକ, ଶୈକ୍ଷିକ, ଆଧ୍ୟାତ୍ମିକ, ପ୍ରୌଦ୍ୟୋଗିକ ସଂପର୍କ ଓ ସମନ୍ୱୟ ବୃଦ୍ଧି ପାଇଥାଏ। ଏହାଦ୍ୱାରା ଦେଶ-ଦେଶ ମଧ୍ୟରେ ସଂପର୍କ ବଢ଼ିବା ଓ ଘନିଷ୍ଠ ହେବା ସଂଗେ ସଂଗେ ଶିକ୍ଷା, ସଂଚାର, ସୂଚନା, ଉଦ୍ୟୋଗ, ପର୍ଯ୍ୟଟନ, ପୁଞ୍ଜିନିବେଶ, ବ୍ୟାପାର-ବାଣିଜ୍ୟ, ରାଜନୀତିକ ସଂପର୍କ, ସାମାଜିକ, ସାଂସ୍କୃତିକ ଆଦାନ ପ୍ରଦାନ, ଆଧ୍ୟାତ୍ମିକ ଅଭିରୁଚିର ମାନଚିତ୍ର ସୁଦୃଢ଼ ହୋଇଥାଏ। ସାହିତ୍ୟରେ ଭିନ୍ନକ୍ଷମ ଅଧ୍ୟୟନ ଏକ ସ୍ୱତନ୍ତ୍ର ଅଭିରୁଚି ସଂପନ୍ନ ବିଭାଗ। ସମାଜରେ "ଭିନ୍ନକ୍ଷମ" ବା "ଦିବ୍ୟାଙ୍ଗ" ବା ଶାରିରୀକ /ମାନସିକ ଭାବେ ଅନଗ୍ରସିତ ଗୋଷ୍ଠୀ ପ୍ରତି ଏକ ସ୍ୱତନ୍ତ୍ର ଦୃଷ୍ଟି ରଖି ସାହିତ୍ୟରେ ତା'ର ପ୍ରତିଫଳନକୁ ଏଠାରେ ବିଶ୍ଳେଷଣ ଓ ବ୍ୟାଖ୍ୟା କରାଯାଇଥାଏ। ଏଠାରେ ପାରଂପରିକ ଭାବରେ ସୁସ୍ଥ, ସକ୍ଷମ ଓ ସଂପୂର୍ଣ୍ଣ ବ୍ୟକ୍ତି ପ୍ରତି ଥିବା ଧାରଣା ବା ତତ୍‌ପ୍ରତି ଦୃଷ୍ଟିକୋଣକୁ ଆକ୍ଷେପ କରିବା ସଂଗେ ସଂଗେ ନୂଆ ଦୃଷ୍ଟି ଓ ଦର୍ଶନର ପୃଥିବୀ ପ୍ରତି ଆହ୍ୱାନ ଜଣାଯାଇଥାଏ। ଭିନ୍ନକ୍ଷମ ଅଧ୍ୟୟନରେ ଭିନ୍ନକ୍ଷମତା (Disability)ର ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ଦିଗଗୁଡ଼ିକୁ ବିଶ୍ଳେଷଣ କରିବା ସଂଗେ ସଂଗେ ଏହାକୁ ଆନ୍ତର୍ବିଦ୍ୟା ପରିସରଭୁକ୍ତ ବିଶେଷ ବିଭାଗ ଭାବରେ ଗ୍ରହଣ କରାଯାଇଥାଏ। ଏଠାରେ ମେଡିକାଲ ମଡେଲ୍‌କୁ ଚାଲେଞ୍ଜ୍ କରିବା ସହ ସାମାଜିକ ମଡେଲ୍ ପାଇଁ ଯୁକ୍ତି ଉତ୍ଥାପନ କରାଯାଇଥାଏ। ଏଠାରେ କହିରଖିବା ଉଚିତ୍ ଯେ, "ଭିନ୍ନକ୍ଷମତାର ସାମାଜିକ ମଡେଲ୍" (Social Model of Disability) ବ୍ୟକ୍ତିଗତ ଅସଂଗତି ବା ଅଭାବକୁ ଗୁରୁତ୍ୱ ନ ଦେଇ ବରଂ ସାମାଜିକ ବାଧାବିଘ୍ନ, ଦୃଷ୍ଟିକୋଣଗତ ପରିବେଶ, ପରିସର ଓ ଅଭାବନୀୟ, ନ୍ୟୁନଦୃଷ୍ଟିଜନିତ ତଥା ଅପମାନସୂଚକ ପରିସ୍ଥିତି ପ୍ରଭୃତିକୁ ଗୁରୁତ୍ୱ ଦେଇଥାଏ। ମାତ୍ର "ମେଡିକାଲ୍ ମଡେଲ୍" ବ୍ୟକ୍ତିଗତ ଅସଂଗତି, ଅଭାବ, ନ୍ୟୁନତା ବା ବିକଳାଙ୍ଗତାକୁ ଗୁରୁତ୍ୱ ଦିଏ। ଧରାଯାଉ ଜଣେ ବ୍ୟକ୍ତି ଦୃଷ୍ଟିବାଧିତ, ବା ଶ୍ରୁତିବାଧିତ ବା ଘ୍ରାଣବାଧିତ, ବା ଦୃଷ୍ଟିଶକ୍ତିର ଦୁର୍ବଳତା ବା ଅସୁବିଧା ଭୋଗ କରୁଛି, ମେଡିକାଲ ମଡେଲ୍ ଅନୁସାରେ ତାକୁ ବିକଳାଙ୍ଗ ଓ ନ୍ୟୁନ ବା ଅକ୍ଷମ ବୋଲି ବିବେଚନା କରାଯାଏ। ମାତ୍ର ଭିନ୍ନକ୍ଷମ ଅଧ୍ୟୟନ (Disability Studies)ରେ ଏହାକୁ ଗୁରୁତ୍ୱ ଦିଆନଯାଇ, ସାମାଜିକ ପ୍ରତିକ୍ରିୟା, ବ୍ୟବହାର ଓ ତଜ୍ଜନିତ ପରିସରକୁ ଗୁରୁତ୍ୱ ଦିଆଯାଇଥାଏ। ଏଠାରେ "ଭିନ୍ନକ୍ଷମତ୍ୱକୁ" ବା "ବିକଳାଙ୍ଗତା"କୁ ବୁଝିବା ପାଇଁ ସମାଜତତ୍ତ୍ୱ, ଇତିହାସ, ସାହିତ୍ୟ, ଆଇନ୍‌ଶାସ୍ତ୍ର, ରାଜନୀତିତତ୍ତ୍ୱ, ରାଜନୀତି ବିଜ୍ଞାନ ଓ ଅର୍ଥନୀତିତତ୍ତ୍ୱ ପ୍ରଭୃତିକୁ ଅଧ୍ୟୟନ କରି ଏସବୁ ଦୃଷ୍ଟିରୁ ବିବେଚନା କରାଯାଇଥାଏ। ଏଣୁ ଯଥାର୍ଥରେ ଏହା ସକ୍ଷମତାବାଦୀ ବା ଭିନ୍ନକ୍ଷମତାବାଦୀ ସଂରଚନାକୁ ଭାଙ୍ଗିରୁଜି ଚୁରମାର କରିଦିଏ। ବିକଳାଙ୍ଗ ବ୍ୟକ୍ତିଙ୍କ ପ୍ରତି କୌଣସି ପ୍ରକାର ପୂର୍ବାଗ୍ରହ

ବା ପକ୍ଷପାତୀ ମନୋଭାବ ରଖି ଏହା ବିଚାର ବିବେଚନା କରିବାକୁ ତତ୍ପର ରହିଥାଏ। ଏହାଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ପାଇଁ ଏହା ଲଢ଼େଇ କରିବା ସହ ସମାଜର ଏହି ବିକଳାଙ୍ଗତାବାଦୀ ମନୋଭାବକୁ ଏହା ଚ୍ୟାଲେଞ୍ଜ୍ କରିଥାଏ। "This field aims to dismantle ableist structures and attitudes that marginalize and oppress people with disability." ଏହି ଭିନ୍ନକ୍ଷମ ଅଧ୍ୟୟନ ବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ଭିନ୍ନକ୍ଷମ ଅଧିକାର ଆନ୍ଦୋଳନରୁ ଆରମ୍ଭ ହୋଇଛି ବୋଲି କୁହାଯାଇପାରେ। କାରଣ ଏହିଠାରୁ ହିଁ ଏହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତିଙ୍କ ସମସ୍ୟା, ସମାଧାନ, ସ୍ୱାଧିକାର ଓ ସ୍ୱପ୍ନ-ସ୍ୱଚ୍ଛନ୍ଦର କଥା ଚିନ୍ତା କରିବା ଆରମ୍ଭ ହୋଇଛି। ପ୍ରକାଶ ଥାଉକି, ଭିନ୍ନକ୍ଷମତା ସହ ଶିକ୍ଷା, ସଂସ୍କୃତି, ରାଜନୀତି, ଆଇନ୍ ପ୍ରଭୃତିର ଅଧ୍ୟୟନ-ଅନୁଶୀଳନ ଓ ଏସବୁଥିରେ "ଅକ୍ଷମତା" (Disability)ର ଅଧ୍ୟୟନ ସହ ଶ୍ରେଣୀ, ଜାତି, ସାମାଜିକ ଓ ଜୈବିକ ଲିଙ୍ଗ, ବର୍ଗ, ବର୍ଣ୍ଣ, ଧର୍ମ, ଆଞ୍ଚଳିକତା ପ୍ରଭୃତି ସହ ଅନ୍ତର୍ଚ୍ଛେଦନ ଲକ୍ଷ୍ୟ କରାଯାଇଥାଏ। ପରିଣାମ ସ୍ୱରୂପ ଏହା "ଭିନ୍ନକ୍ଷମ" ବା "ଦିବ୍ୟାଙ୍ଗ" ମାନଙ୍କ ପାଇଁ "ବିକଳାଙ୍ଗ" ଶବ୍ଦକୁ ଉଚ୍ଛେଦ କରିବା ସହ ସମାନ ଭାବରେ ସ୍ୱାଧିକାର ସହ ସାମାଜିକ-ପ୍ରାକୃତିକ-ରାଜନୀତିକ- ନୈତିକ- ମନସ୍ତାତ୍ତ୍ୱିକ- ଆର୍ଥନୀତିକ ଓ ଭୌଗୋଳିକ- ମାନସିକ ପରିବେଶକୁ ଉପଭୋଗ କରିବା ନିମନ୍ତେ ଯୁକ୍ତି ବାଢ଼ିଥାଏ। ଏହା person first languageକୁ ପ୍ରୋତ୍ସାହିତ କରିବା ସହିତ ableist stereotypes ବା ଭିନ୍ନକ୍ଷମ ପାରଂପରିକତାକୁ ଚ୍ୟାଲେଞ୍ଜ୍ କରିଥାଏ। ଏହି ଅଧ୍ୟୟନରେ Inclusive Education ବା ସମାବେଶୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥାଏ ଓ ସେମାନେ ନିଜର ଅଧିକାର ପାଇଁ ଓ ଆବଶ୍ୟକତା ନିମନ୍ତେ ନିଜେ କିପରି ସ୍ୱରୋତ୍ତଳନ କରିପାରିବେ- ସେ ଦିଗ ପ୍ରତି ସଚେତନତା ରହିଥାଏ।

ସାଂପ୍ରତିକ ସମୟରେ ବିଶେଷକରି ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଓ ଅନ୍ୟାନ୍ୟ ପ୍ରାଦେଶିକ ସମୀକ୍ଷା କ୍ଷେତ୍ରରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ବିଭାବ ହେଉଛି ଜୀବଜନ୍ତୁ ଅଧ୍ୟୟନ ବା ପଶୁପକ୍ଷୀ ଅଧ୍ୟୟନ (Animal Studies)। ସାହିତ୍ୟ ଓ ସଂସ୍କୃତିରେ ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଗୁରୁତ୍ୱ ଓ ମଣିଷ ସହ ସେମାନଙ୍କ ସଂପର୍କ ନିରୂପଣ କରିବା ସଂଗେ ସଂଗେ ଜୀବଜନ୍ତୁ ପ୍ରଜାତିମାନଙ୍କ ପ୍ରତି ପାରଂପରିକ ଜ୍ଞାନ ଓ ପରିଚୟ ପ୍ରଭୃତିକୁ ଚ୍ୟାଲେଞ୍ଜ୍ କରିଥାଏ।

ଏହି ଅଧ୍ୟୟନରେ ମଣିଷ ଓ ପଶୁପକ୍ଷୀଙ୍କ ସଂପର୍କ ଦର୍ଶାଯିବା ସହ ପଶୁପକ୍ଷୀମାନଙ୍କର ଐତିହାସିକ, ନୈତିକ, ସାମାଜିକ ଓ ସାହିତ୍ୟିକ ଗୁରୁତ୍ୱକୁ ପ୍ରସଙ୍ଗୀଭୂତ କରାଯାଇଥାଏ। ଏହାଛଡ଼ା ମାନବ ଓ ପଶୁପକ୍ଷୀମାନଙ୍କ ଆନ୍ତଃସଂପର୍କର ସାମାଜିକ, ରାଜନୀତିକ ଏବଂ ପାରିବେଶିକ ଓ ପରିବେଶତାତ୍ତ୍ୱିକ ଗୁରୁତ୍ୱ ଓ ଆବଶ୍ୟକତାକୁ ଏଠାରେ ସୂଚାଇ ଦିଆଯାଇଥାଏ। ଏଠାରେ ପଶୁପକ୍ଷୀମାନଙ୍କ ବ୍ୟବହାର ଓ ଚିନ୍ତାଚେତନା ଶକ୍ତି, ସେମାନଙ୍କ ପ୍ରତି ନ୍ୟାୟୋଚିତ ଓ ମାଙ୍ଗଳିକ ମନୋଭାବ ରକ୍ଷା, ସେମାନଙ୍କ ଅଧିକାର ଓ ବିମୁକ୍ତି ପ୍ରସଙ୍ଗ, ମଣିଷ ସହ ସେମାନଙ୍କ ପାରସ୍ପରିକ ସଂପର୍କ, ପଶୁ ଅତ୍ୟାଚାର ଓ ସେମାନଙ୍କ ସୁରକ୍ଷା, କଳା, ସାହିତ୍ୟ ଓ ଗଣମାଧ୍ୟମରେ ପଶୁପକ୍ଷୀମାନଙ୍କୁ ବ୍ୟବହାର କରାଯାଉଥିବା ପ୍ରସଙ୍ଗ ପ୍ରଭୃତିକୁ ଅଂଗୀକାର କରାଯାଇଥାଏ। ମାନବ ସଭ୍ୟତାର ଇତିହାସ ଏବଂ ପୁରାଣରେ ପଶୁପକ୍ଷୀମାନଙ୍କ ଭୂମିକା ଓ ମଣିଷ ସହ ସେମାନଙ୍କ ନିବିଡ଼ ସଂପର୍କର ବ୍ୟାଖ୍ୟା, ଅନୁଶୀଳନ ଓ ଆଲୋଚନା ଏଠାରେ କରାଯାଇଥାଏ। ଏଇଠି ଅବଶ୍ୟ କହିରଖିବା ଉଚିତ୍ ଯେ, ପଶୁପକ୍ଷୀ ଅଧ୍ୟୟନରେ ଆନ୍ତର୍ବିଦ୍ୟା ଆବେଦନ (Interdisciplinary Approach) ମାନବବିଜ୍ଞାନ, ସାମାଜିକ ବିଜ୍ଞାନ ଓ ପ୍ରାକୃତିକ ବିଜ୍ଞାନ ସହ କରାଯାଇଥାଏ।

ଏକବିଂଶ ଶତକରେ ସାହିତ୍ୟ କ୍ଷେତ୍ରରେ ଦେଖାଦେଇଥିବା ସମାଲୋଚନା ଧାରା ମଧ୍ୟରେ ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ଧାରା ହେଉଛି "ପାରିବେଶୀୟ ମାନବତାବିଦ୍ୟା" (Environmental Humanities)। ଏହା ମାନବତାବିଦ୍ୟା ଓ ପରିବେଶବାଦର ଅନ୍ତର୍ଚ୍ଛେଦକୁ ଆବିଷ୍କାର କରିବା ସହ ପାରିବେଶୀୟ ସମସ୍ୟାଗୁଡ଼ିକର ସାଂସ୍କୃତିକ ଓ ସାହିତ୍ୟିକ ଆଶୟ ବା ନିହିତାର୍ଥଗୁଡ଼ିକର ଅନୁଶୀଳନ ଓ ପର୍ଯ୍ୟବେକ୍ଷଣ କରିଥାଏ। ଏହା ମଣିଷ ସହ ପରିବେଶର ସଂପର୍କକୁ ସ୍ଥାପନ କରିବା ସହିତ ବିବିଧ ପାରିବେଶିକ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିଥାଏ। ଏଥିସହିତ ଏହି ଅଧ୍ୟୟନରେ ଇତିହାସ, ସାହିତ୍ୟ, ଦର୍ଶନ ଓ ସାଂସ୍କୃତିକ ଅଧ୍ୟୟନ ପ୍ରଭୃତି ବିଭାଗକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ଅନୁଶୀଳନ କରାଯାଇଥାଏ। ମାନବଜଗତ ତା'ର ପରିସର ବା ପ୍ରାକୃତିକ ପରିବେଶ ସହ ଓତପ୍ରୋତ ଭାବରେ ଜଡ଼ିତ। ଏହି ସଂପର୍କରୁ ମାନବ ସଂସ୍କୃତି ଓ ପ୍ରାକୃତିକ ଜଗତର ସ୍ୱର ଓ ସ୍ୱରୂପ ନିରୂପିତ ହୋଇଥାଏ। ପ୍ରକାଶ ଥାଉକି ଏଥିରୁ କଳା, ସାହିତ୍ୟ ଓ ଚଳଚ୍ଚିତ୍ର ପ୍ରଭୃତିରେ ପ୍ରତିଫଳିତ ସାଂସ୍କୃତିକ-ପାରିବେଶିକ ପ୍ରତିଫଳନର ଏକ ବିଶ୍ୱସ୍ତ ଚିତ୍ର ମିଳିଥାଏ। ଏଥିସହିତ ପାରିବେଶିକ ସମସ୍ୟାର ଐତିହାସିକ ମୂଳ ନିରୂପଣ, ଜଳବାୟୁ ପରିବର୍ତ୍ତନର ନୈତିକ ଆଶୟ ବା ନିହିତାର୍ଥ ବିଚାର, ପାରିବେଶୀୟ ନ୍ୟାୟ ଆନ୍ଦୋଳନର ଭୂମିକା ବିଶ୍ଳେଷଣ ଏବଂ ପାରିବେଶିକ ସମସ୍ୟାର ସମାଧାନ ଓ ସଚେତନତା ସୃଷ୍ଟିର ବିବିଧ ସାମାଜିକ-ସାହିତ୍ୟିକ ଓ ସାଂସ୍କୃତିକ ମାଧ୍ୟମର ଆବିଷ୍କାର, ଅନୁଶୀଳନ ଓ ପର୍ଯ୍ୟବେକ୍ଷଣ ଏହି ବିଭାଗୀୟ ଅଧ୍ୟୟନର ପରିସରଭୁକ୍ତ। ଯଥାର୍ଥରେ ସମାଲୋଚକ କହନ୍ତି- "The discipline acknowledges the paramount significance of the humanities in elucidating and mitigating environmental predicaments, positing that efficacious solutions to ecological conundrums necessitate not only cutting-edge scientific and

technological innovations, but also a more profound comprehension of anthropocentric values, convictions, and comportments." ଏହି ବିଦ୍ୟା ଅନ୍ତର୍ଗତ ଅଧ୍ୟୟନଗୁଡ଼ିକ ମଧ୍ୟରେ ମଣିଷ ସହ ପରିବେଶର ଆନ୍ତଃସଂପର୍କର ଐତିହାସିକ କାଳାନୁକ୍ରମିକ ଅନୁଶୀଳନ, ପରିସଂସ୍ଥା ବା ପରିବେଶତାନ୍ତ୍ରିକ ଦୃଷ୍ଟିରେ ସାହିତ୍ୟ ଓ ସଂସ୍କୃତିର ପର୍ଯ୍ୟବେକ୍ଷଣ, ପାରିବେଶିକ ସମସ୍ୟାଗୁଡ଼ିକର ସାଂସ୍କୃତିକ ଓ ସ୍ଥାନୀୟ ଆୟାମ ଆଧାରିତ ପରୀକ୍ଷା-ନିରୀକ୍ଷା, ପାରିବେଶିକ କ୍ରିୟାବଳୀ ନିମନ୍ତେ ନୈତିକ ଛାଞ୍ଚ ପ୍ରସ୍ତୁତକରଣ ଏବଂ ସର୍ବୋପରି ପାରିବେଶିକ ସମସ୍ୟାଗୁଡ଼ିକର ସାମାଜିକ ଓ ସାଂସ୍କୃତିକ ପରିଧି, ପରିସର ଓ ପରିତଳ ନିରୂପଣ କରାଯାଇଥାଏ। ଏହା ସାଂସ୍କୃତିକ ଭୂଗୋଳ, ପାରିବେଶିକ ଦର୍ଶନ ଓ ପାରିବେଶୀୟ ନୃତତ୍ତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ପାରିବେଶୀୟ ମାନବତାବିଦ୍ୟା (Environmental Humanities) ପାରିବେଶିକ ସମସ୍ୟାର ଅବବୋଧ, କାରଣ ନିରୂପଣ ଓ ସମାଧାନ ସୂତ୍ର ପ୍ରସ୍ତୁତିରେ ମାନବତା ଅଧ୍ୟୟନ, କଳାଶାସ୍ତ୍ର, ଏବଂ ବ୍ୟାଖ୍ୟାତ୍ମକ ସାମାଜିକ ବିଜ୍ଞାନ ପ୍ରଭୃତିର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ସମାଲୋଚକଙ୍କ ଭାଷାରେ- "The nomenclature 'environmental humanities' serves as a dual paradigm, oscilating between the descriptive and the aspirational: its genesis, spanning a mere quinquennium, has been precipitated by the confluence of erstwhile disparate disciplines, including environmental philosophy, environmental history, ecocriticism, cultural geography, cultural anthropology and political ecology, thereby instantiating a nascent inter-disciplinary nexus; yet, it also harbours an ambitions to transcend the heretofore fragmented debates, hitherto largely circumscribed by the peculiarities of their respective disciplinary matrices." ସମାଲୋଚକ ଡକ୍ଟର ନାୟକ ଆହୁରି ଏହି ସମାଲୋଚନାର ଧରା ଓ ଧାରା ସଂପର୍କରେ ସୂଚନା ଦେବାକୁ ଯାଇ କହନ୍ତି- "The environmental humanities undertake an exhaustive examination of the dialectical relationship between the environment and humanity probing the myriad ways in which the environment is discursively constructed and representationally mediated, and concomitantly, how these divergent epistemological and ontlogical visions exert a profound impact on both knowledge production and practical action." ପ୍ରକାଶ ଥାଉକି ଏହି ପରିବେଶ ଦର୍ଶନ ବା ପାରିବେଶିକ ନୈତିକତା ପାଖାପାଖି ବିଂଶ ଶତାବ୍ଦୀର ସତୁରୀ ଦଶକରେ ଆରମ୍ଭ ହୋଇ ଅଶୀ ଦଶକ ବେଳକୁ ଏକ ସ୍ୱତନ୍ତ୍ର ବିଭାଗରେ ପରିଣତ ହୋଇସାରିଲାଣି। ଏହି ତତ୍ତ୍ୱ ଆନୁଷ୍ଠାନିକ ଭାବରେ ନବେ ଦଶକରେ ସ୍ୱୀକୃତି ଲାଭ କରିଥିଲାବେଳେ ଡୋନାଲ୍ଡ ୱର୍ଷ୍ଟର୍ (Donald Warster) ତାଙ୍କର ପ୍ରସିଦ୍ଧ ପୁସ୍ତକ 'Nature's Economy' (1977) ରେ ଏବଂ ୧୯୯୫ ବେଳକୁ ୱିଲିଅମ୍ କ୍ରୋନୋନ୍ ତାଙ୍କ ପୁସ୍ତକ 'The Trouble with Wilderness'ରେ ଏକ ଗଭୀର ତାର୍କିକ ସୂତ୍ରର ସୁଚିନ୍ତିତ ସୂଚନା ପ୍ରଦାନ କରିସାରିଲେଣି। ନବେ ଦଶକ ବେଳକୁ ଯଦିଓ ଯୁକ୍ତରାଷ୍ଟ୍ର ଆମେରିକାର ବିଦ୍ୱାନ୍‌ଗଣ, ଐତିହାସିକଗଣ ଓ ଅଷ୍ଟ୍ରେଲିଆର ସାହିତ୍ୟ ସମାଲୋଚକ ଓ ପରିବେଶ ଦାର୍ଶନିକଗଣ ପରସ୍ପରର ଗୋଷ୍ଠୀମାନଙ୍କ ସହ ସଂପର୍କ ସ୍ଥାପନ ପୂର୍ବକ ପରିବେଶ ମାନବତାବାଦ ସଂପର୍କରେ ସଚେତନତା ସୃଷ୍ଟି କରିବା ଆରମ୍ଭ କରିଦେଇଥିଲେ, ତେବେ ଆନୁଷ୍ଠାନିକ ଭାବରେ ଏକବିଂଶ ଶତକର ଦ୍ୱିତୀୟ ଦଶକରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ଅନୁଷ୍ଠାନ ଓ ସଂସ୍ଥାଦ୍ୱାରା ଏହା ତ୍ୱରାନ୍ୱିତ ହେଲା। ଏହି ସୂତ୍ରରେ ୟୁନିଭର୍ସିଟି ଅଫ୍ ୱିସ୍‌କୋନ୍‌ସିନ୍-ମାଡିସନ୍‌ର "ସେଣ୍ଟର୍ ଫର୍ କଲ୍‌ଚର, ହିଷ୍ଟ୍ରି ଏଣ୍ଡ୍ ଏନ୍‌ଭିରୋନ୍‌ମେଣ୍ଟ୍" (ସଂସ୍କୃତି, ଇତିହାସ ଓ ପରିବେଶକେନ୍ଦ୍ର), ମ୍ୟୁନିକ୍‌ସ୍ଥିତ "ରାଶେଲ୍ କାର୍ସନ୍ ସେଣ୍ଟର୍" (Rachel Carson Centre), ଷ୍ଟୋକ୍‌ହୋମ୍‌ସ୍ଥିତ "କେ.ଟି. ଏଚ୍. ଏନ୍‌ଭିରୋନ୍‌ମେଣ୍ଟାଲ୍ ହ୍ୟୁମାନିଟିସ୍ ଲାବୋରେଟୋରୀ" ଓ ମିଡ୍ ସ୍ୱିଡେନ୍ ୟୁନିଭର୍ସିଟିର "ଇକୋ-ହ୍ୟୁମାନିଟିଜ୍ ହବ୍" ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଏ ଦିଗରେ ଅନେକ ବିଦ୍ୱାନ୍ ସୃଷ୍ଟି କରିବା ସଂଗେ ସଂଗେ ବିଶ୍ୱବ୍ୟାପୀ ଏହାର ଗବେଷକଙ୍କୁ ଏକତ୍ର ମଧ୍ୟ କରୁଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଜର୍ମାନୀ, ସ୍ୱିଡେନ୍ ଓ ତାଇୱାନ୍‌ର ବିଭିନ୍ନ ବିଶ୍ୱବିଦ୍ୟାଳୟମାନଙ୍କରେ ଏହି ଅଧ୍ୟୟନକୁ ଗୁରୁତ୍ୱର ସହକାରେ ଗ୍ରହଣ କରାଯାଇଛି। ଏତଦ୍‌ଭିନ୍ନ ସମଗ୍ର ପୃଥିବୀରେ ଯେକୌଣସି କୋଣାନୁକୋଣରେ ଏହି ବିଷୟ, କୈନ୍ଦ୍ରିକ ଗବେଷଣା-ଗବେଷକ, ସମାଲୋଚନା ଓ ସମାଲୋଚକଙ୍କୁ ଏକତ୍ରିତ କରିବା ନିମନ୍ତେ "Humanities for the Environment", "Transatlantic Environmental Research Network in Environment Humanities", "Australian Environmental Humanities Hub", "Nordic Network for Inter-disciplinary Environmental Studies (NIES)", ଏବଂ "European Environmental Humanities Alliance" ପ୍ରମୁଖ ନେଟ୍‌ୱାର୍କଗୁଡ଼ିକ ବେଶ୍ ଚଞ୍ଚଳ ଓ ତ୍ୟାଗଶୀଳ ମନୋଭାବ ସହକାରେ କାର୍ଯ୍ୟତତ୍ପର ଅଛନ୍ତି। ଏହି ଦିଗରେ କ୍ଲାସିକାଲ୍ ପରିବେଶୀୟ ଚିନ୍ତାନାୟକଙ୍କ ମଧ୍ୟରେ ହେନ୍‌ରୀ ଡେଭିଡ୍ ଥୋର୍‌ୟୁ, ଜନ୍ ମ୍ୟୁଇର୍, ଆଲ୍‌ଡୋ ଲିଓପୋଲ୍ଡ ଏବଂ ରାଶେଲ୍ କାର୍ସନ୍‌ଙ୍କ ଅବଦାନ ଅବିସ୍ମରଣୀୟ ହୋଇଥିଲା ବେଳେ ନୂତନ ପୀଢ଼ିରେ ମିଶେଲ୍ ପୋଲ୍ଲାନ୍, ବିଲ୍ ମାକ୍‌କିବେନ୍ ଏବଂ ବାର୍ବାରା କିଙ୍ଗ୍‌ସୋଲ୍‌ଭର୍ ପ୍ରମୁଖଙ୍କ ବିଦଗ୍ଧ ଅବଦାନ ଏକାନ୍ତ ଅବିସ୍ମରଣୀୟ। ସେହିପରି ଏହି ସମାଲୋଚନାରେ ସ୍ଥାନୀୟ ସଂସ୍କୃତି ଏବଂ ମଣିଷ ସଭ୍ୟତା ଓ ସଂସ୍କୃତିର ସାମାଜିକ ଆୟାମର

ଆଲୋଚନା ପାରିବେଶିକ ସମସ୍ୟା ଆଧାରରେ କରାଯାଇଥାଏ। ଏହାକୁ ପାରିବେଶିକ ନୃତତ୍ତ୍ୱ ବୋଲି କୁହାଯାଇଥାଏ। ସଂକ୍ଷେପରେ ଏତିକି କୁହାଯାଇପାରେ ଯେ, ଏହି ପାରିବେଶୀୟ ମାନବତାବାଦର ଆୟାମ ଖୁବ୍ ବ୍ୟାପକ ଓ ଏହାର ସାଂପ୍ରତିକ ଗୁରୁତ୍ୱ ସର୍ବାଧିକ।

ସମାଲୋଚନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି- ମେଡିକାଲ ମାନବତାବାଦ ବା ଭେଷଜ ମାନବତାବାଦ। ଏଠାରେ ଭେଷଜଶାସ୍ତ୍ର, ମାନବତାଶାସ୍ତ୍ର, କଳାଶାସ୍ତ୍ର ସହ ସାହିତ୍ୟ, ସଂସ୍କୃତି, ନୃତତ୍ତ୍ୱ, ଇତିହାସ, ଦର୍ଶନ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକ ଆଧାରରେ ମଣିଷର ସ୍ୱାସ୍ଥ୍ୟ, ଅସୁସ୍ଥତା, ମଣିଷର ଔଷଧ ସହ ଅନୁଭବ ପ୍ରଭୃତିକୁ ବୁଝାଯାଇଥାଏ। ସଂପୂର୍ଣ୍ଣ ବୈଜ୍ଞାନିକ ବା ଭେଷଜଶାସ୍ତ୍ରୀୟ ଅଭିଦୃଷ୍ଟି ଆଧାରରେ ନ ଦେଖି ବା ନ ବିଚାର କରି ବରଂ ରୋଗୀର, ପରିବାରର ତଥା ସେବାପ୍ରଦାନକାରୀ ବ୍ୟକ୍ତି ବା ଗୋଷ୍ଠୀ ବା ସଂସ୍ଥାର ମନ୍ମୟ ଅନୁଭୂତି ଓ ବ୍ୟକ୍ତିଗତ ଆକଳନ ଆଧାରରେ କୌଣସି ବିବେଚନା କରିବାକୁ ଏହି ବିଚାରଧାରା ଅଧିକ ଗୁରୁତ୍ୱ ଦେଇଥାଏ। ମଣିଷର ଅବସ୍ଥା ଯଥା ମାନସିକ, ଶାରୀରିକ, ସାମାଜିକ, ଆର୍ଥନୀତିକ, ରାଜନୀତିକ, ନୃତାତ୍ତ୍ୱିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାକୁ ଗୁରୁତ୍ୱ ଦେବା ସହିତ "ସହାନୁଭୂତି" (empathy), "ତାର୍କିକ ଚିନ୍ତନ" (Critical thinking) ପ୍ରଭୃତିକୁ ପ୍ରୋତ୍ସାହିତ କରି ଏହି ଭେଷଜ ମାନବତାବିଦ୍ୟା ସ୍ଥୂଳତଃ ଓ ମୂଳତଃ ଭେଷଜ ଶିକ୍ଷାକୁ ଉନ୍ନତ ଓ ସମନ୍ୱିତ ଭାବରେ ବିକଶିତ କରିବାକୁ ଚେଷ୍ଟା କରିଥାଏ। ସାହିତ୍ୟ ଓ ସଂସ୍କୃତିଦ୍ୱାରା ଏକ ରୋଗୀର ରୋଗକୁ ବୁଝିବାକୁ ଚେଷ୍ଟା କଲାବେଳେ ସାହିତ୍ୟର ଭୂମିକା ଏଠାରେ ଅତୀବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସ୍ମୃତିକଥା, ଉପନ୍ୟାସ, କବିତା, ନାଟକ ଓ କ୍ଷୁଦ୍ରଗଳ୍ପ ମାଧ୍ୟମରେ ରୋଗ, ଯନ୍ତ୍ରଣା, ଉପଶମ ଓ ମାନବୀୟ ଭେଷଜ ଅଭିଜ୍ଞତାପ୍ରତି ଅବବୋଧକୁ ସହଜରେ ବ୍ୟକ୍ତ କରିହେବ ବୋଲି ଦୃଢ଼ ପ୍ରତ୍ୟୟ ମଧ୍ୟ ଏହି ବିଦ୍ୟା ରଖିଥାଏ। ସେଥିପାଇଁ ଏଥିରେ ଔଷଧର ଓ ଭେଷଜ ବିଦ୍ୟାର ଇତିହାସକୁ ଅଧ୍ୟୟନ କରିବାଠାରୁ ଆରମ୍ଭ କରି, ସାହିତ୍ୟ ଓ ସିନେମାରେ ରୋଗର ପ୍ରଦର୍ଶନ କୌଶଳ ଓ ଧାରାକୁ ବିଶ୍ଳେଷଣ କରିବା, ରୋଗୀର ସ୍ୱାସ୍ଥ୍ୟ ସୁଧାର ନିମନ୍ତେ ଚିତ୍ରକଳା ଓ ପ୍ରଦର୍ଶନୀ କଳା ତଥା ସର୍ଜନାତ୍ମକ କଳାର ବ୍ୟବହାର ତଥା ମାନସିକ ରୋଗୀ ବା ଯେକୌଣସି ରୋଗୀର ନୈତିକ ଦ୍ୱନ୍ଦ୍ୱ ଦୂରୀକରଣ ନିମନ୍ତେ ଦାର୍ଶନିକ ବିଚାରବୋଧ ଓ ଦାର୍ଶନିକ ଦୃଷ୍ଟିକୋଣର ସାହାଯ୍ୟ ନେଇ ଦେଖିବା ପର୍ଯ୍ୟନ୍ତ ସମସ୍ତ ଦିଗ-ବିଦିଗକୁ ଗୁରୁତ୍ୱ ଦିଆଯାଇଥାଏ। ବିଶ୍ୱର ବୃହତ୍ତର ଭେଷଜଶାସ୍ତ୍ରୀ ବା ଭେଷଜ ବିଜ୍ଞାନ ସଂସ୍ଥା "ସୁଯୋଗାଯୋଗ" ବା "ଉତ୍ତମ କଥାବାର୍ତ୍ତା"କୁ ଅନେକ ସମସ୍ୟାର ସମାଧାନ ରୂପରେ ଦେଖିଥାଆନ୍ତି। ରୋଗୀର ସଂପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ କଥାବାର୍ତ୍ତା, ସ୍ନେହ, ଶ୍ରଦ୍ଧା, ସକାରାତ୍ମକ ଭାବନା ଓ ଭାବବିନିମୟ ଅନେକ ସମୟରେ ଉପଶମର କାରଣ ହୋଇଥାଏ। ଏଥିସହିତ ନିଜେ ରୋଗୀ ଯଦି ଏକ ଉତ୍ତମ ଓ ସୁସ୍ଥ ମାନସିକ ସ୍ଥିତିଦେଇ ଗତିକରେ, ତେବେ ରୋଗୀ ସୁସ୍ଥ ହେବାର ସମ୍ଭାବନା ଯଥେଷ୍ଟ ବଢ଼ିଯାଇଥାଏ। ଏଣୁ ମଣିଷର ଯୋଗ୍ୟତା ଏଠାରେ ଗୁରୁତ୍ୱପୂର୍ଣ୍ଣ। ମଣିଷର ଭାବନା ଓ ସମ୍ଭାବନା ଉପରେ ଏହି ତତ୍ତ୍ୱ ପର୍ଯ୍ୟବେସିତ। ଭେଷଜ ମାନବତାବାଦରେ ମଣିଷର ଶୁଣିବାର କ୍ଷମତା, ତାକୁ ବୁଝିବାର କ୍ଷମତା, ତାକୁ ପ୍ରୟୋଗ କରିବା, ଜାଣି ଜଣାଇବା ଏବଂ ସମ୍ବେଦନଶୀଳ ପ୍ରସଙ୍ଗରେ ଗୁରୁତାର ସହିତ କିଛି ଅବଦାନ ରଖିବା ଉପରେ ଗଭୀର ଆସ୍ଥା ପ୍ରକଟ କରାଯାଇଥାଏ। କିନ୍ତୁ ସାଂପ୍ରତିକ କାଳରେ ସାହିତ୍ୟ ବା ସାହିତ୍ୟ ସମାଲୋଚନା ସେତେମାତ୍ରାରେ ମାନବର ଯନ୍ତ୍ରଣା, କଷ୍ଟ, ଦାସତ୍ୱ, ପାରିବେଶିକ ଅବକ୍ଷୟ, ସ୍ୱାସ୍ଥ୍ୟହାନୀ, ବିକଳାଙ୍ଗତା, ରୋଗ-ବ୍ୟାଧି, ଜରା, ପକ୍ଷାଘାତ ପ୍ରଭୃତି ବିକାର ପ୍ରତି ମଣିଷର ଦୁଃସ୍ଥିତି ଓ ଦୁଶ୍ଚିନ୍ତା ପ୍ରତି ଲକ୍ଷ୍ୟନିଷ୍ଠ ଭାବରେ ସାରସ୍ୱତ-ସାମାଜିକ କର୍ତ୍ତବ୍ୟ ସଂପାଦନ କଲାପରି ମନେହୁଏ ନାହିଁ। କିନ୍ତୁ ଏହା ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ଓ ଯଥାର୍ଥ ସମୀକ୍ଷକୀୟ ଦିଗ- ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। "The Body in Question" (୧୯୭୮) ପୁସ୍ତକରେ ଜନାଥନ୍ ମିଲର୍ ମଣିଷର ସୁସ୍ଥତା ତା'ର ଚିନ୍ତନ ଓ ଅବବୋଧ ଆଧାରିତ ବୋଲି କହନ୍ତି। ତାଙ୍କରି ଭାଷାରେ- "Falling ill is not something that happens to us, it is a choice we make as a result of things happening to us. It is an action we take when we feel unacceptably add. Obviously, there are times when this choice is taken out of the victim's hands: he may be so overwhelmed by events that he plays no active part in what happens next and is brought to the doctor by friends or relatives, stricken and helpless. But this is rare. Most people who fall ill have chosen to cast themselves in the role of patient. Viewing their unfortunate situation, they see themselves as sick people and begin to act differently." (p.49) ଏଣୁ ଏହି ମର୍ମରେ ଏହି ସମାଲୋଚନା ମତରେ ରୋଗୀଟିକୁ ବା ଅସୁସ୍ଥ ବ୍ୟକ୍ତିଟିକୁ ଭାଷା, ଯୋଗାଯୋଗ, ସଂସ୍କୃତି ଓ ବ୍ୟବହାରଦ୍ୱାରା ସୁସ୍ଥ କରାଯାଇପାରିବ। "ବିଜ୍ଞାନ" ଓ "କଳା"ର ସମନ୍ୱୟ ବା ସମେକନ ହେବା ଜରୁରୀ। ଆଲାନ୍ ବେଭେରିଜ୍‌ଙ୍କ ପରି ସମାଲୋଚକ ତାଙ୍କ "The Benefits of Reading Literature" ନାମକ ପ୍ରବନ୍ଧରେ "କଳା" ଓ "ବିଜ୍ଞାନ" (ଭେଷଜ ବିଜ୍ଞାନ) ମଧ୍ୟରେ ଥିବା ଫାଟକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ବେଭେରିଜ୍ ଏହି ଫାଟ ବା ଭାଙ୍ଗ (Rift)ରୁ ଏକ ବିଶେଷ ପ୍ରବୋଧନର ସୂଚନା ଦିଅନ୍ତି। ଏହି ପ୍ରବୋଧନରୁ ମାନବତାର ବା ମାନବ ଜାତିର ସମସ୍ତ ସମସ୍ୟା ସମାଧାନ ହୋଇପାରିବ।

"Medical Humanities"ର ସଂଜ୍ଞା ପ୍ରଦାନ କଥା ପ୍ରଥମେ ଚିନ୍ତା କରି ନିଉୟର୍କ ବିଶ୍ୱବିଦ୍ୟାଳୟର ଭେଷଜ ପ୍ରସ୍ଥାନ (New York

University School of Medicine) ଅନ୍ତର୍ଗତ ଭେଷଜ ମାନବତା ଗୋଷ୍ଠୀ (Medical Humanities Community) ଏହାକୁ ମାନବତାବିଦ୍ୟା (Humanities)ର ଏକ ଅନ୍ତର୍ବିଦ୍ୟାମୂଳକ ବିଭାଗ ଭାବରେ ବିବେଚନା କରିବା ସଂଗେ ସଂଗେ ତହିଁରେ "ମାନବତା ବିଦ୍ୟା" ଯଥା ସାହିତ୍ୟ, ଦର୍ଶନ, ନ୍ୟାୟ, ଇତିହାସ ଓ ଧର୍ମଧାରା ଓ "ସାମାଜିକ ବିଜ୍ଞାନ" ଯଥା- ନୃତତ୍ତ୍ୱ, ସାଂସ୍କୃତିକ ଅଧ୍ୟୟନ, ଥିଏଟର୍, ଚଳଚ୍ଚିତ୍ର, ପ୍ରଦର୍ଶନୀ କଳା ପ୍ରଭୃତିର ଭେଷଜ ଶିକ୍ଷା ଓ ଅଭ୍ୟାସରେ ପ୍ରୟୋଗକୁ ସୂଚାଇ ଥିଲେ। ଏହା ଖୁସିର କଥା ଯେ, ହାର୍ଭାର୍ଡ୍, ୟେଲ୍ ଓ ନ୍ୟୁୟର୍କ ପରି ଆମେରିକୀୟ ବିଶ୍ୱବିଦ୍ୟାଳୟ; ୟୁନିଭର୍ସିଟି ଅଫ୍ ଚାଇନା, ୟୁନିଭର୍ସିଟି ଅଫ୍ ହଂକଙ୍ଗ୍, ପେକିଂ ବିଶ୍ୱବିଦ୍ୟାଳୟ ପରି ଦକ୍ଷିଣ-ପୂର୍ବ ଏସୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏହି "ଭେଷଜ ମାନବତାବିଦ୍ୟା"ର ଲୋକପ୍ରିୟତା ଏକ ବିଭାଗ ଭାବରେ ପ୍ରଚାରିତ ଓ ପ୍ରସାରିତ ହୋଇ ଲୋକପ୍ରିୟତା ଲାଭ କରିବାରେ ସମର୍ଥ ହୋଇଛି। ମେଡିକାଲ୍ ପାଠ୍ୟକ୍ରମ ମଧ୍ୟରେ ମାନବିକବିଦ୍ୟାର ପ୍ରଚଳନର ପ୍ରମୁଖ କାରଣ ହେଉଛି ଡାକ୍ତର ଓ ରୋଗୀମାନଙ୍କ ମଧ୍ୟରେ ସୁସଂପର୍କ ଓ ସୁଯୋଗାଯୋଗ ସ୍ଥାପନା। ଅନ୍ୟ କେତେକ ବିଶ୍ୱବିଦ୍ୟାଳୟମାନଙ୍କ ମତରେ ଏହାକୁ ସାହିତ୍ୟର ଏକ ଆନ୍ତର୍ବିଦ୍ୟାମୂଳକ ବିଭାଗ ଭାବରେ ପ୍ରଚଳନ କରାଯାଇପାରେ। କାରଣ ଏହା କେବଳ ଏଥି ଆଧାରିତ ତଥା ସ୍ୱତନ୍ତ୍ର ଭାବରେ ଏହି ଉଦ୍ଦେଶ୍ୟ ଦ୍ୱାରା ସୁରକ୍ଷିତ ସାହିତ୍ୟ ଉପରେ ପର୍ଯ୍ୟବେସିତ। ଏହାର ମୁଖ୍ୟ କାରଣ ହେଉଛି, ଏହି ବିଭାଗଟି ମାନବୀୟ ଅଭିଜ୍ଞତା ଓ ଅନୁଭୂତି, ମାନବର ଅବସ୍ଥା, ଯନ୍ତ୍ରଣା, ବ୍ୟକ୍ତିତ୍ୱ, ପରସ୍ପର ପ୍ରତି ଥିବା ଦାୟିତ୍ୱବୋଧ ଓ କର୍ତ୍ତବ୍ୟବୋଧ ପ୍ରତି ସଚେତନ ଥିବା ସଂଗେ ସଂଗେ ଭଷେଜକ୍ରିୟାକର୍ମଗୁଡ଼ିକର ଐତିହାସିକ-ସାଂସ୍କୃତିକ ଦୃଷ୍ଟିକୋଣ ପ୍ରତି ସଚେତନ ରହିଥାଏ। ଏଠାରେ ଚିକିତ୍ସକର ରୋଗୀ ପ୍ରତି ଥିବା ପର୍ଯ୍ୟବେକ୍ଷଣ କଳା, ତା'ର ବିଶ୍ଳେଷଣ କୌଶଳ, ତା'ପ୍ରତି ଥିବା ସମବେଦନା ଓ ସହାନୁଭୂତି ଭାବ ଏବଂ ଆତ୍ମପ୍ରତିଫଳନ ଗୁଣାବଳୀଗୁଡ଼ିକ ଅତୀବ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଆମେରିକା ଓ ୟୁରୋପରେ ଏହି ଭେଷଜ ମାନବତାବିଦ୍ୟାକୁ ସାଦରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗ୍ରହଣ କରାଯାଇଛି। ଭାରତରେ ସ୍ନାତକ ସ୍ତରରେ ପାଠ୍ୟକ୍ରମରେ ଭେଷଜ ବିଦ୍ୟାର୍ଥୀମାନଙ୍କୁ ଏହି ମେଡିକାଲ ହ୍ୟୁମାନିଟିଜ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି। ଡକ୍ଟର ପ୍ରସେନ୍‌ଜିତ୍ ଦାସ ତାଙ୍କର "Medical Humanities and Contemporary Literary Practices" ପ୍ରବନ୍ଧରେ କହନ୍ତି, "Whereas the fact is that an interdisciplinary understanding of health and illness, role of medicine, the body and narrative, material culture and the arts, disability and healthcare, ethics and pedagogy and the emergent global challenges can positively impact the ways of living in the days to come." ଊନବିଂଶ -ବିଂଶ ଶତକରେ ଜର୍ଜ ବୁଚ୍‌ନର୍, ଆଣ୍ଟନ୍ ଚେଖଭ୍, ଆର୍ଥର କୋନାନ୍ ଡୋୟେଲ୍, ମିଖାଇଲ୍ ବୁଲ୍‌ଗାକୋଭ୍, ଆର୍ଥର୍ ସ୍ନିଜ୍ଲର୍ ଏବଂ ୱିଲିୟମ୍ କାର୍ଲୋସ୍ ୱିଲିଅମ୍‌ସ ପ୍ରଭୃତି ଲେଖକ କିଛି କିଛି ମେଡ଼ିକାଲ ଥିମ୍ ରଖି ଲେଖାଲେଖି କରିଥିଲେ। ବିଂଶ ଶତକର ଉତ୍ତରାର୍ଦ୍ଧରେ ସ୍କଟ୍‌ଲାଣ୍ଡର ମନସ୍ତତ୍ତ୍ୱବିତ୍ ଆର. ଡି. ଲାଇଙ୍ଗ୍, ୱିଲିଅମ୍ ବ୍ଲେକ୍, ଦସ୍ତୋୟେଭସ୍କି, କାଫ୍‌କା, ବେକେଟ୍ ଏବଂ ଜାଁ ପଲ୍ ସାର୍ତ୍ର ପ୍ରମୁଖଙ୍କ ସାହିତ୍ୟରୁ ପ୍ରୋତ୍ସାହନ ଲାଭ କରି ତାଙ୍କ "ପାଗଳାମିର ସ୍ଥିତିବାଦୀ ମଡେଲ୍" (Existential Model of Madness) ନିର୍ମାଣ କରିବା ସଂଗେ ସଂଗେ ନିଜ ଜୀବନର ଶେଷ ଭାଗରେ କବିତା ମଧ୍ୟ ଲେଖିଥିଲେ। ସମକାଳୀନ ପୃଥିବୀରେ ଅବଶ୍ୟ ଏପରି ଦୃଷ୍ଟାନ୍ତ ଏକାନ୍ତ ବିରଳ। ସର୍ବୋପରି ଏହି ଅଭିଦୃଷ୍ଟି ଯେ, ସମାଲୋଚକକୁ ଏକ ନୂଆ ଦିଶା ଦେବା ସଂଗେ ସଂଗେ ସମାଜକୁ ଜନମଙ୍ଗଳକାରୀ ବା ଜନହିତକାରୀ ପଦକ୍ଷେପ ଭାବରେ ନୂତନ ଦଶା ପ୍ରଦାନ କରିବ- ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଏକବିଂଶ ଶତାବ୍ଦୀର ଅନ୍ୟତମ ସାରସ୍ୱତ ସମାଲୋଚନାର ବିଶିଷ୍ଟ ଆଶୟ ଓ ବିଷୟ ହେଉଛି "ସ୍ନାୟୁମାନବିକବିଦ୍ୟା" (Neurohumanities)। ଏଥିରେ ସ୍ନାୟୁବିଜ୍ଞାନ ସହ ମାନବୀୟବିଦ୍ୟାର ସମନ୍ୱୟ ଲକ୍ଷ୍ୟ କରାଯାଏ। ଡକ୍ଟର ସନ୍ତୋଷ କୁମାର ନାୟକ ଏହି ସ୍ନାୟୁମାନବୀୟ ବିଦ୍ୟା ସଂପର୍କରେ ସବିଶେଷ ଆଲୋଚନା ପୂର୍ବକ କହନ୍ତି- "Neurohumanities constitutes a paradigmatic exemplar of transdisciplinary field, wherein the intersections between neuroscience and the humanities, encompassing literature, are scrutinized through an examination of the cerebral processes underlying narrative comprehension and the experiencial dimensions of literary engagement." ସାହିତ୍ୟକୁ ଏଠାରେ ଏକ ଚିନ୍ତନଗତ କଳାକୃତି ଭାବରେ ଗ୍ରହଣ କରିବା ସହିତ ମାନବର ମସ୍ତିଷ୍କକୁ ଅଧିକରୁ ଅଧିକ ଭାବରେ ବୁଝିବାର ଏକ ସାରସ୍ୱତ-ତାର୍କିକ ପରିସର ସୃଷ୍ଟି ହୋଇଥାଏ। ଏହି ଅଧ୍ୟୟନର ଦୃଢ଼ ପ୍ରତ୍ୟୟ ଏତିକି ଯେ, ସ୍ନାୟୁମାନବିକବିଦ୍ୟା ମଣିଷର ଚିନ୍ତନ ସହ ଏକାନ୍ତ ଜଡ଼ିତ ହୋଇଥିଲା ବେଳେ, ମଣିଷର ମନନ-ଚିନ୍ତନ ଓ ଅବବୋଧନ ବ୍ୟକ୍ତିଗତ ଭୌତିକ / ଶାରୀରିକ ଅଭିଜ୍ଞତା, ଅନୁଭୂତି ଓ ଅଭିରୁଚିଗତ ବାହ୍ୟଜଗତ ସଂଗେସଂଗେ ପାରସ୍ପରିକ କ୍ରିୟା ସହ ଜଡ଼ିତ। ଅତଏବ ମଣିଷର ଭୌତିକ ଜଗତ ସହ ଅଭିଜ୍ଞତା ଜାତ ବ୍ୟକ୍ତିଗତ ବା ସାମୂହିକ ଚିନ୍ତନ-ମନନ ଓ ବୋଧନ ସହ ଏହି ସମାଲୋଚନା ସଂପର୍କାନ୍ୱିତ। ଡକ୍ଟର ନାୟକ ଏହାର ଆଶୟ, ବିଷୟ, ଭୂମି ଓ ଭୂମିକା, ଭାବନା, ସମ୍ଭାବନା ତଥା ସୀମା-ସରହଦ୍ ସଂପର୍କରେ ସବିଶେଷ ଆଲୋଚନା କରିବାକୁ ଯାଇ କହନ୍ତି- "This burgeoning discipline frequently appropriates the conceptual framework of embodied cognition,

positing that our cognitive faculties and epistemological constructs are inextricably linked to our corporeal experiences and interactions with the environment. A salient aspect of this approach entails a nuanced exploration of the dialectical relationships between mental states, cerebral processes, and the reader's phenomenological experience of literary texts." ଖାଲି ଏତିକି ନୁହେଁ, ସେ ଆହୁରି କହନ୍ତି- "By situating literature within a cognitive paradigm, this methodology seeks to elucidate the manner in which literary artifacts engage with and shape our cognitive architectures. Neurohumanities fosters a collaborative ethos, encouraging scholars from disparate disciplines to converage and cultivate a more holistic understanding of literature and the human condition. Through the application of neuroscientific methodologies to literary analysis, novel insights into the human mind and its cognitive processes can be gleaned, thereby illuminating the complex dynamics governing literary engagement and comprehension." ମଣିଷର ଚିନ୍ତନ ପ୍ରକ୍ରିୟା ସହଜ ବା ସରଳ ନୁହେଁ। ଅନେକ ସ୍ନାୟବିକ କ୍ରିୟା-ପ୍ରତିକ୍ରିୟାଦ୍ୱାରା ଯେଉଁ ପ୍ରତିଫଳନ ତୋରଣ ବା ପ୍ରତିଫଳନ କ୍ରିୟା ସୃଷ୍ଟି ହୋଇଥାଏ, ତଦ୍ୱାରା ମଣିଷର କ୍ରିୟା-ପ୍ରତିକ୍ରିୟା ନିର୍ଣ୍ଣିତ ହୋଇଥାଏ। ସାହିତ୍ୟିକ ରଚନା ଏପରି ହେବା ଉଚିତ୍ ଯଦ୍ୱାରା ପାଠକର ମନ, ମନନ ଓ ବୋଧନ-ଚିନ୍ତନ ପ୍ରଭୃତି ପ୍ରଭାବିତ ହେବା ସଂଗେସଂଗେ ଏହା ପାଠକର ମନ ନିର୍ମାଣ ମଧ୍ୟ କରିବାର କ୍ଷମତା ରଖିବା ଦରକାର। ଉତ୍ତମ ବା ଆଦର୍ଶ ସାହିତ୍ୟପାଠର ନିର୍ମିତିକାଳ ଓ କଳା ଅବଶ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ। ତେବେ ପାଠକର ବା ସମାଜର ମନ ଓ ଅବଧାରଣାକୁ ନିରୂପିତ କରିବା ସଂଗେ ସଂଗେ ଏହା ତାହାର ସ୍ୱର ଓ ସ୍ୱରୂପ ନିରୂପଣ ମଧ୍ୟ କରିଥାଏ। ଏଣୁ ଡକ୍ଟର ନାୟକ କହନ୍ତି, "Neurohumanities research undertakes an examination of the affective dimensions of literary experience, including the evocation of empathy and other emotions and their concomitant neural correlates. Furhtermore, investigates into the mnemonic processes underlying narrative storage and retrieval and their implications for our understanding of the world, are also undertakes. Ultimately, neurohumanities offers a profound understanding of the manner in which literature reflects, shapes, and refracts our comprehension of the human experience." ଏହି ବିଭାଗର ଅଧ୍ୟୟନ ବା ଅନୁଶୀଳନ ତଥା ଏହି ଦୃଷ୍ଟିକୋଣର ସମାଲୋଚନାଦ୍ୱାରା ମଣିଷର ଅବସ୍ଥାଗୁଡ଼ିକୁ ଅଧିକ ପ୍ରାଞ୍ଜଳ ଓ ପ୍ରକୃଷ୍ଟ ଭାବରେ ବୁଝିହେବ। ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ସ୍ନାୟୁମାନବୀୟ ପଦକ୍ଷେପ ବିବିଧ ସାମାଜିକ ସମସ୍ୟା ଆଧାରରେ ଯେଉଁପରି ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି ତଦନୁରୂପ ପୁର୍ଡ୍ୟୁ ୟୁନିଭର୍ସିଟିର ସ୍ନାୟୁମାନବୀୟବିଦ୍ୟା କେନ୍ଦ୍ରର ଗବେଷଣା ଓ ଶିକ୍ଷା ବ୍ୟବସ୍ଥା ଏ ଦିଗରେ ଦିଗନ୍ତ ବିସ୍ତାରି ସଫଳତା ଆଣିପାରିଛି ବୋଲି କହିବାକୁ ହେବ। କଳା, ସାହିତ୍ୟ, ସାମାଜିକ ବିଜ୍ଞାନ ଓ ଅନ୍ୟାନ୍ୟ ସମାନ୍ତରାଳ ବିଭାଗରେ ଏହି ସ୍ନାୟୁମାନବୀୟ ବିଦ୍ୟାର ଆନ୍ତୀବିଷୟକ ଅଧ୍ୟୟନ ଆଜି ସମଗ୍ର ୟୁରୋପ, ଆମେରିକା ଏବଂ ଏପରିକି ଏସିଆରେ ମଧ୍ୟ ଉଦାହରଣ ସୃଷ୍ଟି କରିପାରିଛି।

ଏକବିଂଶ ଶତାବ୍ଦୀର ଏହି ଦ୍ୱିତୀୟ-ତୃତୀୟ ଦଶନ୍ଧିରେ ବିଶେଷକରି ସାଂସ୍କୃତିକ ଅଧ୍ୟୟନ ଓ ସାହିତ୍ୟିକ ସମାଲୋଚନା କ୍ଷେତ୍ରରେ "ଉତ୍ତରସମୀକ୍ଷା" (Post critique) ନୂଆ ନୂଆ ସମାଲୋଚନା ତତ୍ତ୍ୱ ଓ ଧାରା ଅନ୍ୱେଷଣ କରୁଥିବା ବିଶିଷ୍ଟ ଦୃଷ୍ଟିକୋଣ ଅଟେ। ଏହି ପୋଷ୍ଟକ୍ରିଟିକ୍ର ପ୍ରସ୍ଥରେ "ସାଧାରଣ ଆଲୋଚନା" ବା "ସାରସ୍ୱତ ସମୀକ୍ଷା", "ସମାଲୋଚନାତ୍ମକ ସିଦ୍ଧାନ୍ତ" ଏବଂ "ବୈଚାରିକ ସମାଲୋଚନା" ପ୍ରଭୃତିର ଅନେକ ଉର୍ଦ୍ଧ୍ୱକୁ ଯାଇ ସମାଲୋଚକ ନୂତନ ଧାରାର ଅଭିନବ ଦୃଷ୍ଟିରେ ସମୀକ୍ଷା କରିଥାଏ। ଏହି ପଦ୍ଧତିକୁ ପଲ୍ ରିକୋର୍ " Hermeneutics of suspicion" ବୋଲି ଅଭିହିତ କଲାବେଳେ ବିଶିଷ୍ଟ ଆମେରିକୀୟ ଶିକ୍ଷାବିତ୍ ଏଭ୍ କୋସୋଫ୍‌ସ୍କି ସେଦ୍‌ଗ୍ୱିକ୍ (Eve Kosofsky Sedgwick) ଏହାକୁ "ସନ୍ଦିଗ୍ଧ ପଠନ ଶୈଳୀ" ବା 'ପାଗଳାମି" (Paranoid) ଭାବରେ ଅଭିହିତ କରିଛନ୍ତି। ରୀତା ଫେଲ୍‌ସ୍କି ଏବଂ ଏଲିଜାବେଥ୍ ଏସ୍.ଏଙ୍କର୍ ତାଙ୍କଦ୍ୱାରା ସଂପାଦିତ Critique and Postcritique ପୁସ୍ତକର ଉପୋଦ୍‌ଘାତରେ ଏ ସଂକ୍ରାନ୍ତରେ କହନ୍ତି- "the intellectual or political payoff of interrogating, demystification, and defamiliarization is no longer quite so self evident." (pg. 01) ଗୋଟିଏ ସାହିତ୍ୟ ପାଠର ଉତ୍ତରସମୀକ୍ଷକୀୟ ଅନୁଶୀଳନରେ ପାଠକର ଅନୁଭୂତିଗତ ଆୟାମ (Dimensions) ଗୁଡ଼ିକ (ଯଥା:- ସୌନ୍ଦର୍ଯ୍ୟତାତ୍ତ୍ୱିକ ଆୟାମ ବା ଫେନୋମେନୋଲୋଜିକାଲ୍ ଆୟାମ) ଅଥବା ପାଠକ ଉପରେ ସେହି ପାଠର ଆବେଗଗତ ପ୍ରଭାବଗୁଡ଼ିକ ସଂପର୍କରେ ଏହା ସଚେତନ ରହି ଏସବୁର ଦିଗବିଦିଗ ଉପରେ ଗୁରୁତ୍ୱ ଦେଇପାରେ। ପୁଣି ଏହି ଧରଣର ସମାଲୋଚନାରେ ପାଠକର ଗ୍ରହଣୀୟତା ବା ଗ୍ରହଣଶୀଳତା (Reception), ପାଠଟିର ଦାର୍ଶନିକ ଅନ୍ତର୍ଦୃଷ୍ଟି ଓ ଅଭିବ୍ୟକ୍ତି ବା ସମ୍ଭାବ୍ୟ ଦାର୍ଶନିକ ଆୟାମ ନିଚୟ ସଂପର୍କରେ ସଚେତନ ରହିବା ସହ ପାଠଟିର ସଂରଚନା ବା ରୂପତାତ୍ତ୍ୱିକ ଦିଗ-ବିଦିଗ ଉପରେ ଧ୍ୟାନ ଦିଆଯାଇଥାଏ। ପାଠଟିର ବହୁଦିଶା-ବିଦିଶାଗତ ଆବେଦନକୁ ନେଇ ଏହା ଏକପ୍ରକାର ଭ୍ରାନ୍ତିଦୂରୀକରଣ କରିବାରେ ଏକ ପ୍ରମୁଖ ଭୂମିକା ମଧ୍ୟ ଗ୍ରହଣ କରିଥାଏ। ଟୋରିଲ୍ ମୋଇ (Toril Moi) ତାଙ୍କର Revolution of the Ordinary (୨୦୧୭)

ପୁସ୍ତକରେ ଉତ୍ତର ସମୀକ୍ଷାତ୍ମକ ଅଭିଦୃଷ୍ଟି, ଏହିପରି ପାଠ ସଂପର୍କୀୟ ଦ୍ୱନ୍ଦ୍ୱ, ସମସ୍ୟା ଓ ସନ୍ଦେହଗୁଡ଼ିକୁ ସମାହିତ କରିଥାଏ ବୋଲି ମତବ୍ୟକ୍ତ କରନ୍ତି। ଉତ୍ତରସମୀକ୍ଷା ସହଜ ସମାଲେଚନାର ସିଧାସଳଖ ପ୍ରତ୍ୟାଖ୍ୟାନ ନୁହେଁ, ବରଂ ଏହା ନିଜର ଅଭିନବ ଅଭିଦୃଷ୍ଟିଦ୍ୱାରା ସାରସ୍ୱତ ସମାଲୋଚନାର ପ୍ରସ୍ଥକୁ ଆହୁରି ପ୍ରଶସ୍ତ କରିଛି ବୋଲି କହିବାକୁ ହେବ। ଯଥାର୍ଥରେ ପ୍ରକୃତ ଓ ପ୍ରକୃଷ୍ଟ ସମାଲୋଚନା ନିମନ୍ତେ ଫେଲ୍‌ସ୍କି (Felski) ଦାବୀ କରନ୍ତି ଯେ, ସମାଲୋଚନା ସହ "ଉତ୍ତର ସମାଲୋଚନା" ବା "ଉତ୍ତର ସମୀକ୍ଷା" ମଧ୍ୟ ରହିବା ଆବଶ୍ୟକ। (The Uses of Literature, Oxford, UK: Blackwell Publishing Ltd. pp. 22) ସେ ଆହୁରି ଏ ସଂପର୍କରେ ସମାଲୋଚକ ତଥା ଫରାସୀ ଦାର୍ଶନିକ ଜାଁ ପଲ୍ ରିକୋୟର୍‌ଙ୍କ ଉପଦେଶ ପ୍ରତି ଧ୍ୟାନ ଦେବା ନିମନ୍ତେ ପାଠକମାନଙ୍କୁ ସଚେତନ କରାଇବା ସହ ମନୋଯୋଗ ସହକାରେ ଶୁଣିବା ସଂଗେ ସଂଗେ ସନ୍ଦେହ ପ୍ରକଟ କରିବାର ଇଚ୍ଛା ଏବଂ ପଠନ ସହ ଆମର ପ୍ରେମ, ସମାଲୋଚନା, ନିବିଡ଼ତା ଓ ବିଶ୍ଳେଷଣ ମନୋଭାବକୁ ମିଶାଇ ଦେବାକୁ ପ୍ରୋତ୍ସାହିତ କରୁଥିଲେ। ଫେଲେସ୍କି ତାଙ୍କ The Limits of Critique ପୁସ୍ତକରେ ଏହି ସମାଲୋଚନାତ୍ମକ ପଠନକୁ ସାଧାରଣ ସମୀକ୍ଷାର ଅନ୍ତରାୟ ବା ବିରୋଧୀ ବୋଲି ମଧ୍ୟ କହିନାହାଁନ୍ତି। ଅନୁରୂପ ଭାବରେ କ୍ରିଷ୍ଟୋଫର କାଷ୍ଟିଗ୍ଲିଆ ଏ ସଂକ୍ରାନ୍ତରେ କହନ୍ତି- "Critique can be salvaged of scholars renounce "Critiquiness" which he associates with smug knowingness and thoroughgoing skepticism." (Castiglia, Christophers, (2013-09-01). "Critiquiness. English Language Notes, 51 (2): 79-85) ଏହି ଉତ୍ତର ସମୀକ୍ଷା ବସ୍ତୁତଃ ନୂଆ ନୂଆ ଷ୍ଟାଇଲ୍, ଭଂଗୀ ଓ ଲକ୍ଷଣ କ୍ରମେ ପରୀକ୍ଷା ନରୀକ୍ଷା କରିବାକୁ ଅଧିକ ପସନ୍ଦ କରିଥାଏ। ରୀତା ଫେଲ୍‌ସ୍କି ଓ ଏଲିଜାବେଥ୍ ଏସ୍. ଏଙ୍କର୍‌ଙ୍କ ଭାଷାରେ ପ୍ରାମାଣିକ ସମାଲୋଚନାର କ୍ରିୟାକର୍ମ ମଧ୍ୟରେ ବିବିଧ ବୌଦ୍ଧିକ ପରୀକ୍ଷଣ, ବୌଦ୍ଧିକ ଅନନ୍ୟତା ଓ ନୂତନ ସମ୍ଭାବନା ପ୍ରତି ସଚେତନ ରହି ସମୀକ୍ଷାତ୍ମକ ଓ ପ୍ରୟୋଗାତ୍ମକ ଦୃଷ୍ଟିରେ ପାଠ ଓ ପଠନକୁ ଅବଲୋକନ, ଅବବୋଧନ ଓ ପରୀକ୍ଷଣ-ସମୀକ୍ଷଣ କରିବା ଏହି ଉତ୍ତର ସମୀକ୍ଷାର ଅନନ୍ୟ ଅଭିପ୍ରାୟ। ମାଥ୍ୟୁନ୍ ମୁଲ୍ଲିନ୍‌ସ୍ୱଯଥାର୍ଥରେ କହନ୍ତି 'ପୋଷ୍ଟକ୍ରିଟିକ୍' ବା 'ଉତ୍ତର ସମୀକ୍ଷା' ମାନବତାବାଦ ବା ମାନବତା ବିଜ୍ଞାନର ବୃହତ୍ତର ଆୟାମକୁ ଏବଂ ଏହାର ଭୂମି, ଭୂମିକା, ପରିବେଶ, ପରିସର ଓ ଅଭିପ୍ରାୟକୁ ଅବବୋଧ କରିବାରେ ସାହାଯ୍ୟ କରିଥାଏ। ସେ ଆହୁରି ନିଜ ବକ୍ତବ୍ୟରେ ପ୍ରଲମ୍ବିତ କରି କହନ୍ତି ଯେ, ଏହି ସମାଲୋଚନାର ଧାରା ଓ ଧାରଣା ସମାଲୋଚକକୁ ଉଭୟ ସକାରାତ୍ମକ ଭାଷା ଓ ସକାରାତ୍ମକ ପଦ୍ଧତି ପ୍ରଦାନ କରିବା ସହ ଘରୋଇକରଣ (Privatization) ଓ ଉପଯୋଗିତାବାଦ (Utilitarianism) ପରି ପ୍ରକ୍ରିୟାମାନଙ୍କର ଦୁଷ୍ପ୍ରଭାବ ଉଚ୍ଚତର ଶିକ୍ଷା ଉପରେ କିପରି ପଡ଼ିଥାଏ ଓ ଏହି ସମୟରେ ବା ଏହି ପରିପ୍ରେକ୍ଷାରେ ମାନବତାବିଦ୍ୟା (Humanities)ର ଗୁରୁତ୍ୱ କେତେମାତ୍ରାରେ ରହିଛି ଏକଥାକୁ ମଧ୍ୟ ନିଘା ରଖିବା "ଉତ୍ତର ସମୀକ୍ଷା"ର ଯେ ଏକ ଅନନ୍ୟ ବୈଶିଷ୍ଟ୍ୟ- ଏକଥାକୁ ଅଣଦେଖା କରାଯାଇନପାରେ। ଅତଏବ ଏ ଦୃଷ୍ଟିରୁ ସାଂପ୍ରତିକ ପରିସ୍ଥିତିକୁ ଦେଖିଲେ ସାଧାରଣ ସାରସ୍ୱତ ସମୀକ୍ଷା ସହ ଉତ୍ତର ସମୀକ୍ଷାତ୍ମକ ଅଭିଦୃଷ୍ଟିର ଆବଶ୍ୟକତା ଅନୁଭବ କରିହୁଏ। ଓଡ଼ିଆ ସାହିତ୍ୟରେ ଏପରି ସଚେତନ ସମାଲୋଚନାର ପ୍ରାରମ୍ଭ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଓ ତୃତୀୟ ଦଶକରେ ହୋଇଛି ବୋଲି କହିବାକୁ ହେବ। ଏହି ସମାଲୋଚନାର ପ୍ରାକ୍‌ପୀଢ଼ି ଭାବରେ ତଥା ଏହାର ଭିତ୍ତିପାତ କରିଥିବା ସମାଲୋଚକ ଭାବରେ Ludwig Wittgenstein, Stanley Cavell, Eve Kosofsky Sedgwick, ମିଶେଲ୍ ପୋଲାନୀ (Michael Polanyi), ପଲ୍ ରିକୋୟର (Paul Ricour), ବ୍ରୁନୋ ଲାଟୋର (Bruno Latour) ଓ ଜାକ୍ ରାନ୍‌ସିଅର (Jacques Ranciere) ପ୍ରମୁଖଙ୍କୁ ପ୍ରୋଟୋପୋଷ୍ଟକ୍ରିଟିକାଲ୍ ଫିଗର୍ ବା ପ୍ରତ୍ନଉତ୍ତରସମୀକ୍ଷକୀୟ ଚରିତ୍ର ଭାବରେ ଗ୍ରହଣ କରାଯାଏ। (The Limits of Critique, p.150) ତେବେ ଯଥାର୍ଥ ଉତ୍ତର ସମୀକ୍ଷକ ଭାବରେ ଟୋରିଲ୍ ମୋଇ, ରୀତା ଫେଲ୍‌ସ୍କି, ଏଲିଜାବେଥ୍ ଏସ୍. ଏଙ୍କର୍, ମାଥ୍ୟୁ ମୁଲ୍ଲିନ୍ସ, ଖ୍ରୀଷ୍ଟୋଫର କାଷ୍ଟିଗ୍ଲିଆ, ରଷ୍ କାଷ୍ଟ୍ରୋନୋଭୋ, ସାଇମନ୍ ଡ୍ୟୁରିଙ୍ଗ୍, ଜେନ୍ନିଫର୍ ପ୍ଲେଇସ୍ନର୍, ଏରିକ୍ ହେଓଟ୍, ହିଅର୍ କେ. ଲୋଭ୍, ଜନ୍ ମାଇକେଲ୍, ଏଲ୍ଲେନ୍ ରୁନେ, ସି. ନାମୱାଲି ସର୍ପେଲ୍, ଶାରୋନ୍ ମାର୍କୋସ୍, ଟୋବିଅସ୍ ସ୍କିଭେରୋନ୍, କଲିନ୍ ଡେଭିସ୍, ଡେଇଡ୍ରେ ଲାଇଞ୍ଚ୍, ଟିମୋଥି ବିୱେସ୍, ଜନ୍ ସ୍କାଉ୍ ଏବଂ ଷ୍ଟିଫେନ୍ ବେଷ୍ଟ ପ୍ରମୁଖଙ୍କ ନାମ ସର୍ବଦା ଉଲ୍ଲେଖନୀୟ ବୋଲି କୁହାଯାଇପାରେ।

ସି. ଏସ୍. ଲିୱିସ୍, ଜିଓର୍ଜ ଷ୍ଟେନର୍, ପିଅର୍ ବେୟର୍ଡ଼, ସୁସାନ୍ ସୋଣ୍ଟାପ୍, ମାନ୍ନୀ ପାର୍ବର୍, ଲୁଇସ୍ ଆଲଥ୍ୟୁଜର୍, ୱାଲ୍ଟର୍ ବେଞ୍ଜାମିନ୍, ଆଲାଇନ୍ ବାଦିୟୁ, ଗିଲ୍‌ସ ଡିଲ୍ୟୁଜ୍, ଏଫ୍. ଆର୍. ଲିଭିସ୍, ଜନ୍ ବେଲୀ, ଜନ୍ ଗିଲ୍ଲୋରୀ, ମିଶେଲ୍ ଫୁକୋ, ଥିଓଡର୍ ଏଡୋର୍ଣ୍ଣୋ, ମାଇକେଲ୍ ସେର୍ରେସ୍, କାର୍ଲୋସ୍ କାଷ୍ଟାନେଡା ଓ ଷ୍ଟିଭେନ୍ କୋନର୍‌ଙ୍କ ପରି ସମାଲୋଚକଗଣ ପ୍ରତ୍ନ- ଉତ୍ତରସମୀକ୍ଷାଧାରାର ଆଗମନୀ ସ୍ୱଷ୍ଟ କଲାବେଳେ ଲୁଡ୍‌ୱିଗ୍ ୱିଡ୍‌ଗେନ୍‌ଷ୍ଟାଇନ୍, ଷ୍ଟାନ୍‌ଲି କାଭେଲ୍, ଏଭ୍ କୋସୋଫ୍‌ସ୍କି ସେଡଗ୍ୱିକ୍, ମିଖାଇଲ୍ ପୋଲାନୀ, ପଲ୍ ରିକୋୟର୍, ବ୍ରୁନୋ ଲାଟୋର୍ ଓ ଜାକ୍ ରାନ୍‌ସିଅର୍ ପ୍ରମୁଖ ଏହି ଧାରାର ଏକ ବଳିଷ୍ଠ ଭିତ୍ତିଭୂମି ନିର୍ମାଣ କରିଥିଲେ ଯାହାକୁ ପରବର୍ତ୍ତୀକାଳରେ ଟୋରିଲ୍ ମୋଇ, ରୀତା ଫେଲସ୍କିଙ୍କ ଠାରୁ ଷ୍ଟିଫେନ୍ ବେଷ୍ଟ୍‌ଙ୍କ ପର୍ଯ୍ୟନ୍ତ ଉତ୍ତରସମୀକ୍ଷକମାନେ ଏକ ସ୍ୱଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱର ଓ ସ୍ୱରୂପ ପ୍ରଦାନ

କରିଥିଲେ। କାଟ୍ରିନ୍ ରୋଡର୍ ଏହି ଦୃଷ୍ଟିକୋଣ ନେଇ ଟି. ଏସ୍. ଏଲିଅଟ୍‌ଙ୍କ 'ଫୋର୍ କ୍ୱାର୍ଟେସ୍' କବିତାଗୁଚ୍ଛକୁ ବିଶ୍ଳେଷଣ କରିଛନ୍ତି। ୨୦୧୪ରେ ପ୍ରକାଶିତ "Reparative Reading, Post-Structuralist Hermeneutics and T. S. Eliot's Four Quartets" ଶୀର୍ଷକ ପ୍ରବନ୍ଧ, ବା ଜିମ୍ ଥମ୍ପସନ୍‌ଙ୍କ 'The Killer Inside Me' (୧୯୫୨)ର ଉତ୍ତର ସମୀକ୍ଷକୀୟ ପଠନ ଓ ବିଶ୍ଳେଷଣ ମଧ୍ୟରେ ସି. ନାମଓ୍ୱାଲି ସର୍ପେଲ୍‌ଙ୍କ ପ୍ରତିଭାତତାତ୍ତ୍ୱିକ ଅନୁଶୀଳନ "A Heap of Cliche" (ପୃ-୧୫୪) ବା ମାନୁଏଲ୍ ପୁଓ୍ୱିଗ୍‌ଙ୍କ 'Kiss of the Spider Woman'ର ଅନୁଶୀଳନରେ ରୀତା ଫେଲ୍‌ସ୍କି ଦର୍ଶାଇଥିବା ସୌନ୍ଦର୍ଯ୍ୟତାତ୍ତ୍ୱିକ ପୁନଃଶିକ୍ଷଣ ("An excercise in aesthetic re-education") ଆଧାରିତ "The uses of Literature" (ପୃ-୭୬) ପ୍ରଭୃତି ଏକ ଏକ ସଫଳ ଉତ୍ତରସମୀକ୍ଷାର ଦୃଷ୍ଟାନ୍ତ ମାତ୍ର।

ବିଚାରବାଦୀ ବାସ୍ତବବାଦ ଚଳିତ ସମୟର ଏକ ଗଭୀର ଓ ଗମ୍ଭୀର ଦିଶା ବୋଲି ସାହିତ୍ୟ ସମାଲୋଚକର ଦୃଢ଼ ପ୍ରତ୍ୟୟ। ଇଆନ୍ ବୋଗୋଷ୍ଟ, ଲେଭି ବ୍ରାଇଆଣ୍ଟ, ଡ୍ରୁ ଏମ୍. ଡାଲ୍‌ଟନ୍, ମାନୁଏଲ୍ ଡିଲାଣ୍ଡା, ଟ୍ରିଷ୍ଟାନ୍ ଗାର୍ସିଆ, ଇଆଇନ୍ ହାମିଲ୍‌ଟନ୍ ଗ୍ରାଣ୍ଟ, ଗ୍ରାହାମ୍ ହର୍ମନ୍, ଆଡ୍ରିଆନ୍ ଜନ୍‌ଷ୍ଟନ୍, କାଟେରିନା କୋଲୋଜୋଭା, ନିକ୍ ଲାଣ୍ଡ, କ୍ୱେଣ୍ଟିନ୍ ମେୟସୁ (ମୈଲାସୋକ୍ସ), ରେଜା ନେଗାରେସ୍ତାନି, ଷ୍ଟିଭେନ୍ ଶାଭିରୋ, ନିକ୍ ସ୍ରିନିସେକ୍, ଇସାବେଲ୍ ଷ୍ଟେଙ୍ଗରସ ଓ ଇଉଜିନ୍ ଠାକର୍‌ଙ୍କ ପରି ଚିନ୍ତାନାୟକ, ଲେଖକ, ଦାର୍ଶନିକ, ଶିକ୍ଷାବିତ୍, ସାଂସ୍କୃତିକ ସମାଲୋଚକ, ଔପନ୍ୟାସିକ, ଅଧ୍ୟାପକ, ପ୍ରଫେସର ଓ ତତ୍ତ୍ୱବିଦ୍‌ମାନେ ବିଚାରବାଦୀ ବାସ୍ତବବାଦ ଦିଗରେ ବିଶିଷ୍ଟ ଅବଦାନ ରଖିଛନ୍ତି। ଏହି "Speculative Realism"କୁ ଏକ ଆନ୍ଦୋଳନରେ ପରିଣତ ହେବାକୁ ବେଶୀ ସମୟ ଲାଗିନଥିଲା। ତେବେ ଏହାକୁ Post-Continental Philosophy ମଧ୍ୟ କୁହାଯାଏ। ଇମାନୁଏଲ୍ କାଣ୍ଟ୍‌ଙ୍କ ଦର୍ଶନ ବିରୋଧରେ ଏହା ନିଜର ସ୍ୱରକୁ ସଂଗଠିତ ଓ ସଂକେନ୍ଦ୍ରିକ କରିଥାଏ। ଲଣ୍ଡନ୍ ବିଶ୍ୱବିଦ୍ୟାଳୟର ଗୋଲ୍ଡସ୍ମିଥ୍‌ସ କଲେଜର ଏକ ଶୈକ୍ଷିକ ସମ୍ମିଳନୀରୁ ଏହି "Speculative Realism" ନାମର ଆରମ୍ଭ ବା ଜନ୍ମ ହୋଇଥିଲା ଠିକ୍ ୨୦୦୭ ମସିହା ଏପ୍ରିଲ ମାସରେ। ଯଦିଓ କ୍ୱେଣ୍ଟିନ୍ ମେୟସୁ "Speculative Materialism" ଶବ୍ଦର ଉଲ୍ଲେଖ, ବ୍ୟାଖ୍ୟା ବା ବର୍ଣ୍ଣନା ପ୍ରଥମେ କରିଥିଲେ, ତଥାପି "Speculative Realism"ର ନାମକରଣ ଶ୍ରେୟ ରେ ବ୍ରାସିୟର୍‌ଙ୍କୁ ଦିଆଯାଇଥାଏ। ଧୀରେ ଧୀରେ ଏହା ସଂପ୍ରସାରିତ ହେବାରେ ଲାଗିଲା। ଏହି ଆନ୍ଦୋଳନର ଦ୍ୱିତୀୟ ସମ୍ମିଳନୀ UWE ବ୍ରିଷ୍ଟୋଲ୍‌ଠାରେ ୨୦୦୯ ମସିହା ଏପ୍ରିଲ୍ ୨୪ ତାରିଖ (ଶୁକ୍ରବାର)ରେ "Speculative Realism / Speculative Materialism" ଶୀର୍ଷକରେ ଅନୁଷ୍ଠିତ ହୋଇଥିବା ବେଳେ ଏହା "Object-Oriented Ontology: A symposium" ଶୀର୍ଷକରେ Georgia Institute of Technologyର School of Literature, Communication and Cultureରେ ତୃତୀୟ ସମ୍ମିଳନୀ ଭାବେ ଦେଖା ଦେଇଥିଲା। ତେବେ ଏହାର ସାହିତ୍ୟିକ ଓ ଐତିହାସିକ ଗୁରୁତ୍ୱ ଅନେକ।

ଏକବିଂଶ ଶତାବ୍ଦୀର ସାରସ୍ୱତ ସମାଲୋଚନା କ୍ଷେତ୍ରରେ Speculative Realism ବା ବିଚାରବାଦୀ ବାସ୍ତବବାଦ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଏଠାରେ ସମାଲୋଚକ ସାହିତ୍ୟ ଓ ଦର୍ଶନ ମଧ୍ୟରେ ଥିବା ସଂପର୍କକୁ ତର୍ଜମା କରିବା ସହ ବାସ୍ତବତାର ନୂତନ ଦୃଷ୍ଟି, ଦିଗନ୍ତ, ସତ୍ତାମୀମାଂସା (Ontology), ଓ ଜ୍ଞାନମୀମାଂସା ମୂଳକ ନବୀନାଭିଦୃଷ୍ଟି ଓ ଦର୍ଶନର ଆବିଷ୍କାର ନିମନ୍ତେ ଅପେକ୍ଷାକୃତ ଅଧିକ ପ୍ରଯତ୍ନଶୀଳତା ଦେଖାଇଥାଏ। ଏଠାରେ ସମାଲୋଚକ କେତେବେଳେ ଜ୍ଞାନର ପ୍ରକୃତି, ଉତ୍ପତ୍ତି ଓ ସୀମା-ସମ୍ଭାବନା ପ୍ରଭୃତିରୁ ଦେଖିଥାଏ ତ ଆଉ କେତେବେଳେ ଅସ୍ତିତ୍ୱ ବା ବାସ୍ତବିକତାର ଦାର୍ଶନିକ ଅଧ୍ୟୟନ ଓ ଅନୁଶୀଳନ କରିଥାଏ। ଡକ୍ଟର ସନ୍ତୋଷ କୁମାର ନାୟକଙ୍କ ମନୋଜ ଦାସଙ୍କ ସାହିତ୍ୟ ସଂପର୍କୀୟ ଆଲୋଚନା ଏହି ସତ୍ତାମୀମାଂସା, ଜ୍ଞାନମୀମାଂସା, Aphoristic, Dasein, Binary Personality, Ontology ଓ Epistemology ଆଧାରିତ। ଓଡ଼ିଆ ସାହିତ୍ୟରେ ଅନେକ ସମାଲୋଚକ ଏହି ଧାରାରେ ସମାଲୋଚନା କରୁଥିବାର ଲକ୍ଷ୍ୟ କରିହେବ।

ଏହି ଶତାବ୍ଦୀର ଅନ୍ୟତମ ସମାଲୋଚନା ଧାରା ହେଉଛି ବସ୍ତୁକୈନ୍ଦ୍ରିକ ସତ୍ତାମୀମାଂସା (Object-Oriented Ontology)। ଏଠାରେ ସମାଲୋଚକ ସାହିତ୍ୟ ସହ ବସ୍ତୁର ସଂପର୍କ ନିରୂପଣ କରିବା ସହିତ ବ୍ୟକ୍ତି ଓ ବସ୍ତୁର ସଂପର୍କ ବାବଦରେ ଥିବା (ପ୍ରଚଳିତ / ପାରଂପରିକ) ଅବଧାରଣାକୁ ଚାଲେଞ୍ଜ୍ କରି ନୂଆ ନୂଆ ଦୃଷ୍ଟି ଓ ଦର୍ଶନର କଥା କହିଥାଏ। Object Oriented Ontology (OOO) is a philosophical school of thought that argues for the fundamental reality of objects, rejecting the notion of human-centered or anthropocentric perspectives. ଏହି ଦୃଷ୍ଟିକୋଣ ଅନୁସାରେ ସମସ୍ତ ବସ୍ତୁ, ଏପରିକି ମଣିଷମାନେ ମଧ୍ୟ ମୌଳିକତଃ ସମାନ ଏବଂ ଏମାନଙ୍କ ଅସ୍ତିତ୍ୱ ସ୍ୱତନ୍ତ୍ର, ଯାହାକି ଆମ୍ଭମାନଙ୍କ ସାଧାରଣ ବା ପ୍ରଚଳିତ / ପାରଂପରିକ ଅଭିଦୃଷ୍ଟି ଓ ଅନୁଶୀଳନଠାରୁ ସଂପୂର୍ଣ୍ଣ ଅଲଗା। ଗ୍ରାହାମ୍ ହର୍‌ମନ୍ କହନ୍ତି ଯେ, ମଣିଷର ଅବବୋଧଠାରୁ ସଂପୂର୍ଣ୍ଣ ଅଲଗା ତଥା ମାନବର ଅବବୋଧର ଅନେକ ଊର୍ଦ୍ଧ୍ୱରେ "ବସ୍ତୁ" ମାନଙ୍କର ପ୍ରକୃତ ଅସ୍ତିତ୍ୱ ବିଦ୍ୟମାନ। ସୁତରାଂ ବସ୍ତୁ-ବସ୍ତୁ ମଧ୍ୟରେ ଥିବା ସଂପର୍କ ସବୁବେଳେ ପରୋକ୍ଷ। ଏହି ଆଇଡିଆକୁ ଚିତ୍ରକଳା, ଭାସ୍କର୍ଯ୍ୟକଳା, ସ୍ଥାପତ୍ୟକଳା, ସାହିତ୍ୟ ଓ ବିଜ୍ଞାନ କ୍ଷେତ୍ରରେ ପ୍ରୟୋଗ

କରାଯାଉଛି। ଏଣୁ ଏହା ଯଥାର୍ଥରେ ଏକ ପ୍ରକାରର "Radical Philosophical Shift" ବୋଲି କହିହେବ। ଏହା ପରିବେଶ ସହ ମଣିଷର ସଂପର୍କକୁ ପୁନଃମୂଲ୍ୟାୟନ ପାଇଁ ଉସ୍କାଇବା ସହ ପ୍ରେରଣା ଯୋଗାଇଥାଏ। ପୁଣି ମାନବ ଓ ବସ୍ତୁ- ଏ ଉଭୟଙ୍କୁ ଏହା ସମାନ ଭାବରେ ସ୍ୱତନ୍ତ୍ର କରି ଚିହ୍ନାଇଥାଏ। ଏଣୁ ମଣିଷର ଚିରାଚରିତ ଦୃଷ୍ଟି ଊର୍ଦ୍ଧ୍ୱରେ ବସ୍ତୁମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ କଥାକୁ ଏହା ଆଗ୍ରାଧିକାର ଦେବାଦ୍ୱାରା ସମାଲୋଚକର ସାହିତ୍ୟିକ ଅନୁଶୀଳନର ପ୍ରକୃତି ଓ ପ୍ରବୃତ୍ତି ବଦଳିଯାଏ।

ପାରଂପରିକ ସାହିତ୍ୟ ସମୀକ୍ଷା ଧାରାଠାରୁ ଭିନ୍ନ ଧରଣରେ ଗତି କରୁଥିବା ନବ୍ୟ ବସ୍ତୁବାଦ (New Materialism) ସାହିତ୍ୟ ଓ ଭୌତିକତ୍ୱ (Materiality) ମଧ୍ୟରେ ଥିବା ସଂପର୍କକୁ ପରୀକ୍ଷା କରିବା ସହିତ ମାନବୀୟ ସଂସ୍କୃତି ଉପରେ ବସ୍ତୁଜଗତର ଅଖଣ୍ଡ ପ୍ରଭାବ ସଂକ୍ରାନ୍ତରେ ଅଭିନବ ଅଭିଦୃଷ୍ଟି ରଖିଥାଏ। ନବ୍ୟ ବସ୍ତୁବାଦ ବସ୍ତୁତଃ ମାନବତାବିଦ୍ୟା ଓ ସାମାଜିକ ବିଜ୍ଞାନ ଅନ୍ତର୍ଗତ ପାରଂପରିକ ଦ୍ୱୈତତା (dualisms) (ଯଥା- ପ୍ରକୃତି ଓ ସଂସ୍କୃତି, ମଣିଷ ଓ ବସ୍ତୁ ପ୍ରଭୃତି)କୁ ଚାଲେଞ୍ଜ୍ କରିବା ସହ ବସ୍ତୁର ସକ୍ରିୟ ଭୂମିକା ଉପରେ ସମସ୍ତ ଗୁରୁତ୍ୱ କେନ୍ଦ୍ରୀଭୂତ କରିଥାଏ। ଏହା Materiality ଏବଂ Material forces କୁ ଗୁରୁତ୍ୱ ଦେବା ସଂଗେ ସଂଗେ ବସ୍ତୁ ବା ପଦାର୍ଥକୁ ପରୋକ୍ଷ ବିବେଚିତ ନକରି ଅଧିକନ୍ତୁ ଏହା ସାମାଜିକ ଓ ସାଂସ୍କୃତିକ ଘଟଣାର ନିର୍ମାଣ ଓ ନିର୍ମିତିରେ ଏକ ସକ୍ରିୟ ଭୂମିକା ଗ୍ରହଣ ଓ ନିର୍ବହଣ କରିଥାଏ ବୋଲି ପ୍ରତ୍ୟୟ ସ୍ଥାପନ କରିଥାଏ। ଅର୍ଥାତ୍ ସମାଜରେ ବା ମଣିଷର ଜୀବନଧାରାରେ ଯେଉଁ ଯେଉଁ ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ବା ବିବର୍ତ୍ତନ ଦେଖାଦେଇ ଆସିଛି- ସେସବୁର ପଶ୍ଚାତ୍‌ରେ ଏହି ପଦାର୍ଥ ଜଗତର ପ୍ରଚ୍ଛନ୍ନ ପ୍ରେରଣା ରହିଛି ବୋଲି ବିଶ୍ୱାସ କରିବାକୁ ହେବ। ଏଣୁ ପ୍ରଥାସିଦ୍ଧ ଅବଧାରଣାରେ ଥିବା ଦ୍ୱୈତତା ବା ପରସ୍ପର ବିରୋଧୀ ଦ୍ୱୈତତା ଯଥା- ପ୍ରକୃତି ଓ ସଂସ୍କୃତି, ବସ୍ତୁ ଓ ବ୍ୟକ୍ତି, ତନ୍ମୟତ୍ୱ ଓ ମନ୍ମୟତ୍ୱ ପ୍ରଭୃତିକୁ ଏହା ଅସ୍ୱୀକାର କରି ଏସବୁ ପୃଥକ୍ ନୁହେଁ, ବରଂ ପରସ୍ପର ନିର୍ଭରଶୀଳ ବୋଲି ମତବ୍ୟକ୍ତ କରିଥାଏ। ଏହା Ontology ଉପରେ ଗୁରୁତ୍ୱ ଦିଏ Epistemology ଉପରେ ନୁହେଁ। ପାରଂପରିକ ବସ୍ତୁବାଦ epistemology ବା ଜ୍ଞାନ ଉପରେ ଅଧିକ ପ୍ରତ୍ୟୟ ସ୍ଥାପନ କରୁଥିଲାବେଳେ ନବ୍ୟବସ୍ତୁବାଦ Ontology (being and existence) ଉପରେ ପ୍ରତ୍ୟୟ ସ୍ଥାପନ କରିଥାଏ ଏବଂ ଏହି ଜଗତ କିପରି ପାରସ୍ପରିକ କ୍ରିୟା, ଅଭିକ୍ରିୟାଦ୍ୱାରା ଗଠିତ / ସଂରଚିତ- ସେ ସଂପର୍କରେ ଗୁରୁତ୍ୱ ପ୍ରଦାନ କରିଥାଏ। ଏହି ସମାଲୋଚନା ଦୃଷ୍ଟିରେ ବସ୍ତୁ ବା ପଦାର୍ଥ ନିଷ୍କ୍ରିୟ, ନିର୍ବେଦ, ନିସ୍ପନ୍ଦ ନୁହେଁ, ଅଧିକନ୍ତୁ ଏହା ସକ୍ରିୟ, ସସ୍ପନ୍ଦ ଓ ସଚଳ-ସଜଳ ଓ ସଚେତନ। New materialism views matter as having agency and power, challenging the idea that matter is merely passive and inert. ଏହି ନବ୍ୟବସ୍ତୁବାଦରେ ଉତ୍ତରମାନବତାବାଦ (Post humanism) ଏବଂ ଉତ୍ତର-ନୃତତ୍ତ୍ୱକୈନ୍ଦ୍ରିକତା ଦେଖାଦେବା ଏହାର ୨ଟି ବଡ଼ ଗୁଣ। ଏହାଦ୍ୱାରା ଏହି ସମାଲୋଚନା ମାନବ-କୈନ୍ଦ୍ରିକ ଜଗତ୍ ଦୃଷ୍ଟି ନରଖି ଅଧିକନ୍ତୁ ଅଣମାନବୀୟ ପଦାର୍ଥମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଇଥାଏ। Thing Theory ବା ବସ୍ତୁତତ୍ତ୍ୱ, Stuff Theory, Archival Research, Genetic Criticism ଓ New Philology ପ୍ରଭୃତି ଏହି ନବ୍ୟବସ୍ତୁବାଦୀ ସମାଲୋଚନାର ଏକ ଏକ ବିଭାଗୀୟ ଅଭିନବ ଅଭିରୁଚି ଓ ଅଭିଦୃଷ୍ଟି। ଆମ ଚତୁଃପାର୍ଶ୍ୱରେ ବରାବର ସଂଘଟିତ ହୋଇ ଆସୁଥିବା ସୂକ୍ଷ୍ମ ଓ ସ୍ଥୁଳ ରାଜନୀତିକ, ସାଂସ୍କୃତିକ ଓ ସାମାଜିକ ପରିବର୍ତ୍ତନର ପଶ୍ଚାତ୍‌ରେ ରହିଥିବା ଅନନ୍ୟ କାରଣ ହେଉଛି- ତତ୍‌ସଂଶ୍ଳିଷ୍ଟ ଭୌତିକ ପରିବର୍ତ୍ତନ ବା ବସ୍ତୁଗତ ବା ପଦାର୍ଥଗତ ପରିବର୍ତ୍ତନ। ସାହିତ୍ୟରେ ଦେଖାଦେଉଥିବା ମାନବୀୟ ପ୍ରକୃତି ଓ ସଂସ୍କୃତିର ପରିବର୍ତ୍ତିତ ରୂପରେଖ ତତ୍‌ଜଡ଼ିତ ବସ୍ତୁଜଗତ ବା ଭୌତିକ ଜଡ଼ଜଗତର ଚେତନା ପାଇଁ ନିରୂପିତ, ନିର୍ଦ୍ଦିଷ୍ଟ ଓ ନିୟନ୍ତ୍ରିତ।

କରେନ୍ ବରାଡ୍ (Karen Barad), ଡାଏନ୍ କୁଲ୍ (Diane Coole), ସାମନ୍ତା ଫ୍ରୋଷ୍ଟ୍ (Samantha Frost) ଏବଂ ଜେନ୍ ବେନେଟ୍ (Jane Bennett) ପ୍ରମୁଖ ଚିନ୍ତାନାୟକ ନବ୍ୟ ବସ୍ତୁବାଦର ବିକାଶ ଓ ଉଦ୍‌ବର୍ତ୍ତନରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଡେମୋକ୍ରିଟୋସ୍ (Democritos) ବସ୍ତୁବାଦର ଜନକ ହୋଇଥିଲା ବେଳେ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ କାର୍ଲମାର୍କ୍ସ ଓ ଫ୍ରେଡେରିକ୍ ଏଙ୍ଗେଲ୍‌ସ ନାମକ ଦୁଇ ଚିନ୍ତାନାୟକଙ୍କ ଲେଖାରୁ ଜନ୍ମନିଏ। ପୁଣି ୧୯୯୧ ମସିହାରେ Rosi Braidotti ତାଙ୍କ Patterns of Dissonance: A Study of Women and Contemporary Philosophy (୧୯୯୧) ପ୍ରବନ୍ଧରେ "New Materialism" ବା "Neo Materialism" ଶବ୍ଦକୁ ପ୍ରଥମେ ସ୍ୱତନ୍ତ୍ର ଭାବରେ ପ୍ରସଙ୍ଗ ପ୍ରସ୍ତୁତି କ୍ରମେ ବ୍ୟବହାର କରିଥିଲେ। ମାନୁଏଲ୍ ଡି ଲାଣ୍ଡା ତାଙ୍କର ପ୍ରସିଦ୍ଧ ପ୍ରବନ୍ଧ "The Geology of Morals"ରେ ମଧ୍ୟ ଏହି Neo Materialism ଶବ୍ଦକୁ ବ୍ୟବହାର କରିଥିଲେ। ପରିବେଶବିଦ୍ ଆନ୍ଦ୍ରେଶ ମାଲ୍ମ (Andreas Malm) ଏହି "ନବ୍ୟ ବସ୍ତୁବାଦ"କୁ "idealism of the most useless sort" ବୋଲି ଆଖ୍ୟା ଦେଇ କହିଥିଲେ ଯେ, ଏହି ଚିନ୍ତାଧାରା ପରିବେଶ ବା ଜଳବାୟୁ ଅଭିକ୍ରିୟା ଓ ପରିବେଶ ବା ପ୍ରକୃତି ସହ ଆମର ସଂପର୍କ ସୁଦୃଢ଼ କରିବାରେ ସେପରି କୌଣସି ବିଶେଷ ଭୂମିକା ଗ୍ରହଣ କରେନାହିଁ। ସେହିପରି ଇମାନୁଏଲ୍ କାଣ୍ଟ୍ ମଧ୍ୟ ଶୁଦ୍ଧ କାରଣର ସମାଲୋଚନା କରିବା ସହ ମନ୍ମୟ ଆଦର୍ଶବାଦ (Subjective dualism) ଏବଂ ମନ ଓ ଶରୀର ମଧ୍ୟସ୍ଥ ଦ୍ୱୈତ ସଂପର୍କକୁ ଅସ୍ୱୀକାର କରିବା ସହିତ ନିଜର transcendental idealismକୁ ଗୁରୁତ୍ୱ ଦେଇଛନ୍ତି। ରୋଜାଇ ବ୍ରେଡୋଟି (Rosi

Braidotti) ନାରୀବାଦୀ ତତ୍ତ୍ୱ ପାଇଁ ଉତ୍ତରମାନବତାବାଦର ଅବଧାରଣା ଏବଂ ନବ୍ୟବସ୍ତୁବାଦର ଆଶୟ ବା ନିହିତାର୍ଥ ପ୍ରଭୃତିକୁ ଅନ୍ୱେଷଣ କରୁଥିଲାବେଳେ ଡୋନା ହାରାୱେ (Donna Haraway) ଏହି ଧାରାରେ Cyborgs, Companion species ଏବଂ situated knowledge ପ୍ରଭୃତିକୁ ନାରୀବାଦୀ ଅଧ୍ୟୟନରେ ସ୍ଥାନଦେଇ ଏ ଦିଗରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛନ୍ତି। ଏଣୁ ଏହା ଚଳନ୍ତି ସମୟର ଏକ ଅତ୍ୟନ୍ତ ସଫଳ ଓ ସମ୍ଭାବନାମୟ ସାରସ୍ୱତ ସମାଲୋଚନାର ବିଭବ ଓ ବିଭାବ ବିଶେଷ ଅଟେ।

ଏକବିଂଶ ଶତାବ୍ଦୀର ସମାଲୋଚନା କ୍ଷେତ୍ରରେ ଏକ ଚିତ୍ତାକର୍ଷକ ଦିଗକୁ ଜନ୍ମ ଦେଇଥିବା ମୂଳତତ୍ତ୍ୱଟି ହେଉଛି ପ୍ରଭାବ ସିଦ୍ଧାନ୍ତ ବା ପ୍ରଭାବ ତତ୍ତ୍ୱ (Affect Theory) I ସାହିତ୍ୟରେ ଏହି ପ୍ରଭାବ ତତ୍ତ୍ୱର ଗୁରୁତ୍ୱକୁ ସମାଲୋଚକ ଉଭୟ ପାଠକ ଓ ଦର୍ଶକ ପାଖରେ ଲକ୍ଷ୍ୟ କରିଥାଏ। ଏହି ତତ୍ତ୍ୱ ଅନୁସାରେ ପ୍ରଭାବର ଉତ୍ପତ୍ତିଠାରୁ ଏହାର ସଂଚାର, ତଥା ଏହାର ପ୍ରଭାବ ପାଠକ ଏବଂ ପାଠ (Text) ଉପରେ କିପରି ପଡ଼ିଥାଏ– ତାହା ବିଚାର କରାଯାଇଥାଏ। ନ୍ୟାରେଟିଭ୍ ଶୈଳୀ ଓ ସଂରଚନା ଊର୍ଦ୍ଧ୍ୱକୁ ଯାଇ ପାରଂପରିକ ଅଭିଦୃଷ୍ଟିଠାରୁ ଅନେକ ଦୂରରେ ରହି ଏହା ଏଥି ସଂପୃକ୍ତ ପଠନର ପରୋକ୍ଷ ବା ଅଣପ୍ରତିନିଧିସ୍ଥାନୀୟ ଆୟାମ (Non-representational dimensions of reading) ଗୁଡ଼ିକୁ ଆବିଷ୍କାର କରି ସେସବୁକୁ ଗୁରୁତ୍ୱ ପ୍ରଦାନ କରିଥାଏ। "Affect Theory in literature examines how literary works evoke emotional responses in readers and how these feelings, often described as affects, shape our understandings and experiences of the text." ପ୍ରଭାବ ଏକ ବୃହତ୍ତର ମନସ୍ତାତ୍ତ୍ୱିକ ଆୟାମଗତ ଶବ୍ଦ ବିଶେଷ ଅଟେ। ଆବେଗ, ଭାବନା, ପ୍ରତିକ୍ରିୟା, ଅନୁଭବ, ମନୋଦଶା ପରି ଅନେକ ମନସ୍ତାତ୍ତ୍ୱିକ ଓ ମାନସିକ ଅବସ୍ଥାର ଏହା ଧାରକ ବା ଆଧାର ଶବ୍ଦବିଶେଷ ଅଟେ। ଏହା ଶରୀର ଉପରେ ଗୁରୁତ୍ୱ ପ୍ରଦାନ କରି ସାହିତ୍ୟର ବିବେଚନା ବା ବ୍ୟାଖ୍ୟା କରିଥାଏ। ଗୋଟିଏ ଟେକ୍ସଟ୍ ବା ପାଠ ସହ ଏକାତ୍ମ ହେବାରେ ଶରୀରର ଅପରିତ୍ୟଜ୍ୟ ଭୂମିକାକୁ ଏଠାରେ ଆଲୋଚନାଭୁକ୍ତ କରିବା ସହିତ ଆମର ଭୌତିକ ବା ଶାରୀରିକ ପ୍ରତିକ୍ରିୟା ଓ ଅଭିକ୍ରିୟାଦି– ଗୋଟିଏ ପାଠକୁ ଅବବୋଧ ଓ ଅନୁଭବ କରିବାରେ କେତେ ଗୁରୁତ୍ୱପୂର୍ଣ୍ଣ ସେକଥା ମଧ୍ୟ ଦର୍ଶାଯାଇଥାଏ। ଏଠାରେ ପାଠକର ଭୂମିକା ଅତ୍ୟନ୍ତ ସକ୍ରିୟ ଓ ଜୀବନ୍ତ। ପାଠକର Affective Response ସହ ଦର୍ଶନ, ମନସ୍ତତ୍ତ୍ୱ ଓ ସଂସ୍କୃତି ପ୍ରଭୃତି ସାମଗ୍ରିକ ଭାବେ ଏଠାରେ ଗୁରୁତ୍ୱ ରକ୍ଷା କରନ୍ତି। ମୋଟାମୋଟି ଭାବରେ "ପ୍ରଭାବତତ୍ତ୍ୱ" ପାରଂପରିକ ଦୃଷ୍ଟିର ଅନେକ ଊର୍ଦ୍ଧ୍ୱରେ ରହି ପାଠକର ଶରୀର, ମନ, ପାଠକର ଭୂମି ଓ ଭୂମିକା ଏବଂ ସାମଗ୍ରିକ ପ୍ରଭାବର ଅଣପ୍ରତିନିଧିସ୍ଥାନୀୟ ପ୍ରକୃତିକୁ ଗୁରୁତ୍ୱ ଦେଇ ସାହିତ୍ୟର ଭିନ୍ନ ଏକ ବିବେଚନା କରିଥାଏ। ସିଲ୍‌ଭାନ୍ ଟମ୍‌କିନ୍ସ, ଗିଲ୍ସ ଡିଲ୍ୟୁଜ୍, ବ୍ରାଇନ୍ ମାସୁମି, ଏଭ୍ ସେଡ୍‌ଗ୍ୱିକ୍, ଲରେନ୍ ବର୍ଲାଣ୍ଟ୍, ସେରା ଏହମଦ୍, ଜେର୍‌ନୋଟ୍ ବୋହମ (Gernot Bohme) ପ୍ରମୁଖ ତତ୍ତ୍ୱବିଦ୍, ଦାର୍ଶନିକ, ମନସ୍ତତ୍ତ୍ୱବିଦ୍, ସାହିତ୍ୟତତ୍ତ୍ୱବିଦ୍ ଓ ସାଂସ୍କୃତିକ ତତ୍ତ୍ୱବିଦ୍ ଏହି ପ୍ରଭାବତତ୍ତ୍ୱର ବିକାଶ ଓ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

ଅଧୁନା ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ଅତୀବ ସଂବେଦନଶୀଳ ଧାରା ହେଉଛି କୁୟର ଅଫ୍ କଲର୍ କ୍ରିଟକ୍ ବା ବର୍ଣ୍ଣବୈଚିତ୍ର୍ୟ ସମାଲୋଚନା। ଏଠାରେ କୁୟର୍‌ତତ୍ତ୍ୱ ଓ କ୍ରିଟିକାଲ୍ ରେସ୍ ସିଦ୍ଧାନ୍ତ ସାଙ୍ଗକୁ ପାରଂପରିକ ପରିଚୟ ଜ୍ଞାନ, ପାରଂପରିକ କ୍ଷମତାଜ୍ଞାନ ଓ ପାରଂପରିକ ଅଧିକାର ବା ସୁଯୋଗ ଜ୍ଞାନ ପ୍ରତି ଏକ ଆହ୍ୱାନ ଥିବାର ଦେଖିହୁଏ। "Queer of Colour Critique (QoC) is an interdisciplinary field that examines the intersection of race, class, gender, sexuality, culture and other social categories of power, particularly within the context of queer and LGBTQ + Communities of colour." ଜାତି, ବର୍ଣ୍ଣ, ଲିଙ୍ଗ, ଗୋଷ୍ଠୀ, ଶ୍ରେଣୀ, ସଂସ୍କୃତି ଓ ଅନ୍ୟାନ୍ୟ ସାମାଜିକ ବିଭାଗୀକରଣ ଆଧାରରେ ମଣିଷକୁ ଭିନ୍ନ ବିବେଚନା କରିବା ଅପେକ୍ଷା ଏମାନେ ପରସ୍ପର ସହ କିପରି ସଂପର୍କିତ ଓ ନିର୍ଭରଶୀଳ, ତାହାକୁ ଅଗ୍ରାଧିକର ଦେଇ ଏହି ସମାଲୋଚନାରେ ଆଲୋଚନାଭୁକ୍ତ କରାଯାଇଥାଏ I Intersectionality ବା ଆନ୍ତଃଖଣ୍ଡୀୟ ସଂପର୍କ ଏହାର ଏକ ବଡ଼ ବିଶେଷତ୍ୱ। ଜାତି, ଗୋତ୍ର, ଲିଙ୍ଗ, ବର୍ଣ୍ଣ, କ୍ଷମତାକେନ୍ଦ୍ର ପ୍ରଭୃତିକୁ ନେଇ ଏହା ସମାଲୋଚନା କରିବା ପାଇଁ ପସନ୍ଦ କରିଥାଏ। ଏହି ପ୍ରତ୍ୟୟ କ୍ରମେ "Race" ଏକାନ୍ତ ଜୈବିକ ନୁହେଁ ବରଂ ଏହା ସକ୍ରିୟ ଭାବେ ସାମାଜିକ ନିର୍ମାଣ ଓ ନିର୍ମିତି ଦ୍ୱାରା ନିର୍ମିତ। ଏପରିକି ପୁଞ୍ଜିବାଦ ଓ ଉପନିବେଶବାଦଦ୍ୱାରା ଜାତି, ଲିଙ୍ଗ, ବର୍ଣ୍ଣ ପ୍ରଭୃତିରେ ଅର୍ଥ ନିରୂପିତ ହୋଇଥାଏ ବୋଲି ଏହି ଧାରା ପ୍ରତ୍ୟୟ ରଖେ। "ବର୍ଣ୍ଣ" ଭିତରେ ଏଠାରେ ଏସବୁ ଆସିବା ସଂଗେସଂଗେ LGBTQ+ ମଧ୍ୟ ଆସିଥାନ୍ତି। ଏ ସମସ୍ତଙ୍କୁ ନେଇ ଏହି ସମାଲୋଚନାର ଦୃଷ୍ଟି ଅଧିକ ବର୍ଣ୍ଣିଳ। ଏହା ସାମାଜିକ ନ୍ୟାୟ ନିମନ୍ତେ ଲଢ଼େଇ କରେ, ଯୁକ୍ତି କରେ ଓ ବିବିଧ ଅବିଚାର, ଅନ୍ଧସାମାଜିକ ବିରୋଧ, କୁସଂସ୍କାର, କୁପ୍ରଥା ଓ କୁପରଂପରା ବିପକ୍ଷରେ ଏହା ସ୍ୱର ଉତ୍ତୋଳନ ମଧ୍ୟ କରିଥାଏ। ରୋଡେରିକ୍ ଫର୍ଗୁସନ୍ ଓ କାରାକାଇଲିଙ୍ଗ୍‌ଙ୍କ ପରି ବିଦ୍ୱାନ୍ ଓ ଗବେଷକମାନେ ଏ ଦିଗରେ ଅନେକ ପଥ ପ୍ରଶସ୍ତ କରିଥିବାର ଲକ୍ଷ୍ୟ କରାଯାଏ।

ଏକବିଂଶ ଶତାବ୍ଦୀରେ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଦେଖାଯାଇଥିବା ଅନ୍ୟତମ ତତ୍ତ୍ୱ ହେଉଛି– କ୍ରିପ୍ ତତ୍ତ୍ୱ ବା ଅପଙ୍ଗ ତତ୍ତ୍ୱ। ଏଥିରେ ସାହିତ୍ୟ ଓ ସଂସ୍କୃତିରେ ଥିବା "ଅକ୍ଷମତା" ବା "ଅପଙ୍ଗତା'କୁ କେନ୍ଦ୍ର କରି ସମାଲୋଚନା କରିବା ସଂଗେସଂଗେ ପାରଂପରିକ ଭାବେ

ପ୍ରଚଳିତ ଅପଙ୍ଗତାର ସଂଜ୍ଞାକୁ ଆହ୍ୱାନ ଦିଏ; ଚାଲେଞ୍ଜ୍ କରିଥାଏ। ସାଧାରଣ ଭାବରେ ବା ପ୍ରଥାସିଦ୍ଧ ଭାବରେ "ସୁସ୍ଥତା" ଓ "ଯୋଗ୍ୟତା"ର ଧାରଣାକୁ ଏହା ବିରୋଧ କରେ, ଚାଲେଞ୍ଜ୍ କରେ ଓ ଅସ୍ୱୀକାର କରିଥାଏ। ସମାଜରେ ପ୍ରଚଳିତ binary opposite ବା ଦ୍ୱୈତ ବିରୋଧାଭାସ (ଯଥା- ସକ୍ଷମ-ଅକ୍ଷମ, ସଚଳ-ଅଚଳ, ସଜ୍ଞାନ-ଅଜ୍ଞାନ, ସୁସ୍ଥ-ଅସୁସ୍ଥ ପ୍ରଭୃତି) ମାନଙ୍କୁ ଏହା ଅସ୍ୱୀକାର କରେ। ଜାକ୍ ଡେରିଡାଙ୍କ ବିନିର୍ମାଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର।

ସେହିପରି ଏକବିଂଶ ଶତାବ୍ଦୀର ଅନ୍ୟତମ ସମାଲୋଚନାର ଦିଗ ହେଉଛି ମେଦ ଅଧ୍ୟୟନ (Fat Studies)। ସାହିତ୍ୟରେ ବା ସଂସ୍କୃତିରେ ଅଧିକ ମେଦକୁ ନେଇ ଯେଉଁ ସାମାଜିକ- ମାନସିକ ଧାରଣା ଜନ୍ମେ, ତାହାକୁ ଏହା କେନ୍ଦ୍ରକରି ଗଢ଼ିଉଠିଛି। ବସ୍ତୁତଃ, ମେଦବହୁଳତାକୁ କେନ୍ଦ୍ରକରି ଗଢ଼ିଉଠିଥିବା ସୌନ୍ଦର୍ଯ୍ୟ, ପରିଚୟ, ସୁସ୍ଥତାର ହଲ୍‌ମାର୍କକୁ ଏହା ଭାଙ୍ଗିଦିଏ ଏବଂ ସୌନ୍ଦର୍ଯ୍ୟ, ଅସ୍ତିତ୍ୱ, ସ୍ୱାସ୍ଥ୍ୟର ସଂଜ୍ଞା "ମେଦବହୁଳତା" ଆଧାରରେ ହୋଇନଥାଏ ବୋଲି ଏହା ପ୍ରମାଣ କରିବାକୁ ଚେଷ୍ଟା କରିଥାଏ। ଏହା ବସ୍ତୁତଃ ମେଦଜନିତ ଭିତ୍ତିହୀନ ଭୟ, (Fatphobia), ଓଜନ ଜନିତ ସାମାଜିକ, ମାନସିକ, ହୀନ ରାଜନୀତି ପ୍ରଭୃତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ମେଦ ନିର୍ବିଶେଷରେ ସମାନତା ପ୍ରତିଷ୍ଠା ପାଇଁ ଚେଷ୍ଟା କରିଥାଏ। ଏହାଦ୍ୱାରା ବିଶେଷକରି ସମାଲୋଚକ ସାମାଜିକ ଦୃଷ୍ଟିଭଂଗୀକୁ, ମେଦ ପ୍ରତି ଥିବା ସର୍ବସାଧାରଣ ପାରଂପରିକ ଧାରଣାକୁ ଓ ମେଦକୈନ୍ଦ୍ରିକ ସୌନ୍ଦର୍ଯ୍ୟ ଧାରଣାକୁ ବଦଳାଇବାକୁ ଚେଷ୍ଟା କରିଥାଏ। ରୋକ୍ସେନ୍ ଗାଏଙ୍କ "Hunger: A Memoir of My Body", ଅଲି ଥମ୍‌ସନ୍‌ଙ୍କ "They don't make plus size space suits (2019)", ଓର୍‌ବାକ୍‌ଙ୍କ "Fat is a feminist issue" (1978), ଟ୍ରାସୀ ଏଲ୍. ଥମ୍‌ସନ୍‌ଙ୍କ "Fatropolis" (2012) ପ୍ରମୁଖ ସାହିତ୍ୟକୃତିରେ "ମେଦ" ବା "ପୃଥୁଳକାୟତା" ହିଁ ମୂଳ ବିଷୟବସ୍ତୁ ଓ ଏହି ସମାଲୋଚକର ଚାଲେଞ୍ଜ୍‌ର କେନ୍ଦ୍ରବିନ୍ଦୁ। ଯଥାର୍ଥରେ ମେଦ ଅଧ୍ୟୟନ ମୋଟା ବ୍ୟକ୍ତିଙ୍କ ଶାରିରୀକ, ସାମାଜିକ ଓ ମାନସିକ ଜୀବନର କଥା କହେ ଓ ସାମାଜିକ ପ୍ରଚଳିତ ପ୍ରତ୍ୟୟର ଗଢ଼ଣଦ୍ୱାରା ଏହା କିପରି ଏକ ଜଟିଳତାକୁ ସାମ୍ନା କରେ- ତାହା ଅନୁମାନ କରାଯାଇପାରେ। ପୁଣି ଶରୀରର ରୂପରେଖ ଓ ଶରୀରଗତ ସକାରାତ୍ମକତା (body positivity)କୁ ଏହା ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରିଥାଏ।

ବର୍ତ୍ତମାନ ସାହିତ୍ୟ ସମାଲୋଚନାର ଆୟାମ ଅନେକ ବଢ଼ିଗଲାଣି। ଖାଦ୍ୟପେୟକୁ ନେଇ ଏବେ ସମାଲୋଚନା ସୃଷ୍ଟି ହେଲାଣି। ଖାଦ୍ୟକୁ ଆଧାର କରି ଗୋଟିଏ ବ୍ୟକ୍ତି ବା ଗୋଷ୍ଠୀ ବା ଶ୍ରେଣୀର ଷ୍ଟାଟସ୍, କ୍ଷମତା, ପରିଚୟ ଓ ଅନେକ କଥା ଜଣାପଡ଼େ। ଏପରିକି ଅନ୍ନରୁ ମନର ଅବଧାରଣା ମଧ୍ୟ ସୃଷ୍ଟି କରାଯାଇପାରେ। ଯଥାର୍ଥରେ ଖାଦ୍ୟ ଅଧ୍ୟୟନଦ୍ୱାରା ସାଂସ୍କୃତିକ ଓ ସାହିତ୍ୟିକ ଗୁରୁତ୍ୱ ବିଚାର କରାଯାଏ କେବଳ ଓ କେବଳ ପାତ୍ରର (ଚରିତ୍ରର) ଖାଦ୍ୟକୁ ଦେଖି। ଖାଦ୍ୟ ହେଉଛି ଏକ ପ୍ରତୀକ। ଖାଦ୍ୟ ଏକ ସ୍ମୃତିର ଚିହ୍ନ। ଖାଦ୍ୟ ସାମାଜିକ ପରିଚୟର ଏକ ବାହକ। ଖାଦ୍ୟ ମଧ୍ୟରେ ଥାଏ ସଂସ୍କୃତିର ଶୀତଳ ପ୍ରଲେପ। ଖାଦ୍ୟଦ୍ୱାରା ସମାଲୋଚକ ବସ୍ତୁତଃ ନୃତତ୍ତ୍ୱ, ସମାଜତତ୍ତ୍ୱ, ଇତିହାସ, ସାଂସ୍କୃତିକ ଅଧ୍ୟୟନ ପରି ବିବିଧ ବିଭାଗର ଆନ୍ତଃସଂପର୍କର ଜାଲକ ବିନ୍ୟାସ ମାଧ୍ୟମରେ ସମାଲୋଚନା କରିଥାଏ। ସାହିତ୍ୟରେ ଏହା ହେଉଛି ଖାଦ୍ୟର ଭୂମିକା। Marcel Proustଙ୍କ "Remembrance of Things Past", James Joyceଙ୍କ "Ulysses", ଭର୍ଜିନିଆ ଉଲ୍‌ଫଙ୍କ "To the Lighthouse", ସଲମନ୍ ରୁସ୍‌ଦିଙ୍କ "Midnight's Children", ଅରୁନ୍ଧତୀ ରାୟଙ୍କ "The God of Small Things", ଅନିତା ଦେଶାଇଙ୍କ "Fasting Feasting" ପ୍ରଭୃତି ସାହିତ୍ୟକୃତି ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ। ଯଥାର୍ଥରେ ଖାଦ୍ୟ ଏକ ସଭ୍ୟତାର, ସଂସ୍କୃତିର, ଗୋଷ୍ଠୀ, ଜାତି ଓ ଧର୍ମର ବା ଏକ ବ୍ୟକ୍ତିର ପ୍ରାଚୀନତମ ଓ ଅନ୍ତରଙ୍ଗତମ ପରିଚୟ ପତ୍ର।

ଏକବିଂଶ ଶତାବ୍ଦୀରେ "କ୍ରୀଡ଼ା" (Games) ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଶାରୀରିକ ଓ ମାନସିକ ଭାବେ ତଥା ଦାର୍ଶନିକ ଓ ଆଧ୍ୟାତ୍ମିକ ଭାବେ କ୍ରୀଡ଼ାର ସଂପର୍କ ଓ ଗୁରୁତ୍ୱ ଆମ ସହ ରହିଛି। ଏଠାରେ ସମାଲୋଚକ ଭିଡ଼ିଓ ଗେମ୍‌ର ସାଂସ୍କୃତିକ, ମନସ୍ତାତ୍ତ୍ୱିକ ଓ ସାମାଜିକ ଗୁରୁତ୍ୱ ଓ ଔଚିତ୍ୟ ପରୀକ୍ଷା କରିଥାଏ। ଏହାରି ମାଧ୍ୟମରେ ସମାଲୋଚକ କ୍ରୀଡ଼ା, ପରିଚୟ ଓ କ୍ଷମତାର ଆନ୍ତଃସଂପର୍କ ନିରୂପଣ କରିଥାଏ। ବହିର୍ଦ୍ଦେଶୀୟ କ୍ରୀଡ଼ାଠାରୁ ଆରମ୍ଭ କରି ଅନ୍ତର୍ଦ୍ଦେଶୀୟ କ୍ରୀଡ଼ା ପର୍ଯ୍ୟନ୍ତ, ଭୌତିକ ପାରଂପରିକ ଲୋକକ୍ରୀଡ଼ାଠାରୁ ଆରମ୍ଭ କରି ଯାନ୍ତ୍ରିକ ଭିଡିଓ ଗେମ୍ ପର୍ଯ୍ୟନ୍ତ ସବୁର ପ୍ରଭାବ ସମାଜ ଉପରେ ଓ ବ୍ୟକ୍ତି ଉପରେ ବରାବର ପଡ଼ିଥାଏ। କ୍ରୀଡ଼ାଟିଏ ନିର୍ମାଣ କଲାବେଳେ ହିଁ ଏହି ଦୁଇ କାରକ "ସମାଜ" ଓ "ବ୍ୟକ୍ତି" ତା'ଉପରେ ଯେପରି ପ୍ରଭାବ ପକାଇଥାଏ, କ୍ରୀଡ଼ାଟିଏ ନିର୍ମାଣ ସରିଲା ପରେ ବ୍ୟକ୍ତି ତାକୁ ଖେଳିଲାବେଳେ ଅନୁରୂପ ଭାବରେ ସେହି ପ୍ରଭାବ ଫେରିଥାଏ ବା ପ୍ରତ୍ୟାବର୍ତ୍ତନ କରିଥାଏ। ଝିମିଟିଖେଳ ହେଉ ବା ସତରଞ୍ଜ ଖେଳ ହେଉ ବା ଲୁଡ଼ୋ, ଚେସ୍ ବା ଅନ୍ୟାନ୍ୟ ଯେକୌଣସି ଖେଳ ହେଉ- ସବୁର ପ୍ରଭାବ ମଣିଷ ଉପରେ ପଡ଼େ। ଏପରିକି ଜୀବନ ଏକ କ୍ରୀଡ଼ା ସଦୃଶ। ଏହାକୁ ଆଧାର କରି ବିବିଧ ଭିଡ଼ିଓ ଗେମ୍ ପ୍ରସ୍ତୁତ କରାଯାଉଛି। ଏହାକୁ ନେଇ ଅନେକ ସାହିତ୍ୟ ମଧ୍ୟ ସୃଷ୍ଟି ହେଉଛି। ସମାଲୋଚକ ଏହାରି ଆଧାରରେ ଏକ କ୍ରୀଡ଼ାକୈନ୍ଦ୍ରିକ ସ୍ୱତନ୍ତ୍ର ସମାଲୋଚନା କରିଥାଏ।

ଏହି ସମୟରେ ସାରସ୍ୱତ ସମାଲୋଚନା କ୍ଷେତ୍ରରେ ଅନ୍ୟ ଏକ ବଳିଷ୍ଠ ଦିଗ ହେଉଛି "ଟ୍ରାନ୍ସ ଷ୍ଟଡିଜ୍" (Trans Studies)। "Trans Studies" କହିଲେ "Transgender studies"କୁ

ବୁଝାଏ। ଏହା ମୁଖ୍ୟତଃ ସାମାଜିକ ଲିଙ୍ଗ ଓ ଜୈବିକ ଲିଙ୍ଗକୁ ଆଧାର କରି ଗଢ଼ିଉଠିଥିବା ମଣିଷର ପରିଚୟ ଉପରେ ପର୍ଯ୍ୟବେସିତ। ସାହିତ୍ୟରେ ସେହିପରି ଟ୍ରାନ୍ସ ଚରିତ୍ରମାନଙ୍କର ସାମାଜିକ, ଆର୍ଥନୀତିକ, ମାନସିକ, ମନସ୍ତାତ୍ତ୍ୱିକ, ରାଜନୀତିକ ସ୍ଥିତି-ଭିତ୍ତି ଓ ଭୂତିକୁ ନେଇ ଏହି ସମାଲୋଚନା ସମୃଦ୍ଧ।

ଏତତ୍ ବ୍ୟତିରେକେ ଉତ୍ତରଉପନିବେଶବାଦୀ ସମାଲୋଚନା ଓ ସବଲ୍‌ଟର୍ଣ୍ଣ ସମାଲୋଚନା ପରି ଡିଜିଟାଲ୍ ହ୍ୟୁମାନିଟିଜ୍, ତୁଳନାତ୍ମକ ସମାଲୋଚନା, ଉତ୍ତରାଧୁନିକ ସମାଲୋଚନା ଓ ଉତ୍ତରସଂରଚନାବାଦୀ ସମାଲୋଚନା, ଜନଜାତି ସମାଲୋଚନା, ଦଳିତ ସମାଲୋଚନା, ପରିବେଶ ସମାଲୋଚନା, କୁୟର୍ ତାତ୍ତ୍ୱିକ ସମାଲୋଚନା ଓ ନାରୀବାଦୀ ସମାଲୋଚନା ଏକବିଂଶ ଶତାବ୍ଦୀରେ ନୂଆ ନୂଆ ମୋଡ଼ ନେଇ ଗଢ଼ିଉଠୁଥିବାର ମଧ୍ୟ ଲକ୍ଷ୍ୟ କରିହେବ। ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଉପର୍ଯ୍ୟାଲୋଚିତ ସମାଲୋଚନାଗୁଡ଼ିକୁ ସ୍ୱଷ୍ଟ ପ୍ରାଞ୍ଜଳ ଭାବରେ ଲକ୍ଷ୍ୟ କରିବା କଷ୍ଟକର। କାରଣ ହାତଗଣତି ସମାଲୋଚକ ଏହି ନବୀନ ଧାରାର ଲେଖକ। ଏହାଛଡ଼ା ଏହି ସମୟରେ ପ୍ରଥାସିଦ୍ଧ ବା ଗତାନୁଗତିକ ପାରଂପରିକ ଧାରା ଓ ଟେକ୍‌ନିକ୍‌ର ତଥାକଥିତ ଶୈଳୀରେ ନନ୍ଦନ ତାତ୍ତ୍ୱିକ ସମାଲୋଚନା ମଧ୍ୟ ଚାଲିଛି। ମିଥ୍, ପ୍ରତୀକ, ରୂପକଳ୍ପ, ସ୍ଥିତିବାଦ, ଅଭିବ୍ୟକ୍ତିବାଦ, ଡାଡାବାଦ ଓ ଅଭିବ୍ୟକ୍ତିବାଦକୁ ଆଧାର କରି ସମାଲୋଚନା ସମୃଦ୍ଧ ହୋଇଚାଲିଛି। ଡକ୍ଟର ସନ୍ତୋଷ କୁମାର ନାୟକ ଏହି ଧାରାର ଜଣେ ଅନନ୍ୟ- ଅନୁପମ ବିସ୍ମୟ। ତାଙ୍କର "ସମୀକ୍ଷା ସଂଦର୍ଶନ" (୨୦୧୫) ହେଉ ଅଥବା "ଚେତନାର ଚିତ୍ରଲିପି" (୨୦୨୨) ହେଉ, "ଇକ୍ଷା-ବୀକ୍ଷା-ସମୀକ୍ଷା" (୨୦୧୨) ହେଉ ବା "ତୂଳୀ ଓ ତୁଳନା" (୨୦୧୨) ହେଉ- ସବୁଥିରେ ନୂତନ ଧାରାର ଓ ନୂତନ ଧରାର କଥା ସେ କହିଛନ୍ତି। "Aspects of Criticism" ହେଉ କି "Dispersed Meditation" ହେଉ ସବୁଥିରେ ସେ ନୂତନ କଳା ଓ କୌଶଳର ପରିଚୟ ପ୍ରଦାନ କରିଛନ୍ତି। ସେହିପରି ବିଶିଷ୍ଟ ସମାଲୋଚକ ଡ. ଦାଶରଥି ଦାସଙ୍କ "ପ୍ରସଙ୍ଗ ପୁରୁଣା ଭାବନା ନୂଆ" (୨୦୧୫), ଡ. ଗୌତମ ଜେନାଙ୍କ "ଓଡ଼ିଆ କବିତା: ଆଧୁନିକତାର ଉତ୍ତରଣ" (୨୦୧୩), ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ସ୍ୱରୂପ (୨୦୨୨), ଡ. ରବୀନ୍ଦ୍ର କୁମାର ଦାସଙ୍କ "ପ୍ରାୟୋଗିକ ଶୈଳୀବିଜ୍ଞାନ" (୨୦୧୨), "ଶୈଳୀ ବିଜ୍ଞାନର ଆଲୋକରେ ଫକୀର ମୋହନଙ୍କ ଉପନ୍ୟାସ" (୨୦୦୮), "ପ୍ରାୟୋଗିକ ଉତ୍ତରସଂରଚନାବାଦ ବନାମ୍ ଓଡ଼ିଆ ସାହିତ୍ୟ" (୨୦୨୧), ପ୍ରଫେସର କଇଳାଶ ପଟ୍ଟନାୟକଙ୍କ "କଥା ସହ କଥାବାର୍ତ୍ତା" (୨୦୨୨), ପ୍ରଫେସର ଅନାଦି ଚରଣ ଗାଁଣଙ୍କ "ଊନବିଂଶ ଶତକ ଓଡ଼ିଆ ଗଦ୍ୟ ସାହିତ୍ୟର ଭାଷା" (୨୦୧୬), ଡକ୍ଟର ସ୍ମିତା ମହାନ୍ତିଙ୍କ "ଅନ୍ଧାରରେ ଆଲୋକିତ ଶ୍ରୀରାଧା" (୨୦୧୩), ଡକ୍ଟର ପଞ୍ଚାନନ ମିଶ୍ରଙ୍କ "ସାହିତ୍ୟ ସମାଲୋଚନା: ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ" (୧ମ ଭାଗ) (୨୦୧୪), (ଦ୍ୱିତୀୟ ଭାଗ) (୨୦୧୬), ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ "ବିମର୍ଶ ବିଗ୍ରହ" (୨୦୧୫), ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ "ଉପନିବେଶବାଦ ଓ ଓଡ଼ିଆ ଗଳ୍ପ" (୨୦୧୫) ପ୍ରଭୃତି ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନାର ଅଭିନବ ପ୍ରସ୍ଥକୁ ସମୃଦ୍ଧ ଓ ପ୍ରସ୍ତୁତ କରିବାରେ ଯଥାର୍ଥ ଭୂମିକା ଗ୍ରହଣ କରିଛନ୍ତି ବୋଲି କହିବାକୁ ହେବ।

## ନିଷ୍କର୍ଷ :

ଉପସଂହାରରେ ଏତିକି ମାତ୍ର କୁହାଯାଇପାରେ ଯେ, ସାଂପ୍ରତିକ ସାରସ୍ୱତ ପରିପ୍ରେକ୍ଷାରେ ଓଡ଼ିଆ ସମାଲୋଚନାର ମୂଳ ସ୍ରୋତ ଏଯାବତ୍ ଅଭିନବତ୍ୱଠାରୁ ଅନେକ ଦୂରରେ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ କି ସତ୍ୟର ଅପାଳାପ ହେବ ନାହିଁ। ମୁଷ୍ଟିମେୟ ଲେଖନୀଦ୍ୱାରା ନୂତନ ନୂତନ ଦୃଷ୍ଟି ଓ ଦର୍ଶନର ସମାଲୋଚନା ପରିବେଶ, ପରିସର ଓ ସାମାଜିକ- ରାଜନୀତିକ- ପାରିବେଶିକ- ଆର୍ଥନୀତିକ- ମନସ୍ତାତ୍ତ୍ୱିକ- ଦାର୍ଶନିକ- ନୈତିକ ଓ ଆଞ୍ଚଳିକ ପରିସ୍ଥିତିକୁ ଦେଖି ସୃଷ୍ଟି କରାଯାଉଛି। ମାତ୍ର ଅଧିକାଂଶ ସମାଲୋଚନାର ସ୍ୱର ଅର୍ବାଚୀନ ନୁହେଁ, ପ୍ରାଚୀନ ଓ ଗତାନୁଗତିକ। ଏହି କାରଣରୁ ପାଠକମାନେ ମଧ୍ୟ ରୁଚିଶୂନ୍ୟ ହୋଇ ସମାଲୋଚନା ଓ ସାହିତ୍ୟଠାରୁ ଦୂରେଇବାକୁ ଲାଗିଲେଣି। ସାହିତ୍ୟ ଏକ ସ୍ୱର୍ଣ୍ଣତ୍ରିଭୁଜ। "ଲେଖକ"- "ଲେଖା" ଓ "ପାଠକ" ପରି ତିନୋଟି ବିନ୍ଦୁ ଉପରେ ଏହା ତିଷ୍ଠିଥାଏ। ପାଠକ ଦୂରେଇବା, ପାଖେଇବା ଲେଖା ଉପରେ ଯେତିକି ନିର୍ଭର କରେ ଲେଖକର ଲେଖାର ମନ-ଧ୍ୟାନ ଓ ମନ ପାଠକ ଉପରେ ସେତିକି ମାତ୍ରାରେ ନିର୍ଭର କରିଥାଏ। ଏଣୁ ବର୍ତ୍ତମାନ ସମାଲୋଚନାର ମୁକ୍ତ ଉଡ଼ାଣର ସମୟ ଆସିଛି। ସମାଲୋଚନାରେ ପାଠକକୁ ଲକ୍ଷ୍ୟ କରି, ତା'ପ୍ରତି ମନଧ୍ୟାନ ଦେଇ ବିଶ୍ୱଦୃଷ୍ଟି ରଖିବା ଜରୁରୀ। ଓଡ଼ିଆ ସମାଲୋଚନାର ପ୍ରସ୍ଥ ସ୍ୱଳ୍ପ ହେଲେ ହେଁ ଏହା ପ୍ରତିଶ୍ରୁତିବଦ୍ଧ, ଗଭୀର ପ୍ରତ୍ୟୟପୂର୍ଣ୍ଣ ଓ ସମ୍ଭାବନାମୟ। ସମାଲୋଚନାରେ ଯେଉଁ ଅଳ୍ପ କେତୋଟି ସ୍ୱର ଦେଖାଯାଇଛି- ସେସବୁ ଋଣାତ୍ମକ ନୁହେଁ, ବରଂ ଅତ୍ୟନ୍ତ ଗୁଣାତ୍ମକ, ପରିମାଣାତ୍ମକ ନୁହେଁ, ପରିଣାମାତ୍ମକ ଏବଂ ସର୍ବୋପରି ଖାଲି ଭାବନା ଗର୍ଭକ ନୁହେଁ ଅଧିକନ୍ତୁ ଅସୀମ ସମ୍ଭାବନାଗର୍ଭକ।

## ସହାୟକ ଗ୍ରନ୍ଥାବଳୀ :


୧. ଦାସ, ଜ୍ଞାନେନ୍ଦ୍ର ନାଥ, ଓଡ଼ିଆ ସମାଲୋଚନା ସାହିତ୍ୟର ଇତିହାସ, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୨୨।

୨. ଦାସ, ରବୀନ୍ଦ୍ର କୁମାର, ପ୍ରାୟୋଗିକ ଉତ୍ତର ସଂରଚନାବାଦ ବନାମ୍ ଓଡ଼ିଆ ସାହିତ୍ୟ, ଡବ୍‌ଲିନ: ବ୍ଲାକ୍ ଇଗଲ୍ ବୁକ୍ସ, ୨୦୨୧।

୩. ଜେନା, ଶିରୀଶ ଚନ୍ଦ୍ର, ଚେତନାର ଚିତ୍ରଲିପି, ବାଲେଶ୍ୱର: ଫକୀର ମୋହନ ସାହିତ୍ୟ ପରିଷଦ, ୨୦୨୪।

୪. ଜେନା, ଶିରୀଶ ଚନ୍ଦ୍ର, ଛାଇ ସହ ଖେଳ, ବାଲେଶ୍ୱର: ଅକ୍ଷାଂଶ ପ୍ରକାଶନୀ, ୨୦୨୪।
୫. ନାୟକ, ମଧୁଛନ୍ଦା, ସମୀକ୍ଷା ସ୍ମାରକୀ, ବାଲେଶ୍ୱର: ହାଇଫେନ୍, ୨୦୧୫।
୬. ନାୟକ, ସନ୍ତୋଷ କୁମାର, ସମୀକ୍ଷା ସନ୍ଦର୍ଶନ, ବାଲେଶ୍ୱର: ହାଇଫେନ୍, ୨୦୧୫।
୭. ନାୟକ, ସନ୍ତୋଷ କୁମାର, ଚେତନାର ଚିତ୍ରଲିପି, ବାଲେଶ୍ୱର: ହାଇଫେନ୍, ୨୦୨୨।
୮. ନାୟକ, ସନ୍ତୋଷ କୁମାର, ଗୋପପୁର ଓ ଅନ୍ୟାନ୍ୟ କବିତା, ବାଲେଶ୍ୱର: ହାଇଫେନ୍, ୨୦୨୨।
୯. ପଟ୍ଟନାୟକ, ସତ୍ୟ, ଝର୍କା ଖୋଲାଥାଉ, ଡବ୍‌ଲିନ୍: ବ୍ଲାକ୍ ଇଗଲ୍ ବୁକ୍ସ, ୨୦୨୪।
୧୦. ଦାସ, ଦାଶରଥି, ପ୍ରସଙ୍ଗ ପୁରୁଣା ଭାବନା ନୂଆ, କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୫।
୧୧. ଶତପଥୀ, ନଟବର, ଭାଷା ବିମର୍ଶ, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୨୪।
୧୨. ବଳ, କୃଷ୍ଣଚରଣ, ଅନ୍ୟଦିଗନ୍ତ, କଟକ, କାହାଣୀ, ୨୦୧୦।
୧୩. ମିଶ୍ର, ପଞ୍ଚାନନ, ସାହିତ୍ୟ ସମାଲୋଚନା: ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ (୧ମ ଭାଗ), କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୪।
୧୪. ମିଶ୍ର, ପଞ୍ଚାନନ, ସାହିତ୍ୟ ସମାଲୋଚନା: ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ (୨ୟ ଭାଗ), କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୬।
୧୫. ମିଶ୍ର, ପଞ୍ଚାନନ, ଫକୀର ମୋହନଙ୍କ ଛ'ମାଣ ଆଠଗୁଣ୍ଠ ଭିନ୍ନଦୃଷ୍ଟି ଭିନ୍ନ ବ୍ୟାଖ୍ୟା, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୯।
୧୬. ଗାଁଣ, ଅନାଦି ଚରଣ, ଊନବିଂଶ ଶତକ ଓଡ଼ିଆ ଗଦ୍ୟ ସାହିତ୍ୟର ଭାଷା, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୬।
୧୭. ମହାନ୍ତି, ସ୍ମିତା, ଅନ୍ଧାରରେ ଆଲୋକିତ ଶ୍ରୀରାଧା, କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୩।
୧୮. ଦାସ, ରବୀନ୍ଦ୍ର କୁମାର, ପ୍ରାୟୋଗିକ ଶୈଳୀ ବିଜ୍ଞାନ, କଟକ: ଚିନ୍ମୟ ପ୍ରକାଶନ, ୨୦୧୨।
୧୯. ଦାସ, ରବୀନ୍ଦ୍ର କୁମାର, ଶୈଳୀ ବିଜ୍ଞାନର ଆଲୋକରେ ଫକୀର ମୋହନଙ୍କ ଉପନ୍ୟାସ, ବାଲେଶ୍ୱର: ମୀରାମ୍ବିକା ପ୍ରକାଶନୀ, ୨୦୦୮।
୨୦. ତ୍ରିପାଠୀ, ସନ୍ତୋଷ, କଥାକଳ୍ପ, ଭୁବନେଶ୍ୱର: ପକ୍ଷୀଘର, ୨୦୨୧।
୨୧. ତ୍ରିପାଠୀ, ସନ୍ତୋଷ, ତୁଲ୍ୟକଳ୍ପ, ଭୁବନେଶ୍ୱର: ତୃପ୍ତି, ୨୦୧୪।
୨୨. ତ୍ରିପାଠୀ, ସନ୍ତୋଷ, ଭାଷାବନ୍ଧ, କଟକ: ସୋନମ୍ ପ୍ରକାଶନ, ୨୦୨୧।
୨୩. ମିଶ୍ର, ସୁଷମା, ଗଦ୍ୟ କବିତାର ଅନ୍ତର୍ଛନ୍ଦ (ସତୁରୀରୁ ସଂପ୍ରତି), କଟକ: ଗ୍ରନ୍ଥମନ୍ଦିର, ୨୦୦୯।
୨୪. ଜେନା, ଗୌତମ, ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ସ୍ୱରୂପ, କଟକ: ସତ୍ୟନାରାୟଣ ବୁକ୍‌ଷ୍ଟୋର, ୨୦୨୨।
୨୫. ଦାଶ, ଗଗନେନ୍ଦ୍ର ନାଥ, ସରସ୍ୱତୀ ଫକୀର ମୋହନ: ସାହିତ୍ୟ ଓ ବ୍ୟକ୍ତିତ୍ୱ, କଟକ: ଗ୍ରନ୍ଥମନ୍ଦିର, ୨୦୧୬।
୨୬. ପଟ୍ଟନାୟକ, କଇଳାଶ, କଥା ସହ କଥାବାର୍ତ୍ତା, କଟକ: ବିଦ୍ୟାପୁରୀ, ୨୦୨୨।
୨୭. ମିଶ୍ର, ହରପ୍ରସାଦ, ଓଡ଼ିଆ ଭାଷା ତାତ୍ତ୍ୱିକ ପ୍ରବନ୍ଧ ଓ ଆଲୋଚନା, କଟକ: ଅଗ୍ରଦୂତ, ୨୦୧୧।
୨୮. ନାୟକ, ସନ୍ତୋଷ କୁମାର, ଇକ୍ଷା-ବୀକ୍ଷା-ସମୀକ୍ଷା, ବାଲେଶ୍ୱର: ହାଇଫେନ୍, ୨୦୧୨।
୨୯. Nayak, S. K., Aspects of Criticism, Balasore: Hyphen, 2016.
୩୦. Nayak, S. K., Dispersed Meditation, Balasore: Hyphen, 2023.
୩୧. ନାୟକ, ସନ୍ତୋଷ କୁମାର, ସୂର୍ଯ୍ୟ ଉଇଁଲେ ରାତି, ଡବଲିନ୍: ବ୍ଲାକ୍ ଇଗଲ୍ ବୁକ୍ସ, ୨୦୨୪।
୩୨. Miller, Jonathan, The Body in Question. Jonathan Cape Ltd., 1978.
୩୩. Anker & Felski, “Introduction”. In Anker & Felski (ed.) Critique and Postcritique Durtiam: Duke University Press, 2017.
୩୪. Shilling, C., The body and social theory, London: Sage, 1993.
୩୫. Brown, H., Body of truth, New York: Pereus Books, 2015.
୩୬. Bacan, L., Health at every size, Dallas: Benbella Books, 2010.
୩୭. Grosz, E., Volatile bodies: Towards a Corporeal feminism, Bloomington: Indiana University Press, 1994.
୩୮. Cooper, C., Fat activism: A radical social movement, Bristol: HammerOn Press, 2016.


❖ ❖ ❖

DOI : https://doi.org/10.5281/zenodo.15673837

ମୂଳ ପ୍ରବନ୍ଧ

# ମାଟିର ମୂଳ ଲୁହର ନିର୍ମାଲ୍ୟ : ଧାନଫୁଲ କାନଫୁଲ

**ମାନସ କୁମାର ଦାସ**

**ସଂକ୍ଷିପ୍ତସାର :**

ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇଦଶନ୍ଧି ମଧ୍ୟରେ ଆଧୁନିକ ଓଡ଼ିଆ କବିତା ଭାବ ଓ ଭଙ୍ଗୀ ଦୃଷ୍ଟିରୁ ପାଠକକୁ ନୂଆ ସ୍ୱାଦ ପରଷିଛି। ବୋଧଗମ୍ୟତା, ରୁଚି ଅନୁକୂଳ ପ୍ରସଙ୍ଗ, ତତ୍ତ୍ୱ ଓ ତଥ୍ୟର ଗଭୀରତା ଭିତରେ ବ୍ୟଷ୍ଟି ଜୀବନକୁ ଘେରି ରହିଥିବା। ପରିବେଶ ଓ ପର୍ଯ୍ୟାବରଣ କଥାଟି ମୁଖ୍ୟ ଲକ୍ଷ୍ୟ କରିହୁଏ। ଗାଁ, ଗାନ୍ଧୀ, ଦ୍ରୁତ ଶିଳ୍ପାୟନ, ବିସ୍ଥାପନ, ଦଳିତ ବିଚାର, ଜଙ୍ଗଲ, ଜମି, ପାଣି, ନଦୀ, ପବନ, ସ୍ଥାନୀୟତା ସହ ସମ୍ପ୍ରତି ବଦଳୁଥିବା ସାମାଜିକ ଜୀବନଚିତ୍ର ଆଜିର କବିତାରେ ଅଧିକ ଦେଖିବାକୁ ମିଳୁଛି। କବି ଦିଲୀପ ସ୍ୱାଇଁ ବର୍ତ୍ତମାନ ସମୟର ଜଣେ ଶକ୍ତିଶାଳୀ ସମାଲୋଚକ ଓ କବି। 'ଧାନଫୁଲ କାନଫୁଲ' (୨୦୧୫) କବିଙ୍କ ତୃତୀୟ କବିତାଗ୍ରନ୍ଥ। ଭାବପକ୍ଷ ଓ କଳାପକ୍ଷ ଦୃଷ୍ଟିରୁ ଏହି ପ୍ରବନ୍ଧରେ ତା'ର ବିଚାର କରାଯାଇଛି। ଓଡ଼ିଶାର କୃଷି ସଭ୍ୟତା ସହ ଯୋଡ଼ି ହୋଇ ରହିଥିବା ଚାଷ ଓ ଚାଷୀର ଜୀବନ ସଂସ୍କୃତି, ଅଭାବୀ ଜୀବନ ଚିତ୍ର ସହ କ୍ଷେତ ସମ୍ବନ୍ଧୀୟ ପୁରାତନ ପରମ୍ପରାର ଚିହ୍ନକୁ ପର୍ଯ୍ୟାବରଣ, ଜଗତୀକରଣ, ଅର୍ଥନୀତି, ଶାସନ, ଗଣତନ୍ତ୍ର, ସମାଜନୀତି, ହରିତଚିନ୍ତନ ଇତ୍ୟାଦି ବହୁ ଆପେକ୍ଷିକ ପୃଷ୍ଠଭୂମି ଉପରେ ଆଲୋଚନା ହୋଇଛି। ସମୀକ୍ଷାର ମାପକାଠିରେ 'ଧାନଫୁଲ କାନଫୁଲ' କବିତା ପୁସ୍ତକକୁ ଆଧୁନିକ ଓଡ଼ିଆ କବିତା ରଚନା କ୍ଷେତ୍ରରେ ଆଞ୍ଚଳିକତା ଓ ଭୌଗୋଳିକତା ଦୃଷ୍ଟିରୁ ପରିଚୟାତ୍ମକ ଆଲୋଚନା ହୋଇଛି।

**ପ୍ରମୁଖ ଶବ୍ଦାବଳୀ :**

ବର୍ଷ ୨୦୦୦, ମାଟି, ମଣିଷ, ଲୁହ, ଗାଁ, ପରମ୍ପରା, ସଂସ୍କୃତି, ସଭ୍ୟତା, ପାଣି, ନଈ, ଗଛ, ଧାନ, କ୍ଷେତ, ଚାଷ, ଚଷାଘର, କାନଫୁଲ, ସ୍ତ୍ରୀଲୋକ, ଜଙ୍ଗଲ, ଜହ୍ନ, ସାତଭାୟା, ବାଲେଶ୍ୱର। ପର୍ଯ୍ୟାବରଣ, ପ୍ରକୃତି, ଜୀବନ, ଭୌଗୋଳିକ, ଦାର୍ଶନିକତା।

ସରଳ କବିତା ଭିତରେ ଜଟିଳ ଦର୍ଶନଟିଏ ଥାଏ। ଏକାଧିକେ ସଚେତନ ପାଠକ-ଆଲୋଚକ ନିଶ୍ଚୟ ଏକଥାକୁ ଗ୍ରହଣ କରନ୍ତି। ଭଲ କବିତା ଭିତରେ ସେହି ଦର୍ଶନ ହେଉଛି ଆତ୍ମଦର୍ଶନ। ଆତ୍ମ ପରିଚିତି ବୋଧର ଘନତ୍ୱ ଭିତରୁ ଭଲ କବିତାର ନିୟତି ନିର୍ମାଣ ହୁଏ। ବିନା ଛଦ୍ମତାରେ ପ୍ରତିବେଶୀକୁ ଭଲ ପାଇବା ଓ ଲେଖିବା ଭଲ କବି ଓ କବିତାର କୌଳିନ୍ୟ। ମାଟି-ମଣିଷ-ମହାକାଳ ଶିଳ୍ପୀପାଇଁ ପ୍ରାଣ ଉଚ୍ଛୁଳା ପ୍ରେରଣା। ନିୟତକାଳ ଜଣେ ସ୍ରଷ୍ଟାର ଚେତନାସହ ଏଗୁଡ଼ିକ ରହିବେ। କାରଣ ମୌଳକତ୍ତ୍ୱଗୁଡ଼ିକ ଭାରି ନିଦା କଥା। ଏ ଭିତରେ କବିଟିଏ ସ୍ୱୀୟ ଠିକଣା ହଜାଇବା ଧାର୍ଯ୍ୟ। ବୁଝି ନ ବୁଝାଇପାରିବାରେ ଦହଗଞ୍ଜ ହେବା, ଲେଖି ନ ଲେଖିପାରିବାର ଶବ୍ଦାଘାତରେ କ୍ଷତାକ୍ତ ହେବା ଶିଳ୍ପୀପାଇଁ ଶ୍ଳାଘ୍ୟ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15673837

Article No - BPP00297

ବର୍ଷ ୨୦୦୦ ପରଠୁ ଦୁଇଦଶକ ମଧ୍ୟରେ ଆଧୁନିକ ଓଡ଼ିଆ କବିତା କାଳ ସଚେତନତା ଓ ପାଠକ ସଚେତନତା ଦୁଇଟି କଥା ଶିକ୍ଷା ଦେଉଛି। ପରମ୍ପରା, ପ୍ରତିବେଶୀ, ପରିବେଶକୁ ନେଇ କବିତା ଖୁବ୍ ପ୍ରତିଶ୍ରୁତି ମନସ୍କ। ଆନୁପାତିକାର ଭାରସାମ୍ୟ ତୋଳିରଖିବା ଭଲ

**ଯୋଗାଯୋଗ :**
**ଡକ୍ଟର ମାନସ କୁମାର ଦାସ,** ଅଧ୍ୟାପକ
ଆଳି ମହାବିଦ୍ୟାଳୟ, ଆଳି, କେନ୍ଦ୍ରାପଡ଼ା
**Email:** manasoriya.das@gmail.com
**ORCID ID:** https://orcid.org/0009-0007-7209-7074

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୨.୨୦୨୫ | ୧୦.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ମାନସ କୁମାର; ୨୦୨୫। ମାଟିର ମୂଳ ଲୁହର ନିର୍ମାଲ୍ୟ : ଧାନଫୁଲ କାନଫୁଲ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ, ପୃଷ୍ଠା :୫୧-୫୮।

କବିତାର ଗୁଣ। ଆମ ସମୟର କବି ଏ ଦିଗରେ ସଚେତନ। କବି ଦିଲୀପ ସ୍ୱାଇଁ ପାଠକ-ସମାଲୋଚକ, ସ୍ରଷ୍ଟା-ବିଚାରକ ଭାବେ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ସୁସ୍ଥ ଉଚ୍ଚାରଣ। କବିତାର ପୃଷ୍ଠଭୂମି ଓ ପରିଚର୍ଚ୍ଚାକୁ ବୁଝୁଥିବା ସ୍ୱଚ୍ଛ ମାନସିକତା। ସମୟ ବ୍ୟବଧାନରେ କବିଙ୍କ 'ପକ୍ଷୀ ପରକୀୟା' (୨୦୦୧), 'ଯୋଗୀଗୀତ' (୨୦୦୭) ଓ 'ଧାନଫୁଲ କାନଫୁଲ' (୨୦୧୫) ପ୍ରକାଶିତ।

ଶେଷୋକ୍ତ ଗ୍ରନ୍ଥ ଧାନଫୁଲ କାନଫୁଲ ପ୍ରଚ୍ଛଦ ପୃଷ୍ଠାରେ ଧାନବେଣୀର କାନଫୁଲ, କଳାକୁଶଳ କର ସ୍ପର୍ଶରେ ଲୋକମାତାଙ୍କ ପାଦଚିହ୍ନର ଝୋଟିଚିତା। ପୂର୍ଣ୍ଣତା ଅଭିଳାସରେ ଅନ୍ନଦାଙ୍କ କୃପାକୁ ଘଟ-ବ୍ରହ୍ମାଣ୍ଡର ପ୍ରତୀକ୍ଷା। ଏହା ଚିହ୍ନାଏ କ୍ଷେତ ହସୁଥିଲେ ପ୍ରାଣ ଅକ୍ଷତ। କ୍ଷେତ ଶୁଖିଗଲେ ଆତ୍ମାରେ କ୍ଷତ। କ୍ଷେତ ଆଉ କ୍ଷତ ଦୁଇଟି ମାଟି ଓ ମଣିଷ ପାଇଁ ଜୀବନ୍ତ ଦର୍ଶନ। ଜଣେ ସ୍ରଷ୍ଟାର ଅନୁଭୂତି ଏକାନ୍ତ ବ୍ୟକ୍ତିଗତ ନ ହେଲେ ଧାନଫୁଲକୁ ନେଇ କାନଫୁଲର ଠିକଣା ଖୋଜିବା ପୁଣି କାନଫୁଲ ଭିତରେ ଧାନଫୁଲର ବୁନିଆଦିକୁ ଲେଖିଲାବେଳେ ସମୁଦାୟ ଏକଚାଳିଶ ଗୋଟି କବିତା ଭିତରେ ଏକତିରିଶି ଥର ଲୁହ ଶବ୍ଦର ବନ୍ଦନା କରିବା କି ବିଚିତ୍ର କବି କଳ୍ପନା!!! ମାଟିର ମୂଳ କବିଟିଏ ଦେଇପାରେ କିଞ୍ଚିତ୍। ଶ୍ରମ-ସ୍ୱେଦ ବିନା ଅନ୍ୟଥା ଖୋଜିବା ବ୍ୟର୍ଥ। ମାଟି ପାଇଁ ସ୍ରଷ୍ଟା ଲୁହକୁ ବ୍ୟଥା ନୁହେଁ ନିର୍ମାଲ୍ୟ କରିଦେବା, କାରୁଣ୍ୟ ମଧ୍ୟସ୍ଥଳ (Middle Class)ର ଭୋକ ଭାଗ୍ୟକୁ (ଆଧୁନିକ ଓଡ଼ିଆ କବିତାର କାଳ ନିର୍ଣ୍ଣୟରେ) ଚାଷ ଓ ଚାଷୀର ବୁନିଆଦି ତଉଲିବା ସଶକ୍ତ ଲେଖନୀର ନିୟତି। କବି ଦିଲୀପ ସ୍ୱାଇଁ କ୍ଷେତ ଓ କ୍ଷତକୁ ବୁଝି ଲେଖୁଥିବାର କବି। ପଲ୍ଲୀ ପ୍ରାଣ ଉଚ୍ଛ୍ୱଳାର କବି।

ଧାନକଥାଟି ଆମ ପରମ୍ପରାର ମୂଳ ଭାବପିଣ୍ଡ। ସ୍ୱେଦ, ଶୋଣିତର ଆତ୍ମଗତ ସମ୍ବନ୍ଧ ଭିତରେ ସଂସ୍କୃତି ଓ ସଭ୍ୟତାର ହସ୍ତାକ୍ଷର ହେଉଛି ଧାନ। ତେଣୁ ପ୍ରଥମ କବିତା 'ଧାନଫୁଲ କାନଫୁଲ' ଅଭାବୀ ଚାଷୀ ଜୀବନର ନିଖୁଣଚିତ୍ର। ଧାନ ପାଇଁ ଧନ ହରାଉଥିବା ମଣିଷମାନଙ୍କର କଥା। ଲକ୍ଷ୍ମୀବିଲ ଧାନ ସହିତ ଲକ୍ଷ୍ମୀବତ ଭାଉଜର ତୁଳନା ଏକାତ୍ମ। ତ୍ୟାଗ ଭିତରେ ଘରକୁ, ଅଭାବ ଭିତରେ ନିଜକୁ ସବୁମତେ ସମୟକୁ ବାଟେଇନେବାର ଅକୁଣ୍ଠ ଅର୍ପଣକୁ ଅଣଦେଖା କରିହୁଏ ନାହିଁ। ବୁଢ଼ାବାପା ବ୍ୟାଧିରେ ପଡ଼ିବା, ବାପାଙ୍କ କାଶରେ ହାବୁକା ହାବୁକା ରକ୍ତ, ନଣନ୍ଦ ବେଭାର ନେଇ ଶାଶୁଘରକୁ ଯିବା ଜଣେ ଗୃହକର୍ତ୍ତ୍ରୀର ସେବା ଉତ୍ସର୍ଗୀକୃତ ମନୋବଳ ପାଖରେ ଭାଇଙ୍କ ଶ୍ରମ ଓ ସରଳପଣ ସ୍ୱଚ୍ଛତା ଦିଶୁଥାଏ। ମାଟିଭଳି କଲ୍ୟାଣୀରୂପା ପାଲଟିବା ପଛରେ ସ୍ରଷ୍ଟା ସଂସ୍କୃତି ଭିତରେ ସନ୍ଧି। ସର୍ଜ୍ଜନା ଓ ସହଭାଗିତା ଭଲ ସମୟ ପାଇଁ ଭଲ କବିତା ନିର୍ମାଣ କରେ। ଦକ୍ଷତା ଚେତନାଗତ ବିଚାରର, ଭାବପ୍ରବଣତା ଅନୁଭୂତିସିଦ୍ଧ ହୃଦୟର। ସମୟ ଦେହରେ ତେଣୁ ସଚେତନତାର ଗାର ଟାଣିଦିଏ କବି। ଏ ସ୍ୱୀକୃତି ବିଧିଗତ ବିଧାତା ବିଚାରର। କବିତାର ବ୍ୟଞ୍ଜନା ଭିତରେ ପ୍ରକୃତ ନାନ୍ଦନିକତା ସ୍ପଷ୍ଟ।

*ଭାଉଜ ହାତରୁ କାଢ଼ିଦେବାରୁ ବାଲା ଦି' ପଟ*
*ମୁକୁଳିଥିଲା ଧାନକ୍ଷେତ। (ପୃ-୯)*

ବୁନ୍ଦା ବୁନ୍ଦା ଝାଳ ପିଇ ଯେବେ ବତୁରିଉଠେ ମାଟି ପ୍ରଜନନ କ୍ଷମତାକୁ ରୋକିବାର କାହାର ବା ସାଧ ଅଛି। ତ୍ୟାଗ ଆଉ ଶ୍ରମଭିତରେ ଯେଉଁ ଅନୁରାଗ ଟିକକ ଜନ୍ମନିଏ; ଦାମ୍ପତ୍ୟର ରସଘନତା 'ଲୁହଟୋପା ହୋଇ ଝରିପଡ଼େ ଭାଇଙ୍କ ଛାତିରେ'। ଶୀର୍ଷକୁ ଛୁଇଁଲେ ଶ୍ରମ ଆଉ ପ୍ରେମ। 'ସକାଳୁ ଚାଳରେ ଆସି ବସିଲା ହଳଦୀବସନ୍ତ'। ସମ୍ଭାବନା ସଫଳତାର ପ୍ରତୀତି। ଏକା ସମୟରେ ଦୁଇଟି ଘଟଣା ଘଟେ। ଧାନସିଁସା କ୍ଷୀର ଢୋକିଲାବେଳେ 'କ୍ଷୀର ସମୁଦ୍ର ବନ୍ଦୀ ହୁଏ ଭାଉଜଙ୍କ ଛାତିରେ'। ଧାଡ଼ିଟି ମୁହୂର୍ତ୍ତେ ପାଠକକୁ ଅନ୍ୟମନସ୍କ କରେ। ମାଟି ଓ ମା' ହେବାର ସମ୍ଭାବ୍ୟ ସ୍ପନ୍ଦନ ନିକଟରେ କବିତା ଚେତନାରେ ଛୁଇଁଯାଏ। କାନସଜ ଓ ଧାନକେଣ୍ଡା ଭିତରେ ତୁଳନା ଭବିଷ୍ୟତରେ ଦାମ୍ପତ୍ୟ ପ୍ରେମର ସ୍ୱଚ୍ଛ-ବ୍ୟଞ୍ଜନା। କ୍ଷେତ ପାଇଁ ସଜ ଧାନଫୁଲ, ଭାଉଜ ପାଇଁ ସଜ କାନଫୁଲ। ତାର୍କିକତା ଶକ୍ତିଶାଳୀ। ଧାନ ପତରରେ କାକରବୁନ୍ଦା ଦେଖୁ ଦେଖୁ ଦିଶୁଥାଏ ଭାଉଜଙ୍କ ପ୍ରତିବିମ୍ବ କାରଣ କ୍ଷେତକୁ ଧାନଫୁଲର କାନଫୁଲ ପିନ୍ଧାଇବା, ବାଲା ବଦଳରେ ପାଣିକାଚ ପିନ୍ଧିବା ଜଣେ ନାରୀ ପାଇଁ ଚଷାପୁଅର ପ୍ରେମର ପ୍ରତିଦାନ।

କବିତା ଧାନକଥା, ଧାନଚଲା ରାସ୍ତା, ହଳିଆଗୀତ, ଚଷାଘରର ଦୃଶ୍ୟ, ହାତୀ ଖାଇଗଲା ପାଚିଲାଧାନ, ମରିଯାଇଥିବା ଚାଷୀ ପାଇଁ, ଉଜୁଡ଼ା କ୍ଷେତ ଇତ୍ୟାଦି ଆମ ଭାବନା ଓ ଚେତନା ସହ ଯୋଡ଼ି ହୋଇରହିଥିବା ଚିରୁଡ଼ାଏ ବାସ୍ତବତା ଓ ପ୍ରତିକ୍ରିୟା। ପ୍ରକୃତି ସହ ପର୍ଯ୍ୟାବରଣର ଅସମାନ ଉପସ୍ଥିତି ହିଁ ଧାନଚାଷୀର ଅମଳ ଅର୍ଜିତ ସ୍ୱପ୍ନକୁ ଉଜୁଡ଼ାଏ। ଆଖି ପାଉ ନ ଥିବା ଧାନପାଟ ଆଉ ପର୍ବତ ସମାନ ଧାନଗଦା। ବଞ୍ଚିବା ପାଇଁ ଭରସାର ଦୀର୍ଘତା ଓ ବିଶ୍ୱାସର ଉଚ୍ଚତା। ଧାନତଳି ପୋତା ହେଲେ ପୋତିଦିଏ ନିଜକୁ ଚାଷୀ। ବଞ୍ଚିବାର ଆହାରାହା ଧାନକୁ କେନ୍ଦ୍ରକରି। ଅକାଳ କାଳ ପାଣି କହିଲେ କ୍ଷେତ ପାଇଁ ଚାଷୀ ଆଖିର ଲୁହ, ଅମଳ କାଳ ବର୍ଷା କହିଲେ ଓଦା ହୁଏ ଚାଷୀର ମୁହଁ –

*"ପହଁରା ଶିଖି ନ ଥିବା ବାଜୁଅ ଝିଅ ପରି*
*ବୁଡ଼ି ମରିଲା ଧାନବିଲ।" (ପୃ-୧୩)*

କଥାଟା ଭାରି ନିଦା ଓ ପ୍ରାସଙ୍ଗିକ; ଧାନଚଲା ରାସ୍ତା ହେଉଛି ଶିଳ୍ପୀ ଜୀବନର ସ୍ମୃତିର ରାସ୍ତା। 'ମାଟିରେ ମିଶିଲେ ଲୁହ ଲୁହମୟ

ହୋଇଯାଏ କବି’। ଆତ୍ମଗତ ସମ୍ବନ୍ଧଟି ଏକାନ୍ତ ବ୍ୟକ୍ତିଗତ। ଧାନର ସଂସ୍କୃତି ଏଠି କବିତା ଓ କବି ଆତ୍ମବିଳାସର ସଂସ୍କୃତି ସହ ଏକାଠି। ପଲ୍ଲୀର ସବୁଜିମା ପ୍ରାଣକୁ ନମନୀୟ କରିଛି। ସେଇଠି ବାଲ୍ୟ, କିଶୋର କାଳର ସରଳତା, ଚପଳତା ଜୀବନ୍ତ ଛଳଛଳ। ଯେଉଁଠି ଖୋଜିଲେ ମିଳିବ ପିଲାଦିନର ଦୁକୁଦୁକି। ଚେତନାର ଦୁଇଧାରେ ଦୁଇଟି କଥା। ସ୍ମୃତି ମୋହ ଓ ବାର୍ତ୍ତମାନିକତା। ଅତୀତରେ ହଜିଥିବା ଜୀବନର ଛନ୍ଦ ଓ ସମ୍ପ୍ରତି ଦେଖୁଥିବା ସ୍ପନ୍ଦନହୀନ ବାସ୍ତବତା। ଚାଷୀର ଆତ୍ମହତ୍ୟା। ମାଟି ମଣିଷକୁ ଶ୍ରୀ ଯୋଗାଉଥିବା ସ୍ୱଚ୍ଛ ସରଳ ଭାବପ୍ରବଣତାର ଜୀବନ ହତ୍ୟା। ଏବେ ଯଦି ଝରିଯାଏ ଆକାଶରୁ ଅଜସ୍ର ବର୍ଷାବୁନ୍ଦା ତଥାପି ନିଅଣ୍ଟ ଘଟେ ଚାଷୀ ଆଖିର ଲୁହବୁନ୍ଦା। ଭାବ ଆନୁପାତିକତାର ମୂଳଚାଲ କବିତା ‘ହଳିଆ ଗୀତ’। ପାରମ୍ପରିକ ଲୋକଗୀତର ଶୀର୍ଷକ ଭିତରେ ଧାନଫୁଲ ପାଇଁ ନଇ ପଡ଼ିଥିବା ମଣିଷ ଓ ତା’ର ଛାତିହାଡ଼ରେ ରୁଗୁରୁଗୁ ହେଉଥିବା ଦୁଃଖ ହିଁ ଚାଷୀ ହଳିଆର ଗୀତ।

*ଧାନ ଗୋଟେ ପୋତି ଦେଉଛି*
*ତୁ ପାଳଟି ଯା ଲକ୍ଷ୍ମୀ ଠାକୁରାଣୀ। (ପୃ-୧୭)*

ବିଶ୍ୱାସ ଓ ଭରସାର ଏତେ ବଡ଼ ରୂପାନ୍ତର ଅନ୍ୟଥା କାହିଁ! ପ୍ରଗତିଶୀଳ ଦ୍ରୁତ ଶିଳ୍ପାୟନ, ନବ୍ୟ ଉପନିବେଶବାଦର ପ୍ରତିଫଳ ଖଣି ଖାଦାନରେ ନଇଁପଡ଼େ ସବୁଜ ବନସ୍ପତି। ମାତ୍ରାଧିକ ରସାୟନ ପ୍ରୟୋଗ ମାଟିକୁ କରୁଛି ବନ୍ଧ୍ୟା। ମାଟି ଦେହରେ ପାଣିର ପ୍ରଣୟ ସ୍ପର୍ଶ ନାହିଁ ଅଛି ଉଷ୍ମ ପାଉଁଶର ପ୍ରଲେପ। ହତାସ ହୁଏ ଚାଷୀ। ଧାନ, ମୀନ, ପାନ ହରିତ ପ୍ରସଙ୍ଗ ସହ ପାଣି ଏ କବିତାରେ ମୂଳ ପରିଚୟ। ଯେଉଁ କ୍ଷେତକୁ ନେଇ ପିଢ଼ି ପିଢ଼ି ପ୍ରତିପୋଷଣ ତା’କୁ ଏମିତି କ’ଣ ବିକିହୁଏ ତମାମ ଜୀବନ। ଆଗାମୀ ପିଢ଼ି ପାଇଁ ସଚେତନତାର ଗାରଟିଏ ଟାଣିଦିଏ କବି ନିୟତ କାଳକୁ – ‘ଧାନଟିଏ ପୋତିଦେଇ ଯାଉଛି / ଭାତ ମୁଠାଏ ଦେ’। ମାଟି ନିକଟରେ ମଣିଷର ଏହା ହେଉଛି ସାର୍ବଭୌମିକ ଦାବି। ଉଦରକୁ ଊଣା ହେଲେ କାହିଁ ଜୀବନ ବଞ୍ଚିବାର କୈବଲ୍ୟ ? ଫଟାମାଟିର ଭୂଗୋଳ ‘ହଳିଆଗୀତ’ର ପରିମଣ୍ଡଳ। ଚାଷର ଇତିହାସ ଭିତରେ ଚାଷୀ ସଭ୍ୟତାର ଇତିହାସ ସ୍ପଷ୍ଟ। ତେଣୁ ‘ଚଷାଘରର ଦୃଶ୍ୟ’ରେ ଦେଖାଯାଉଛି ଅମାର, ଅଖା, ଅକ୍ଷୟ ତୃତୀୟ, ଅକ୍ଷିମୁଠି, ଲକ୍ଷ୍ମୀବିଲ, ହଳଲଙ୍ଗଳ, ଧାନରୁଆ, ଗଉଣି, ମାଣଓଷା ଏସବୁ ଚଷାଘର ଓ ହୃଦୟର ଚିରୁଡ଼ାଏ ଅଂଶ। ‘ଅକ୍ଷି ତୃତୀୟାଦିନ ବାପାଙ୍କ ଆଖି ଲୁହ ଛଳଛଳ’। ଭବିଷ୍ୟତକୁ ଅକ୍ଷୟ ରଖିବାରେ ସେ ଅସମର୍ଥ। ଅକ୍ଷୟ ବୀଜ ସଂସ୍ଥାପନ ପାଇଁ ଅକ୍ଷିମୁଠି ବିଲ ନାହିଁ। କେତେ ଆତ୍ମଗତ ସମ୍ବନ୍ଧରେ ସଜଳ କବିତାର ଅନ୍ତଃସ୍ଥଳ ! ସୁରକ୍ଷା ଓ ସମ୍ଭାବନାହୀନ ଭବିଷ୍ୟତ ପାଇଁ ଏତେ ବ୍ୟାକୁଳତା ଯଦି ଆକାଶରୁ ଖସି ପଡ଼ନ୍ତା ମୁଠାଏ ଧାନ –

*“ମୋତେ କାନ୍ଧରେ ବସାଇ କହନ୍ତ*
*ଧାନ ନେବ ଧାନ ଲକ୍ଷ୍ମୀବିଲ ଧାନ।” (ପୃ-୨୨)*

ଆସନ୍ତାକାଲିର ସ୍ୱପ୍ନ ଉଡ଼ିବୁଲେ ଉଜୁଡ଼େ କ୍ଷେତ। ହାତୀ ଖାଇଯାଏ ପାଚିଲା ଧାନ। କବିତାଟି ପ୍ରତୀକାତ୍ମକ। ବିଲର ବୁନିଆଦିକୁ ବୀମା କ’ଣ ଭରସା କରି ପାରେ। ନ’ଅଙ୍କ ଦୁର୍ଭିକ୍ଷରୁ ଆସିଥିବା ହାତୀର କଳା ମଚମଚ ଶୁଣ୍ଢ ଶୋଷଣର ଅସ୍ତ୍ର। ଆଭିଜାତ୍ୟ ଲୁଣ୍ଠନର ଜମିଦାରୀ ମନ ଲମ୍ବିଗଲେ ଚଷାଘରକୁ ବଦଳି ଯାଏ ବଞ୍ଚିବାର ଭୂଗୋଳ। ବନ୍ଧାପଡ଼େ ଜମି। ‘ସୁଧବାବଦକୁ ମାଗିବ ପୁଅର କଟାମୁଣ୍ଡ / ନାତି ଟୋକାର ନିର୍ମଳ କଲିଜା’। କବି ଦିଲୀପ ସ୍ୱାଇଁ ସମୟ ସହ ସାମ୍ପ୍ରତିକତାର ମୂଲ୍ୟାୟନରେ ସଫଳ ସ୍ରଷ୍ଟା। ବ୍ୟଞ୍ଜନାଗୁଡ଼ିକ ଶକ୍ତିଶାଳୀ। ପ୍ରଶାସନର ପଶାପାଲିରେ ଚାଷୀମୃତ୍ୟୁ ସାଧାରଣ ଘଟଣା। କବିତାର କାନଭାସରେ ନିହାତି ଅସାଧାରଣ। ଚାଷୀ ମୃତ୍ୟୁରେ ଦେଶର ସ୍ୱପ୍ନ ମରେ। ଜୟ କିଷାନ ମୁଖଧ୍ୱନି  ସବୁଜ ଛଳନାର ଆବରଣ ତଳେ ମିଶିଯାଉଥାଏ ସଭ୍ୟତାର କଙ୍କାଳ। ଉଜୁଡ଼ାକ୍ଷେତ ଗୋଟିଏ ଶକ୍ତିଶାଳୀ କବିତା। ତା’ ଭିତରେ ପାଠକ ମୁହୂର୍ତ୍ତେ ହଜେ ଓ ହେଜେ। ସବୁଜ ବିପ୍ଳବର ସ୍ୱପ୍ନ ଦେଖେ କବି। ମୁହଁ ଶୁଖାଇ ବସିଲେ ବିଲ ହଜିଯାଏ ବିଶ୍ୱାସର ମାଟିମୂଳ। ଆଉ ଶୁଭୁନାହିଁ ଚବଚବ ପାଣିରେ ଧାନରୁଆ ଧାଡ଼ିରେ ପାଣିକାଚ ଶବ୍ଦ, ହଳ ଲଙ୍ଗଳର ମାଟି ସହ ନରମ ସହବାସ। ଦିଶିଯାଉଛି ‘ମଲା ଚଢ଼େଇଙ୍କ ଥଣ୍ଟରେ ପାଚିଲା ଧାନର ଗୀତ’। କବିତା ଗୋଟିଏ ଜୀବନ୍ତ ପ୍ରତିମା ତା’ର ନମୁନା ଉପରୋକ୍ତ ପଂକ୍ତି। କ୍ଷେତରେ ମଞ୍ଜି ଉଜୁଡ଼ିଲେ ମାଟିସାରା ଭ୍ରୁଣଙ୍କ କଙ୍କାଳ।’ ଏମିତି ପାଖରେ ଆସି ଠିଆହୁଏ କବିତା। ଆକାଶରେ ମେଘଶୂନ୍ୟ। ବିଶ୍ୱାସ ଏତିକି ‘ମାଟି ଅଛି ତ / ଫୁଟିବ ଫୁଲ’।

ଦୁଇଧାରେ ଦୁଇଟି ସୃଜନ। ମାଟି ପାଇଁ ଧାନ, କବି ପାଇଁ କବିତା। ଉଭୟେ ନିଜ ପଣରେ ଅଙ୍ଗୀକାର। ଅର୍ଥ ଖୋଜା ବିଶ୍ୱାସର ଭିତିରେ। ‘ପାପୁଲିଏ ପାଣିରେ ଧାନଫୁଲ ସ୍ଥିତି। ଆଞ୍ଜୁଳାଏ ଆବେଗରେ ମାଟିରୁ ଆକାଶଯାଏ ପ୍ରଲମ୍ବିତ କବିତାର ଧାଡ଼ି। ବାପା ନାହାଁନ୍ତି ତ ନାହିଁ କ୍ଷେତର ସ୍ୱପ୍ନ। ବିଶ୍ୱାସ ବିହୀନ କାହିଁ ଶବ୍ଦର ଅଙ୍କୁରୋଦ୍‌ଗମ। ଧାନଗଦା ପରି ବାପା ବିରାଟ ଓ ଉଦାରପୂର୍ଣ୍ଣ। ଆଶ୍ୱାସନାର ପରିଚୟ ବାପା। ଧାନକୁଟେଇ ପୁଅର ପରିଚୟ ନେଇ ବଞ୍ଚୁଥିଲେ ବି ନିଘା ନାହିଁ। ଚଷା ଗୋଠର ଦୁଇଟି ଶକ୍ତିଶାଳୀ ଖୁଣ୍ଟ ଗୋଟିଏ ବାପା ଅନ୍ୟଟି ବୋଉ। ସ୍ମୃତି ନ ଥିଲେ କବିତାର ଖିଅ ଦୁର୍ବଳ। ଏଣୁ ଭୋକର ଭଉଁରୀ ଭିତରେ ପିଲାଦିନିଆ କଥା ନିଆରା। ଭାଇ ଭଉଣୀ ସାଥୀହୋଇ ବିତିଥିବା ଅତୀତ। ପାଚିଲା ଭଇଁଚିକୋଳି ପରି ପିଲାଦିନ ନରମ ଓ ଜୀବନ୍ତ। ରାକ୍ଷୀ ପାଇଁ ଦେଇପାରୁ ନ ଥିବା ସୁରକ୍ଷିତ ଭବିଷ୍ୟତ। ତେଣୁ ଏବେ କାବ୍ୟପୁରୁଷ ସ୍ୱୀକାର କରୁଛି – ପିଲାଦିନ ଭାଗବାଣ୍ଟ

'କୋଳିତକ ତୋର' ଆଉ ଏବେ କଣ୍ଟାତକ ମୋର। ଚଷାଘରର ସମଗ୍ର ଦୁଃଖ ପାଇଁ ସୁଖ ଛୁଏଁ ନାହିଁ ଏରୁଣ୍ଡିବନ୍ଧ –

*"ଠାକୁରଙ୍କ ଫଟୋତଳେ / ଲୁଚି ରହିଥାଏ ଦୁଃଖ*
*ଚାଉଳ ବଣାରେ ଭୋକ / ଛପର ହୋଇ ନ ଥିବା ଚାଳଘରେ /*
*ରସ କଂସାରେ ପଡୁଥିବା ବର୍ଷାପାଣି ପରି*
*ଆମରି ଭାଗ୍ୟ।" (ପୃ-୩୧)*

ସମ୍ପ୍ରତି ଓଡ଼ିଆ କବିତାରେ ମା' ମାଟି, ଘରଡିହ, ନଦୀ, ପାଣି, ଗଛ, ଗାଁ, ବିସ୍ଥାପନ ଏମିତି କେତୋଟି ପ୍ରସଙ୍ଗ ବିଶେଷ ପୃଷ୍ଠଭୂମି ପାଲଟିଛି। ମଣିଷକୁ ସର୍ବହରା କରୁଥିବା ବିସ୍ଥାପନ ଓ ବିପଣୀ ପାଇଁ ଚହଟ ଚିକ୍କଣ ବିଜ୍ଞାପନ ଚକ୍ରବ୍ୟୂହରେ ନଇଁ ପଡୁଛି ଭାଗ୍ୟ। ପାରମ୍ପରିକ ବ୍ୟବସ୍ଥା ଅଚଳ। ସଂସାର ଓ ସଦ୍‌ଭାବନା ଭିତରେ ପାଚେରୀ ଉଠୁଛି। ବାପା ବୁଝେ 'ମାଟି ନୁହେଁ ଇଏ ସାତପୁରୁଷର ବୋଝ'। ପୂର୍ବଜଙ୍କ ମାଟି ବୈକୁଣ୍ଠ। ପୁଅ ବୁଝେ ମାଟି ବଦଳରେ କଂକ୍ରିଟ ଆଭିଜାତ୍ୟ। ସମାଧାନ ଏଇଆ ଯେ – "ପ୍ଲାଷ୍ଟର ଖସୁଥିବା ପୁରୁଣା ଘରର କାନ୍ଥପରି ବାପର ଭାଗ୍ୟ।" ଅର୍ଥନୀତିର ଘୋଡ଼ାଦୌଡ଼ରେ ଅଲୋଡ଼ା ହେଉଛି ଚିହ୍ନାମୁହଁ; ଭିଟାମାଟିର ପରିଚିତ ଆକର୍ଷଣ। ବିସ୍ଥାପନ ଓ ବିଜ୍ଞାପନର ଚକ୍ରାନ୍ତରେ ହଜିଯାଉଛି ନଦୀଜଳ, ଜେଜଙ୍କ ସମାଧି ପରିଚିତ ଅତୀତ। ବରଗଛ ବିଶ୍ୱାସର ମଜବୁତ ଭିତ୍ତି ଓ ଚଉପାଶର ଶାନ୍ତ ଛାୟା। ମୂଳ ସବୁକୁ ଖୋଜି ପାଇବା। ହଜିଯାଉଥିବା ବ୍ୟବସ୍ଥା ନିକଟରେ ପାଠକର ଚିନ୍ତନକୁ ଉସୁକାଉଥାଏ ଭଲ କବିତା। "ଅଧା ଅନ୍ଧାରରେ ନଟକିଥିବା ଖାଲି ମାଠିଆପରି ଆମରି ଭାଗ୍ୟ"। ପାଣି ଯେଉଁଠି ସେଇଠି କୁରୁକ୍ଷେତ୍ର। ପାଣିବିନା କାହିଁ ନୀଳ ଆକାଶରେ ମେଘର ବସାଘର ! ପାଣିବିନା କି ନିର୍ମାଲ୍ୟରେ ଲେଖା ମୁକ୍ତିର କପାଳ। ବିଲକୁ ପୋଷେ, ନଈକୁ ପାଉଁଞ୍ଜେ। ଶବ୍ଦାର୍ଥ ବଡ଼ ବିଚିତ୍ର ଓ ଯୁକ୍ତିଯୁକ୍ତ। ଶତାବ୍ଦୀର ମହାସଙ୍କଟରେ ପାଣି ଆଞ୍ଜୁଳେକୁ ଲୁହ ଆଞ୍ଜୁଳାଏ। ମାଟି ନନ୍ଦର ବହଳ ଅନ୍ଧାର ଭେଦି ଶୋଷ ପହଞ୍ଚିପାରୁନି ପାଣି ନିକଟରେ। ନିଜ ନିର୍ଜନତାରେ ଲାଜେଇ ଯାଉଥିବା ନଦୀର ସଂଜ୍ଞା ବଦଳିଛି 'ନଈକୁ ନେଇ ଗୋଟିଏ କବିତାରେ'। ନଈର କଙ୍କାଳକାନ୍ଦେ ବାଲି ବିଛଣାରେ। ଯୁବତୀ ବିଧବା ପରି ତା'ର ଭାଗ୍ୟ –

*"କମ୍ପାନୀ କାରଖାନାର ମିଳିତ ଧର୍ଷଣରେ*
*ନଈସାରା ବୁନ୍ଦା ବୁନ୍ଦା ରକ୍ତ।" (ପୃ-୪୨)*

କବି ଦିଲୀପ ସ୍ୱାଇଁ 'ନଦୀ' ରୂପକ ଭିତରେ ଜୀବନ ଓ ଦର୍ଶନ ଦୁଇଟିକୁ ସମାନ୍ତରାଳ ମାନ୍ୟ ରଖିଛନ୍ତି। ଯେତେ ପୁଣ୍ୟର କପାଳ ପାଣିବିନା କାହିଁ ଆହାରାହା। ଯାତ୍ରୀ-ଯାତ୍ରା-ତୀର୍ଥ, ଗଙ୍ଗା, ଯମୁନା, ସରସ୍ୱତୀ, ଚିଲିକା, ମାନସରୋବର ଅଥବା ମୋକ୍ଷର ପ୍ରୟାଗପୀଠ ନଦୀ ନାମ ମାତ୍ର ନୁହେଁ; ବରଂ ଆମ ଚେତନାକୁ ପ୍ରବାହିତ କରି ନେଇଯିବାର ଗୋଟିଏ ପବିତ୍ର ପ୍ରତିଶ୍ରୁତି। ଏ ପ୍ରବାହ ସାମାନ୍ୟ-ଅସାମାନ୍ୟତା। କାଶତଣ୍ଡୀ ଫୁଲ, ସୋରିଷ ଫୁଲର କ୍ଷେତ, ନଈକୂଳ ପବନ, ଋତୁଚକ୍ରରେ ବଦଳୁଥିବା ନଦୀର ପ୍ରକୃତି ଓ ପରିଚୟ, ନଈ ପାଣିରେ ଜହ୍ନର ଠିକଣା ହଜିବା କଥାଟି ଏଇଆ ସୂଚନାଦିଏ ସମୟ ସହ ମଣିଷ ସଭ୍ୟତା ପାଇଁ ନଦୀ ଥିଲା କେବେ ସୁଖ ସଳିତା କିନ୍ତୁ ସମ୍ପ୍ରତି "ନଦୀ ଗୋଟେ ଦୁଃଖ କବିତା"। ଲେଖନୀଗତ ସମର୍ପଣ ଓ ଶ୍ରଦ୍ଧା ସ୍ରଷ୍ଟାର ଏକାନ୍ତ ଆତ୍ମୀୟ ନ ହେଲେ ନଦୀ କବିତାର ପ୍ରାଣ ପାଲଟିବା ସହ କବିତା ପାଇଁ ଦୁଃଖ-ଦର୍ଶନ ବାଢ଼ିବା କି ଶିଳ୍ପୀର ପାରିବାପଣ ! କବିତା ଲେଖିଛି ପାଣିର ଭବିଷ୍ୟତ। ପାଣି ବହୁଲେ ନୁହେଁ ପାଣି ବିହୂନେ ଯିବ ପ୍ରାଣ। ଅନୁଭୂତି ଗଭୀର ଓ ଆତ୍ମସ୍ଥ ହେଲେ ପାଠକ ପାଇଁ ଚିତ୍ରକଳ୍ପ ସେତିକି ବୋଧଗମ୍ୟ ଓ ବିଶ୍ୱସ୍ତ ମନେହୁଏ –

**ବିଧବାର ଧଳାଶାଢ଼ି ପରି**
**ଦିଶୁଛି କେରାଏ ଝରଣା।" (ପୃ-୩୯)**

ମୂଲ୍ୟବୋଧ ଓ ନୈତିକତାର ଅପଭ୍ରଂଶ ତଳୁ ଉପହାସ କରୁଥିବା ସ୍ୱପୁରୁଷାକାର ଆମ 'ଗାଁର ଚିତ୍ର'। ଅତ୍ୟାଧୁନିକତାର ବଜାର ବ୍ୟବସ୍ଥା ସହଜ ଓ ଶସ୍ତା କରିଛି ଜୀବନକୁ। ସ୍ପନ୍ଦନହୀନ, ଆବେଗହୀନ ବଞ୍ଚିବାର କୌଶଳଶିକ୍ଷା ଦେଉଛି। ଦୀନା ସୋଇଁ ହାତରୁ ଖସିଛି ଚାଷବାସ। ବଦଳୁଥିବା ସମାଜ ବ୍ୟବସ୍ଥା ଭିତରେ ବଢୁଛି ଜୀବନର ବ୍ୟଥା। କବିତା ଗଛ କଥା – ୧ ଓ ୨ ହରିତ ସାହିତ୍ୟ (Eco Literature) ନିର୍ମାଣରେ ନୂଆ ପରିଚୟ ଯୋଡ଼ିଛି। ବନସ୍ପତି ସଭ୍ୟତା ପାଇଁ ଶାନ୍ତଶୀତଳ ଛାତି। ଗଛକଟା ହେଲେ କଟିଯାଏ ମାଟିର ବୁନିଆଦି। ଗଛକୁ ସାଇତିବା ଅର୍ଥ ଆଗାମୀ ପିଢ଼ି ପାଇଁ ସୁସ୍ଥ ସ୍ଥାନଟିଏ ସଜାଡ଼ି ରଖିବା, ଗଛକଥା ସହ 'ଜେଜ' ରୂପକଟି ଯଥାର୍ଥ ମନେହୁଏ। ଗଛ ନ ଥିଲେ ଶୋଇପଡ଼େ ମାଟି ଅଫେରା ନିଦରେ। ମେଘ ଭୁଲେ ଆକାଶର ଠିକଣା। ଗଛ କେବେ ଇତିହାସ ନୁହେଁ, ଜୀବନ୍ତ ବାସ୍ତବ। ପୂର୍ବ ପିଢ଼ିରେ ସବୁଜ ଶାନ୍ତ ସମର୍ପିତ ରୂପ ରାଜପୁତ୍ର ବୁଦ୍ଧ ପାଲଟିବା କଥା, ବାର୍ତ୍ତମାନିକତାରେ ଗଛକୁ ସାକ୍ଷୀକରି ପ୍ରେମିକା ସହ ପ୍ରେମିକର ଚୁକ୍ତିବଦ୍ଧ ଜୀବନ ପଛରେ ଦହଗଞ୍ଜ କାରୁଣ୍ୟ। ଭବିଷ୍ୟତ ପିଢ଼ିରେ ଆଖି ଦିଶୁଥିବା ଜ୍ୱାଳାମୁଖୀ ଉଷ୍ମର ଭୂମିକୁ ନେଇ ଗଛର ଇତିହାସ ହେବ କାଳ କାଳକୁ ଲେଖା। ଗଛକାଟି କଂକ୍ରିଟ ସଭ୍ୟତା ଗଢ଼ା ହେବା ଏକ ଛଳନା। ଦର୍ଶନଟି ହୃଦୟସ୍ପର୍ଶୀ "ଗଛ କାଟିବା ସହଜ / ଗଛପରି ହେବା ବଡ଼ କଷ୍ଟ।" (ପୃ-୪୬)

ବାମା ବିମର୍ଶ ଭିତ୍ତିକ କବିତାଗୁଡ଼ିକ ରୁଚିବୋଧକ। ତଥାକଥିତ ବାମା ଚିନ୍ତନର କ୍ରମିକତା ଭିତରେ ସ୍ୱତନ୍ତ୍ର ମନେହୁଏ। ହିଂସା ଦାଢ଼ରେ ବଞ୍ଚୁଥିବା ନାରୀ, ଅଭିଆରୀ ଝିଅର ଦୁଃଖ, ମୁରବୀହୀନ ପରିମଣ୍ଡଳରେ

ଝିଅର ସ୍ଥିତି, ବାଟେ ଘାଟେ ଦେଖାଦେଉଥିବା ନାରୀର ଅସହାୟ ସାଜୁଯ୍ୟ ଅସମ୍ଭାବ୍ୟତାକୁ ନୂଆ ପରିଚୟ ଦେଇଥିବା କବିତାଗୁଡ଼ିକୁ ପଢ଼ିଲେ ସ୍ୱାଦଶୈଳୀରେ ନିଆରା ଲାଗେ। ଝିଅ ବଡ଼ ହେଉଛି, ଷ୍ଟେସନ ବଜାରରେ ସ୍ତ୍ରୀଲୋକ, ବନ୍ତ ଛକରେ ବାସନ୍ତୀ, ସ୍ୱପ୍ନ ଦେଖୁଥିବା ସ୍ତ୍ରୀଲୋକ, ପ୍ରେମିକାର ସ୍ୱାମୀ ପାଇଁ ଇତ୍ୟାଦି ଭାବଭିତ୍ତି ଦୃଷ୍ଟିରୁ ଭିନ୍ନ ଭିନ୍ନ ଆବେଦନ ସ୍ପଷ୍ଟ। "ପାହାଡ଼ ଛାତିରୁ ଫିଟି ଆସିଥିବା ଝରଣା"। ବାପା ନିକଟରେ ଝିଅର ସ୍ଥାପକତା। ସୁନ୍ଦର ମେଟାଫର। ଝିଅ ନ ଥିଲେ କି ଘର? ଘରକୁ, ବାପାମା'କୁ, ସମୟକୁ, ପରିସ୍ଥିତିକୁ, ବୁଝିବା ଭଳି ଝିଅ ମିଳୁ ସବୁ ଘରକୁ। ଝିଅ ବଡ଼ ହେଲାରୁ ପିଲାଦିନର ଅଝଟ ଅଳି, ଖେଳନା ପାଇଁ ଜିଦି ଆଜି ବାପା ପାଇଁ ସ୍ମୃତି। କିନ୍ତୁ ବହି ଭିତରୁ ମୟୁର ଚନ୍ଦ୍ରିକା, ସାହିତ୍ୟ ବହିରେ ଅମରପୋଇ ଗଜା ମାରିବା କଥାଟି ପ୍ରାସଙ୍ଗିକ। ସବୁ ବାପାଙ୍କ ଚିନ୍ତା ଓ ଅବସ୍ଥା ଏକାପରି। ଫୁଲ କୁଣ୍ଡରେ ରକ୍ତ ଗୋଲାପ ଚାରା ପୋତିବା କଥାଟି ଜୀବନବୋଧ ଓ ବାସ୍ତବତାର ସମନ୍ୱୟତାକୁ ବୁଝାଉଛି। ସମକାଳକୁ ବୁଝୁଥିବା ବାପା ନ ବୁଝୁଥିବା ଝିଅ ହାତରେ ଆସି ଧରାଦିଏ ଜୀବନର ମାୟାମୃଗ। କଂକ୍ରିଟ୍ ଆଭିଜାତ୍ୟ ଓ ଦିଶୁଥିବା ପଦ୍ମଫୁଲ ତଳେ କଳାନାଗ, ପଙ୍କ, ପାତାଳ ଦେଖିପାରୁ ନ ଥିବା ଝିଅଟି ପାଇଁ ସବୁ ବାପାର ମାନସିକ ଅବସ୍ଥା ଖୁବ୍ ସ୍ପର୍ଶକାତର।

*"ଆକାଶ ନୁହେଁ ଇଏ*
*ଏକ କଂକ୍ରିଟ୍ ଆଭିଜାତ୍ୟ*
*ଜହ୍ନ ରାତି ନାହିଁ ଏଠି*

*ଏସବୁ ପ୍ରତାରଣାର ନୀଳବିଷ।" (ପୃ-୫୦)*

ଭୋକର ଭାରତ ପାଇଁ ଦିଶୁଥିବା ମାନଚିତ୍ର 'ଷ୍ଟେସନ ବଜାରରେ ସ୍ତ୍ରୀ ଲୋକ। ଦେହ ପାନ୍ଥଶାଳାରେ ବାର ପୁରୁଷର ନାଁ। ଅନ୍ଧାରର ଉଦ୍ବେଗରେ ବଢୁଥାଏ ପାପର ପ୍ରତିମା। ସଭ୍ୟ ସମାଜର କଳା ହସ୍ତାକ୍ଷର। ଷ୍ଟେସନ ଭିଡ଼ରେ ହଜିଯାଉଥିବା ଜୀବନ ଓ ଭବିଷ୍ୟତ। ବାସନ୍ତୀ ଜୀବନର ଦୋଛକି। ପ୍ରତୀକାତ୍ମକ ନାମକୁ ଆଧାର କରି ତା' ଭିତରେ ଦେଖିହୁଏ ଚଳନ୍ତି ବାସ୍ତବତାର ନିଟୋଳ ଚିତ୍ର। ସ୍ୱପ୍ନ ଦେଖୁଥିବା ସ୍ତ୍ରୀଲୋକ ନନ୍ଦିତା ଗତକାଲି ଆଜି ଓ ଆସନ୍ତାକାଲିର ବିଧାନ। କିଶୋରୀ, ପ୍ରେମିକା, ବଧୂ, ବାରନାରୀ ସାଜିବା କାଳ ପରିପ୍ରେକ୍ଷୀରେ କିଛି ବି ବାଧା ନାହିଁ। ସ୍ୱୀୟ ନିର୍ଜନତାକୁ ଭାଙ୍ଗିବା ଲାଗି ଖାଲି ଗୋଟିଏ ମାଧ୍ୟମ ଲୋଡ଼ା। ସ୍ୱପ୍ନ, ଶିହରଣ, ଆକର୍ଷଣ, ନାରୀ ଅସ୍ତିତ୍ୱର ସଂଗୁପ୍ତ ସୂକ୍ଷ୍ମ ଉପାଦାନ ଧୀରେ ଧୀରେ ପାଲଟିଯାଉଛି ନକଲି ବାସ୍ତବତାର ରୂପାୟନ। ଶୂନ୍ୟତା ଓ ମୃତ୍ୟୁ ନିକଟରେ ଏ ସବୁର ସମାହାର ଜଣେ ନାରୀ ପାଇଁ ସାମାନ୍ୟତମ ସୋପାନ। ସେ ସ୍ୱୀକାର କରେ –

*ଦାସ : ମାଟିର ମୂଳ ଲୁହର ନିର୍ମାଲ୍ୟ : ଧାନଫୁଲ କାନଫୁଲ*

*"ଓଃ! ବଡ଼ କଷ୍ଟ*
*ସିନ୍ଦୂର ପିନ୍ଧି ଗୋପନ ରଖିବା ସ୍ୱପ୍ନଦୋଷ*
*ସ୍ୱାମୀ ଛାତିରେ ମୁଣ୍ଡଗୁଞ୍ଜି*
*ତୁଣ୍ଡରେ ଧରିବା ଶ୍ୟାମ ଶ୍ୟାମ।" (ପୃ-୫୧)*

କବି ଦିଲୀପ ସ୍ୱାଇଁ ନାରୀବାଦ ଶୀର୍ଷକରେ ଭାରି ସ୍ପଷ୍ଟ ଓ ମୁକ୍ତ। ଆଦୌ Radical Feminist (ଉଗ୍ର ବାମାବାଦ)ର ଉଚ୍ଚାରଣ ତାଙ୍କ କବିତା ନୁହେଁ। Liberal Feminist (ଉଦାର ବାମାବାଦ) ହେଉଛି ସୃଜନର ଅନ୍ତଃସ୍ୱର। ନିୟମ, ଅଧିକାର ଓ ବିରୋଧ ଭଳି ତିନିଗାର ଅପେକ୍ଷା ମୁକ୍ତ, ସମର୍ପଣ ଓ ଉଡ଼ାଣ ଭିତରେ ନାରୀ ଆତ୍ମା ଓ ସତ୍ତାକୁ ଭିନ୍ନ ରୂପେ ପରଖି ହୁଏ। ସମ୍ବେଦନଶୀଳତା ଏକାବେଳକେ ନିଆରା। ସବୁ ସଂଘର୍ଷ, ଯନ୍ତ୍ରଣା, ଆକଟ ଭିତରେ ନାରୀଟି ସ୍ୱପ୍ନ ଦେଖିବାକୁ ନ ଚାହିଁଲେ ବି ଏଠି କବିତାଗୁଡ଼ିକରେ ମୁକ୍ତ ବାତାବରଣ ସ୍ପଷ୍ଟ। ଆତ୍ମା ଉନ୍ମୁକ୍ତର ସ୍ୱଚ୍ଛ ସ୍ୱୀକାରୋକ୍ତି ହିଁ ପ୍ରକୃତ ବାମାବାଦ ଏକଥା କବି ସ୍ୱାଇଁଙ୍କ କବିତାର ପ୍ରତ୍ୟୟ। ଯାବତ ସଂଘର୍ଷ, ସ୍ୱାମୀ ସନ୍ତାନର ସୁଖ ଅନୁସନ୍ଧାନ କରିବା ସହ ନିଜକୁ ନିଃଶେଷ କରିଦେବାରେ ଆତ୍ମା ବୈକୁଲ୍ୟତା ପ୍ରତି ଅନୁଶୋଚନା ନ ରଖିବା ପ୍ରକୃତ ବାମାବାଦ। ସଂସାର ଓ ସମାଜ ପାଇଁ ଶକ୍ତ ମେରୁଦଣ୍ଡ ହୋଇ ଉର୍ଜ୍ଜା ଯୋଗାଇବା ପ୍ରକୃତ ବାମାବାଦ। ମହୁଲପଡ଼ାର ମାଇପେମାନେ କବିତା ତା'ର ନମୁନା। କାଉ ରାବିବା ବେଳକୁ ମୂଲିଆ ହାଟରେ। ଯେଉଁଠି ଟିଫିନ୍ ଡବାରେ ବନ୍ଦ ହୁଏ ଖରାବେଳ ଭୋକ। କୋଠାଗଡ଼ା, ଜଖମ ଦେହ, ବର ରୋଷଣୀର ବତୀଖୁଣ୍ଟ ମୁଣ୍ଡାଇବା ଭଳି ଧାରାବାହିକ ଜୀବନ କ୍ରମରେ ବ୍ୟତିକ୍ରମ ମହୁଲପଡ଼ାର ମାଇପେ। ଏଠି ପୁଣି ସେଠି। ଠିକାଦାର ନଜର ତା' ପାଇଁ ଅର୍ଥହୀନ। ଭଙ୍ଗା ଟାଇଲଘର କୁନି ସଂସାରର ସୁଖ; ସକାଳ ଆକାଶ ପ୍ରତିଶ୍ରୁତି ଦିଏ ଫର୍ଚ୍ଚା ଦିଗ୍‌ବଳୟର। ଏହାହିଁ ପ୍ରକୃତ ବାମାଚିନ୍ତନ। ଘରେ କବାଟ ପରି ଯଦି ଝୁଲେ ଡିର୍ଲାର ଚିରାଲୁଗା ତଥାପି ମହୁଲପଡ଼ାର ନିଘା ନ ଥାଏ।

ନିଜକୁ ନିଜ ମତେ ବୁଝାଇନେବାର ପନ୍ଥା 'ପ୍ରେମିକାର ସ୍ୱାମୀ ପାଇଁ କବିତା'। କଥାକୁ କବିତାରେ ସଜାଡ଼ିବାର କଳା ଜଣା କବି ଦିଲୀପ ସ୍ୱାଇଁଙ୍କୁ।

*"ପ୍ରେମରେ ଜିତିବା ଅର୍ଥ*
*ପରାଜୟ ପାଇଁ ପ୍ରସ୍ତୁତ ହେବା।" (ପୃ-୬୪)*

ଅଦୃଶ୍ୟ ଅନ୍ଧାରରେ ନିଜକୁ ବ୍ୟତୀତ କରିବା ଫୁଟା କଳସୀ ପ୍ରେମିକା-ପ୍ରେମିକ ମଝିରେ ବୁଝାମଣାର ପ୍ରତୀକ। ସମ୍ପୂର୍ଣ୍ଣ କବିତାଟି ରୂପକ କଲେଜ କାନ୍ଥ, ନୀରବ ପ୍ରତିପକ୍ଷ, ନୀଳହତ୍ୟା, ଚୁମାଚିହ୍ନ, ଶୂନ୍ୟସ୍ଥାନ ଓ ଲୁହ ଶବ୍ଦ ଭିତରେ ଗୋଟିଏ ଧାଡ଼ି ହିଁ ଯଥେଷ୍ଟ। ତାହା

'ପରାଜିତ ସୁଖ ଓ ଅର୍ଜିତ ଦୁଃଖ'। ସବୁ କଥାରେ ସମାଧାନ। ସବୁ ବୁଝି ହୋଇଯାଉଥିବା ପରେ ବି ନିଜକୁ ବୁଝାଇ ନ ପାରିବାର ନିଜକୁ ଅପାରଗ ସନ୍ଦେହ ଟିକକ ରହିଯାଏ ବିଶ୍ୱାସର ଦୁଇକଡ଼ରେ। ଭଲ କବିତାର ଭାଗ୍ୟ ଯାହା ଲେଖିହୁଏ ଏହିପରି ଚିରନ୍ତନୀ ଶବ୍ଦର ପ୍ରତିମାରେ।

*"ତୁମେ କେଉଁଠି ପାଦଥୋଇବ*
*ଅଛି ଶୂନ୍ୟସ୍ଥାନ*
*+ + +*
*କୋଟିଏ ଈର୍ଷା / ଅୟୁତ ଅସୂୟା*
*ପରସ୍ପରକୁ ହତ୍ୟା କରିବାର ଷଡ଼ଯନ୍ତ୍ର।" (ପୃ-୬୫)*

ବ୍ୟକ୍ତି ଅସ୍ତିତ୍ୱକୁ ମୂଲ୍ୟାୟନ କରି ସାମ୍ପ୍ରତିକ ସ୍ଥିତିକୁ ପରଖିନେଇ କବିତା ପ୍ରତି ପାଠକର ଶ୍ରଦ୍ଧାଶୀଳ ମନୋଭାବନାକୁ ଆସ୍ଥାରେ ଶକ୍ତିଶାଳୀ କରିବା ଭଳି 'ଧାନଫୁଲ କାନଫୁଲ' ପୁସ୍ତକରେ ତିନୋଟି କବିତା ବିଚାରଯୋଗ୍ୟ। ନିମ୍ନ ମଧ୍ୟବିତ୍ତ ପରିଧି ଓ ତା' ଭିତରେ ବୃତ୍ତିଗତ ଚିନ୍ତାର୍ଥେ ନିଜକୁ ପୁଳା ପୁଳା କରି ଦହଗଞ୍ଜ କରୁଥାଏ ଜୀବନ। ସବୁ ଦିଶୁଥାଏ କାନ୍ଦ କାନ୍ଦ। ବାପା ସୁଅ ମୁହଁରେ ପତର। ବୋଉ ଆଖିରେ ସବାରୀଏ ଲୁହ। ବାଟୁଅ ଭଉଣୀ, ଭାଇଭାଗର ଆଁ ଭିତରେ ବନ୍ଧା ପଡ଼ିଥିବା ଧାନବିଲ। ଶୋଷଣ, ଦୁର୍ନୀତି, ଅପରାଧ, ଅପମିଶ୍ରଣ, ବଜାରବାଦ ଭିତରେ ଲମ୍ଭି ଯାଉଥିବା ଶୋକର ସକାଳ ଓ ଭୋକର ଭୂଗୋଳ ପାଇଁ ନିୟତି ସହ ସଦା ଲଢୁଥିବା ଚରିତ୍ର। ଭିଡ଼ ଭିତରେ ନିଆରା ବାରି ହେଉଥିବା ଜୀବନର ନାଁ ହେଉଛି ମନୋରଞ୍ଜନ। ଶିଳ୍ପୀ ଆତ୍ମା ଓ ଲେଖନୀର ସମର୍ପିତ ସହାନୁଭୂତିର ନିଚୋଳ ପରିଚୟ। "କଚେରୀ ବାରଣ୍ଡାରେ କୃଷ୍ଣଚୂଡ଼ା ପରି"। ସମାଜ, ରାଜନୀତି, ପ୍ରଶାସକ, ଅର୍ଥନୀତିର ଛକାପଞ୍ଝା ଭିତରେ ଆଡ଼ ହୋଇ ବିଦ୍ରୋହର ନିଆଁହୁଳା ଧରି ଶିକ୍ଷିତ ସ୍ୱପ୍ନ ଉଜୁଡ଼ା ସ୍ୱପ୍ନଟିଏ। 'କନ୍ଦର୍ପ ସହ ଦେଖାହେଲା' କବିତା ଶୃଙ୍ଗାରରୁ ସନ୍ନ୍ୟାସ କଥାଟି ସ୍ପଷ୍ଟ। ପତ୍ନୀର ପରକୀୟା ପ୍ରୀତି ଓ ତା'ର ପରିଣାମ କନ୍ଦର୍ପକୁ କରିଛି ଯୋଗୀସମ କେନ୍ଦରା ମନସ୍କ। ବେମିହାନ ଜୀବନ ବଞ୍ଚୁଥିବା ପ୍ରୀତିହୀନ ମଣିଷର ନାଁ କନ୍ଦର୍ପ। ନିରର୍ଥକ ପାହାଡ଼ ଚଢ଼ା ନାରୀଭୋଗ ଯା' ପାଇଁ ଦିନେ ଥିଲା ସମବାଚୀ ଉଚ୍ଚାରଣ। ଯଦି ଶୋଇବା ଘରେ ଅଜଣା ଖୁରାଚିହ୍ନ, ବାଘନାଚ ତେବେ ଶିକ୍ଷକ ବୃତ୍ତି, ସ୍ୱପ୍ନର ତାତି, ସନ୍ନ୍ୟାସ ହେବାର ଛାତି ଭାଜ୍ୟ-ଭାଜକ-ଭାଗଫଳ କନ୍ଦର୍ପ ବିଭକ୍ତିତ ତିନିଫାଳ। ଅତଏବ ଭାଗଶେଷ ମାତାଲ ଜହ୍ନ ରାତିରେ ଭାଗ୍ୟ ନିଃଶେଷ।

କବି ସୀତାକାନ୍ତ ମହାପାତ୍ରଙ୍କ 'କାହାକୁ ପୁଚ୍ଛିବା କୁହ' କବିତା ପୁସ୍ତକର ଭାବ ଅଭିବ୍ୟକ୍ତି ଓ ଅର୍ଥ ବିନ୍ୟାସ ଏଠି 'ବାପା ବୋଉ କଳାକାଉ' କବିତାର ଅନ୍ତଃସ୍ୱର ପାଖାପାଖି ପ୍ରତ୍ୟୟକୁ ଆସେ। "ପୁଅ ଝିଅ ସ୍କୁଲ କଲେଜ ଗଲେ ଫେରିବେ କି ନାହିଁ" (ସୀମାକାନ୍ତ ମହାପାତ୍ର, କାହାକୁ ପୁଚ୍ଛିବା କୁହ)। ଅତି ଅସାଧାରଣ କଥା ସାଧାରଣ ପାଲଟିଯାଉଛି ଆଜିକାଲି।

*"ଚେନାଏ ଅବିଶ୍ୱାସରେ ଭାଙ୍ଗିଯାଉଛି*
*ଦାମ୍ପତ୍ୟର ପାଣିକାଚ।" (ପୃ-୭୪)*

ସୁନ୍ଦର କୃଷ୍ଣଚୂଡ଼ା ଗଛରେ କଳାକାଉ ବସିବା ବିପରୀତ ଅର୍ଥବୋଧକୁ ବୁଝାଏ। ଘରେ ବଢ଼ିଲା ପୁଅ ବିଳିବିଳେଇ ହୁଏ ରାତିରେ ଝିଅ ଖୋଜେ ଛାତିତଳେ କାଲି ରାତିର ଚୁମା ଚିହ୍ନ। ପାପବୋଧ ଆଉ କେତେଟାବା ଦିନ। ବାପା ବୋଉ ନିଜ ଆସ୍ଥାକୁ ନିରାଭୟ ଚୁମା ଦେବା ଅନ୍ୟଥା ନାହିଁ। ପୁଅ ଝିଅ ପ୍ରାପ୍ତ ବୟସ୍କ କଅଁଳ କାୟାକୁ ବିକଳାଙ୍ଗ ନ କରି ବରଂ ଘୁଞ୍ଚିଯାଉ ଏ ଦୃଶ୍ୟ। ନ ହେଲେ

*"ନଗର ନିଗମ ମଇଳା କୁଣ୍ଡରୁ*
*କଲି ଜନ୍ମ ନେଇପାରେ ମହାକାଳ।" (ପୃ-୭୫)*

ସ୍ଥାନୀୟତାର ବିଚାର ସମ୍ପ୍ରତି କବିତାରେ ଅଧିକ ଦାନା ବାନ୍ଧିଛି। ପ୍ରତିବେଶୀର ସମସ୍ୟା ସମାଧାନ ଓ ସମ୍ଭାବ୍ୟ ସମାନତାକୁ ଲେଖିବା ବାଟଟିଏ ଫିଟିଛି। ଆଜିର କବି ବ୍ୟକ୍ତି ନୁହେଁ ବ୍ୟଷ୍ଟିକୁ ଅଧିକ ଲେଖୁଛି। ବିଶ୍ୱାୟନ ସହ ନିଜକୁ ଯୋଡୁଛି। ସମୁଦ୍ର ଆଁ ଭିତରେ ଅପସରି ଯାଉଥିବା ପାଦତଳ ମାଟିର ନାଁ ହେଉଛି ସାତଭାୟା। ନିରାଭୟ କି ନିରାପଦ ନୁହେଁ ନ ରହିବା ସ୍ଥାନର ଗାଁ। ବଗପାଟିଆ କି ଓକିଲପାଳ 'କିଶୋରୀ ଝିଅର କାନି ଟାଣିନିଏ କୁମ୍ଭୀର'। ଲୁହରେ ଯେଉଁଠି ସୂର୍ଯ୍ୟାସ୍ତ ହୁଏ ପ୍ରତିଦିନ। ପର୍ଯ୍ୟାବରଣର ଅସନ୍ତୁଳନତା ପ୍ରଶାସନିକ ଫାଙ୍କ। ଆସ୍ଥା ଉପରେ ମହିମ୍ନ ହେଉଛିବା କଙ୍କାଳ ମଣିଷ ସାତଭାୟା। କ୍ରମଶଃ ଗୋଟିଏ ଗୋଟିଏ ମାଲଭାଇ ଉଜୁଡ଼ିବାକୁ ପ୍ରତିଶ୍ରୁତିବଦ୍ଧ। ସମୁଦ୍ରର ନୀଳ ଅଥଚ ଭୋକର ଉଉଁରୀ ଭିତରେ ଯେଉଁ ମାଟିର ଭାଗ୍ୟ ଲେଖା ନିଜକୁ ଶ୍ମଶାନିତ କରିବାର ଭବିଷ୍ୟତ। ସୌନ୍ଦର୍ଯ୍ୟ ଓ ସଂଗ୍ରାମର ସମୀକରଣ ବାଙ୍ଗିରିପୋଷି ଘାଟିରେ ସୂର୍ଯ୍ୟାସ୍ତ ହେଲେ ଯେତେବେଳେ ବାଜିଉଠେ ଧାଙ୍ଗଡ଼ା ବସାର ଡୁଙ୍ଗ୍ ଡୁଙ୍ଗା, ବଢ଼ିଯାଏ ନିଆଁ ପୋହା, ଜହ୍ନରାତି ମାତି ଉଠେ ଆଦିମ ବିଚାରରେ। ମା' ଦୁଆରସୁଣୀ ଭରସା ସୁଖ ଆଉ ଦୁଃଖରେ। ପ୍ରକୃତି ଓ ପ୍ରମେୟର ଖୋରାକ୍ ଏ କବିତା। ଶବ୍ଦ ଓ ଚିତ୍ରକଳ୍ପର ଝେଟିଚିଟା। 'ବାଘ ପିଠିରେ ନାଉ ହୋଇ ଫେରୁଛି ଜହ୍ନରାତି'। 'ଶାଳପତ୍ର ଦୋଳିରେ କୁନିକୁନି ପ୍ରଜାପତିଙ୍କ ଏନ୍ତୁଡ଼ି।' (ପୃ-୮୨/୮୩) ଯଥାକ୍ରମେ ହିଂସ୍ରତା ଭିତରେ ମନଭୁଲାଣିଆ ମନ୍ତ୍ର। ଜଟିଳ ଅର୍ଥ ଖୋଜା ଭିତରେ କାଗଜକୁ ଓଦାକରି (ମୟୁରମାନେ ଓଦାଲୁଗା ପିନ୍ଧି ନାଚିଲେଣି') ଝରିପଡ଼େ ଶବ୍ଦ। 'ଅପସରାଙ୍କ କାଖରୁ ଖସି ପଡ଼ିଛି ମେଘର ମାଠିଆ'। ଅକୁଣ୍ଠ ସମର୍ପଣ, ସରଳତାର 'ଦୁଇ

ପାହାଡ଼ ମଝିରେ ସୂର୍ଯ୍ୟଙ୍କ ପାଦଚଲା ରାସ୍ତା'। ପାହାଡ଼ୀ ଜୀବନ ତଳେ ଯଦି ଶୋଇପଡ଼େ ପ୍ରୋତ୍ସାହନ ଓ ପ୍ରକଞ୍ଚର ମନଭୁଲା ପ୍ରହସନ; ନକ୍ସଲ ହେବା ବିଳମ୍ବ ଘଟେ ନାହିଁ ମୂଳରୁ ଫେରୁଥିବା ତର୍ଲାର ମଣିଷ। ଏତେସବୁ ସହଜ, ଅସୂୟାହୀନ, ଆତ୍ମୀୟତା, ଆତ୍ମହରା ବନସ୍ପତି ମନସ୍କ ଭିତରେ ଲଙ୍ଗଳା ପିଲାଟି ଯଦି ଲୁଚାଇଦିଏ କବିତା ଖାତା, ତେବେ କବିଙ୍କୁ ଆହୁରି ଲେଖି ଶିଖିବାର ପ୍ରତିଶ୍ରୁତି ଦେଇଯାଏ ଅଲକ୍ଷ୍ୟରେ।

'ସମୟର କେତୋଟି ଦୃଶ୍ୟରେ' ମୁହଁ ଦିଶେ ଅଭାବୀ ମଣିଷର। ଚିହ୍ନା ଅଚିହ୍ନାର ମୁହଁ, ଅଦୃଶ୍ୟ ଦୃଶ୍ୟ ହେଉଥିବା ଘଟଣା। ଅଜଣା ଅଶୁଣା ଦୃଶ୍ୟ କେତୋଟି ସମୟର। ମନ୍ଦିର, ମେଳା, ମଶାଣି ଅଥବା ମହୋତ୍ସବରେ ସବୁଠି ଭୋକ ଓ ନଜରର କୁହାଟ। ସମୟର ଦୋଛକିରେ ବିଶ୍ୱାସ ଅବିଶ୍ୱାସର ସନ୍ଦେହ ଘରେରେ ବାସ୍ତବିକ କଥାଟି ସତସତିକା। ଏହିପରି –

*"ଯାହା ସବୁ ଦେଖୁଛେ ଆମେ*
*ଏମିତି କ'ଣ ଦେଖେ କେହି*
*ଯେମିତି ବଞ୍ଚିଛେ ଆମେ*
*ସେମିତି କ'ଣ ବୁଝେ କେହି।" (ପୃ-୮୯)*

ଅତୀତକୁ ନୂଆକରି ଦେଖିବାର ଲେଖିବାର ପ୍ରୟାସ ଭିତରୁ ଗୋଟିଏ ରାଜବାଟୀ ପ୍ରତି କବିତା ସୃଷ୍ଟି। ପ୍ରେମ, ପ୍ରତାରଣା, ଅତ୍ୟାଚାର, ଲୁଟ୍‌ପାଟ ସହ ତଳ ପାହାଚର ଦେହମନ କଷ୍ଟ ଓ ପ୍ରାଣର ଫଟାମାଟି ଯେଉଁଠି; ସେଇଠି ଥାଏ ରାଜବାଟୀ। ନିତ୍ୟକାଳ କବିଟିଏ ସବୁ ବାଘୁଆ ନିଶର ଠାଣି ଭିତରୁ ଖୋଜୁଥାଏ ଅକାଟ୍ୟ ଇତିହାସ। ସାମନ୍ତ ଓ ସେବକ ମଝିରେ ଥିବା ନିଷ୍ଠୁର ବ୍ୟବଧାନକୁ ଯଦି ସମୟ ଆଣିବାକୁ ଚେଷ୍ଟାକରେ ସମ୍ଭାବ୍ୟ ସମାନତାର ଦୁଇଧାର ତେବେ ପରିଣାମ ହୁଏ ଏମିତି –

*ରଇତମାନଙ୍କ ମୁକୁଳା ପିଠିରେ*
*ଚମଡ଼ା ଚାବୁକର ରକ୍ତଦାଗ*
*+++*
*ନିରୀହ ପ୍ରେମ ପାଇଁ*
*ମଲେ କାଠୁରିଆ ବଂଶ। (ପୃ-୯୩)*

କାଠୁରିଆ ରାଜାଝିଅ ପ୍ରେମକଥାର ଜୀବନ୍ତ ସାକ୍ଷ୍ୟ ପାନ୍ଥ, ପଥିକ, ପଥରକାନ୍ଥ। ମତଲବୀ ମାନସିକତାର ବୁନିଆଦି ଉପରେ ହୀରାଫୁଲ ଓ ସୁନା ମୁକୁଟ ପିନ୍ଧି ରାଜା ବୋଲାଉଥିବା ଅହଂକାର କାହିଁ ଜାଣିବ ସମ୍ପର୍କର ମୂଲ୍ୟ ? ତେଣୁ

*"ରକ୍ଷିତାଙ୍କ କୋଳରେ ରାତି ବୁହାଉଥିବା ରାଜା*
*କ'ଣ ଜାଣେ ରକ୍ତର ମହତ।" (ପୃ-୯୩)*

ବେସୁରା ଜୀବନରେ ଯାହା ଭରିଦିଏ ଅନାହତ ଭ୍ରମ, ତାହା 'ଦୂରରୁ ଶୁଭୁଥିବା ଗୀତ'। ଏ ଗୀତ ପାଚିଲାଧାନ କ୍ଷେତରେ ପକ୍ଷୀର ଗୀତ। କବିତା ପାଇଁ ଆଶ୍ରାର ମନ୍ତ୍ର। କାରୁଣ୍ୟ ଓ ହାସ୍ୟର ସ୍ୱର ଯଥାକ୍ରମେ ନିଜକୁ ଯୋଡୁଥାଏ ଲୁହ ସହ ଅନ୍ତରଙ୍ଗ। କାବ୍ୟ ପୁରୁଷ ଆଶା ପକ୍ଷୀ ମନସ୍କ। ଚେତନାର ଉଡ଼ାଣ। ଗୀତମନସ୍କ ସୁନ୍ଦର ପରିବେଷଣ କରିବାର କୌଶଳଶିକ୍ଷା। ଜୀବନର ପ୍ରତିଟି ଫର୍ଦ୍ଦଧରି ପ୍ରକୃତି ପ୍ରେରଣା ଓ ଦୀକ୍ଷାର ଉତ୍ସ ପ୍ରାୟ। ରହସ୍ୟ କୋଳରେ ଇଚ୍ଛାଶକ୍ତି ଆତ୍ମହରା ହେବା ନିହାତି ଅସାଧାରଣ ସ୍ୱାଭାବିକତା। ତା'ର ନମୁନା ଏପରି –

*"ପାହାଡ଼ କୋଳରେ ଓହଳି ପଡ଼ିଥିବା ମେଘ*
*ଅଧାଚାନ୍ଦ ଅଧର / ପାଚିଲା ଧାନକ୍ଷେତ*
*ବାଙ୍କବୁଲା ନଈର ଲାବଣ୍ୟ*
*ମୋତେ ପକ୍ଷୀ ମନସ୍କ କରେ।" (ପୃ-୯୫)*

ପ୍ରାଣ ମଥିତ ହେଲେ 'କବିତା ଲେଖିହୁଏନି'। କ୍ଷତ ସହ ଯୁଝେ ରକ୍ତ। ଏକାନ୍ତ ବ୍ୟକ୍ତିଗତ ହୋଇପଡୁଥାଏ ଘଟଣା, ପରିସ୍ଥିତି ଓ ବାସ୍ତବତା। କବି ଲେଖନୀକୁ ଧ୍ୟାନସ୍ଥ କରେ। ଆକାଶରେ ନୀଳିମା ନ ଥିଲେ କେଉଁଠି ବା ଶବ୍ଦର ଚଢ଼େଇ ଲୋଟଣି ମାରିବ। ପ୍ରେମ ପାଇଁ ନାହିଁ ଅନୁରାଗ। ମାଟି-ଆକାଶ, ନଦୀ-ସମୁଦ୍ର, ଚନ୍ଦ୍ର-ସୂର୍ଯ୍ୟ, କର୍କି-ପ୍ରଜାପତି ସହ ଯଦି ଅଲୋଡ଼ା ଅବିଶ୍ୱନୀୟ ହୁଏ 'ଆହେ ଦୟାମୟ ବିଶ୍ୱବିହାରୀ' ଆହୁରି ଫମ୍ପା ଆଭିଜାତ୍ୟର ଧ୍ୱନି ବୁଣୁଥିବା ମଣିଷ ପାଇଁ ସ୍ୱାର୍ଥ ଏକପାକ୍ଷିକ ତେବେ କେଉଁଠି ତିଆରି ହେବ କବିତାର କକ୍ଷ। ସନାତନ, ବାବୁ ମାରାଣ୍ଡି, କିଷାନ କାଣ୍ଡି, ଭାରତ ଉଦୟ ଭିତରେ ବଳି ପଡ଼ନ୍ତି। ଏମାନେ ସମସ୍ତେ ଭାରତୀୟ। ଶ୍ଲେଷ ନିଗାଡ଼ି ଦିଏ ସ୍ୱେଦ। ବ୍ୟବସ୍ଥା, ବିପତ୍ତି, ବିଧାନ, ପ୍ରକଳ୍ପ, ପ୍ରକାର୍ଯ୍ୟ ଏମାନଙ୍କ ପାଇଁ ମୂଲ୍ୟହୀନ। ନପୁଂସକତା ପ୍ରଶାସନ ଓ ରାଜନୀତିକ ବ୍ୟବସ୍ଥା। ଦଳିତ ଲୁହ ନେଇ କର୍ମକୁ ଯାଏ ଫେରେ ଲୁହ ନେଇ। ନିତ୍ୟକାଳର ସବାଶେଷ ଲୋକ ତଳ ପାହାଚର ପରିଚୟ ନେଇ ବଞ୍ଚୁଥାଏ କାଳ।

ଆତ୍ମପ୍ରବଣ ଓ ଆତ୍ମଦର୍ଶନ ଦୁଇଟିର ସମନ୍ୱୟ କବିତା 'ଜ୍ୟୋତିବିହାରରେ ଜହ୍ନରାତି, ବସନ୍ତ ଆସିଲେ ତୁମ ଗାଁକୁ, ଜହ୍ନ ଜଣାଣ ଓ ଜଙ୍ଗଲ ପ୍ରେମିକ। କବିତା ନିତ୍ୟକାଳ ସୁନ୍ଦରତା ଓ ସରଳ ଦର୍ଶନର ସଂଯୋଗ। ପ୍ରାସଙ୍ଗିକତା ହେଉଛି ଯୁକ୍ତିସଙ୍ଗତ। ସୌନ୍ଦର୍ଯ୍ୟର ଦୁଇଟି କୋଠରୀ। ରସବୋଧର ହୃଦୟ ଯାହା ଦୃଷ୍ଟିଗତ। ଗ୍ରହଣଶୀଳତାର ଚିନ୍ତନ ଯାହା ବିଚାରଗତ। ଭଲ କବି ଓ କବିତା ଏ ଦିଗରେ ସଚେତନ। ସାର୍ବଜନୀନ ପାଠକୀୟ ସୁଖବୋଧକୁ ରୁଚିବନ୍ତ କରେ ଏ ବିଚାର। 'ଶାଳପତ୍ରରେ ବର୍ଷାବିନ୍ଦୁର ପାଉଁଜି ଶବ୍ଦରେ ଲେଖନୀ ବିଭୋର। ପାହାଡ଼, ଜହ୍ନ, ଆକାଶ, ବଂଶୀର ଧ୍ୱନି ଶୁଣିଲେ କାନ୍ଦିବାକୁ ଇଚ୍ଛାହୁଏ। କନ୍ଦାଇ ଥିବାରୁ ଲୁହ ତୋର ଆଉ କାନ୍ଦିଥିବାରୁ ଆଖି ମୋର।

ଏ ହେଉଛି କବିତାର ଦର୍ଶନ। ସରଳ ପୁଣି ଜଟିଳ ଗ୍ରହଣଶୀଳ। "କଳା ପଡ଼ିଥିବା କାଠ / କ'ଣ ଜଳିବାକୁ ଭଲ ପାଏ।" (ପୃ- ୧୦୩) ବସନ୍ତ ଆସିଲେ ତୁମ ଗାଁକୁ ପ୍ରସ୍ତୁତିର ପୂର୍ବଭାଗ ଅର୍ଥହୀନ। ପ୍ରେମରେ ନ ଥିଲେ ଚିରନ୍ତନତା। କି ପ୍ରୟୋଜନ ଶିହରିତ ହେବାରେ। ବରଂ ଭଲ ଯୋଗୀଗୀତ। ସଂସାରୀକରଣ ଭିତରେ ଏ ସନ୍ନ୍ୟାସ ଆକର୍ଷଣ କବିକୁ କରେ କି 'ଜଙ୍ଗଲ ପ୍ରେମିକ'? ସବୁଜ ଦୁକଦୁକି ଭିତରେ ବରଂ ଭଲ ବାସ୍ନାମୟ ଜୀବନର ସହଯୋଗ। ଧାଙ୍ଗଡ଼ୀ ନାଚ, ପଥର ପୂଜା, ବନସ୍ପତି ସହ ଆତ୍ମିକ ସମ୍ବନ୍ଧ ମାଟି ମଣିଷର ଆଦିମ ପରିଚୟ। ଏବେ କିନ୍ତୁ ବଦଳିଛି ପରିଚୟ। ଭୋକ ଏବଂ ଭୟର ହସ୍ତାକ୍ଷର ଭିତରେ ଜଙ୍ଗଲର ଭୂଗୋଳ ବିପର୍ଯ୍ୟସ୍ତ। ସବୁଜ ଶାଳପତ୍ରରେ ଜୀବନର ଲୁହବୁନ୍ଦା ଲେଖା। କେନ୍ଦୁପତ୍ର, ମହୁଲ, ଶୁଖିଲାଜାଳ ସହ ଯୋଡ଼ିହୋଇଥିବା ଜୀବିକାକୁ ଲୁଟିନେଇ ସହରୀ ଗୁମ୍ଫାରେ ଲୁଚିଯାଏ ସର୍ଦ୍ଦାର। ପ୍ରେମ ଓ ବିପ୍ଳବର ଦୁଇପାଦ ଜଙ୍ଗଲ ଏବେ ନିଜେ ଲେଖିବ ନିଜର ସ୍ୱାକ୍ଷର ଲହୁର ଓ ଲୁହର।

କବିତା ପାଇଁ ଆତୁରତା ଗୋଟିଏ ତୃଷିତସ୍ୱର। ବର୍ଷାଦିନେ ବୁଢ଼ାବଳଙ୍ଗ ପରି ଦୀର୍ଘ ଓ ପ୍ରଖର। ସାଧା ମଣିଷକୁ କରେ କବି। ନଈ ଲାଗେ ପ୍ରେମିକା। ଜନ୍ମ ଓ ଜୁଇ ମଝିରେ ଥିବା ଜୀବନ ନଦୀ ରୂପକଠୁଁ କି କମ୍? ଇଟାଭାଟିର ତତଲା ତାଓ୍ୱାରେ ଅଣନିଶ୍ୱାସୀ ହେଲେ ବୁଢ଼ାବଳଙ୍ଗ କବିତା ଖାତାରେ ମୂର୍ଚ୍ଛାଯାଏ ଶବ୍ଦ। ବିବର୍ଣ୍ଣ ହେଲେ ନଦୀର କୋମଳତା, ନଦୀକୂଳ ପବନ, ନଦୀପାଣିରେ ଜହ୍ନ, କାଶତଣ୍ଡୀ ଫୁଲକୁ ଛାଡ଼ି କାହିଁ କବିତାର ଘର। କବିତା 'ଜହ୍ନ ଜଣାଣ'ରେ ଜୀବନ କଥାଟି ଭାରି ଜୀବନ୍ତ ଓ ଛଳଛଳ। ଭୋକବନ୍ଦୀ ହେଲେ ଭାତ ହାଣ୍ଡିରେ ଜହ୍ନ ବନ୍ଦୀ ହୁଏ ଟକ୍‌ମକ୍ ଫୁଟୁଥିବା ପାଣିରେ। ଜହ୍ନ ପ୍ରତୀକଟି ଜୀବନ ଜୀଇଁବାର ବାସ୍ତବ ପରିସ୍ଥିତି ନିକଟରେ ବ୍ୟର୍ଥ। ଦୁଃଖ ଜଣାଣ ହେଉଛି ଜହ୍ନ ଜଣାଣ। କିଶୋରୀ ଝିଅର ସ୍ୱପ୍ନ ଭିତରେ ଜହ୍ନକଥାଟି ଏକବାର ସ୍ୱପ୍ନ। ଜହ୍ନକୁ ନେଇ ଉଚ୍ଚତର ଭାବପ୍ରବଣତା ଏଠି ବଞ୍ଚିବାର ଅନ୍ୱେଷା ନିକଟରେ ଛନ୍ଦହୀନ। ଜୀବନ-ଯମୁନାରେ ଜୁଆର ନ ଆଣି ଜହ୍ନ ଉଇଁଲେ ଲୁହମୟ ହୋଇଯାଏ ସାରା ଆକାଶ। କାରଣ ଜହ୍ନ ତୁ ଜାଣିଥା / ଘରେ ଭୋକ ହାଣ୍ଡିଏକୁ। ଲୁହ ହାଣ୍ଡିଏ।" (ପୃ-୧୧୨)

ଅତଏବ ମାଟିପାଇଁ ସବୁଜିମା ଓ ମଣିଷ ପାଇଁ ନ ଥିବାର ଦୁଃଖର ଉପତ୍ୟକା ଉପରେ ପ୍ରତିଶ୍ରୁତିବଦ୍ଧ 'ଧାନଫୁଲ କାନଫୁଲ' କବିତାଗ୍ରନ୍ଥ। ଚଳନ୍ତି ସମୟ ଖଣ୍ଡର ସବୁଜ କ୍ରାନ୍ତି। ମାଟି ମଣିଷର ଭାଗ୍ୟକୁ ଲେଖୁଥିବା କବିତା ଚାଷ ଓ ଚାଷୀ ବଞ୍ଚିରହିବାର ଦର୍ଶନ ଭିତରେ ସ୍ପନ୍ଦିତ। ଏକାନ୍ତ ସମର୍ପିତ ଦୁଃଖ କୈନ୍ଦ୍ରିକ। ଶ୍ରମ, ସମର୍ପଣ, ସମନ୍ୱୟ ଓ ସମ୍ଭାବନା ଭିତରେ ନିର୍ମାଣ ହେଉଥିବା ଉପାର୍ଜନ ସବୁଜିମାର ପ୍ରତ୍ୟୟ ଆଣେ। ବସୁନ୍ଧରାକୁ ସବୁଜ କଲ୍ୟାଣୀ କରିବା ନିମିତ୍ତ ଲୁହ ଯଦି ନିର୍ମାଲ୍ୟହୋଇ ଛୁଇଁଯାଏ ଦୁଇ ଓଠ; ଲୋଡ଼ା ନାହିଁ ମୁକ୍ତି ପାଇଁ କେଉଁ ଧାମ ବରଂ ଲୋଡ଼ା ଅଛି ନିୟତକାଳ ସୁଝିବାକୁ ମାଟିର ମୂଳ। ଶିଳ୍ପୀ ଲେଖନୀରେ ଅମୋକ୍ଷ ତପ।

ଧାନକ୍ଷେତ ପାଇଁ ମାଟିର ମୂଳ କବି ନିକଟରେ କବିତାର ମୂଲ୍ୟ ଏକାବେଳକେ ପାଲଟି ଯାଇଛି ଲୁହର ନିର୍ମାଲ୍ୟ : 'ଧାନଫୁଲ କାନଫୁଲ'।

**ସହାୟକ ଗ୍ରନ୍ଥ :**


୧। ସ୍ୱାଇଁ, ଡ. ଦିଲୀପ କୁମାର : ଧାନଫୁଲ କାନଫୁଲ, ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ୍, କଟକ-୧୨, ପ୍ରଥମ ପ୍ରକାଶ - ୨୦୧୫।


❖ ❖ ❖

DOI : https://doi.org/10.5281/zenodo.15673881

ମୂଳ ପ୍ରବନ୍ଧ

# ଡାକ୍ତର ଶ୍ରୀପ୍ରସାଦ ମହାନ୍ତିଙ୍କ ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପରେ ସାମାଜିକ ପ୍ରତିବଦ୍ଧତା

ଚିନ୍ମୟ ସାହୁ

**ସଂକ୍ଷିପ୍ତସାର :**

ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ' ସଂକଳନରେ ମଣିଷ ଜୀବନର ବହୁବିଧ ଦିଗକୁ କେନ୍ଦ୍ରକରି ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତି ଗଳ୍ପଗୁଡ଼ିକୁ ରଚନା କରିଛନ୍ତି । ତାଙ୍କର ପ୍ରତ୍ୟେକ ଗଳ୍ପ ଜୀବନ୍ତ ଅନୁଭୂତିର ରସମୟ ଚିତ୍ରରୂପ। ଗାଳ୍ପିକ ମହାନ୍ତିଙ୍କ ଗଳ୍ପର କେନ୍ଦ୍ରବିନ୍ଦୁ ହେଉଛି ମଣିଷ । ଅସହାୟତା, ସଂପର୍କରେ ଫାଟ, ମୋହ, ମଧ୍ୟବିତ୍ତ ମାନସିକତା, ହିଂସ୍ରତା, ଉଶୃଙ୍ଖଳା ଜୀବନଜାପନ, ସହରୀଜୀବନରେ ବ୍ୟର୍ଥତା ପ୍ରଭୃତିର ଚିତ୍ର ତାଙ୍କ ଗଳ୍ପରେ ପ୍ରରିସ୍ଫୁଟନ ଘଟିଛି । ଏତଦ୍‌ବ୍ୟତୀତ ଅତୀତପ୍ରତି ଆମୁଖ, ମନସ୍ତତ୍ତ୍ୱ ତଥା ନିଃସଙ୍ଗ ମଣିଷଜୀବନର ସଂପର୍କକୁ ନେଇ ତାଙ୍କ ଗଳ୍ପଗୁଡ଼ିକ ପର୍ଯ୍ୟାବସିତ। ମଧ୍ୟବିତ୍ତଶ୍ରେଣୀର ଜୀବନଯାତ୍ରା, ପାରିବାରିକ ନିୟମ, ବିଚାରଧାରା, ଆୟ ଓ ଉପାର୍ଜନର ମାର୍ଗକୁ ଆଧାରକରି ସଂକଳନର ଗଳ୍ପଗୁଡ଼ିକ ରଚିତ । ସେହିପରି ସାଂପ୍ରତିକ ସମାଜର ଶ୍ରେଣୀଗତ ତାରତମ୍ୟ ଏବଂ ଆର୍ଥିକ ଅସମାନତା କିଭଳି ଜୀନପ୍ରଭାହକୁ ଅସ୍ତବ୍ୟସ୍ତ କରିପକାଇଛି ତାହା ଗାଳ୍ପିକ ମହାନ୍ତିଙ୍କ ଗଳ୍ପରେ ଦେଖିବାକୁ ମିଳିଥାଏ ।

**ପ୍ରମୁଖ ଶବ୍ଦାବଳୀ :**

ମଣିଷ ଜୀବନ, ମଧ୍ୟବିତ୍ତମାନସିକତା, ନିଃସଙ୍ଗତା, ମନସ୍ତତ୍ତ୍ୱ, ଶ୍ରେଣୀଗତ ତାରତମ୍ୟ, ବ୍ୟକ୍ତିତ୍ୱ ବିକାର।

ଉତ୍ତର ଅଶୀ ଓଡ଼ିଆ ଭାଷା ସାହିତ୍ୟରେ କଥାକାର ଶ୍ରୀପ୍ରସାଦ ମହାନ୍ତି ଏକ ସଶ୍ରଦ୍ଧ ଉଚ୍ଚାରଣ । କ୍ଷୁଦ୍ରଗଳ୍ପ, କବିତା, ଉପନ୍ୟାସରେ ତାଙ୍କର ରହିଛି ସ୍ୱୀକୃତି । ବୃତ୍ତିରେ ଡାକ୍ତର ଜୀବନର ଗାଢ଼ ଅନୁଭୂତି ଏବଂ ସମାଜକୁ ଦେଖିବାର ତିର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ ତାଙ୍କ ସୃଜନ ସମ୍ଭାରର ପ୍ଲାଟ୍‌ଫର୍ମ । ଏଥିରୁ ଜନ୍ମ ନେଇଛନ୍ତି 'ନିର୍ବାଣର ଆରପାଖେ' (୨୦୧୦), 'ହଜି ଯାଉଥିବା ଝିଅମାନେ' (୨୦୧୦), 'ଭାଗଶେଷ' (୨୦୨୨), 'ଝିଅ ପାଇଁ ଗପ' (୨୦୨୨), 'ତୁମେ ଅଛ ବୋଲି' (୨୦୨୨), 'ଶତାଧିକ ମିନିଗପ' (୨୦୨୨) ପ୍ରଭୃତି କ୍ଷୁଦ୍ରଗଳ୍ପ ସଙ୍କଳନ । ତାଙ୍କ ଗଳ୍ପରେ ମଣିଷର ଅସହାୟତା, ନିଃସଙ୍ଗତା, ଅନ୍ଧାରୀ ମନର ରହସ୍ୟ, ପ୍ରେମ ଭାବନାର ବିବିଧତା, ଗ୍ରାମ୍ୟ ପରିବେଶର ପ୍ରତିକୂଳତା, ସହରୀ ଜୀବନର ବ୍ୟର୍ଥତା ସର୍ବୋପରି ମଣିଷ ପ୍ରତି ପ୍ରଚୁର ଶ୍ରଦ୍ଧା ପରିଲକ୍ଷିତ । ଗଳ୍ପ ଗୁଡ଼ିକରେ ଜୀବନକୁ ପ୍ରାଣଭରି ଭଲପାଉଥିବା ଜଣେ ନିଷ୍ଠାପର ଶିଳ୍ପୀର ସ୍ୱାକ୍ଷର ରହିଛି ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15673881

Article No - BPP00298

'ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ' (୨୦୨୩) ସଂକଳନରେ ସର୍ବମୋଟ ପନ୍ଦର ଗୋଟି ଗଳ୍ପ ସ୍ଥାନ ପାଇଛି । ମଣିଷର ଜୀବନକୁ ବୁଝିବାରେ ପ୍ରତ୍ୟେକ ଗଳ୍ପ ଏକ ଏକ ସାର୍ଥକ ସୃଷ୍ଟି । ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତି ମଣିଷ ଜୀବନକୁ ଧ୍ୟାନସ୍ଥ ହୋଇ ଦେଖିଛନ୍ତି । ମଣିଷକୁ ବୁଝିବା ପାଇଁ ସେ ସର୍ବଦା ରହିଛନ୍ତି ଉନ୍ମୁଖ ହୋଇ । ପ୍ରତ୍ୟେକ ମଣିଷର ଜୀବପନ ଅନେକ ରହସ୍ୟରେ ପୂର୍ଣ୍ଣ ।

**ଯୋଗାଯୋଗ :**
**ଡକ୍ଟର ଚିନ୍ମୟ ସାହୁ,** ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଜେପୁର ମହାବିଦ୍ୟାଳୟ, ବିଜେପୁର, ବରଗଡ
**Email :** chinmayasahu1987@gmail.com
**ORCID ID:** https://orcid.org/0009-0007-1545-4450

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୨.୨୦୨୫ | ୧୦.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଚିନ୍ମୟ ;୨୦୨୫। ଡାକ୍ତର ଶ୍ରୀପ୍ରସାଦ ମହାନ୍ତିଙ୍କ ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପରେ ସାମାଜିକ ପ୍ରତିବଦ୍ଧତା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ, ପୃଷ୍ଠା :୫୯-୬୬।

ଅସହାୟତା, ସଂପର୍କରେ ଫାଟ, ଦାୟିତ୍ୱହୀନ, ବନ୍ଧୁତ୍ୱ, ମୋହ, ମାନବିକତା, ମଧ୍ୟବିତ୍ତ ମାନସିକତା, ବଟି ଆଦାୟ, ହିଂସ୍ରତା, ଉଶୃଙ୍ଖଳ ଜୀବନଯାପନ ପ୍ରଭୃତି । ଏମିତି କେତେ ଅବଗୁଣ ମଣିଷ ଧାରଣ କରି ନିଜର ଅସ୍ତିତ୍ୱକୁ ହରାଇ ଦେବାପାଇଁ ସଦା ଚେଷ୍ଟିତ । ସେଥିପାଇଁ ମଣିଷ ଅନ୍ୟ କାହାକୁ ନ ପାଇ ନିଜେ ନିଜ ସହିତ କଥା ହୁଏ । ଲୋକଲୋଚନର ଅନ୍ତରାଳରେ ଘଟିଯାଉଥିବା ନାନା ଛୋଟ ଛୋଟ ଘଟଣାକୁ ନାଟକୀୟ ଭାବରେ ଉପସ୍ଥାପନା କରି କଥାକାର ଶ୍ରୀପ୍ରସାଦ ମହାନ୍ତି ଯେଉଁ ଗଳ୍ପଧାରଟିଏ ସୃଷ୍ଟି କରିଦେଲେ, ଏହା ବାସ୍ତବିକ୍ ନିଜସ୍ୱ ଦୀପ୍ତିରେ ହେଲା ଦୀପ୍ତିମୟ। 'ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ' ସଂକଳନର ଗାଳ୍ପିକ ଶ୍ରୀପ୍ରସାଦ ମଣିଷକୁ କେନ୍ଦ୍ରବିନ୍ଦୁ କରି ଗଳ୍ପଗୁଡ଼ିକ ସୃଷ୍ଟି କରିଛନ୍ତି । ମନେହୁଏ, ପ୍ରତ୍ୟେକ ଗଳ୍ପ ତାଙ୍କର ଜୀବନ୍ତ ଅନୁଭୂତିର ରସମୟ ଚିତ୍ରରୂପ ।

ସାଂପ୍ରତିକ ଗଳ୍ପରେ ଗାଳ୍ପିକ ସମାଜଠାରୁ ଦୂରେଇ ଯାଇଛି ଏବଂ ବ୍ୟକ୍ତିକୈନ୍ଦ୍ରିକ ସମାଜ ପାଖରେ ପହଞ୍ଚିଯାଇଛି । ସେଇଥିରୁ ଅନ୍ୱେଷଣ କରିଛି ବଞ୍ଚିବାର ଉପାଦାନ । ବର୍ତ୍ତମାନର ଗାଳ୍ପିକର ଭୂମିକା ସମାଜ ସଂସ୍କାର ହୋଇ ରହିନାହିଁ । ତା'ର ଭୂମିକା ସମାଲୋଚକର ହୋଇଛି । ମୂଳତଃ ଗାଳ୍ପିକ ଅଧିକ ବ୍ୟକ୍ତିକୈନ୍ଦ୍ରିକ ହେବାକୁ ବାଧ୍ୟ ହେଲା । ଆଜିର ଗାଳ୍ପିକ ପାଖରେ ସାମାଜିକ ଚେତନା, ଆବେଗ, ଅନୁଭୂତିର ଗଭୀରତା, ଜୀବନକୁ ନେଇ ଅନ୍ୱେଷା, ଜୀବନ ପ୍ରତି ଗଭୀର ଆସକ୍ତି ପ୍ରଭୃତି ସ୍ଥାନ ପାଇଥାଏ । ଉକ୍ତ ଗଳ୍ପ ସଂକଳନର 'ସମ୍ମୋହନ', 'ତର୍କ ଓ ବନ୍ଧୁତା', 'ପୋଡ଼ାଭୂଇଁର ଜଗୁଆଳ', 'ପେସା', 'ର୍‍ୟାଗିଂ' ଏସବୁ ଗଳ୍ପରେ ବିଭିନ୍ନ ଚରିତ୍ର ମାଧ୍ୟମରେ ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତି ଜୀବନକୁ ସତ୍ୟଶୀଳ ଭାବରେ ପ୍ରକାଶ କରିଛନ୍ତି ।

'ସମ୍ମୋହନ' ଗଳ୍ପଟି ଅତୀତ ପ୍ରତି ଆମୁଖ, ମନସ୍ତତ୍ତ୍ୱ ତଥା ନିଃସଙ୍ଗ ମଣିଷ ଜୀବନର ସଂପର୍କକୁ ନେଇ ପର୍ଯ୍ୟବେସିତ । ମଣିଷରଜ ଜୀବନ ପ୍ରବାହ ବୈଚିତ୍ର୍ୟମୟ । ରହସ୍ୟମୟ ଭାବେ ଏ ମଣିଷ ତା'ର ଅତୀତରେ ଅତିବାହିତ କରିଥିବା ବ୍ୟକ୍ତିବିଶେଷଙ୍କ ସହ ସଂପର୍କ ସ୍ଥାପନ କରିବାକୁ ବାଧ୍ୟ । ଗଳ୍ପନାୟକ ଆଲୋକ ଯେଉଁ ମହାବିଦ୍ୟାଳୟର ଛାତ୍ର ଥିଲା, ଏବେ ସେହି ଅନୁଷ୍ଠାନର ଅଧ୍ୟାପକ ଭାବେ ଅବସ୍ଥାପିତ । ଅତୀତ ପ୍ରତି ଆଲୋକ ମାତ୍ରାଧିକ ମୋହାବିଷ୍ଟ । ଉଷାର ଫୋନ୍ ବାର୍ତ୍ତା ଯୋଗୁଁ ରାଜେଶ ଓ ରୀନା ସହିତ ଆଲୋକ ଯୋଗାଯୋଗ କରିଛି । ଉଷା-ଆଲୋକ-ରାଜେଶ-ରୀନା ଏମାନେ ଅତୀତରେ ଏକସାଥିରେ ଅଧ୍ୟୟନ କରିଥିଲେ । ଦୀର୍ଘ କୋଡ଼ିଏ ବର୍ଷ ଅତିକ୍ରାନ୍ତ ପରେ ଆଲୋକ ସାକ୍ଷାତ କରୁଛି ବନ୍ଧୁ ରାଜେଶ ଓ ରୀନା ସହିତ । ରୀନାର ମାନସିକ ଅବସାଦ ଯୋଗୁଁ ରାଜେଶ ଏକମଦ୍ ଭାଙ୍ଗିପଡ଼ିଛି । ସମୟ ସମୟରେ ରୀନା ମାନସିକ ଦୁଃସ୍ଥିତିରେ ଫିନାଇଲ୍ ଓ ଡେଟଲ ମଧ୍ୟ ପାନ କରିଦିଏ । ଏସବୁ ଏବେ ରାଜେଶ ପାଇଁ ସାଧାରଣ ପ୍ରସଙ୍ଗ । ସେ ଭିତରେ ଭିତରେ ଭାଙ୍ଗିପଡ଼ି ଜୀବନକୁ ବୀତସ୍ପୃହ ମଣିଛି ରାଜେଶ।

ରୀନା ସହ ଆଲୋକ ମିଳାମିଶା କରିବା ଦ୍ୱାରା ତା'ର ମାନସିକ ସ୍ଥିତିକୁ ଆକଳନ କରିବାରେ ସୁଯୋଗ ପାଇଛି । ମଣିଷ ଏବେ ବସ୍ତୁକୈନ୍ଦ୍ରିକ ହେବା ଦ୍ୱାରା ଜୀବକୁ ଏକ ଭାବିନେଉଛି । ଯଦ୍ଦ୍ୱାରା ପାରିବାରିକ ସ୍ଥିତିରେ ବିଘଟନ ଘଟିବା ସ୍ୱାଭାବିକ । ଘରରେ ସମସ୍ତ ସଦସ୍ୟ ଥିବେ, ଅଥଚ ସେମାନେ ନିଜ ନିଜ ଭାବରେ ଜୀବନ ବଞ୍ଚୁଥିବେ । କେହି କାହାରି ସହିତ ମାନସିକ ସଂଯୋଗ ନ ଥିବ, ଥିବ କେବଳ ସୀମିତ ସଂପର୍କ । ଏଭଳି ହେବା ଯୋଗୁଁ ପାରିବାରିକ ଜୀବନଯାତ୍ରା ଅସନ୍ତୁଳନ ପ୍ରକ୍ରିୟା ଦେଇ ଗତି କରେ, ଯାହାକି ରୀନାର ଜୀବନରେ ଦୃଶ୍ୟମାନ । ରାଜେଶ ନିଜ କର୍ମକ୍ଷେତ୍ରରେ ଅତ୍ୟଧିକ ସମୟ ଦେବା ଦ୍ୱାରା ରୀନା ମାନସିକ ଅବସାଦ ଆଡ଼କୁ ଗତିଶୀଳ । ସେ ଭାବିନେଲା ଯେ, ମୋର ଜୀବନର ଧରା ଓ ଧାରା ଶ୍ରୀହୀନ । ଏହି ଭାବନା ହିଁ ତାକୁ ମାନସିକ ସ୍ତରରେ ଦୁର୍ବଳ କରିଦେଲା । ଯେତେବେଳେ ରୀନା ସହିତ ଆଲୋକ ମିଳାମିଶା କରିବା ଆରମ୍ଭ କରିଛି, ତା' ଅନ୍ତରରେ ଆଶାର କିରଣ ଉଦ୍‌ଭାସିତ । ସ୍ଥିର ମନରେ ରୀନାର ପ୍ରତ୍ୟେକ କଥାକୁ ଆଲୋକ ଶୁଣନ୍ତି, ପୁଣି ରୀନା ସହ ମିଳାମିଶା କରିବା ଦ୍ୱାରା ଧୀରେ ଧୀରେ ମାନସିକ ଅବସାଦ ଦୂରୀଭୂତ ହେବାକୁ ବସିଲା । ରୀନା ଉପଲବ୍ଧି କରିପାରିଛି ଯେ, ଜୀବନଟା ସରସ-ସୁନ୍ଦର, ମଧୁମୟ । ମାନସିକ ସ୍ଥିତିରେ ସୁଧାର ଆସିବା ପରେ ଆଲୋକ ଅନ୍ୟତ୍ର ରହିବାକୁ ପ୍ରସ୍ତୁତ । ସେତେବେଳେ ରୀନା କହେ, "ମୁଁ ଆଉ ଥରେ ପାଗଳୀ ହୋଇଯିବି ବୋଲି ତୁମେ ଡରନି । ଅନ୍ଧାରରେ ଥିଲି । ବାଟ ପାଉ ନ ଥିଲି । ଆଲୁଅ ଦେଖିଲିଣି । ଆଉ ବାଟ ହୁଡ଼ିବିନି ।" (୧) ଏଥିରୁ ସୁସ୍ପଷ୍ଟ, ରୀନା ଜୀବନ ଜୀଇଁବାର ମାର୍ଗକୁ ଆବିଷ୍କାର କରିପାରିଛି । ମଣିଷ ସକଳ ପରିସ୍ଥିତିରେ ଜୀବନ ବଞ୍ଚିପାରିବ । ମୂଳତଃ ଜୀବନ ବଞ୍ଚିବାର କୌଶଳ ମାଲୁମ୍ ଥିବା କଥା । ଆଲୋକ ହିଁ ରୀନାର ପ୍ରଜନ୍ମଦାତା ଓ ମାର୍ଗଦର୍ଶକ ।

ଏକାକୀ ରହିବା ଯୋଗୁଁ ରୀନାର ଅନୁପସ୍ଥିତିକୁ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ଆଲୋକ ବାବୁ । ରୀନା ପ୍ରତି ଯେଉଁ ପୂର୍ଣ୍ଣ ସମର୍ପଣତା, ତାହାହିଁ ମୋହଗ୍ରସ୍ତର ପ୍ରମୁଖ କାରଣ । ଏଠାରେ ଆଲୋକର ଭାବାବେଗକୁ ଆକଳନ କରାଯାଇପାରେ । "ଇଏ କି ପ୍ରକାର ମାନସିକତା ? କି ପ୍ରକାରର ମାନସିକ ସ୍ଥିତି ?" ନିଜକୁ ନିଜେ ପଚାରିଲା ଆଲୋକ । ସିଏ କ'ଣ ଭାବୁଛି ଯେ ସେ ଏଠାରେ

ବସିଛି ବୋଲି ରୀନା ଅନୁମାନ କରିବ ଓ ତା' ପାଖକୁ ଆସିବ ? ମନକୁମନ ପୁଣି ଚିନ୍ତାକଲା, ଯଦିବା ସିଏ ଆସିବାକୁ ବସେ, ରାଜେଶ କ'ଣ ତାକୁ ଏକା ଆସିବାକୁ ଦେବ ?" (୨) ଯାହାର ପ୍ରକୃତ ସତ୍ତା ନ ଥାଏ, ଅଥଚ ଯାହା ପ୍ରକୃତ ପରି ବୋଧହୁଏ, ତାହା ମାୟା । ଯାହା ବୁଦ୍ଧିଭ୍ରମ ବା ମୋହ ସୃଷ୍ଟି କରେ । ମୋହ ଏକ ଆପାତତ ପ୍ରତୀତ, ଏକ ଆପାତତ ସଦୃଶ । ମୋହ ଏକ ଇନ୍ଦ୍ରଜାଲ । ଏହା ଅପ୍ରକୃତ । ମଣିଷ ଭିତରେ ଯେତେ ବି ବୌଦ୍ଧିକ ଚେତନାର ଉତ୍ତରଣ ହେଉ, ସେ ମୋହଗ୍ରସ୍ତ ହେବା ସ୍ୱାଭାବିକ । ଏହା ହିଁ ଜୀବନର ନିୟମ । ପୂର୍ବରୁ ରୀନାର ତା'ର ସଂସାର ପ୍ରତି ଥିଲା ବିରାଗଭାବ, ସଂପ୍ରତି ତା'ର ଭାବନା ବିପରୀତମୁଖୀ, ତଥା ପରିବାର ପ୍ରତି ମୋହଗ୍ରସ୍ତ । ଅତୀତରେ ଗଳ୍ପନାୟକ ଆଲୋକଙ୍କ ଦୁର୍ବଳତା ରୀନା ପ୍ରତି ଥିଲା ସାମାନ୍ୟ । ରୀନା ଓ ରାଜେଶ ଉଭୟ ବିବାହରେ ଆବଦ୍ଧ ହେବାପରେ ଆଲୋକ ନିଜ ଭାବେ ଜୀବନ ବଞ୍ଚିଲେ । ଦୈବାତ୍ ରୀନା ସହ ସାକ୍ଷାତ, ଦୀର୍ଘକାଳ ପରସ୍ପର ଅତି ନିକଟରେ ସମୟ ଅତିବାହିତ ଯୋଗୁଁ ଆଲୋକ ତା' ପ୍ରତି ମୋହଗ୍ରସ୍ତ । ମୋହ ଅସୀମ ପ୍ରହେଳିକାର ଜନନୀ । ଅଗ୍ନିରୁ ଯେପରି ଉତ୍ତାପକୁ ପୃଥକ୍ କରି ହେବନାହିଁ, ତୁଷାରରୁ ଯେପରି ଶୀତଳତାକୁ ପୃଥକ୍ କରି ହେବ ନାହିଁ, ଠିକ୍ ସେହିପରି ମଣିଷଠାରୁ ମୋହକୁ ପୃଥକ୍ କରି ହେବ ନାହିଁ ବୋଲି ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତି ଗଳ୍ପରେ ଦର୍ଶାଇଛନ୍ତି ।

ଆଦିବାସୀ ଜୀବନକୁ ଭିତ୍ତିକରି ଗଳ୍ପ ଲେଖିବାର ଧାରା ଓଡ଼ିଆ ସାହିତ୍ୟରେ ବହୁପୁରୁଣା । ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ ମଧ୍ୟ ନିମ୍ନ ଜନଜାତିଙ୍କ ପାଇଁ କ୍ଷୁଦ୍ର ଗଳ୍ପରେ ଦେଖାଦେଇଛି ସମ୍ବେଦନା ଓ ସହାନୁଭୂତି । ଏହି ଧାରାରେ ସାମିଲ ହୋଇଛନ୍ତି ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତି । 'ତର୍କ ଓ ବନ୍ଧୁତା' ଗଳ୍ପ ସଂପୂର୍ଣ୍ଣରୂପେ ନିଆରା ଏବଂ ଏହାର ପର୍ଯ୍ୟବେକ୍ଷଣ ଶକ୍ତି ବେଶ୍ ସୁଦୃଢ଼ । ଏ ଗଳ୍ପରେ ନିରୀହ ଆଦିବାସୀମାନଙ୍କ ପ୍ରତି ଶୋଷଣ, ଲୁଣ୍ଠନ, ପ୍ରକୃତି ଚିତ୍ର ସ୍ଥାନିତ ହୋଇ ନାହିଁ । ମୂଳତଃ ସରକାରୀ କର୍ମଚାରୀଙ୍କ ମାନସିକ ଭାବାବେଗ, କର୍ମପ୍ରବଣତା, କାର୍ଯ୍ୟରେ ସମସ୍ୟା, ସ୍ଥାନୀୟ ଅନ୍ଧବିଶ୍ୱାସ, ପୋଲିସବାବୁଙ୍କ ଦାଦାଗିରି, ସାମାଜିକ ସମସ୍ୟାକୁ ଅତି ନିକଟରୁ ଦେଖିବାକୁ ପ୍ରୟାସ କରି ସଫଳ ହୋଇଛନ୍ତି ଗାଳ୍ପିକ । ଆଦିବାସୀପ୍ରବଣ ଅଞ୍ଚଳରେ ସରକାରୀ ବାବୁଙ୍କ ଜୀବନ ଓ ଧାରାକୁ ପ୍ରାଞ୍ଜଳ ରୂପ ଦେବାରେ ଗାଳ୍ପିକ ବେଶ୍ ସମର୍ଥ । ଗଳ୍ପ ନାୟକ ଜଣେ ଡାକ୍ତର । ତାଙ୍କର ପ୍ରଥମ ନିଯୁକ୍ତି ଆଦିବାସୀପ୍ରବଣ ଅଞ୍ଚଳରେ । ଏ ଅଞ୍ଚଳରେ ଅନେକ ଡାକ୍ତର ନିଯୁକ୍ତି ପାଇଛନ୍ତି । ତାହା ସତ; କିନ୍ତୁ ସେମାନେ ନିଜର ପ୍ରାଥମିକତା କର୍ମକୁ ଭୁଲି, ବ୍ୟବସାୟୀର ପରିଚୟ ସୃଷ୍ଟି କରିଛନ୍ତି । ଡାକ୍ତର ରମେଶ ମନ୍ଦିର ପାଇଁ ଚାନ୍ଦା ସଂଗ୍ରହ କରିବା, ପ୍ରଭାତବାବୁ ନଦୀକୂଳରେ ଜମି କିଣି ଚାଷବାସ କରିବା ପ୍ରଭୃତି ଡାକ୍ତରମାନେ ବିଭିନ୍ନ କୌଶଳ ଅବଲମ୍ବନ କରି ଅତ୍ୟଧିକ ଅର୍ଥ ଉପାର୍ଜନରେ ବ୍ୟସ୍ତ । ଫାଣ୍ଡିର ପୋଲିସ କର୍ମଚାରୀ, ନାଲି କୋଠା, ଫାଇଲ୍, ଜେଲର ଭୟ ସୃଷ୍ଟି କରି ସାଧାରଣ ଜନତା ଭିତରେ ସୃଷ୍ଟି କରେ ଆତଙ୍କ । ସଂପ୍ରତି ଏହି ଦୁର୍ଗମ ଅଞ୍ଚଳକୁ ଶିକ୍ଷା ଅପହଞ୍ଚ, ଡାକ୍ତରଙ୍କ ଉପସ୍ଥିତିରେ ମଧ୍ୟ । ସେମାନେ ଗୁଣି-ଗାରେଡ଼ିକୁ ବିଶ୍ୱାସ କରନ୍ତି । ଅନ୍ଧବିଶ୍ୱାସର ପଟି ଏବେ ବି ବାନ୍ଧିଛନ୍ତି ସରଳ ନିରୀହ ଆଦିବାସୀ । ନିଃସ୍ୱାର୍ଥ ଭାବେ ଆଦିବାସୀଙ୍କ ସେବାରେ ନିଜକୁ ସମର୍ପିତ ରଖିଥିବା ନରେନ୍ଦ୍ର ବାବୁଙ୍କ ଭଳି ବିରଳ ବ୍ୟକ୍ତିତ୍ୱ ଖୁବ୍ କ୍ୱଚିତ୍ ମିଳନ୍ତି । ଅନ୍ୟର ଦୁଃଖସୁଖରେ ସେ ସମଭାଗୀ । ପ୍ରାୟତଃ ସରକାରୀ ବାବୁମାନେ ସେହି ଦୁର୍ଗମ ଅଞ୍ଚଳରେ ବ୍ୟବସାୟିକ ମନୋଭାବ ଧାରଣ କଲାବେଳେ ନରେନ୍ଦ୍ରବାବୁ ବେଶ୍ ବ୍ୟତିକ୍ରମ ମଣିଷ ସେ । ସାଧାରଣ ଜନତାଙ୍କ ସେବାରେ ବ୍ରତୀ ଥିଲେ । ଏଭଳି ମଣିଷଙ୍କୁ ଆଭିଜାତ୍ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇପାରେ । ଏମାନେ ନିଜ ପାଇଁ ନୁହେଁ, ଜଗତର କଲ୍ୟାଣରେ ଅଭିନିବିଷ୍ଟ । ଏମାନଙ୍କ ଦୃଷ୍ଟିକୋଣ ସ୍ୱତନ୍ତ୍ର ଏବଂ ମନନଶୀଳଧର୍ମୀ ।

ପ୍ରତ୍ୟେକ ମଣିଷର ଅନ୍ତରରେ ଲୁକ୍କାୟିତ ଆସୁରିକ ପ୍ରବୃତ୍ତି । ସମସ୍ତଙ୍କ ସମ୍ମୁଖରେ ମଧୁର ବଚନ କହୁଥିବା ମଣିଷ ଭିତରେ ହିଂସୁକ ଓ ଅହଂ ସ୍ୱଭାବ ବିରାଜମାନ । ଏମାନଙ୍କୁ 'ମୁଖା ମଣିଷ' କହନ୍ତି । ଏମାନେ ମାନସିକ ସ୍ତରରେ 'ରୁଗ୍‌ଣ' । ତେବେ ଏହି ଶ୍ରେଣୀୟ ମଣିଷ ସମାଜ ପାଇଁ ଅନିଷ୍ଟକାରୀ ଏବଂ ଅରାଜକତାକୁ ପ୍ରଶୟ ଦିଅନ୍ତି । ନିଜର ସ୍ୱାର୍ଥପୂରଣ ନ ହେଲେ କଳେବଳେ କୌଶଳେ ଦଂଶନ କରନ୍ତି ନିରୀହ, ସଙ୍କୋଚ ବ୍ୟକ୍ତିଙ୍କୁ । 'ପେସା' ଗଳ୍ପର ଭିତ୍ତିଭୂମି ହିଁ ସେଭଳି । ଗଳ୍ପର ଡାକ୍ତର ସ୍ୱାତୀ ଓ ଡାକ୍ତର ସ୍ୱାଗତ ଚରିତ୍ର ଦ୍ୱୟ ଏଠାରେ ବିଚାରଯୋଗ୍ୟ । ଡାକ୍ତର ସ୍ୱାତୀ ନିଜର ବ୍ୟକ୍ତିଗତ ନର୍ସିଂହୋମ ପ୍ରତିଷ୍ଠା କରି ନିଜ ସହରରେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଅହଂକାରୀ ଓ କୁଟିଳ ବ୍ୟକ୍ତିଙ୍କ ଚକ୍ଷୁଶୀଳ ହେଲେ । ମଝିରେ ମଝିରେ ଏହି ଗୋଷ୍ଠୀ ତାଙ୍କଠାରୁ ଚାନ୍ଦା ଆଦାୟ କରିବା, ତା'ପରେ ସେମାନଙ୍କ ଅତ୍ୟଧିକ ଆଶା ବୃଦ୍ଧି ପାଇବା ଦ୍ୱାରା ସିଧାସଳଖ ଚାନ୍ଦା ଦେବାପାଇଁ ମନା କରିଥିଲେ ଡାକ୍ତର ସୁନୀଲ । ପୋଲିସଠାରେ ଅଭିଯୋଗ ହେବାସତ୍ତ୍ୱେ ବି ଏହି ଦୁର୍ବୃଦ୍ଧ ଗୋଷ୍ଠୀ ଅତ୍ୟନ୍ତ ହିଂସ୍ରପରାୟଣ ହୋଇ ପ୍ରତିଶୋଧନ ନେବାର ସୁଯୋଗକୁ ଅପେକ୍ଷା କଲେ । ସ୍ୱାତୀଙ୍କ ନର୍ସିଂହୋମ୍‌ରେ ଗୋଟିଏ ଗର୍ଭଭତୀ ନାରୀ ଶିଶୁ ଜନ୍ମ କଲାପରେ ଦୈବାତ୍ ମାଆର ମୃତ୍ୟୁ ଘଟେ । ସେହି ମୃତ

ଶରୀରକୁ ନେଇ ଆରମ୍ଭ ହେଲା ରାଜନୀତି ଏବଂ ସ୍ୱାତୀ ବିରୁଦ୍ଧରେ ସଙ୍ଗୀନ୍ ଅଭିଯୋଗ ଦିଆଗଲା । ଏଭଳି ଅସ୍ଥିରତା ଦେଖି ସ୍ୱାତୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟାକୁ ଶ୍ରେୟ ମଣିଲେ । ଗଳ୍ପର ଅନ୍ୟ ଏକ ଚରିତ୍ର ଡାକ୍ତର ସ୍ୱାଗତ ବାବୁ । ସେ ଜଣେ ନୀତିନିଷ୍ଠ ଓ କର୍ତ୍ତବ୍ୟପରାୟଣ ବ୍ୟକ୍ତି । ତାଙ୍କ ନର୍ସିଂହୋମକୁ ଗର୍ଭପାତ ସକାଶେ ଜଣେ ଯୁବତୀ ଆସେ । ଏଭଳି ଆଇନ ବିରୁଦ୍ଧ କାର୍ଯ୍ୟ କରିବା ପାଇଁ ସିଧାସଳଖ ମନା କରିଦିଅନ୍ତି । ଯଦି ତୁ ଗର୍ଭପାତ କରିବୁ, ତେବେ ତୋତେ ଏହି ଝିଅକୁ ବିବାହ କରିବାକୁ ପଡ଼ିବ । ଏହିପରି ଭାବେ ଡାକ୍ତର ସ୍ୱାଗତକୁ ଯୁବତୀ ଓ ତା'ର ବନ୍ଧୁବର୍ଗ ଧମକ ଦିଅନ୍ତି । ଉକ୍ତ ଦୁଇଟି ଘଟଣାକ୍ରମକୁ ନେଇ 'ପେସା' ଗଳ୍ପ । ପେଟ ପୋଷିବା ପାଇଁ ମଣିଷ କର୍ମ ଅନ୍ୱେଷଣରେ ରତ । କର୍ମରୁ ହିଁ ପରିଚୟ ମିଳେ । ତେବେ ପରିଚୟ ସୃଷ୍ଟି କରିବା ପାଇଁ କର୍ମଜୀବୀମାନେ ଦୀର୍ଘକାଳ ପର୍ଯ୍ୟନ୍ତ ସାଧନାରେ ମଗ୍ନ । କିଏ ସଠିକ୍ ଉପାୟରେ ଅର୍ଥ ରୋଜଗାର କରେ ତ ଆଉ କିଏ ଅସତ୍ ଉପାୟ ବା ଗୁଣ୍ଡଗର୍ଦ୍ଦିର ପନ୍ଥାକୁ ଅବଲମ୍ବନ କରେ । ଏହା 'ପେସା' ଗଳ୍ପରେ ଲକ୍ଷଣୀୟ । ଡାକ୍ତର ଦମ୍ପତି ଯେତେବେଳେ ଶିକାର ହେଲାବେଳେ ଜଣେ କେହି ସହଯୋଗ କରିବାକୁ ଆସି ନଥିଲେ । ଅଥଚ ଦମ୍ପତିଦ୍ୱୟ ସାଧାରଣ ଜନତାଙ୍କ ବିପଦବେଳରେ ହେଉଥିଲେ ଛିଡ଼ା । କିନ୍ତୁ ବିନା ଦ୍ୱିଧାରେ ଡାକ୍ତର ଦମ୍ପତିଙ୍କ ଉପରେ ଲଗାଯାଇଥିବା ଆରୋପକୁ ସତ ବୋଲି ଅସ୍ୱୀକାର କରିନେଲେ । ଏହା ହେଉଛି ସଂପ୍ରତିର ସାମାଜିକ ନୀତି । ଧୀରେ ଧୀରେ ମଣିଷ କିଭଳି ମାନସିକ ସ୍ତରରେ ରୁଗ୍ଣ ପାଲଟିଗଲାଣି ତା'ର ଚିତ୍ର ଗଳ୍ପରେ ସ୍ପଷ୍ଟ ଅନୁମେୟ । ମାନବର ଚିନ୍ତା-ଚେତନା-ବିଚାର-ଦର୍ଶନ-ସାମାଜିକ ଚଳଣି ଅତ୍ୟନ୍ତ ରସାତଳଗାମୀ । ସହଯୋଗର ହାତ ବଢ଼ାଉଥିବା ବ୍ୟକ୍ତି ପ୍ରତି ମଧ୍ୟ ସେ ଅକୃତଜ୍ଞ ସ୍ୱଭାବ ପୋଷଣ କରିବା । ଏହା ପ୍ରକୃତ ପେସା ପାଲଟିଗଲାଣି । ମଣିଷ ମଣିଷତ୍ୱକୁ ବଜାୟ ରଖିବା ପରିବର୍ତ୍ତେ, ହିଂସା-ପ୍ରତିଶୋଧ-ଅଭିମାନ-ପ୍ରତିଦ୍ୱନ୍ଦ୍ୱିତାକୁ ଅଭିମନ୍ତ୍ରିତ କରୁଛି । ଏହାଠାରୁ ଦୁଃଖଦ ପ୍ରସଙ୍ଗ କ'ଣ ହୋଇପାରେ ବୋଲି ଗାଳ୍ପିକଙ୍କ ଅଭିବ୍ୟକ୍ତି ।

ପ୍ରେମ ଓ ନାରୀ ମନସ୍ତତ୍ତ୍ୱକୁ ଆଧାର କରି 'ପୋଡ଼ା ଭୂଇଁର ଜଗୁଆଳ' ଗଳ୍ପ । ଦୀର୍ଘ ପନ୍ଦର ବର୍ଷ ପରେ ଶିଳାଦିତ୍ୟ ଓ ଦୀପ୍ତିରେଖା ମଧ୍ୟରେ ସାକ୍ଷାତ ଘଟେ । କଲେଜରେ ପଢୁଥିବାବେଳେ ପରସ୍ପରକୁ ପ୍ରେମ କରୁଥିଲେ । ଉଭୟଙ୍କ ସଂପର୍କକୁ ସ୍ୱୀକୃତି ଦେବାପାଇଁ ଗମ୍ଭୀରତା ପୂର୍ବକ ବିଚାର କରି ତାଙ୍କର ପିତାମାତା ଇଚ୍ଛାପୋଷଣ କରନ୍ତି । ଏହାପରେ ଦୀପ୍ତିରେଖାର ଘରକୁ ଶିଳାଦିତ୍ୟର ବରାବର ଯିବା ଆସିବା ଲାଗି ରହେ । ଦୀର୍ଘଦିନ ହେଲା ଦୀପ୍ତିରେଖାର ବିବାହିତା ଭଉଣୀ ସ୍ମୃତିରେଖା ତାଙ୍କ ପାଖରେ ରହିଆସୁଛି । ଶିଳାଦିତ୍ୟ ଓ ସ୍ମୃତିରେଖାଙ୍କ ଅତ୍ୟଧିକ ମିଳାମିଶା ଯୋଗୁଁ ପରିବାରର ସଦସ୍ୟମାନେ ମାନସିକ ଆଘାତ ପାଇଲେ । ସାମାଜିକ ବ୍ୟବସ୍ଥାର କଟକଣାକୁ ଭୁଲି ସ୍ମୃତିରେଖା ନିଜର ଅନ୍ତରର ଅଭୀପ୍ସାକୁ ଜାହିର କରିଛି ଶିଳାଦିତ୍ୟ ସମ୍ମୁଖରେ । ତା'ର ପ୍ରବଳ ଇଚ୍ଛା ମା' ହେବାର ଗୌରବ ଅର୍ଜନ । ଏଣୁ ଶିଳାଦିତ୍ୟ ସହ ଶାରୀରିକ ସଂପର୍କ ସ୍ଥାପନକୁ ଗୁରୁତ୍ୱ ଦେଇଛି ସ୍ମୃତିରେଖା । ଶିଳାଦିତ୍ୟ ମଧ୍ୟ ତା'ର ମାୟାଜାଲରେ ଛନ୍ଦି ହୋଇ ସଂପର୍କ ରଖିବାକୁ ବ୍ୟାକୁଳ । ଏଠାରେ ବ୍ୟାକୁଳତା କହିଲେ ଅଭୀପ୍ସା ବୁଝାଯିବ । ନୀତିବାଦୀମାନେ ଏହାକୁ 'ଇପ୍‌ସା' ବା 'ବାସନା'ବୋଲି ଅଭିହିତ କରନ୍ତି । "ଶିଳାଦିତ୍ୟର ଏକ ଅଦ୍ଭୁତ ସମ୍ମୋହନ ଓ ଆକର୍ଷଣ ଥିଲା ସ୍ମୃତିରେଖା ପ୍ରତି । ତା' ପ୍ରତି କୃତଜ୍ଞ ଥିଲା ସିଏ । ଅନ୍ୟମାନଙ୍କର ଅବିଶ୍ୱାସ, ସନ୍ଦେହ ଓ ଅକୃତଜ୍ଞପଣ ତା' ମନରେ ବିଭକ୍ତି ଆଣୁଥିଲା । ପୁଣି ଆଉ କେବେ ଏଠାକୁ ଫେରିବନି ବୋଲି ସ୍ମୃତିରେଖା କହିଥିବା କଥାକୁ ସିଏ ବିଶ୍ୱାସ କରୁଥିଲା । ସିଏ ସହଯୋଗ କଲା ଓ ଗର୍ଭବତୀ ହେଲା ସ୍ମୃତିରେଖା ।"(୩) ଏଥିରୁ ଅନୁମିତ ଯେ, ସାମାଜିକ ଶୃଙ୍ଖଳାକୁ ଡେଇଁ ଅଧିକ ମନ କରିବା, ଅଧିକ ଉର୍ଦ୍ଧ୍ୱକୁ ମନ କରିବା, ଅଧିକ ପ୍ରସାରଣକୁ ମନେକରିବା । ତାହାକୁ ଆମେ ଅଭୀପ୍ସା ବୋଲି ସ୍ୱୀକାର କରିପାରିବା । ପ୍ରତ୍ୟେକଙ୍କ ଜୀବନରେ ଏଭଳି ସନ୍ଧିକ୍ଷଣ ଆସେ, ଯେତେବେଳେ ଚିହ୍ନିତ ଗାରଗୁଡ଼ିକକୁ ଅତିକ୍ରମ କଲେ ସଂପର୍କ ତାର ପ୍ରିୟଜ ପୂର୍ବଭଳି ବରକରାର ରହିପାରେ ନାହିଁ । ତାହା ପୋଡ଼ାଭୂଇଁର ରୂପ ନିଏ । ଶିଳାଦିତ୍ୟର ଜୀବନରେ ତାହା ହିଁ ଘଟିଛି ।

ଶିକ୍ଷାନୁଷ୍ଠାନମାନଙ୍କରେ ର୍‍ୟାଗିଂ ପରମ୍ପରା ଏବେ ଲୁପ୍ତ ପ୍ରାୟ । ସରକାର ପ୍ରଶାସନର ମିଳିତ ପ୍ରୟାସରେ ଏହାକୁ ଦମନ କରାଯାଇଛି । କଠୋର ଆଇନର ବ୍ୟବସ୍ଥା ମଧ୍ୟ ସ୍ଥିରୀକୃତ । ତଥାପି ମଧ୍ୟ ର୍‍ୟାଗିଂକୁ ନେଇ ଅଧକ୍ଷ-ପ୍ରଶାସନ-ପିତାମାତାଙ୍କ ମନ ଭିତରେ ସୃଷ୍ଟି ହୁଏ ଆଶଙ୍କିତ ଭୟ । ଏହି ପୃଷ୍ଠଭୂମି ଉପରେ 'ର୍‍ୟାଗିଂ' ଗଳ୍ପ ଆଧାରିତ । ଶିକ୍ଷାନୁଷ୍ଠାନର ଅଧୀକ୍ଷକ ହଷ୍ଟେଲକୁ ର୍‍ୟାଗିଂ ମୁକ୍ତ କରିବା ପାଇଁ ପ୍ରତ୍ୟେକ ବର୍ଷର ଛାତ୍ରଙ୍କୁ ସ୍ୱତନ୍ତ୍ର ହଷ୍ଟେଲ ସୁବିଧା ଦିଅନ୍ତି । ଯଦ୍ଦ୍ୱାରା ର୍‍ୟାଗିଂର ସମ୍ଭାବନା ନ ଥିଲା; କିନ୍ତୁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପରସ୍ପର ସଂପର୍କର ଯୋଗସୂତ୍ର ରହିପାରିଲା ନାହିଁ । ସମସ୍ତେ ନିଜ ନିଜ ଇଚ୍ଛାନୁଯାୟୀ ଜୀବନ ବଞ୍ଚିଲେ । ପୁଣି କ୍ୟାମ୍ପସ୍‌ରେ ସୌହାର୍ଦ୍ଦ୍ୟ ବାତାବରଣ ସୃଷ୍ଟି ନ ହେବା । ଏହାକୁ ଅନୁଭବ କରି ଗଳ୍ପନାୟକ ନିଜେ ଅଧୀକ୍ଷକଙ୍କୁ ଜଣାଇବା । ଅଧୀକ୍ଷକଙ୍କ ପ୍ରତ୍ୟୁତ୍ତର, "ତୁମେ

ଏଇ ଗଣ୍ଡଗୋଳ ପାଇଁ ବ୍ୟସ୍ତ ହେବା ଦରକାର ନାହିଁ । ସେ କଥା କଲେଜ କାଉନ୍‌ସିଲ ବୁଝିବ ।" ଟିକିଏ ରହିଯାଇ ଯୋଡ଼ିଲେ, "ଏଇ ଗଣ୍ଡଗୋଳର ହୁଏତ ଏଇଠି ସମାଧାନ ହେବ । ଖୁବ୍ ବେଶୀରେ କେତେ ଜଣ ପିଲାଙ୍କ ନାଁ'ରେ ପୋଲିସ କେଶ୍ ହୋଇପାରେ; କିନ୍ତୁ କେବେ ଯଦି ପ୍ରଥମ ବର୍ଷର ଛାତ୍ରଙ୍କୁ ନେଇ କିଛି ହୁଏ ଓ ର୍‍ୟାଗିଂ ପ୍ରସଙ୍ଗ ସାମ୍ନାକୁ ଆସେ, ସାରା ସଂସାର ଆମ ଉପରେ ମାଡ଼ିବସିବ ।" (୪) କ୍ୟାମ୍ପସ୍‌କୁ ର୍‍ୟାଗିଂ ମୁକ୍ତ କରିବା ପାଇଁ ଯଥା-ତଥା ନୀତି ଅବଲମ୍ବନ କରିବା, ଏହା କଦାପି ସ୍ବୃହଣୀହ ନୁହେଁ । ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ହେଲେ ଶୁଦ୍ଧ ମନ, କର୍ମ ପ୍ରତି ଶ୍ରଦ୍ଧା ଏବଂ ଗଠନ ମୂଳକର ପଦକ୍ଷେପର ଆବଶ୍ୟକତା ଅନିବାର୍ଯ୍ୟ । ଅଧୀକ୍ଷକଙ୍କ ଭଳି ଚିନ୍ତାଧାରା ଆଦୌ ଗ୍ରହଣୀୟ ନୁହେଁ ।

ଭାରତର ଜନସଂଖ୍ୟାର ସିଂହଭାଗ ମଧ୍ୟବିତ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ । ଏହି ଶ୍ରେଣୀର ଜୀବନଯାତ୍ରା, ପାରିବାରିକ ନିୟମ, ବିଚାରଧାରା ଓ ଅଭ୍ୟାସମାନ ପ୍ରାୟତଃ ସମାନ । ମଧ୍ୟବିତ୍ତ ପରିବାର ଆୟ ଓ ଉପାଜର୍ନର ସରଳ ଓ ସିଧା ମାର୍ଗ ସରକାରୀ ଚାକିରି । ମୁଖ୍ୟତଃ ନବେ ପ୍ରତିଶତ ପରିବାର ଚାକିରିକୁ ଉପାର୍ଜନର ମାଧ୍ୟମ ବୋଲି ଗ୍ରହଣ କରିଛନ୍ତି । ଯେଉଁମାନେ କ୍ଷୁଦ୍ରଶିଳ୍ପୋଦ୍ୟୋଗକୁ ରୋଜଗାର କରି ବ୍ୟବସାୟିକ ମନୋବୃତ୍ତି ଆପଣେଇଥା'ନ୍ତି, ସେମାନଙ୍କୁ ସଂଘର୍ଷ କରିବାକୁ ପଡ଼େ । ଏହି ବର୍ଗ ସମାଜର କେବଳ ଅଙ୍ଗ ନୁହେଁ । ଏହା ଏକ 'ଇମୋସନ୍' । ପରିବାରକୁ ପ୍ରାଧାନ୍ୟ ଏବଂ ଭବିଷ୍ୟତ ପ୍ରତି ସଦା ସଚେତନ । ଏହାହିଁ ମଧ୍ୟବିତ୍ତ ପରିବାରର ବୈଶିଷ୍ଟ୍ୟ । 'ପଥ ଓ ପ୍ରାନ୍ତ', 'ବିଦାୟ ବେଳା', 'ସୁପୁରୁଷ' ଗଳ୍ପତ୍ରୟ ମଧ୍ୟବିତ୍ତ ପରିବାର ଭାବ ଓ ଭାବାନ୍ତର ଉପରେ ଆଧାରିତ ।

'ପଥ ଓ ପ୍ରାନ୍ତ' ଭିନ୍ନ ଏକ ସ୍ୱାଦର ଗଳ୍ପ । ସାଂପ୍ରତିକ ସମାଜରେ ଶ୍ରେଣୀଗତ ତାରତମ୍ୟ ଏବେ ବି ପରିଦୃଶ୍ୟ । ଏହାର ପ୍ରମୁଖ କାରଣ ଆର୍ଥିକ ଅସମାନତା । ମଧ୍ୟବିତ୍ତ ପରିବାର ଏହି ଶ୍ରେଣୀଗତ ବିଭେଦର ଦଂଶନରେ କ୍ଷତାକ୍ତ ଓ ଅସହାୟତାର ଜୀବନ ବଞ୍ଚେ । ପୁଣି ସେ ସର୍ବଦା ଚାପଗ୍ରସ୍ତ ଏବଂ ଏକା ଏକା ଏକଲବ୍ୟ ଭଳି ତା'ର ଜୀବନ ପ୍ରବାହ । ମଧ୍ୟବିତ୍ତ ନିଜର ସ୍ଥିତିପ୍ରତି ଭଲ ପାଇଛି ସତ; କିନ୍ତୁ ତା'ର ମଧ୍ୟବିତ୍ତ ଅବସ୍ଥା ବାଟ ଓଗାଳିଛି । ତାର ପିତାମାତା ଉଭୟଙ୍କ ମିଳାମିଶାକୁ ପସନ୍ଦ କରିନାହାନ୍ତି । ବାରମ୍ବାର ସ୍ନିଗ୍ଧେନ୍ଦୁକୁ ତା'ର ମା' ବୁଝାନ୍ତି । ପୁଅର ଏଭଳି ସ୍ଥିତିକୁ ଦେଖି ତା'ର ବାପା ମର୍ମାହତ । ସ୍ନିଗ୍ଧେନ୍ଦୁର ବାପାର ଅନ୍ତରର ଭାବାବେଗକୁ ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତି ସଠିକ୍ ଭାବେ ଆକଳନ କରିବାରେ ସକ୍ଷମ । "ସ୍ନିଗ୍ଧେନ୍ଦୁର ବାପା କିନ୍ତୁ ଜାଣିଥିଲେ ଯେ ତାଙ୍କର ପୁଅ ପ୍ରଶାସନିକ ଅଧିକାରୀ ହେବାର ନାହିଁ କି ସୁରଭିକୁ ବାହା ହେବାର ନାହିଁ । ବେଶି ଘନିଷ୍ଠ ହେଲାପରେ ମାନସିକ କଷ୍ଟ ଭୋଗିବ । ସୁବିଧା ଦେଖି ତାକୁ ସତର୍କ କରିଦେବା ଉଚିତ । "(୫) ମଧ୍ୟବିତ୍ତର ଦୁଃଖ-ହତାଶା-ମାନସିକ ଅବସାଦ-ସ୍ୱପ୍ନଭଙ୍ଗ-ଅସହାୟତାର ଚିତ୍ରକୁ ଗଳ୍ପରେ ସୁସ୍ପଷ୍ଟ ପରିଲକ୍ଷିତ । ଏହି ଶ୍ରେଣୀ ମଣିଷ ସ୍ୱପ୍ନ ଦେଖିବାକୁ ବଞ୍ଚିତ । ଏମାନେ ବେଶ୍ ଭଲଭାବେ ଜାଣନ୍ତି ଯେ, ସମ୍ଭ୍ରାନ୍ତ ଗୋଷ୍ଠୀଙ୍କ ସହିତ କେବେ ମଧ୍ୟ ତାଳ ଦେଇପାରିବେ ନାହିଁ । ବରଂ ସେମାନେ ସମୟ ସୁଯୋଗ ଦେଖି ଅପମାନ କରିବେ । ଗଳ୍ପର ଶ୍ୱେତା ମାଉସୀ (ସୁରଭିର ମାଆ) ଯେତେବେଳେ ଉଭୟଙ୍କ ସଂପର୍କରେ ଅବଗତ ହେଲାପରେ, ସେ ଏ ସଂପର୍କକୁ ସ୍ୱୀକୃତି ଦେବା ପାଇଁ ଅରାଜି । କାରଣ ସ୍ନିଗ୍ଧେନ୍ଦୁକୁ ସେମାନଙ୍କ ସମାସ୍କନ୍ଧ ନୁହେଁ । ବାରମ୍ବାର ସ୍ନିଗ୍ଧେନ୍ଦୁଙ୍କୁ ଡାକି ବଡ଼ ବଡ଼ ଘରକୁ ବୁଲାଇ ନେବା ସହ ଅପ୍ରଚ୍ଛନ ଭାବେ ଅପମାନିତ କରିବା, ସମ୍ଭ୍ରାନ୍ତ ଗୋଷ୍ଠୀଙ୍କ ଏହା ନୀତିଗତ ଆଚରଣ ଓ ରୁଗ୍‌ଣ ମାନସିକତାର ପ୍ରତିଫଳନକୁ ଗାଳ୍ପିକ ମହାନ୍ତି ଏଠାରେ ଦର୍ଶାଇଛନ୍ତି । ବରଂ ଏଭଳି ମଣିଷଙ୍କ ଠାରୁ ଦୂରତ୍ୱ ବଜାୟ ରଖିବା ଉଚିତ । ଜୀବନ ପଥ ଦୀର୍ଘତମ । ଏହି ଯାତ୍ରା ଅତିକ୍ରମ କଲାବେଳେ ଅନେକ ମଣିଷଙ୍କ ସହିତ ସଂପର୍କ ଆପେ ଆପେ ସ୍ଥାପନ ହୁଏ । ଅନେକ ସଂର୍ପକରେ ଘନିଷ୍ଠତା ବଢ଼େ । ପୁଣି ଦୈବାତ୍ ସେ ସଂପର୍କରେ ପୂର୍ଣ୍ଣଚ୍ଛେଦ ପଡ଼େ । ଏହାହିଁ ବିଧି ନିର୍ଦ୍ଧିଷ୍ଟ । ଏହି ନିୟମକୁ ଧାରଣ କରି ଜୀବନର ଚଲାପଥ । ଜୀବନର ରହସ୍ୟମୟତାକୁ ଗାଳ୍ପିକ ଶ୍ରୀପ୍ରସାଦ ଗଳ୍ପରେ ଦର୍ଶାଇଛନ୍ତି ।

ମଧ୍ୟବିତ୍ତ ପରିବାରର ଜୀବନ ଚିତ୍ର 'ବିଦାୟ ବେଳା' ଗଳ୍ପରେ ଉଜ୍ଜୀବିତ । ଏହି ଶ୍ରେଣୀୟ ପରିବାରର ସଦସ୍ୟମାନେ ପରିସ୍ଥିତିର ସାମ୍ନା କରିବାର ତାକତ୍ ରଖିଥା'ନ୍ତି । ପରସ୍ପର ପ୍ରତି ଭାବ ଏବଂ ପଦବୀ-ପ୍ରତିଷ୍ଠା-ଉପାର୍ଜନକୁ ନେଇ କେହି କାହା ପ୍ରତି ଈର୍ଷିତ ନୁହଁନ୍ତି । ପୁଣି ପରିବାର ପ୍ରତି ସମ୍ମାନ, ଶ୍ରଦ୍ଧା ବଜାୟ ରହେ । ଏମାନଙ୍କ ପ୍ରତି ପରିବାର ଶ୍ରେଷ୍ଠ । 'ବିଦାୟ ବେଳା' ଗଳ୍ପର ନାୟକ ଅମର ସାଧାରଣ କମ୍ପାନୀରେ କାମ କରି ପରିବାର ପୋଷେ । ଝିଅ ମୁନି ଓ ସ୍ତ୍ରୀ ଲତିକାକୁ ନେଇ ତା'ର ସଂସାର ରଥ । ଦୈବାତ୍ ଅମର ଚାକିରିରେ ଛଟେଇ ହୁଏ । ଯେଣତେଣ ପ୍ରକାରଣେ ଏହି ତିନ ପ୍ରାଣୀ ଚଳିଯାଆନ୍ତି । ଠିକ୍ ଏହି ସମୟରେ ଲତିକା ବ୍ୟାଙ୍କରେ ଚାକିରି ମିଳେ । ପରିସ୍ଥିତିକୁ ସୁଧାରିବା ପାଇଁ ଲତିକା ସହ ମୁନି ଚାକିରି ସ୍ଥଳରେ ରୁହେ । ଅମର ପନ୍ଦର ଦିନରେ ଥରେ ଆସେ, ଗୋଟିଏ ଦିନ ରହି ନିଜ କର୍ମକ୍ଷେତ୍ରକୁ ଫେରିଯିବା । ଗଳ୍ପରେ ମଧ୍ୟବିତ୍ତ ପରିବାରର ଭାବାବେଗକୁ ଅତୀବ ଜୀବନ୍ତ ରୂପ ଦେଇପାରିଛନ୍ତି ।

ଏହି ଶ୍ରେଣୀୟ ଲୋକଙ୍କ ପରମ ସଂପଦ ହେଉଛି ପରିବାର । ଏମାନେ ନିଜର ସମୃଦ୍ଧ । ଭବିଷ୍ୟ ପାଇଁ ଚିର ସଂଗ୍ରାମରତ । ଏହାର ଜୀବନ୍ତ ଦୃଷ୍ଟାନ୍ତ ଅମର ଲତିକା । ମଧ୍ୟବିତ୍ତ ଶ୍ରେଣୀର ପିତାମାତାମାନେ ଜଣେ ଜଣେ ତ୍ୟାଗ-ତିତିକ୍ଷାର ଜୀବନ୍ତ ବିଗ୍ରହ । ନିଜର ଦୁଃଖ ଓ ଦୁଃସ୍ଥିତିକୁ କାହାରିର ସମ୍ମୁଖରେ ପ୍ରକାଶ କରନ୍ତି ନାହିଁ । ବରଂ ସେମାନେ ତଳିତଳାନ୍ତ ହୋଇପଡ଼ିବେ । ନିଜ ପୁତ୍ର-ପୁତ୍ରୀର ସୁରକ୍ଷିତ ଭବିଷ୍ୟତ ନିମନ୍ତେ ସମୁଦ୍ରକୁ ଲଙ୍ଘି ଯିବାର ମାନସିକତା ରଖନ୍ତି । ଏହା ହେଉଛି ମଧ୍ୟବିତ୍ତ ଗୋଷ୍ଠୀର ମାନସିକତା ।

ବସ୍ତୁବାଦୀ ଜୀବନ, ମନର ଶାନ୍ତି ନା ଆତ୍ମାର ପ୍ରଶାନ୍ତି ଉତ୍ପାଦନ କରିପାରେ ନାହିଁ । ତେବେ ଜୀବନର ଉଦ୍ଦେଶ୍ୟ ହେଉଛି ସମସ୍ତ ପ୍ରକାର ପୃଥକ୍ ବ୍ୟକ୍ତିତ୍ୱକୁ ପରିହାର କରି ଭଗବତ୍ ପାଦରେ ଲୀନ ହୋଇଯିବ । ଅର୍ଥାତ୍ କୃତ୍ରିମ ଜୀବନକୁ ତ୍ୟାଗକରି ସତ୍ୟାସତ୍ୟକୁ ଗ୍ରହଣ କରିବା । ଏହା ହେଉଛି ସାଧୁପ୍ରତିମ ଯୁଗ । 'ସୁପୁରୁଷ' ଗଳ୍ପର ଅଂଶୁମାନ ଚରିତ୍ର ନିଜ ଝିଅ ଲିଲିକୁ ଚାପମୁକ୍ତ ରଖିବା ପାଇଁ ବିବିଧ ଉପାୟ ଅବଲମ୍ବନ କରନ୍ତି । ଝିଅ ସହିତ ସମୟ ଅତିବାହିତ କରିବା, ରାସ୍ତାକଡ଼ରେ ବିକ୍ରୟ ହେଉଥିବା ଖାଦ୍ୟ କ୍ରୟକରି ଏକାସାଥିରେ ଖାଇବା, ବର୍ଷାରେ ଭିଜିବା, ମନ ଚିହ୍ନି ବିବିଧ, ସାମଗ୍ରୀ ସଂଗ୍ରହ ପ୍ରଭୃତି କାର୍ଯ୍ୟରେ ନିଜକୁ ଯୋଡ଼ି ରଖନ୍ତି । "କିନ୍ତୁ ଅଂଶୁମାନର ଥିଲେ ଆହୁରି ଚାରିଜଣ ଭାଇ ଭଉଣୀ । ସେମାନେ ନିଜ ନିଜ ଭିତରେ ପରସ୍ପରର ମନକଥା ବାଣ୍ଟିପାରୁଥିଲେ । ସୁଖଦୁଃଖ ବଖାଣି ପାରୁଥିଲେ । ଖୁସି ମଜା କରିପାରୁଥିଲେ । କିନ୍ତୁ ଲିଲି ତ ଗୋଟିଏ ବୋଲି ଝିଅ । ତେଣୁ ଅଂଶୁମାନ ଭାବୁଥିଲା, ସେମାନେ ଖାଲି ତା'ର ବାପା-ମା' ନୁହନ୍ତି, ସାଙ୍ଗ ବି, ଭାଇ-ଭଉଣୀ ବି ।" (୬) ଚାପଯୁକ୍ତ ଜୀବନରେ ଖୁସି ମିଳେ ନାହିଁ । ଏହାକୁ ହୃଦୟଙ୍ଗମ କରିପାରିଥିଲେ, ଗଳ୍ପ ନାୟକ ଅଂଶୁମାନ । ଝିଅ ଲିଲି ପ୍ରତି ସେ ଥିଲେ ଅଧିକ ଯତ୍ନବାନ । ପୁଅ-ଝିଅ ହେଉଛନ୍ତି ବାପାମାଆଙ୍କ ଶ୍ରେଷ୍ଠ ରତ୍ନ । ଘରର ଯେମିତି ଅଳଙ୍କାରକୁ ନିରାପଦ ରଖାଯାଏ, ଠିକ୍ ପୁଅଝିଅକୁ ମଧ୍ୟ ନିରାପଦରେ ରଖିବା ପିତାମାତାଙ୍କ ଶ୍ରେଷ୍ଠ କର୍ମ । ଏହା ଅଂଶୁମାନ ବୁଝିଥିଲେ । କିନ୍ତୁ ପତ୍ନୀ ଅନୀତା ଯେଭଳି ଢଙ୍ଗରେ ଲିଲିକୁ ଅତ୍ୟଧିକ ଚାପ ପ୍ରୟୋଗ କରି ପାଠ ପଢ଼ାନ୍ତି, ତାହା ଅଂଶୁମାନ ଗ୍ରହଣ କରିପାରୁ ନ ଥିଲେ । ସଂପ୍ରତି ମଧ୍ୟବିତ୍ତ ଶ୍ରେଣୀ ପରିବାରର ଜୀବନଯାତ୍ରା କଷ୍ଟପ୍ରଦ । "ଦେହକୁ ଖଣ୍ଡେ କନା ଏବଂ ପେଟକୁ 'ଦାନା'ମୁଠେ ଦାନା ବାସ୍ ଏତିକିରେ ଏହି ବୃହତ୍ ସମୂ ଖୁସି । ଏମାନେ ବର୍ତ୍ତମାନକୁ ନେଇ ଯେତିକି ଚିନ୍ତିତ, ତା'ଠୁ ବେଶୀ ଭବିଷ୍ୟତ୍ ପ୍ରତି ଚିନ୍ତାଶୀଳ । ସକଳ ପରିସ୍ଥିତିରେ ଏମାନେ ସାଲିସ୍ କରିବାକୁ ପ୍ରସ୍ତୁତ । ଗଳ୍ପର ଅନୀତା ଚରିତ୍ରରେ ଏହା ଦର୍ଶନୀୟ । ଝିଅ ଲିଲିର ଭବିଷ୍ୟତ ପ୍ରତି ଏତେ ପ୍ରଯତ୍ନଶୀଳ ଯେ, ତା'ର ହସଖୁସିର ମୁହୂର୍ତ୍ତକୁ ସେ ଲୁଣ୍ଠନ କରିବାକୁ ପ୍ରସ୍ତୁତ । ଅପରପକ୍ଷେ ଅଂଶୁମାନ ଝିଅର ମନକୁ ଚିହ୍ନି ସେ ତାକୁ ଖୁସି ଦେବାକୁ ତତ୍ପର । ଝିଅ ଯେତେବେଳେ ଅନ୍ୟତ୍ର ରହି ପାଠ ପଢ଼େ । ଅନେକ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନରେ ଆସେ । ସେ ବେଳାରେ ଝିଅ ଲିଲି ଖୁସିରେ ଆତ୍ମହରା ହୋଇ ମାଆକୁ କହେ, ବାପା ମୋତେ ଖୁସି ଦେଇଛନ୍ତି; କିନ୍ତୁ ମାଆ ତୁ ମୋର ଜୀବନ ଗଢ଼ିଛୁ । ଝିଅର ଏଭଳି କଥାରେ ଅଂଶୁମାନ ବିବ୍ରତ ବା ବିଚଳିତ ନୁହନ୍ତି, ବରଂ ସେ ବେଶ୍ ଖୁସି । ଏ ପରିପ୍ରେକ୍ଷୀରେ ଡକ୍ଟର ଚିତ୍ତରଞ୍ଜନ ଦାସଙ୍କ 'ପୁରୁଷ-ପ୍ରକୃତି' ପ୍ରବନ୍ଧରୁ କିଛି ଉଦ୍ଧୃତଯୋଗ୍ୟ । "ପ୍ରତ୍ୟେକ ପୁରୁଷ ଭିତରେ ଗୋଟିଏ ସ୍ତ୍ରୀ ରହିଛି, ପ୍ରତ୍ୟେକ ସ୍ତ୍ରୀ ଭିତରେ ମଧ୍ୟ ପୁରୁଷଟିଏ ରହିଛି । ସାଂସାରିକ ଭେଦ ଅନୁସାରେ ପୁରୁଷ ଓ ସ୍ତ୍ରୀର ଯେଉଁ ଅଲଗା ଅଲଗା ବିଚାର ରହିଛି; ସେହି ବିଚାରର ଫାଶ ଭିତରୁ ମୁକୁଳି ସବା ଆଗ ନିଜକୁ ଜଣେ ସନ୍ତାନ ବୋଲି ଅନୁଭବ କରିପାରିଲେ ଯାଇ ଆମେ ପ୍ରତ୍ୟେକେ ନିଜକୁ ଏକାବେଳେକେ ସେହି ଦୁଇଟିଯାକ ଅନୁଭବର ଯୋଗ୍ୟ କରିପାରିବା ।" (୭) ଏଭଳି ଉଚ୍ଚ ଚିନ୍ତାଧାରାକୁ ଧାରଣା କରିଥିଲେ ଗଳ୍ପନାୟକ ଅଂଶୁମାନ । ତାଙ୍କ ଝିଅ ଲିଲି ଯେତେବେଳେ ଚାପଗ୍ରସ୍ତ ଅବା ତା'ର ଅନୀତା ମାଧ୍ୟମରେ ବଧ କରାଯାଇଥିଲା । ଲିଲି ସ୍ଥାନରେ ନିଜକୁ ରଖି ଅନୁଭବ କରୁଥିଲେ । ଏଣୁ ଲିଲିର ସାଧାରଣ ଆବଶ୍ୟକତା ଓ ଖୁସି ପାଇଁ ଅଂଶୁମାନର ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ । ଏହାହିଁ ସୁପୁରୁଷର ଲକ୍ଷଣ ।

'ନାର୍ସିସିଷ୍ଟର ମନ' ଗଳ୍ପଟି 'ନାର୍ସିସିଜିମ୍' । ଅର୍ଥାତ୍ ବ୍ୟକ୍ତିତ୍ୱ ବିକାର ପ୍ରସଙ୍ଗ ଉପରେ ଆଧାରିତ । ଯେଉଁଥିରେ ପୀଡ଼ିତ ବ୍ୟକ୍ତି ଆତ୍ମମହତ୍ତ୍ୱକୁ ଅତିରଞ୍ଜିତ ଭାବେ ପ୍ରଦର୍ଶନ କରିଥାଏ । ଏହି ମାନସିକ ରୋଗୀ ଆତ୍ମପ୍ରଶଂସାକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି । ଏଭଳି ରୋଗୀଙ୍କୁ ନାର୍ସିସିଷ୍ଟ କୁହାଯାଏ । 'ନାର୍ସିସିଷ୍ଟର ମନ' ଗଳ୍ପର ନାୟିକା ଶ୍ୟାମଳୀ, ସେ ଗଳ୍ପ ନାୟକ ସମ୍ମୁଖରେ ନିଜର ଖାନ୍‌ଦାନୀ ପରିବାର, ଐତିହ୍ୟମୟ ଅତୀତ, ପ୍ରଭାବଶାଳୀ ସଂପର୍କୀୟ, ଅନେକ ଯୋଗ୍ୟ ପାତ୍ରଙ୍କ ପ୍ରସ୍ତାବ ଆସିଥିଲା । 'କେବଳ ସ୍କୁଲରେ ଶିକ୍ଷକତା କରିବି' ଏଭଳି ଆତ୍ମପ୍ରଶଂସାରେ ଶ୍ୟାମଳୀ ଅଭିନିବିଷ୍ଟ । ତାଙ୍କର ଏହି ସ୍ୱଭାବ ବେଶ୍ ଦେଖାଶିଖା ହୋଇଥାଏ ।

ଗଳ୍ପନାୟକ ଓ ଶ୍ୟାମଳୀ ଏକାଠି ଯାଉଥିବାବେଳେ, ଅନେକଙ୍କ ସହ ସାକ୍ଷାତ ହେବାସହ ସେମାନେ ନମସ୍କାର କରୁଥିଲେ । ଏ ବେଳାରେ ଶ୍ୟାମଳୀ ଖୁସି ହୋଇ ପ୍ରତି ନମସ୍କାର ଜଣାଉଥିଲା ।

ନମସ୍କାର କରୁଥିବା ଲୋକ ଯେତେବେଳେ ଜଣାନ୍ତି ଯେ, ଆମର ସମ୍ମାନ ଆପଣଙ୍କ ପ୍ରତି ନୁହେଁ । ତତ୍‌କ୍ଷଣାତ୍ ଶ୍ୟାମଳୀ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ । ସେହିପରି ଅନ୍ୟ ଏକ ଘଟଣାକ୍ରମକୁ ଏଠାରେ ଉପସ୍ଥାପନ କରାଯାଇପାରେ । ଶ୍ୟାମଳୀ ବିବାହ କରିଛି ସୈକତକୁ । ଦୀର୍ଘବର୍ଷ ଅତିକ୍ରାନ୍ତ ପରେ ଶ୍ୟାମଳୀ ସହିତ ଗଳ୍ପ ନାୟକଙ୍କ ସାକ୍ଷାତ । ଶ୍ୟାମଳୀ କହେ, ମନ ମୋର ଯେତେବେଳେ ଦୁଇ ଭାଗ ହୋଇଯାଏ, ଦ୍ୱିଧା ବିଭକ୍ତ ମନ ନେଇ ମୁଁ ଏହି ଅଲିଭ ଗଛ ମୂଳକୁ ଆସେ । ଦୁଇ ଡାଳ ଭାଙ୍ଗି ଦୁଇହାତରେ ଧରିଥାଏ । ସତେଯେମିତି ଗୋଟିଏ ଡାଳ ତୁମେ ମୋ ଅନ୍ୟ ଡାଳିଟି ସୈକତ । ଏଭଳି ଭାବନା ଦ୍ୱାରା ମୋର ମାନସିକ ସ୍ଥିରତା ଫେରିଆସେ । ନାର୍ସିସିଷ୍ଟ ରୋଗୀ ଅନ୍ୟକୁ ଆକର୍ଷିତ କରିବା ପାଇଁ ତା'ର ସ୍ୱଭାବ ଲୋକ ଦେଖାଣିଆ ହୋଇଥାଏ । ଏହା ହେଉଛି ବ୍ୟକ୍ତିତ୍ୱ ବିକାରର ଲକ୍ଷଣମାନ । ଘରେ ହେଉ ବା ବାହାରେ ହେଉ ସେମାନେ ନିଜକୁ ପ୍ରଦର୍ଶନ କରିବା ପାଇଁ ଏବଂ ଅନ୍ୟକୁ ଆକର୍ଷିତ କରି ପ୍ରଶଂସା ନେବାପାଇଁ ପ୍ରଚେଷ୍ଟା କରିଥାନ୍ତି ।

ନାର୍ସିସିଷ୍ଟ ରୋଗୀଙ୍କୁ ଯଦି ମନପସନ୍ଦର ପ୍ରଶଂସା ନ ମିଳିଲେ ଅବା ତା' ସମ୍ମୁଖରେ ଆଉ କାହାର ପ୍ରଶଂସା କରାଗଲେ ସେ ନୃଶଂସ ହୋଇଉଠେ । ଗଳ୍ପ ନାୟକ ଜଣେ ବୃତ୍ତିରେ ଡାକ୍ତର । ଶ୍ୟାମଳୀ ସହିତ ମିଳାମିଶା କରିବା ଦ୍ୱାରା ଜାଣିପାରିଲେ ଯେ, ସେ ଜଣେ ନାର୍ସିସିଷ୍ଟ । ଏ କଥା ତାଙ୍କ ମାଉସୀଙ୍କୁ ଜଣାଇଦେଇ କହିଲେ, ଶ୍ୟାମଳୀକୁ ମାନସିକ ବିଶାରଦକୁ ଦେଖାଇଲେ ତା'ର ଉନ୍ନତି ନିଶ୍ଚୟ । ଏହି କଥା ଶ୍ୟାମଳୀ ଶୁଣିପକାଇଲା । ଏହାପରେ କ୍ରୋଧରେ ଉତ୍‌କ୍ଷିପ୍ତ ହୋଇ ଗଳ୍ପନାୟକର ମୁଣ୍ଡରେ ଆଘାତ ଦେଇଛି । ପସନ୍ଦାନୁଯାୟୀ ଯଦି ପ୍ରଶଂସା ନ ମିଳେ, ଏମାନେ ଈର୍ଷାଳୁ ହୋଇଯାଆନ୍ତି ଏବଂ କ୍ରୋଧ ପ୍ରକାଶ କରନ୍ତି । ଏଥିପାଇଁ ସେମାନେ ବିଭିନ୍ନ ଜଘନ୍ୟକାଣ୍ଡ ମଧ୍ୟ ଘଟାଇଥା'ନ୍ତି । ଅନ୍ୟମାନଙ୍କ ପ୍ରତି ଏମାନଙ୍କର କୌଣସି କ୍ଷେତ୍ରରେ ସହାନୁଭୂତି ନ ଥାଏ । ସାଧାରଣତଃ, ଏଭଳି ବ୍ୟକ୍ତିମାନଙ୍କୁ କେହି ପସନ୍ଦ କରନ୍ତି ନାହିଁ । ଏମାନଙ୍କ ପାଇଁ ଉଚିତ୍ ମାର୍ଗ ଦର୍ଶନର ଆବଶ୍ୟକତା ରହିଛି । କାଉନ୍‌ସେଲିଂ ଏବଂ ମନୋଚିକିତ୍ସକ ଦ୍ୱାରା ବ୍ୟକ୍ତିତ୍ୱ ବିକାର ଚିକିତ୍ସା ହୋଇପାରିବ ।

ଦୈନନ୍ଦିନ ଜୀବନର ବହୁ ଘଟଣାବଳୀ, ଯାହା ସାଧାରଣତଃ ଦୃଷ୍ଟିରେ ପଡ଼େନା, ସେଭଳି ଘଟଣାମାନଙ୍କୁ ମଣିଷ ଚରିତ୍ରର ନାନା ଦିଗକୁ ସେ ନିଜ ଗଳ୍ପରେ ଉଦ୍‌ଘାଟନ କରିଛନ୍ତି । ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତିଙ୍କ 'ଗିରିଡ଼ି ଆମ୍ବ' ଓ 'କ୍ଷୟିଷ୍ଣୁ ସଭ୍ୟତାର ମୁମୂର୍ଷୁ ବର୍ଷ' ଗଳ୍ପ ବେଶ୍ ପ୍ରଣିଧାନଯୋଗ୍ୟ ହୋଇପାରିଛି । ମଣିଷର ଜୀବନକୁ ରୂପ ଦେବାରେ ଗାଳ୍ପିକମାନଙ୍କର ଉନ୍ମୁଖତା ଦୃଷ୍ଟି ଆକର୍ଷଣକାରୀ ହୋଇପାରିଛି । ମଣିଷ ମଣିଷ ଭିତରେ ଥିବା ପାର୍ଥକ୍ୟକୁ ଗାଳ୍ପିକ ମହାନ୍ତି ଗଳ୍ପରେ ଉଦ୍‌ଭାସିତ କରିଛନ୍ତି ।

ସାଧାରଣ ଘଟଣାକୁ ଆଧାର କରି ଗଳ୍ପଟି ରହିଛି । ବୁଢ଼ା ଆମ୍ବ ବିକାଳୀର ଅଭାବଗ୍ରସ୍ତ ଅବସ୍ଥା ଦେଖି ଗଳ୍ପନାୟକ ତା'ଠାରେ ମୂଲଚାଲ ନ କରି, ତା'ର ସବୁତକ ଆମ୍ବ କ୍ରୟ କରିନେଲେ । ତାକୁ ଯେତିକି ପ୍ରାପ୍ୟ ଦେବା କଥା ଦେଇ, ଫେରସ୍ତ ଦେଉଥିବା ଖୁଚୁରାକୁ ନେବାପାଇଁ ମଧ୍ୟ ମନା କରିଦେଲେ । ଗଳ୍ପର କଥାବସ୍ତୁରେ କଦାପି ଘଟଣାକ୍ରମ ନାହିଁ । ଅଥଚ ଗଳ୍ପରେ ମାନବ ଜୀବନ ସଂପର୍କିତ ଗଭୀର ଓ ସୂକ୍ଷ୍ମତର ଚେତନାର ବାର୍ତ୍ତା ବହନ କରୁଛି 'ଗିରିଡ଼ି ଆମ୍ବ' ଗଳ୍ପ । ଏହି ଗଳ୍ପରେ ଲେଖକ ଭାରତୀୟ ଗ୍ରାମୀଣ ଇଲାକାରେ ଘଟୁଥିବା ବିଚିତ୍ର ଘଟଣାର ଚମତ୍କାର ତଥା ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଦେବାରେ ଅତ୍ୟନ୍ତ ସଫଳ ହୋଇଛନ୍ତି । ଗାଳ୍ପିକ ଶ୍ରୀପ୍ରସାଦ ମଣିଷର ମହତ୍ତ୍ୱ ଦେଖି ଯେପରି କୃତଜ୍ଞ ଅନୁଭବ କରନ୍ତି । ସେହିପରି ମଣିଷକୁ ନିଜ ଗଳ୍ପରେ ରୂପଦେଇ ପାଠକଙ୍କୁ କୃତଜ୍ଞ କରିଛନ୍ତି । ମଣିଷର ମହତ୍ତର ଦିଗକୁ ଚିତ୍ରଣ କରିବା, ଶ୍ରୀପ୍ରସାଦ ମହାନ୍ତିଙ୍କ ଗଳ୍ପର ବିଶିଷ୍ଟ ଦିଗ ।

ମାନବିକ ସଂପର୍କ କ୍ଷେତ୍ରରେ ଅନେକ ନକରାତ୍ମକ ଚିତ୍ର 'କ୍ଷୟିଷ୍ଣୁ ସଭ୍ୟତାର ମୁମୂର୍ଷୁ ବର୍ଷ' ଗଳ୍ପରେ ଗାଳ୍ପିକ ଶ୍ରୀପ୍ରସାଦ ଦର୍ଶାଇଛନ୍ତି । ସମାଜରେ ଏକ ଉପଭୋକ୍ତାବାଦୀ ଦୃଷ୍ଟିଭଙ୍ଗୀ ବ୍ୟାପକ ହେବାରେ ଲାଗିଛି । ପ୍ରତ୍ୟେକ ସ୍ତରରେ ତୀବ୍ର ପ୍ରତିଯୋଗିତା । ଏହାଦ୍ୱାରା ମାନବିକ ସଂପ୍ରୀତି ଓ ସହୃଦୟତା କମି କମି ଆସୁଛି । ସହରୀ ଜୀବନ ପରିବେଶରେ ମାନବିକ ସମ୍ବନ୍ଧ ଅତ୍ୟନ୍ତ ଶିଥିଳ ହେବାକୁ ବସିଛି । ଗଳ୍ପର 'ଅଭିନବ' ଚରିତ୍ରରେ ତାହା ପ୍ରଦର୍ଶିତ । ଗାଁରୁ ସହରକୁ ଆସିଛି ଉଚ୍ଚଶିକ୍ଷା ଗ୍ରହଣ ସକାଶେ । ନିଜର ଲକ୍ଷ୍ୟ ଓ ଗତିକୁ ସାର୍ଥକ କରିବା ପାଇଁ ଅନ୍ଧାନୁସୃତ ବିକୃତ ସଭ୍ୟତାକୁ ଆଦିର ନେବା । ମଦ୍ୟପାନ, ଉଚ୍ଛୃଙ୍ଖଳ ହେବା, ମହିଳା ହଷ୍ଟେଲକୁ ଟେକା ଫୋପାଡ଼ିବା, ଅଶ୍ଳୀଳ ଭାଷା ପ୍ରୟୋଗ, ଉନ୍ମାଦକାଣ୍ଡ ସୃଷ୍ଟି କରିବା ପ୍ରଭୃତି କାର୍ଯ୍ୟରେ ସଂପୃକ୍ତ ରହେ । ସମାଜର ବିଭିନ୍ନ ସ୍ତରରେ ମାନବୀୟ ସଙ୍କଟ ଉତ୍କଟ ରୂପ ନେଲାଣି । ଏହି ଗଳ୍ପଟି ତା'ର ସଙ୍କେତ ବହନ କରେ । ଗାଳ୍ପିକ ମହାନ୍ତି ସୂକ୍ଷ୍ମଭାବେ ଗଳ୍ପନାୟକ ଅଭିନବର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିପାରିଛନ୍ତି । ମହାବିଦ୍ୟାଳୟରେ ଯୋଗଦେବା ଠାରୁ ସ୍ଥାନୀୟ ଚଳଣିକୁ ଆଦରି ନେବା । ସଫଳତା ପାଇବାକୁ ହେଲେ ଏସବୁ ଗ୍ରହଣ କରିବାକୁ ପଡ଼ିବ । ଏ ସଂକ୍ରାନ୍ତୀୟ ମାନସିକତା ହିଁ ଅଭିନବକୁ ବାଟବଣା କରିଦେବାରେ ସହାୟକ । ଅଭିନବ, ଶେଖର ଭଳି ଯୁବକ ଫମ୍ପା ଫେଣ୍ଟାସି ଭିତରେ ଫେଣ୍ଟି ହୋଇ ସତଚେଷ୍ଟା ସତ୍ତ୍ୱେ ମୁକୁଳି

ପାରୁନାହାନ୍ତି । ଏଠାରେ ଅଭିନବର ମାନସିକ ଭାବବେଗକୁ ଦର୍ଶାଯାଇପାରେ; "ବେଳେବେଳେ ତା'ର ମନେହୁଏ ଯେ ଆତ୍ମବିଶ୍ୱାସର ଅଭାବ ଥିଲା ତା'ପାଖରେ । ନିଜ ଭିତରର 'ମୁଁ'କୁ ଚିହ୍ନି ନ ଥିଲା କି ମର୍ଯ୍ୟାଦା ଦେଇ ନଥିଲା ଅଭିନବ । ତା' ହୋଇଥିଲେ ଆଉ କାହାର କାର୍ବନ୍ କାଗଜ ତଳେ ନିଜକୁ ନ ରଖି ନିଜ ଫର୍ଦ୍ଦରେ ନିଜେ ହିଁ କଲମ ଚଲାଇବାର ସାହାସ କରିଥାଆନ୍ତା ସିଏ ।"(୮) ତା'ର ଏକମାତ୍ର ଦୁର୍ବଳତା ଆତ୍ମବିଶ୍ୱାସର ଅଭାବ । ଅଭିନବର ମାନସିକ ସ୍ଥିତିକୁ ଆକଳନ କଲେ ତାହା ସ୍ପଷ୍ଟ ଅନୁମେୟ । ମଣିଷ ଯେତେବେଳେ ବିଚାରଶୂନ୍ୟ ହୋଇଯାଏ, ଏଭଳି ନକରାତ୍ମକ ପରିବେଶର ଶିକାର ସହଜରେ ହୁଏ । ଅଭିନବ ଅସହାୟତାରେ ଆକ୍ରାମାକ୍ରା । ସେହି ପରିତ୍ୟକ୍ତ ପରିବେଶରୁ ମୁକୁଳିବାକୁ ଚାହେଁ, ଅଥଚ ସେ ମାନସିକ ସ୍ତରରେ ସେତେ ସଶକ୍ତ ନୁହେଁ ।

ବିଚାରହୀନ ଭାବରେ କୌଣସି ପ୍ରସଙ୍ଗକୁ ନିଶ୍ଚିତ କରିବା । ବିନା ବୁଝି ନା ଆଖି ବନ୍ଦ କରି ନିର୍ଦ୍ଦିଷ୍ଟ ବିଷୟକୁ ବିଶ୍ୱାସ କରିନେବା । ସମ୍ଭବ ଓ ଅସମ୍ଭବ ବିଚାର ରହିତ ଧାରଣା ହେଉଛି ଅନ୍ଧବିଶ୍ୱାସ । ଏଣତର ଜନ୍ମ ଅଜ୍ଞାନରୁ, ଅଜ୍ଞାନର କାରଣ ତମୋଗୁଣରୁ । ଅନ୍ଧବିଶ୍ୱାସ ମଣିଷକୁ ମାନସିକ ସ୍ତରରେ ପଙ୍ଗୁ, ବିବଶ ଓ ଅସହାୟ ପରିସ୍ଥିତିକୁ ଟାଣିନିଏ । ଶ୍ରୀପ୍ରସାଦ 'ଅତିଥି' ଗଳ୍ପ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଗଳ୍ପନାୟକ ଗୁରୁ ପିଇସା, ଜଣେ ଜ୍ୟୋତିଷ । ସମସ୍ତେ ତାଙ୍କୁ ଆଦର ଓ ସମ୍ମାନ ଦିଅନ୍ତି । କିନ୍ତୁ ତାଙ୍କ ପୁତ୍ରବଧୂ ସହ ସର୍ବଦା ଦୂରତ୍ୱ ବଜାୟ ରଖିବା ତାଙ୍କ ପାଇଁ ନୀତିଗତ ଆଦର୍ଶ ପାଲଟି ଯାଇଥିଲା । ଉଭୟଙ୍କ ମଧ୍ୟରେ ବେଶୀ କଥାବାର୍ତ୍ତା ଚଳେ ନାହିଁ । ଜ୍ୟୋତିଷଶାସ୍ତ୍ରରୁ ଗଣନା କରି ଜାଣିପାରିଲେ ଯେ ତାଙ୍କ ବୋହୂ ସହ ତାଙ୍କର ପଡ଼ିବ ନାହିଁ । ଯଦ୍ଦ୍ୱାରା ସେ ନିଜ ଘରେ ନିଜେ ଅତିଥି ପାଲଟିଗଲେ । ପ୍ରାୟତଃ ଦିନବେଳା ଘର ବାହାରେ ସମୟ ଅତିବାହିତ କରନ୍ତି ଗୁରୁ ପିଇସା । ମଣିଷ, ମଣିଷ ଭାବେ ବଞ୍ଚି ରହୁ । ପରିବାରକୁ ଗୁରୁତ୍ୱ ଏବଂ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଏହା ଗୃହକର୍ତ୍ତାଙ୍କ ସ୍ୱଭାବ । କିନ୍ତୁ ଗୁରୁ ପିଇସାଙ୍କ ଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଲା । ନିଜର ସ୍ୱଭାବ ଓ ଆଚରଣକୁ ପରିବର୍ତ୍ତନ କରି ନିଜ ଘରକୁ ଗୁରୁତ୍ୱ ଦେଲେ ନାହିଁ । ଗୁରୁ ପିଇସା ଭଳି ଚରିତ୍ରମାନେ ନିତ୍ୟ ସମାଜରେ ଚଳପ୍ରଚଳ । ଏମାନେ ଗଣନା, ଜ୍ୟୋତିଷ, ଯାଦୁକଳା, ଖଟବିଦ୍ୟା, ଝଡ଼ାଫୁଙ୍କା ପ୍ରଭୃତିକୁ ବିଶ୍ୱାସ କରି ନିଜର ଜୀବନଯାତ୍ରାର ସୁଗମ ପଥକୁ ବିପଦସଙ୍କୁଳ କରିଦିଅନ୍ତି । ଏମାନେ ଜଣେ ଜଣେ ମାନସିକ ରୋଗୀ । ବିଶେଷତଃ, ଏ ରୋଗୀ ନିଜ ଉପରେ ଭରସା ବା ବିଶ୍ୱାସ ରଖେ ନାହିଁ । ସଦାବେଳେ ଏମାନେ ଅଲୌକିକ ଶକ୍ତି, ଜାତକ ଦେଖା, ଝଡ଼ାଫୁଙ୍କାରେ ବିଶ୍ୱାସ ରଖି ନିଜର ସୁଖମୟ ସଂସାରରେ ବିଷାଦ କାଳିମାର ଚାଦର ଖଣ୍ଡେ ଘୋଡ଼ାଇ ଦିଅନ୍ତି । ଯେତେବେଳେ ବାଧ ହୋଇ ପୁତ୍ରବଧୂ କହିଛି, ଆପଣ ମୋତେ ଘରର ବୋହୂ ହିସାବରେ ନୁହେଁ, ନିଜ ଝିଅ ଭାବେ ଦେଖନ୍ତୁ । ଏହା ଶୁଣିବାମାତ୍ରେ ଗୁରୁ ପିଇସା ନିଜର ଭ୍ରାନ୍ତଧାରଣାକୁ ବୁଝିପାରିଥିଲେ । ଗୁରୁ ପିଇସାଙ୍କ ଭଳି ମଣିଷଙ୍କ ଯଦି ମାନସିକ ପରିବର୍ତ୍ତନ ଘଟେ । ଆଗାମୀ କାଳରେ ଏମାନେ ବିବଶ ହୋଇ ଗର୍ହିତ ଅପରାଧରେ ଲିପ୍ତ, ନତୁବା ପାଗଳାମୀର ଶିକାର ହେବେ ସୁନିଶ୍ଚିତ ।

ଗାଳ୍ପିକ ଶ୍ରୀପ୍ରସାଦ ମହାନ୍ତିଙ୍କ 'ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ' ସଂକଳନଟି ବେଶ୍ ପ୍ରଭାବଶାଳୀ । ପ୍ରାୟତଃ ସମସ୍ତ ଗଳ୍ପ ପାଠକୀୟ ଶ୍ରଦ୍ଧା ଲାଭ କରିବ । ସାଂପ୍ରତିକ ଅବକ୍ଷୟମୁଖୀ ସମାଜ, ପାରିବାରିକ ଜୀବନ, ଅନ୍ଧବିଶ୍ୱାସ, ମଣିଷର ନୈତିକ ସ୍ଖଳନ, ଆର୍ଥିକ ଦୂରବସ୍ଥା, ପ୍ରେମର ସ୍ୱରୂପ, ମଣିଷ ଜୀବନର ସକରାତ୍ମକ ସ୍ୱର, ସଂଗ୍ରାମରତ ମଣିଷର ଜୀବନଚର୍ଯ୍ୟା, ପରିବେଶ ଆଦି ବର୍ଣ୍ଣନା ସହ ସରଳ ଭାଷା ପ୍ରୟୋଗ ଯୋଗୁଁ ଗଳ୍ପଗୁଡ଼ିକ ସୁଖପାଠ୍ୟ । ତାହାହିଁ ତ ଶ୍ରୀପ୍ରସାଦଙ୍କ ଗଳ୍ପ ରଚନାର ଶ୍ରମଫଳ ଓ ସାର୍ଥକତା ।

### ପୃଷ୍ଠଟୀକା :

୧. ମହାନ୍ତି ଡାକ୍ତର ଶ୍ରୀପ୍ରସାଦ । ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ, ପୃଷ୍ଠା-୨୭ ।
୨. ତତ୍ରୈବ । ପୃଷ୍ଠା-୨୮ ।
୩. ତତ୍ରୈବ । ପୃଷ୍ଠା-୬୦ ।
୪. ତତ୍ରୈବ । ପୃଷ୍ଠା-୮୪ ଓ ୮୪ ।
୫. ତତ୍ରୈବ । ପୃଷ୍ଠା-୮୦ ।
୬. ତତ୍ରୈବ । ପୃଷ୍ଠା-୩୨ ।
୭. ଦାସ ଚିତ୍ତରଞ୍ଜନ । ଦିବ୍ୟ ମୁହୂର୍ତ୍ତ । ପୃଷ୍ଠା - ୧୧୫ ।
୮. ମହାନ୍ତି ଡାକ୍ତର ଶ୍ରୀପ୍ରସାଦ । ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ । ପୃଷ୍ଠା-୧୧୯ ।

### ସହାୟକ ଗ୍ରନ୍ଥସୂଚୀ :

୧. ଦାସ ଚିତ୍ତରଞ୍ଜନ । ଦିବ୍ୟ ମୁହୂର୍ତ୍ତ । ପ୍ରକାଶକ : ଭାଗ୍ୟଧର ସାହୁ, ପଥିକ ପ୍ରକାଶନୀ, ଏଲ୍-୧୬୭, ଜିଡିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର - ୭୫୧୦୧୦, ଓଡ଼ିଶା । ନୂତନ ସଂସ୍କରଣ - ୨୦୦୪ ।
୨. ମହାନ୍ତି ଡାକ୍ତର ଶ୍ରୀପ୍ରସାଦ । ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ । ପ୍ରକାଶକ : କାନ୍ଭାସ୍, ବିଶଲ୍ୟକରଣୀ ଲେନ୍, କଟକ-୧୦ । ପ୍ରଥମ ପ୍ରକାଶ - ୦୧.୧୨.୨୦୨୩ ।

❖ ❖ ❖

DOI : https://doi.org/10.5281/zenodo.15673923

ମୂଳ ପ୍ରବନ୍ଧ

# ଓଡ଼ିଆ ଅସ୍ମିତା ର ପୂର୍ଣ୍ଣ ବିଜୟ କେବେ ?

ବିକାଶ ମହାନ୍ତି

**ସଂକ୍ଷିପ୍ତସାର :**

ପ୍ରାଚୀନ ଉତ୍କଳର ଗୌରବ ଗାଥା, ସ୍ୱାଭିମାନ ବା ଅସ୍ମିତାକୁ ନେଇ ପ୍ରତି ଓଡ଼ିଆ ଗର୍ବ ମନେ କରନ୍ତି । ଯଦି ଏହାକୁ କେହି କେବେ ନଷ୍ଟ କରିବାକୁ ଚାହେଁ ତେବେ ତାକୁ ତାର ଉଚିତ ଜବାବ ଦେବା ଘଟଣା ଆମେ ସପ୍ତଦଶ ନିର୍ବାଚନରୁ ଅନୁଧ୍ୟାନ କରିପାରୁଛେ । ତେବେ ଏଠି ଗୋଟେ ପ୍ରଶ୍ନ ଉଠେ ଏ ଅସ୍ମିତା ର ବିଜୟ ତ ଅନେକଥର ହୋଇଛି । ଯଥା – କାଞ୍ଚି ବିଜୟ, ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଓଡ଼ିଶାର ଜନଜାତି ମହିଳା ରାଷ୍ଟ୍ରପତି ଭାବେ ଚୟନ ଏପରିକି ସପ୍ତଦଶ ନିର୍ବାଚନରେ ବି ହୋଇଛି କିନ୍ତୁ ଏହାର ପୂର୍ଣ୍ଣ ବିଜୟ କେବେ ? ଆମେ ଆମ ଅସ୍ମିତା ର ବିଜୟ କହି ଚାରିଆଡ଼େ ଡେଙ୍ଗୁରା ବଜାଉଥିଲା ବେଳେ ଗୋଟିଏ ପଟେ ଆନ୍ଧ୍ର କୋଟିଆ କୁ ଅଧିକାର କରି ନେଉଛି ତ ଅନ୍ୟପଟେ କୋଶଳ ରାଜ୍ୟ ପାଇଁ ଦାବୀ ଓ ନିଜର ଭାଷା ସଂସ୍କୃତି ସାହିତ୍ୟ ପ୍ରତି ଅବହେଳା । ଏ ପରିପ୍ରେକ୍ଷୀରେ ଆମେ ଆମ ଅସ୍ମିତା ର ପୂର୍ଣ୍ଣ ବିଜୟ ଭାବିବା ହାସ୍ୟାସ୍ପଦ । ଆମ ଅସ୍ମିତା ର ପୂର୍ଣ୍ଣ ବିଜୟ ପାଇଁ ପ୍ରଥମେ ଆମକୁ ଆମର ନ୍ୟୁନ ମାନସିକତାକୁ ବଦଳେଇ ବିଶ୍ୱର ଯେ କୌଣସି ସ୍ଥାନରେ ଥିଲେ ମଧ୍ୟ ନିଜ ମାଟି ଓ ଜାତିକୁ ନେଇ ଗର୍ବ ଅନୁଭବ କରିବା ସହ ଜାଗ୍ରତ ହେବାକୁ ପଡ଼ିବ । ତେବେ ଆମ ଆମ ଅସ୍ମିତାର ପୂର୍ଣ୍ଣ ବିଜୟ ସମ୍ଭବ ହୋଇପାରିବ ।

**ପ୍ରମୁଖ ଶବ୍ଦାବଳୀ :**

ଓଡ଼ିଆ ଅସ୍ମିତା, ସତ୍ୟାସତ୍ୟ, କୋଣ ଅନୁକୋଣ, ଯୁଗପଯୋଗୀ, ଶାସ୍ତ୍ରୀୟ ଭାଷା, ପରମ୍ପରା, ଘଡିସନ୍ଧି, ସ୍ୱାଭାବିକ, ଭାଷାଭିତ୍ତିକ, ପୂର୍ଣ୍ଣ ବିଜୟ, ଅପେକ୍ଷାରତ, ପଛଘୁଞ୍ଚା, ହାସ୍ୟାସ୍ପଦ, ନ୍ୟୁନ ମାନସିକତା ।

**ବିଷୟ :**

ଓଡ଼ିଶାର ଅତୀତର ଗୌରବ ମୟ ଘଟଣାବଳୀକୁ ଲକ୍ଷ୍ୟ କଲେ ଜାଣିହୁଏ ଯେ ଅତୀତରେ ଓଡ଼ିଶାର ଇତିହାସ, ସଂସ୍କୃତି, ସାହିତ୍ୟ, ଭାଷା ଓ ପରମ୍ପରା ବହୁ ଉଚ୍ଚକୋଟିର ଥିଲା । ପୂର୍ବେ ଏହା ଦକ୍ଷିଣ କୋଶଳ, ଚେଦୀ, ତୋଷାଳୀ, କଳିଙ୍ଗ, କମଳ ମଣ୍ଡଳ, ଓଡ୍ରଦେଶ ଓ ଉତ୍କଳ ନାମକୁ ଧାରଣ କରି ବର୍ତ୍ତମାନ ଓଡ଼ିଶା ଭାବରେ ପରିଚୟ ପାଉଅଛି । ମହାଭାରତ ର ମହାସମର ରେ ଏ ଏ ମାଟି କୌରବଙ୍କ ପକ୍ଷରେ ରହି ନିଜର ବିରତ୍ୱ ପ୍ରତିପାଦନ କରିଛି । ଦିନେ ଏଠିକାର ମହେନ୍ଦ୍ର ପର୍ବତ ସାଜିଥିଲା ଭଗବାନ ପର୍ଶୁରାମ ଓ ପାଣ୍ଡବଙ୍କ ସାଧନାସ୍ଥଳୀ । ବିଶ୍ୱ ନିଅନ୍ତା ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ନିଜ ଅଙ୍ଗରେ ଧାରଣ କରି ଏ ଭୂମି ପ୍ରତି ବିଶ୍ୱବାସୀଙ୍କ ହୋଇପାରିଛି ପ୍ରିୟ ଭାଜନ । ଶ୍ରୀ ଜଗନ୍ନାଥ ଚେତନା ଏହାର ପ୍ରତି କୋଣ ଅନୁକୋଣରେ ଛାଉଣୀ ହୋଇରହିଛି । ଚିଲିକା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ଗନ୍ଧମାର୍ଦ୍ଦନ, ମାଲ୍ୟଗିରି, ହୀରାକୁଦ ଓ ସାତକୋଶିଆ ପ୍ରମୁଖ ଉତ୍କଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କରିଛନ୍ତି ଜୀବନ୍ତ । ଏହାର ମୂଳ ଅଧିବାସୀ ହେଉଛନ୍ତି ଜନଜାତି ସଂପ୍ରଦାୟ । ଶ୍ରୀ ଜଗନ୍ନାଥଙ୍କୁ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
| --- | --- |
| | DOI: https://doi.org/10.5281/zenodo.15673923 Article No - BPP00299 |

**ଯୋଗାଯୋଗ : ବିକାଶ ମହାନ୍ତି,**
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
**Email:** bm917834@gmail.com
**ORCID ID:** https://orcid.org/0009 - 0003-8643 -1636

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୮.୦୨.୨୦୨୫ | ୧୦.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, ବିକାଶ, ୨୦୨୫ । ଓଡ଼ିଆ ଅସ୍ମିତା ର ପୂର୍ଣ୍ଣ ବିଜୟ କେବେ ? । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ, ପୃଷ୍ଠା : ୬୭-୭୦ ।

ପ୍ରଥମେ ନୀଳମାଧବ ଭାବେ ଏହି ଜନଜାତିର ଶବର ଗୋଷ୍ଠୀ ପୂଜାର୍ଚ୍ଚନା କରୁଥିଲେ । ଶବର ରାଜା ବିଶ୍ୱାବସୁ ଥିଲେ ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ । ପରେ ଇନ୍ଦ୍ରଦ୍ୟୁମ୍ନ ଶ୍ରୀ ମନ୍ଦିରରେ ବିଗ୍ରହ ସ୍ଥାପନା କରିବାର କିମ୍ବଦନ୍ତୀ ବହୁ ଜନମାନସରୁ ଶୁଣିବାକୁ ମିଳେ। କୋଣାର୍କର ସୂର୍ଯ୍ୟମନ୍ଦିର, ଶଙ୍ଖକ୍ଷେତ୍ରର ଶ୍ରୀ ମନ୍ଦିର, ଗଞ୍ଜାମର ଜଉଗଡ ଏବଂ ଏକାମ୍ର କ୍ଷେତ୍ରର ଲିଙ୍ଗରାଜ ମନ୍ଦିର ଓ ଖଣ୍ଡଗିରି ପ୍ରଭୃତିର କାରୁକାର୍ଯ୍ୟ ସମଗ୍ର ବିଶ୍ୱବାସୀଙ୍କୁ କରିପାରିଛି ଆକୃଷ୍ଟ । ପୂର୍ବେ ଉତ୍କଳର ସାଧବମାନେ ଶ୍ରୀଲଙ୍କା, ବ୍ରହ୍ମଦେଶ, ଜାଭା ଇତ୍ୟାଦି ଦେଶ ମାନଙ୍କରେ ବାଣିଜ୍ୟ ମାଧ୍ୟମରେ ଉଭୟ ଦେଶର ସମ୍ପର୍କକୁ କରିପାରିଥିଲେ ସଦୃଢ଼ । ପୃଥିବୀ ବିଖ୍ୟାତ କଳିଙ୍ଗ ଯୁଦ୍ଧରେ ଏ ମାଟି ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକ ଭାବେ ପରିବର୍ତ୍ତନ କରିପାରିଥିଲା । ଏହାର ଇତିହାସ ଭଳି ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ, ଓ ଯାନିଯାତ୍ରା ମଧ୍ୟ ଖୁବ୍ ଉଚ୍ଚକୋଟୀର । ବାରମାସରେ ତେର ପର୍ବ ପାଳନ ପ୍ରବାଦର ସତ୍ୟାସତ୍ୟ ଏ ମାଟିର ପ୍ରତି ଅଞ୍ଚଳରେ ଦେଖିବାକୁ ମିଳେ । ଏହାର ସାହିତ୍ୟ ମଧ୍ୟ ଖୁବ୍ ବ୍ୟାପକ । ପ୍ରାକ୍ ସାରଳା ଯୁଗଠାରୁ ଏକବିଂଶ ଶତାବ୍ଦୀ ମଧ୍ୟରେ ଅନେକ ଲୋକପ୍ରିୟ ସ୍ରଷ୍ଟାଙ୍କୁ ଜନ୍ମ ଦେଇ ସାହିତ୍ୟକୁ ଯୁଗପଯୋଗୀ କରିପାରିଛି ।

ତେବେ ଆଜି ମନରେ ପ୍ରଶ୍ନ ଉଠେ ଅତୀତରେ ଏତେ ବିଭବଶାଳି ଥିବା ଓଡ଼ିଶାର ବର୍ତ୍ତମାନ ଭାଷା ସଂସ୍କୃତି, ସାହିତ୍ୟ ଓ ପରମ୍ପରା ସୁରକ୍ଷିତ କି ? ଏହାକୁ ଅନୁସନ୍ଧାନ କଲେ ବହୁ ବ୍ୟକ୍ତି ବିଶେଷ ମତ ପ୍ରଦାନ କରିବେ ହଁ ସୁରକ୍ଷିତ। କାରଣ ବର୍ତ୍ତମାନ ଓଡ଼ିଶାର ଭାଷା ଆଉ ପୁରୁଣା ନୁହେଁ ତାହା ଏବେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇସାରିଛି । ଏହାର ସଂସ୍କୃତି ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର ହୋଇସାରିଛି। ଆଉ ଓଡ଼ିଆଙ୍କୁ ଏବଂ ଓଡ଼ିଆଙ୍କ ସଂସ୍କୃତି ପରମ୍ପରାକୁ କେହି ଯଦି କେବେ ଆଘାତ ଦେବା ପାଇଁ ଚେଷ୍ଟା କରେ ତେବେ ସେମାନଙ୍କୁ ଧ୍ୱଂସ କରିବା ପାଇଁ ଏବେ ସମଗ୍ର ଓଡ଼ିଶାବାସୀ ଏକତ୍ରିତ ହୁଅନ୍ତି। ଏହାର ଫଳସ୍ୱରୂପ ଆମେ ସପ୍ତଦଶ ବିଧାନସଭା ନିର୍ବାଚନରେ ଦେଖିଲେ ଯେ ଯେଉଁ ଓଡ଼ିଶାବାସୀ ନବୀନ ବାବୁଙ୍କୁ ଏତେଦିନ ଧରି ଓଡିଶାର ଶାସନଭାର ସମ୍ଭାଳିବା ପାଇଁ ସୁଯୋଗ ଦେଇଥିଲେ । ସେହି ଓଡ଼ିଶାବାସୀ ଅଣଓଡ଼ିଆ ପାଣ୍ଡିଆନଙ୍କ ପ୍ରାଦୁର୍ଭାବ ବୃଦ୍ଧି ଯୋଗୁଁ ତତ୍କ୍ଷଣାତ୍ ନବୀନ ବାବୁଙ୍କୁ ଶାସନ ଗାଦିରୁ ବିତାଡିତ କଲେ । ସେହି ସମୟରେ ''ଓଡ଼ିଆ ଅସ୍ମିତା'' ଶବ୍ଦଟି ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଏବଂ ପାଣ୍ଡିଆନ ଏହାକୁ ନାଶ କରୁଥିବା ଘଟଣା ଗାଁ ଗାଁରେ ବିଦ୍ରୋହ ର ରୂପ ନେଲା । ପ୍ରକୃତରେ ଏହି ଅସ୍ମିତା ଶବ୍ଦଟି ର ଅର୍ଥ ହେଉଛି 'ସ୍ୱାଭିମାନ' । ଆଉ ଓଡ଼ିଆ ଅସ୍ମିତାର ଯଥାର୍ଥତା ହେଉଛି ଆମ ଭାଷା, ଆମ କଳା, ଆମ ସଂସ୍କୃତି, ଆମ ପରମ୍ପରା, ଆମ ଶାଗ, ପଖାଳ, ଆମ ବଡ଼ ଠାକୁର ଆମ ପାଇଁ ଗର୍ବ ଓ ଗୌରବ ଏବଂ ଆମର ସ୍ୱାଭିମାନ। ଏହାହିଁ ହେଉଛି ଓଡ଼ିଆ ଅସ୍ମିତା । ମୁଁ ମୋ ପୂର୍ବ ପୁରୁଷଙ୍କ ଗୌରବ ଗାଥା, ମୋ କାଳିଆର ନିତିକାନ୍ତି, ଯାନିଯାତ୍ରା ଓ ଆମ ପରମ୍ପରାକୁ ନେଇ ସ୍ୱାଭାବିକ ଭାବରେ ଗର୍ବ ଅନୁଭବ କରିବି । ଏଥିରେ ବାଧା ଦେବାର ଅଧିକାର କାହାର ନାହିଁ । ଯଦି ବା କିଏ ବାଧା ଦେବାକୁ ଚେଷ୍ଟା କରେ ତେବେ ତାକୁ ତା'ର ଦଣ୍ଡ ଭୋଗିବାକୁ ପଡ଼ିବ । ଏଥରୁ କେହି ମଧ୍ୟ ବାଦ୍ ପଡ଼ିପାରିବେ ନାହିଁ । ଏପରି କି ନବୀନ ବାବୁଙ୍କ ଭଳି ଲୋକପ୍ରିୟ, ଶାନ୍ତ ସରଳ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଓଡ଼ିଶାବାସୀ କ୍ଷମା ଦେଲେ ନାହିଁ । ତେବେ ଏ ସମସ୍ତ ଘଟଣାବଳୀକୁ ଲକ୍ଷ୍ୟ କଲେ ବର୍ତ୍ତମାନ ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସୁରକ୍ଷିତ ବୋଲି ବହୁ ବ୍ୟକ୍ତି ମତପ୍ରଦାନ କରିବେ । କିନ୍ତୁ ବାସ୍ତବରେ ଯଦି ଏହାକୁ ଲକ୍ଷ୍ୟ କରିବେ ତେବେ ଏହା କେବଳ କାଗଜ କଲମରେ ସୀମିତ ବୋଲି ଜାଣିପାରିବେ ।

ଏହାର କାରଣ ଯଦି ଏଗୁଡ଼ିକ ସୁରକ୍ଷିତ ତେବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଏତେ ବର୍ଷ ଓ ଶାସ୍ତ୍ରୀୟ ଭାଷା ମାନ୍ୟତାର ପ୍ରାୟ ଏଗାର ବର୍ଷ ବିତି ଯାଇଥିଲେ ମଧ୍ୟ ଆଜିବି କାହିଁକି ଓଡ଼ିଆ ଭାଷା କହିବାକୁ ଓଡ଼ିଶାର ବହୁ ବ୍ୟକ୍ତି ବିଶେଷ ନ୍ୟୁନ ମନେ କରନ୍ତି । ନିଜକୁ ଜ୍ଞାନୀ, ପାଣ୍ଡିତ୍ୟ ଓ ଶିକ୍ଷିତ କହୁଥିବା ବ୍ୟକ୍ତି କାଳେ ଓଡ଼ିଆରେ କହିଲେ କେହି ଅଜ୍ଞାନ ମନେ କରିଦେବେ ଭାବି ସବୁ ସଭା ସମିତିରେ ଇଂରାଜୀରେ ଅନର୍ଗଳ ଭାଷଣ ଦେଇ ନିଜର ଶ୍ରେଷ୍ଠତ୍ୱ ଦେଖେଇଥାନ୍ତି । ଏ ପରିପ୍ରେକ୍ଷୀରେ କେବଳ ଶିକ୍ଷିତ ମାନେ କାହିଁକି ଅର୍ଦ୍ଧଶିକ୍ଷିତ, ମୁର୍ଖ ମାନେ ମଧ୍ୟ ନିଜର ଜ୍ଞାନ ଦର୍ଶେଇବାକୁ ଯାଇ କଥା କଥାରେ ଇଂରାଜୀର ବ୍ୟବହାର କରିବା ଘଟଣା ଆମେ ବର୍ତ୍ତମାନ ଓଡ଼ିଆ ସମାଜରେ ଦେଖିବାକୁ ପାଉ । ଅବଶ୍ୟ ଏହି ଖଣ୍ଡଖଣ୍ଡିଆ ଇଂରାଜୀ କହିବା ପାଇଁ ସେମାନଙ୍କୁ ଦଶରୁ ପନ୍ଦର ଦିନ ଅନିଦ୍ରା ରହି ଶିଖିବାକୁ ପଡ଼ିଥିବ । ତଥାପି ସେମାନେ ଟିକିଏ ଇଂରାଜୀ ଜାଣିଲା ପରେ ନିଜକୁ ଜ୍ଞାନୀ, ଶିକ୍ଷିତ ଓ ସର୍ବଜ୍ଞ ମନେ କରନ୍ତି ଓ ଧିରେ ଧିରେ ଓଡ଼ିଆ ଭାଷାକୁ ଭୁଲି ଯାଆନ୍ତି । ପାଠୁଆ, ଉଚ୍ଚପଦସ୍ଥ ଓ ଯାହାଙ୍କ କଥାରେ ମୂଲ୍ୟ ଥିଲା ସେମାନେ ଆମ ଓଡ଼ିଆ ଭାଷା ପ୍ରତି ଉଦାସୀନ ହେବା ଫଳରେ ଆମ ଭାଷାର ଅଗ୍ରଗତି ଅସମ୍ଭବ ହୋଇପଡିଛି । ସାହିତ୍ୟ, ସଂସ୍କୃତି ଓ ପରମ୍ପରା କଥା ନ କହିବା ଭଲ । ଓଡ଼ିଆ ସାହିତ୍ୟର ଛାତ୍ର କହିଲେ ଅନ୍ୟମାନେ ନ୍ୟୁନ ଦୃଷ୍ଟିରେ ଦେଖନ୍ତି । ଏହି କାରଣରୁ ଓଡ଼ିଆ ସାହିତ୍ୟ ରଚନା କରିବା ତ ଦୂରର କଥା ଓଡ଼ିଆ ଭାଷାରେ ପଢ଼ିବା ପାଇଁ ମଧ୍ୟ ଛାତ୍ର ଛାତ୍ରୀ ମାନେ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ଆଉ କେତେଜଣ

ହାତଗଣତି ପଢୁଥିବା ବିଦ୍ୟାର୍ଥୀଙ୍କୁ ଅନ୍ୟମାନେ କହନ୍ତି ଏମାନଙ୍କୁ ଇଂରାଜୀ ଆସେନି ବୋଲି ଏମାନେ ଓଡ଼ିଆ ନେଇଛନ୍ତି । ଯଦି ସଂସ୍କୃତି ଓ ପରମ୍ପରାକୁ ଲକ୍ଷ୍ୟ କରିବା ତେବେ ଆମେ ଜାଣିପାରିବା ଆଧୁନିକତାର ରୂପରେଖ ଆମର ଦେଶୀୟ ସଂସ୍କୃତି ଓ ପରମ୍ପରା କୁଆଡେ ହଜେଇ ଦେଇଛି । ଆଜି ଧୋତି ପିନ୍ଧିବା ପାଇଁ ପ୍ରତିଟି ଓଡ଼ିଆ ପୁଅକୁ ଲାଜ ମାଡୁଛି । ଆଉ କିଛି ବର୍ଷ ପରେ ବୋଧହୁଏ ଧୋତିକୁ ବି ଓଡ଼ିଆ ପୁଅମାନେ ଆଉ ଚିହ୍ନିବେ ନାହିଁ । ନାରୀ ମାନଙ୍କର ବେଶଭୂଷା ତ ନ କହିବା ଭଲ । ଓଡ଼ିଆ ଝିଅ ବୋହୂ ମାନେ ଆଜି ଶାଢ଼ୀ, ଲୁଗାକୁ ଛାଡ଼ି ଜିନ୍ସ୍ ଆପଣେଇଲେଣି । ଓଡ଼ିଶାର ପୌରାଣିକ ଓ ସାମାଜିକ ନାଟକ ତ ପ୍ରାୟ ବନ୍ଦ ହେବା ଅବସ୍ଥାରେ । ଆଉ ଯେଉଁ କିଛି ନାଟକଗୁଡ଼ିକ ଚାଲୁଛି ସେହି ମାଲିକଙ୍କ ଦାନାପାଣି ଚାଲିଛି କେବଳ ମଡେଲ ଡ୍ୟାନ୍ସ ପାଇଁ । ଆଜି ଓଡ଼ିଆଙ୍କୁ ଓଡ଼ିଆ ନବବର୍ଷ କେବେ ପଡାରିଲେ କେହି ଜାଣି ନଥିବେ କିନ୍ତୁ ଇଂରାଜୀ ନବବର୍ଷ ପାଳନରେ ରାତ୍ରି ବାରଟା ସମୟରେ କେକ୍ କାଟିବା ପାଇଁ ସମସ୍ତେ ହାଜର ହୋଇଯାଆନ୍ତି । ଓଡ଼ିଆଙ୍କ ମହାନ୍ ପର୍ବ ଅକ୍ଷୟ ତୃତୀୟା, ରଥଯାତ୍ରାର ତିଥିବାରକୁ ତ କେହି ମନେ ରଖନ୍ତିନି । କିନ୍ତୁ ରୋଜଡେ, ଭେଲେଣ୍ଟାଇନ ଡେର ପାଳନ ପାଇଁ ଓଡ଼ିଆ ମାନେ ଅନେଇ ବସିଥାନ୍ତି । ଏହିଭଳି ପରିସ୍ଥିତିରେ ଆମର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଆଦି କେତେ ସୁରକ୍ଷିତ ତାହା ଆମେ ଅନୁଧାନ କରିପାରୁଛେ ।

ଖାଲି ଏତିକି ନୁହଁ ଆଜି ଓଡ଼ିଆଙ୍କ ଭାତୃଭାବ ମଧ୍ୟ ଲୋପ ପାଇଯାଇଛି । ଜଣେ ଓଡ଼ିଆଙ୍କୁ ପରାସ୍ତ କରିବା ପାଇଁ ଆଜି ପଣେ ଓଡ଼ିଆ ଲାଗିପଡ଼ନ୍ତି । ଏହାର ଫଳସ୍ୱରୂପ କିଛିଦିନ ପୂର୍ବେ ଟି.ଇ.ରେଭେନ୍ସାଙ୍କ ନାମରେ ନାମିତ ଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଓଡ଼ିଆ ପୁଅ ଭାରତର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ଦେବା ମାତ୍ରେ ଅସଂଖ୍ୟ ବ୍ୟକ୍ତି ବିଶେଷ ଓ ବହୁ ସଂଗଠନ ଏହାକୁ ତୀବ୍ର ବିରୋଧ କରିବାକୁ ଲାଗିଲେ । ଏପରିକି ଏହାର ନାମ ପରିବର୍ତ୍ତନ ହେଲେ ଏହାର ଗର୍ବ ଓ ଗୌରବ ବଜାୟ ରହିବ ନାହିଁ ବୋଲି ବହୁ ଯୁକ୍ତି ବାଢ଼ିଲେ । କିନ୍ତୁ କେହି ମଧ୍ୟ ଏ ଘଟଣାକୁ ଦୃଷ୍ଟି ଦେଲେନାହିଁ ଯେ ତାହା ରେଭେନ୍ସାଙ୍କ ନାମରେ ନାମିତ ହେବା ପୂର୍ବରୁ କଟକ କଲେଜ ନାମରେ ନାମିତ ଥିଲା । ପରେ ଯେଉଁ ରେଭେନ୍ସା ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଆଙ୍କ ଦୁଃଖ ଯନ୍ତ୍ରଣାକୁ ଦେଖି ଟିକେ ମଧ୍ୟ ଦୟାବାନ୍ ହୋଇ ନଥିଲା ତାଙ୍କ ନାମରେ ନାମିତ ହେଲା । କିନ୍ତୁ ଏବେ ରେଭେନ୍ସାଙ୍କ ନାମ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେବାମାତ୍ରେ ବହୁ ଓଡ଼ିଆ ଏହାକୁ ନିନ୍ଦା କରିବା ଘଟଣା କେତେଦୂର ଯଥାର୍ଥ । ଯେଉଁ ରେଭେନ୍ସାର ଓଡ଼ିଆଙ୍କ ପ୍ରତି ଟିକେ ମଧ୍ୟ ଦରଦ ନଥିଲା ସେହି ଓଡ଼ିଶାରେ ଆଜି ହଜାର ହଜାର ଲୋକ ରେଭେନ୍ସାଙ୍କ ଭକ୍ତ ପାଲଟି ଯାଇଛନ୍ତି । କିନ୍ତୁ ଯେଉଁମାନେ ଏ ଜାତି ପାଇଁ ଏ ମାଟି ପାଇଁ ଅନେକ କିଛି କରି ଯାଇଛନ୍ତି ସେମାନଙ୍କୁ ନିଜର ରାଜନୈତିକ ସ୍ୱାର୍ଥ ହାସଲ ପୂରଣ କରିବା ନିମନ୍ତେ ନିନ୍ଦିବାରେ ଲାଗିଛନ୍ତି । ଏମିତି ଆମେ ଆମ ମହାପୁରୁଷ ମାନଙ୍କୁ ନିନ୍ଦିବା ଦ୍ୱାରା କଣ ଆମ ଅସ୍ମିତାର ବିଜୟ ହେଉଛି ।

ସାରା ରାଜ୍ୟରେ ଆମେ ଆମ ଓଡ଼ିଆ ଅସ୍ମିତାର ବିଜୟ କହି ଡେଙ୍ଗୁରା ବଜାଉଥିଲା ବେଳେ ରାଜ୍ୟର ଗୋଟିଏ ପଟେ ଆନ୍ଧ୍ର କୋଟିଆକୁ ଅଧିକାର କରି ନେଉଛି ତ ଅନ୍ୟ ପଟରେ କିଛି ବୁଦ୍ଧିଜୀବୀ ଦାବୀ ପ୍ରଦାନ କରୁଛନ୍ତି ଆମକୁ କୋଶଳ ରାଜ୍ୟ ଦରକାର । ଏହିଭଳି ଘଡିସନ୍ଧି ମୁହୂର୍ତ୍ତରେ ଆମେ କେମିତି ଆମ ଓଡ଼ିଆ ଅସ୍ମିତାର ବିଜୟ ହୋଇଛି ବୋଲି ଗ୍ରହଣ କରିପାରିବା । ଖରସୁଆଁ ଷଢେଇକଳା, ମେଦିନୀପୁର, ମଞ୍ଜୁସା ଓ ସୋମପେଟା ଭଳି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଆମେ ଓଡ଼ିଶାରେ ମିଶେଇବା ପାଇଁ ଚେଷ୍ଟା କରିବା ତ ଦୂରର କଥା ବର୍ତ୍ତମାନ ଓଡ଼ିଶାର ସୀମାନ୍ତ ଅଞ୍ଚଳ ଗୁଡ଼ିକୁ ସୁରକ୍ଷା ଯୋଗାଇ ଦେବାରେ ଆମେ ବିଫଳତା ଲାଭ କରିଛୁ । ତଥାପି ଆମେ ଯୁକ୍ତି ବାଢୁଛୁ ଓଡ଼ିଆ ଅସ୍ମିତାର ବିଜୟ ହୋଇଛି। ହଁ ନିଶ୍ଚୟ ହୋଇଛି । ମୁଁ ମଧ୍ୟ ଏହାକୁ ସ୍ୱୀକାର କରୁଛି କିନ୍ତୁ ଏ ଓଡ଼ିଆ ଅସ୍ମିତାର ବିଜୟ କେବଳ ସପ୍ତଦଶ ବିଧାନସଭା ନିର୍ବାଚନରେ ହୋଇନାହିଁ । ଯେଉଁଦିନ କାଞ୍ଚିକୁ ପରାସ୍ତ କରି ଓଡ଼ିଆମାନେ ସଫଳତାର ସ୍ୱାଦ ଚାଖିଥିଲେ ସେଦିନ ମଧ୍ୟ ଏ ଅସ୍ମିତାର ବିଜୟ ହୋଇଥିଲା । ଯେଉଁଦିନ ଓଡ଼ିଶା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଅଧିକାର କରିଥିଲା ସେତେବେଳେ ବି ଓଡ଼ିଆ ଅସ୍ମିତାର ବିଜୟ ହୋଇଥିଲା । ବଙ୍ଗ, ବିହାର ପ୍ରଦେଶରୁ ଅଲଗା ହୋଇ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟରେ ଯେବେ ପରିଣତ ହେଲା ସେବେ ମଧ୍ୟ ଏ ବିଜୟ ଜାରି ରହିଥିଲା । ଆଉ ଯେଉଁଦିନ ଓଡ଼ିଶାର ଜଣେ ଜନଜାତି ମହିଳା ଭାରତବର୍ଷର ସର୍ବୋଚ୍ଚ ଶାସନଗାଦିରେ ଅଳଙ୍କୃତ ହୋଇ ପାରିଥିଲେ ସେଦିନ ମଧ୍ୟ ଏ ଓଡ଼ିଆ ଅସ୍ମିତାର ବିଜୟ ଘଟିଥିଲା। କିନ୍ତୁ ଏବେ ମନରେ ପ୍ରଶ୍ନ ଉଠେ ? ଏ ଓଡ଼ିଆ ଅସ୍ମିତାର ବିଜୟ ତ ଅନେକ ଥର ହୋଇଛି ଓ ହେଉଛି ମଧ୍ୟ କିନ୍ତୁ ଏହାର ପୂର୍ଣ୍ଣ ବିଜୟ କେବେ ? ସତରେ ଏ ପ୍ରଶ୍ନ ସମସ୍ତଙ୍କ ମୁଖକୁ ଆସିବା ସ୍ୱାଭାବିକ । ଏ ଅସ୍ମିତାର ପୂର୍ଣ୍ଣ ବିଜୟ ପାଳନ ପାଇଁ ସମସ୍ତେ ଅପେକ୍ଷାରତ। କିନ୍ତୁ ଏହା କେବେ ସମ୍ଭବ ହୋଇପାରିବ ।

ଯେଉଁଦିନ ପ୍ରତ୍ୟେକ ଓଡ଼ିଆ ବିଶ୍ୱର ଯେ କୌଣସି ସ୍ଥାନରେ ଥିଲେ ମଧ୍ୟ ନିଜର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଆଦିକୁ ନେଇ ଗର୍ବ ଅନୁଭବ କରିବାକୁ ପଛଘୁଞ୍ଚା ଦେବନାହିଁ। ବସୁଧୈବ

କୁଟୁମ୍ବକମ୍ ମନ୍ତ୍ରରେ ନିଜକୁ ସାମିଲ କରି ସମଗ୍ର ପ୍ରଦେଶରେ ଭାତୃଭାବ ସୃଷ୍ଟି କରିବ ଏବଂ ଜାତି ପାଇଁ ଡାହାଳ କୁକୁରଙ୍କ ଭଳି ଜୀବନ ଦେବାକୁ ପଛଘୁଞ୍ଚା ଦେବନାହିଁ ତେବେ ଏହା ସମ୍ଭବ ହୋଇପାରିବ। ଓଡ଼ିଆ ଅସ୍ମିତାର ପୂର୍ଣ୍ଣ ବିଜୟ ପାଇଁ ପ୍ରଥମେ ଆମକୁ ନିଜର ମାନସିକତାକୁ ବଦଳେଇବାକୁ ପଡ଼ିବ । ଯେତେଦିନ ପର୍ଯ୍ୟନ୍ତ ଆମର ମାନସିକତା ବଦଳି ନାହିଁ ସେତେଦିନ ପର୍ଯ୍ୟନ୍ତ ଆମ ଅସ୍ମିତା ର ପୂର୍ଣ୍ଣ ବିଜୟ ଭାବିବା ଅସମ୍ଭବ। ପ୍ରତ୍ୟେକଟି ଓଡ଼ିଆ ନିଜର ନ୍ୟୁନ ମାନସିକତାକୁ ବଦଳେଇ ନିଜ ଭାଷାର ବିଜୟ ପାଇଁ, ନିଜ ଜାତିର ବିଜୟ ପାଇଁ ପ୍ରଚେଷ୍ଟା ଜାରି ରଖିବା ଦରକାର । ଆଉ ସୁପ୍ତସିଂହ ଭଳି ନ ଶୋଇ ନିଜ ମାଟି ପାଇଁ ଜାଗ୍ରତ ହେବାର ଆବଶ୍ୟକତା ରହିଛି। ପ୍ରତ୍ୟେକଟି ଓଡ଼ିଆ ଜାଗ୍ରତ ହେଲେ ଏ ଓଡ଼ିଆ ଅସ୍ମିତାର ପୂର୍ଣ୍ଣ ବିଜୟ ସମ୍ଭବ ହୋଇପାରିବ।

**ସହାୟକ ଗ୍ରନ୍ଥସୂଚୀ :**

୧. ଓଡ଼ିଆ କେବେ, ଗୋଲକ ବିହାରୀ ଧଳ, ଇଣ୍ଟରନେଟ - ଓଡ଼ିଶା ଉଇକିପିଡ଼ିଆ

❖ ❖ ❖

DOI : https://doi.org/10.5281/zenodo.15673956 ମୂଳ ପ୍ରବନ୍ଧ

# ଆଧୁନିକ ସମାଲୋଚନା ଧାରାର ନବ୍ୟରୂପାନ୍ତର: ପ୍ରମୋଦ ସର

**ସୋନାଲି ସାହୁ**

**ସଂକ୍ଷିପ୍ତସାର:**

"The great critic must be a philosopher for from philosophy he will learn serenity, Impartiality, and the transitoriness of human things: w.somerest mougham."

ଓଡ଼ିଆ ସାହିତ୍ୟରେ ସମାଲୋଚନା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ସମାଲୋଚନା ଦ୍ୱାରା ସାହିତ୍ୟର ଦୋଷତ୍ରୁଟି ମାର୍ଜିତ ହେବା ସହ ସାହିତ୍ୟ ବିକଶିତ ଓ ସମୃଦ୍ଧ ହୁଏ। ଏକ ସାରସ୍ୱତ ସୃଷ୍ଟିକୁ ଯଥାର୍ଥ ସ୍ୱୀକୃତି ଦେବାକୁ ହେଲେ ସମାଲୋଚନା ଅତ୍ୟନ୍ତ ଜରୁରୀ। ଏ ଦିଗରେ ଜଣେ ସମାଲୋଚକ ଗୁରୁ ଦାୟିତ୍ୱ ନିର୍ଭର କରେ। ସମାଲୋଚକ ସର୍ବଦା ନିର୍ଭୀକ ହେବା ଓ ତ'ସହ ନିରପେକ୍ଷତା ଅବଲମ୍ବନ କରିବା ଉଚିତ। ତେବେ ଯାଇ ସମାଲୋଚନାଟି ସଫଳ ହୋଇପାରିବ। ସମାଲୋଚନା ସାହିତ୍ୟ ସର୍ବଦା ଆଇନା ପରି କାର୍ଯ୍ୟ ନିର୍ବାହ କରିଥାଏ। ସୃଷ୍ଟିଟି ଯେଉଁ ଧରଣର ଅବିକଳ ସେହିପରି ଭାବେ ପ୍ରକାଶ କରିବା ହେଉଛି ଜଣେ ସମାଲୋଚକର କର୍ମ। ତେବେ ଓଡ଼ିଆ ସାହିତ୍ୟରେ ଏହି ଧାରା ଇଂରାଜୀ ଭାଷାର ପ୍ରବର୍ତ୍ତନ ପରେ ପରେ ହିଁ ସୃଷ୍ଟି ହୋଇଛି। ଊନବିଂଶ ଶତାବ୍ଦୀରେ ହଣ୍ଟର, ଆମ ସଟନ୍, ଲେସି, ବିମସ ପ୍ରଭୃତି ସାହେବମାନେ ଯେଉଁ ପଥ ନିର୍ମାଣ କରିଥିଲେ ସେହି ପଥର ଜଣେ ଜଣେ ସଫଳ ସାଧକ ସାଜିଛନ୍ତି ଆମର ସମାଲୋଚକ ଗଣ। ତେବେ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟର ସମାଲୋଚନା ସାହିତ୍ୟ ବିକାଶର ଚରମ ସୀମାରେ ଉପନୀତ ହୋଇଥିବା ବେଳେ ୧୯୮୦ ପରବର୍ତ୍ତୀ ସମୟରେ ସମାଲୋଚନା ନାନା ରଙ୍ଗରେ ନିଜକୁ ରଙ୍ଗୀନ କରେଇଛି। ନୂତନ ଅଭୀପ୍ସା, ନୂତନ ବୈଜ୍ଞାନିକ ଚିନ୍ତାଧାରା ଜଗତୀକରଣ, ବିଶ୍ୱ ବାଣିଜ୍ୟ ନୀତିରେ ପ୍ରୟୋଗ ଓ ପରୀକ୍ଷା, ଇଣ୍ଟରନେଟ୍ ବହୁଳ ବ୍ୟବହାର ଆଦି ସମାଲୋଚନାକୁ ପାଶ୍ଚାତ୍ୟମୁଖୀ କରିଛି। ନୂଆ ଢ଼ଙ୍ଗରେ, ନୂଆ ଦୃଷ୍ଟିକୋଣରେ ସମାଲୋଚନା ନିଜକୁ ପରିପ୍ରକାଶ କରିବାରେ ସକ୍ଷମ ହୋଇଛି। ତେଣୁ ଆଲୋଚକ ପ୍ରମୋଦ ସରଙ୍କ ପ୍ରବନ୍ଧ ଗୁଡ଼ିକର ଗବେଷଣାତ୍ମକ ଦୃଷ୍ଟିକୋଣକୁ ବିଚାର କରିବା ଉକ୍ତ ଆଲୋଚନାର ଆଭିମୁଖ୍ୟ।

**ପ୍ରମୁଖ ଶବ୍ଦାବଳୀ:**

ସ୍ୱପ୍ନ, ସୀମାବଦ୍ଧ, ବୌଦ୍ଧିକତା, ଆଧୁନିକ, ସ୍ୱୀକାରୋକ୍ତି, କଥନ।

**ଆଲୋଚନା:**

ଆଧୁନିକ ସମାଲୋଚନାର ନବ୍ୟ ପରମ୍ପରାରେ ଡ.ପ୍ରମୋଦ ସର ଜଣେ ନବୀନ ସାଧକ। ବିଶ୍ୱଭାରତୀ ଶାନ୍ତିନିକେତନରୁ ୧୯୯୧ ମସିହାରେ ସ୍ନାତକୋତ୍ତର ଶିକ୍ଷା ପରେ "ଆଧୁନିକ କବିତା : ଭାବବସ୍ତୁ ବିବର୍ତ୍ତନ" (୧୯୪୭-୧୯୨୦) ଶୀର୍ଷକ ସନ୍ଦର୍ଭ ରଚନା କରି ୧୯୯୬ ମସିହାରେ ପି.ଏଚ୍.ଡ଼ି ଡିଗ୍ରୀ ଲାଭ କରିଛନ୍ତି। ବର୍ତ୍ତମାନ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆରେ ୨୦୦୨ରୁ ଓଡ଼ିଆ ଭାଷା ସମ୍ପାଦକ ଭାବେ କାର୍ଯ୍ୟରତ। ସେ ଏକାଧାରାରେ କବି, ସମାଲୋଚକ ଓ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI: https://doi.org/10.5281/zenodo.15673956 Article No - BPPP00300 |

**ଯୋଗାଯୋଗ :**
**ଡକ୍ଟର ସୋନାଲି ସାହୁ,** ଓଡ଼ିଆ ଅଧ୍ୟାପିକା, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
**E mail :** sonali1993ak@gmail.com
**Orcid Id :** https://.org/0009-0007-2780-6601

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୨.୨୦୨୫ | ୧୦.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ସୋନାଲି; ୨୦୨୫। ଆଧୁନିକ ସମାଲୋଚନା ଧାରାର ନବ୍ୟରୂପାନ୍ତର: ପ୍ରମୋଦ ସର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ, ପୃଷ୍ଠା :୭୧-୭୩।

ଅନୁବାଦକ। ସମାଲୋଚନା କ୍ଷେତ୍ରରେ ପାଦ ଦେବା ପୂର୍ବରୁ କବି ଭାବେ ପାଠକଙ୍କ ନିକଟରେ ପରିଚୟ ସୃଷ୍ଟି କରିସାରିଥିଲେ ତାଙ୍କ କବିତା ସଙ୍କଳନ ଗୁଡ଼ିକ ହେଉଛି: 'ଅର୍କ୍ଷିତ ଆକାଶ' (୧୯୯୦), 'ନିରବତା ନିଜର ଯେଉଁଠି' (୧୯୯୧), 'ଭିନ୍ନ ଏକ ସକାଳର ଝିଅ'(୨୦୦୧), 'ସକାଳ ସିନ୍ଦୂର'(୨୦୦୩), ଅସତ୍ୟ ମନସ୍କ (୨୦୦୫)। ସମାଲୋଚକ ଭାବେ ସେ ଦୃଷ୍ଟି ଆକର୍ଷଣ କରନ୍ତି ୧୯୯୩ ମସିହାରୁ।

ସ୍ୱପ୍ନ, ସମ୍ପର୍କ ଓ ସ୍ୱୀକାରୋକ୍ତି (୧୯୯୩) ଓ 'ସୀମାବଦ୍ଧ ଓ ସ୍ୱପ୍ନର ଅଭିସାର', ଏହି ଦୁଇଟି ସ୍ୱତନ୍ତ୍ର ଧରଣର ସମାଲୋଚନା ପୁସ୍ତକ ପାଇଁ ସମାଲୋଚନା ସାହିତ୍ୟରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର। ନିଛକ କବିପଣଟିଏ ଯେତେବେଳେ ସମାଲୋଚନା ସାହିତ୍ୟରେ ନିଜ ଲେଖନୀକୁ ଶକ୍ତ କରେ ସେତେବେଳେ କେଉଁଠି ନା କେଉଁଠି ଛଳଛଳ କବିପଣଟିଏ ଉତୁରି ଆସେ ଏବଂ ସମାଲୋଚନା କ୍ଷେତ୍ରରେ ସୃଷ୍ଟିହୁଏ ଏକ ସଫଳ ବ୍ୟତିକ୍ରମ। ଏହି ପରିପ୍ରେକ୍ଷୀରେ ଲେଖକ ପ୍ରମୋଦ ସରଙ୍କ ଦୁଇଟି ସମାଲୋଚନା ପୁସ୍ତକ 'ସ୍ୱପ୍ନ ସମ୍ପର୍କ ଓ ସ୍ୱୀକାରୋକ୍ତି' ଏବଂ 'ସୀମାବଦ୍ଧ ସମୟ ଓ ସ୍ୱପ୍ନର ଅଭିସାର' ଆଲୋଚନାର ବିଷୟବସ୍ତୁ।

କବି ସୌରୀନ୍ଦ୍ର ବାରିକ୍‌ଙ୍କ କାବ୍ୟଜଗତକୁ ନେଇ ପ୍ରମୋଦ ସରଙ୍କ 'ସ୍ୱପ୍ନ ସମ୍ପର୍କ ଓ ସ୍ୱୀକାରୋକ୍ତି' ପୁସ୍ତକଟି ରଚିତ। ଏଠାରେ ପ୍ରସ୍ତାବନାକୁ ମିଶାଇ ପୁସ୍ତକଟି ନଅଟି ପରିଚ୍ଛେଦରେ ବିଭକ୍ତ। "ତତ୍ତ୍ୱ ଫତ୍ତ୍ୱ ବହୁତ ହେଲା, ସେଥିରୁ ଭଲା ଘଡ଼ିଏ ମୁକ୍ତି ମିଳନ୍ତା।" ଏହି ପ୍ରସ୍ତାବନାରେ ଉଲ୍ଲେଖ ଥିବା ଏହି ଉଦ୍ଧୃତିରୁ ହିଁ ତାଙ୍କର ମୌଳିକତା ତଥା ସ୍ୱତଃସ୍ଫୂର୍ତ୍ତ ବାରିହୋଇପଡ଼େ। ଆଧୁନିକ ଓଡ଼ିଆ କବିତା କ୍ରମଶଃ ମନନଶୀଳ ଓ ଦୁର୍ବୋଧ ହେବାକୁ ଲାଗିଲା। ଦୁର୍ବୋଧତା, ଜଟିଳତା, ବୌଦ୍ଧିକତା, ଅବୋଧ ପ୍ରତୀକ ଓ ଚିତ୍ରକଳ୍ପର ବ୍ୟବହାର କବିତାର ସମ୍ବେଦନଶୀଳ ଭାବବସ୍ତୁକୁ ନଷ୍ଟ କରେ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସୌରୀନ୍ଦ୍ର ବାରିକଙ୍କ ଆବିର୍ଭାବ ନୂତନ ଆଶାର କିରଣ ସଞ୍ଚାର ହେବା ଭଳି ମନେହୁଏ ବୋଲି ଲେଖକ ସର ଉଲ୍ଲେଖ କରିଛନ୍ତି। କବିତାର ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିଥିବା କବି ସୌରୀନ୍ଦ୍ର ବାରିକଙ୍କୁ ଆଲୋଚନା କଲାବେଳେ ପ୍ରମୋଦ ସର ଆଲୋଚନା ଧରାବନ୍ଧା ନିୟମରୁ ମୁକୁଳି ନୂତନ ଧାରାରେ ଆଲୋଚନା କରିଛନ୍ତି। ବହିଟିକୁ ଆରମ୍ଭରୁ ଶେଷ ଯାଏଁ ପଢ଼ିଲାବେଳେ ଆଧୁନିକ କବିତା ସୌରୀନ୍ଦ୍ରଙ୍କ କାବ୍ୟଜଗତ ଗୋଟିଏ ବିନ୍ଦୁରୁ ଆରମ୍ଭ ହୋଇ ଶେଷ ହେବା ପରି ମନେହୁଏ। ଏଥିରୁ ଜଣାପଡ଼େ ଆଲୋଚକ ସୌରୀନ୍ଦ୍ରଙ୍କ କାବ୍ୟଜଗତକୁ କେତେ ସୂକ୍ଷ୍ମ ଭାବରେ ବୁଝିଛନ୍ତି।

ସୌରୀନ୍ଦ୍ରଙ୍କ ସାହିତ୍ୟିକ ଜୀବନର ଅୟମାରମ୍ଭ ହୁଏ ୧୯୬୦-୭୦ ଦଶକରୁ। ତାଙ୍କର ପ୍ରଥମ ସଙ୍କଳନ 'ସାମାନ୍ୟ କଥନ' ପ୍ରକାଶ ପାଏ ୧୯୭୫ ମସିହାରେ। ପରେ ପରେ 'ଉପଭାରତ' (୧୯୮୧), 'ଆକାଶ ପରି ନିବିଡ଼' (୧୯୮୫), 'ଗୁଣୁଗୁଣୁ ଚିତ୍ରପଟ' (୧୯୮୬), 'ଲୁହଠୁ ବି ଅନ୍ତରଙ୍ଗ'(୧୯୮୯), 'ଅନୁଭାରତ' (୧୯୯୦), 'ଆମେ ଦୁହେଁ' (୧୯୯୧) ଆଦି କବିତା ସଙ୍କଳନ ହିଁ ତାଙ୍କ ଆଲୋଚନାର ପରିସରଭୁକ୍ତ। 'ସାମାନ୍ୟ କଥନ' ସୌରୀନ୍ଦ୍ରଙ୍କ କାବ୍ୟ ଜୀବନର ପ୍ରଥମ ଅର୍ଘ୍ୟ ହୋଇଥିଲେ ମଧ୍ୟ ଆଲୋଚକଙ୍କ ଦୃଷ୍ଟିରେ ତାହା ସ୍ୱତନ୍ତ୍ର। ଅଧିକଂଶ କବିତାରେ ତୀବ୍ର ସମୟ ସଚେତନତା, ବ୍ୟକ୍ତିକ ଅନ୍ତର୍ମୁଖୀ, ଦାର୍ଶନିକତା, ଉଦାର ମାନବବାଦୀ ନୈତିକତା ଏବଂ ଆତ୍ମବ୍ୟଙ୍ଗ ଅଧିକାଂଶ କବିତାର ପ୍ରାଣକେନ୍ଦ୍ର। ଏହି ସମସ୍ତ ଉପାଦାନଗୁଡ଼ିକ ଆଲୋଚକଙ୍କ ଦୃଷ୍ଟିରୁ ବାଦ୍ ପଡିନାହିଁ। 'ଉପଭାରତ' ଓ 'ଅନୁଭାରତ' ହେଉଛି ସାରଳାଦାସଙ୍କ ଅନୁକ୍ରିୟା ମହାଭାରତୀୟ ବିପୁଳ ଜୀବନ ସ୍ରୋତର ନାନା ବିରୋଧ, ବୈଚିତ୍ର୍ୟ ଓ ବିବିଧତାର ପରିପ୍ରେକ୍ଷୀରେ ଅନନ୍ୟ ଅନୁଭୂତି ସମୂହର ଆତ୍ମିକ ଅନୁଶୀଳନ। 'ଗୁଣୁଗୁଣୁ ଚିତ୍ରପଟ' କବିକୁ ଘେରି ରହିଥିବା ଯାବତୀୟ ଚରିତ୍ର, ଘଟଣା, ବସ୍ତୁପ୍ରତି ତାଙ୍କର ପ୍ରତିକ୍ରିୟାର ପ୍ରତିରୂପ। 'ଆକାଶ ପରି ନିବିଡ଼' ଏକ ପରିବର୍ତ୍ତିତ ଓ ପରିଣତ ଶୈଳୀର ଲେଖା ବ୍ୟକ୍ତିଗତ ପ୍ରେମ ସମ୍ପର୍କର ସତ୍ୟଶୀଳ ସ୍ୱୀକାରୋକ୍ତି 'ଲୁହଠୁ ବି ଅନ୍ତରଙ୍ଗ' ସ୍ନେହ ପ୍ରବଣ ମାନସିକତାର ଅନ୍ୟ ଏକ ଆଲେଖ୍ୟ। ଆମେ ଦୁହେଁ ସୌରୀନ୍ଦ୍ରଙ୍କ ସାଇକେଲ ସହ ସାରାଜୀବନର ଆବେଗମୟ ସମ୍ପୃକ୍ତିର କାବ୍ୟରୂପ। ପ୍ରତିଟି ସଙ୍କଳନକୁ ଆଲୋଚନା କଲାବେଳେ ଆଲୋଚକ ସର ଦର୍ଶାଇଛନ୍ତି; ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ମୁକ୍ତିର ମନ୍ତ୍ର ଉଚ୍ଚାରଣ କରୁଥିବା ସୌରୀନ୍ଦ୍ର ତଥାକଥିତ ଆଧୁନିକତାର ଜୟଯାତ୍ରା ଭିତରେ ଏକ ବ୍ୟତିକ୍ରମ।

"ସମ୍ପର୍କର ନିବିଡ଼ତା: ପତ୍ନୀପ୍ରେମ ଓ ପାରିବାରିକ ସମ୍ପ୍ରୀତି" ପ୍ରସଙ୍ଗରେ ଆଲୋଚନା କଲାବେଳେ ଆଲୋଚକ ଉଲ୍ଲେଖ କରିଛନ୍ତି ଯେ, ସୌରୀନ୍ଦ୍ର ପ୍ରେମର କବି ଅପେକ୍ଷା ସମ୍ପର୍କର କବି। 'ସାମାନ୍ୟ କଥନ' ଓ 'ଆକାଶ ପରି ନିବିଡ଼' ସଙ୍କଳନକୁ ଅନୁଧ୍ୟାନ କଲେ ଆଲୋଚକ ସରଙ୍କ ମନେହୁଏ ଜୀବନ- ଅନ୍ୱେଷାର ଅଭୀପ୍ସାଟି ସାମାନ୍ୟ ଦାର୍ଶନିକତା ଭିତରେ ପ୍ରାୟଃ କବିତାରେ ପ୍ରତିଫଳିତ। ଆଲୋଚନା ଭିତରେ ଶବ୍ଦମାନଙ୍କୁ ପୁଞ୍ଜି କରି ଛଳଛଳ ଭାବରେ ତତ୍ତ୍ୱ ଓ ତଥ୍ୟକୁ ପ୍ରକାଶ କରିବାର କଳା ଓ କୌଶଳ ଡ.ସରଙ୍କୁ ବେଶ୍ ଜଣା। ଏଠାରେ ଆଲୋଚକଙ୍କର ଲେଖନୀକୁ ଉଦାହରଣ ରୂପେ ନିଆଯାଇପାରେ-

"ସ୍ମୃତିକୁ ନେଇ ବଞ୍ଚିବାରେ ତାଙ୍କର ଆନନ୍ଦ। ଯନ୍ତ୍ରଣାରେ କ୍ଷତାକ୍ତ ହେଲେ ବି ସେ ତାକୁ ସାଇତି ରଖନ୍ତି। ଜାଣନ୍ତି ସମୟର ସର୍ବଗ୍ରାସୀ ସ୍ରୋତରେ ସ୍ମୃତି ହିଁ ସତ୍ୟ। ସେ ଆଜି ମୋଟା ହୋଇପାରନ୍ତି, ଆଖି ତଳର ଦାଗ, ପାଚିଲା କେଶ ସମୟର ନିଷ୍ଠୁରତାକୁ ସଦର୍ପେ ସୂଚାଇ ପାରେ ହେଲେ ଆଜି ବି ଦେଖିଲେ ସେ ଲାଗନ୍ତି 'ସେଦିନ

ସେଦିନ', 'ପାରଦ ଚପଳ ଆଖି', 'ମୃଗକ୍ଷୀପ୍ର ମଦାଳସୀ ଚାଲି' ପୁନଶ୍ଚ ଉକୁଟି ଉଠେ। 'ସିଏତ ସ୍ମୃତିର ସ୍ଥାପତ୍ୟଟିଏ' ଯେଉଁଠି 'କାଠ ନଂପୁସକ'। ସୌରୀନ୍ଦ୍ର ଅତୀତ ଆମୁଖତା ପ୍ରବଳ। ଅନେକ ସମୟରେ ସେ ସେହି ଅତୀତକୁ ନେଇ ବଞ୍ଚିଛନ୍ତି। ତାଙ୍କ ପାଇଁ ବର୍ତ୍ତମାନ, ଭବିଷ୍ୟତ ମିଛ। କାଳ ମାନେ ହିଁ ସେଦିନ'।" (ପୃଷ୍ଠା-୨୬, ସ୍ୱପ୍ନ ସମ୍ପର୍କ ଓ ସ୍ୱୀକାରୋକ୍ତି)

ସମାଲୋଚନାର ସମସ୍ତ ଦିଗକୁ ସ୍ପର୍ଶ କରିଛନ୍ତି ଡ.ସର। ଆବଶ୍ୟକୀୟ ଅନୁଯାୟୀ ନିଜ ସ୍ୱର ଉତ୍ତୋଳନ କରିବାରେ କୁଣ୍ଠାବୋଧ କରିନାହାନ୍ତି। ଯେଉଁଠି କବି ପ୍ରଶଂସନୀୟ ସେଠାରେ ସେ ପ୍ରଶଂସାର ସୁଅ ଛୁଟାଇଛନ୍ତି ଯେଉଁଠାରେ କବିଙ୍କର ଅଭାବ ବୋଧକୁ ଅନୁଭବ କରିଛନ୍ତି ସେଠାରେ ସିଧାସଳଖ ଭାବେ ନିଜ ଅଭିବ୍ୟକ୍ତିକୁ ବାଢ଼ିଛନ୍ତି। ଶେଷରେ 'ଶେଷ କଥା'ରେ ଉଲ୍ଲେଖ ଥିବା ସୌରୀନ୍ଦ୍ରଙ୍କ ସମ୍ପର୍କରେ ଯା'କହିଲି ହୁଏତ ତା' ତାଙ୍କ କବିତା ନୁହେଁ ଯା'ଅକୁହା ରହିଗଲା ତା' ତାଙ୍କ କବିତା (ପୃଷ୍ଠା ୧୦୭, ସ୍ୱପ୍ନ ସମ୍ପର୍କ ଓ ସ୍ୱୀକାରୋକ୍ତି) ଏହି ଗୋଟିଏ ଧାଡ଼ି ମାଧ୍ୟମରେ ସୌରୀନ୍ଦ୍ରୀୟ କାବ୍ୟଜଗତକୁ ପାଠକଙ୍କ ସମ୍ମୁଖରେ ଉନ୍ମୁଖ ରଖିଦେଲେ ଆଲୋଚକ। ଅର୍ଥାତ୍ ଆଗାମୀ ପିଢ଼ିର ଗବେଷକମାନଙ୍କୁ ଗବେଷଣା ନିମନ୍ତେ ଆହ୍ୱାନ।

ପ୍ରମୋଦ ସରଙ୍କ ଦ୍ୱିତୀୟ ସମାଲୋଚନା ପୁସ୍ତକଟି ହେଉଛି 'ସୀମାବଦ୍ଧ ସମୟ ଓ ସ୍ୱପ୍ନର ଅଭିସାର'। ଆଧୁନିକ ଓଡ଼ିଆ କବିତାର ସମୟ, ମୃତ୍ୟୁ ଓ ପ୍ରେମ ପ୍ରମୁଖ ବିଷୟ ବସ୍ତୁ ବିଶ୍ଳେଷଣ କରିଛନ୍ତି। କାରଣ ତିନୋଟି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରେମର ଅନ୍ତରାୟ କାଳ ଓ ମୃତ୍ୟୁ। ତେଣୁ ଆଲୋଚକ ସର ଆଧୁନିକ କବିତାରେ ପ୍ରେମକୁ ଆଲୋଚନା କଲାବେଳେ କାଳ ଓ ମୃତ୍ୟୁ ଅନାଲୋଚିତ ହୋଇ ରହିପାରିନାହାନ୍ତି; ଆପଣାଛାଏଁ ନିଜ ନିଜ ସ୍ଥାନରେ ଅଧିଷ୍ଠିତ ହୋଇଛନ୍ତି। ବିଷୟ ଏକ ଅଥଚ କବି ଅନେକ। ପାଶ୍ଚାତ୍ୟ କବି ଓ ଦାର୍ଶନିକ ମାନଙ୍କ ସହ ଆଧୁନିକ ଓଡ଼ିଆ କବିତାର ପ୍ରମୁଖ କବିଗଣ ସଚ୍ଚିଦାନନ୍ଦ ରାଉତରାୟ, ରମାକାନ୍ତ, ସୀତାକାନ୍ତ, ଜଗନ୍ନାଥ ପ୍ରସାଦ ଦାସ, ଦୀପକ ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, କମଳାକାନ୍ତ ଲେଙ୍କା, ଗୁରୁପ୍ରସାଦ ମହାନ୍ତି, ସୌଭାଗ୍ୟ କୁମାର ମିଶ୍ର ଆଦିଙ୍କ କବିତାର ମୁଖ୍ୟ ଦିଗ ତଥା ପ୍ରେମ, ସମୟ, ମୃତ୍ୟୁ ଆଦିର ବିଶ୍ଳେଷଣ ଦେଖିବାକୁ ମିଳିଛି।

ଆଲୋଚକ ଆଧୁନିକ ଓଡ଼ିଆ କବିଗୁରୁ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ମୁହୂର୍ତ୍ତବାଦୀ ଜୀବନବୋଧର କବି ଭାବେ ଆଲୋଚନା କରିଛନ୍ତି। ଆଧୁନିକ ଓଡ଼ିଆ କବିତାରେ ସମୟର ଏହି ଅନିରନ୍ତର ଓ ଅଣଲେଉଟା ପ୍ରବାହ ସଚେତନତା ରାଉତରାୟଙ୍କ କବିତାରେ ଲକ୍ଷ୍ୟ କରାଯାଏ। ସେହିପରି ପାଶ୍ଚାତ୍ୟ ଲେଖକ ଫେଡ଼େରିକ୍ ଜେ.ହଫ୍ମ୍ୟାନ୍ଙ୍କ ପରି ଆଧୁନିକ ଓଡ଼ିଆ କବିତାରେ ମୃତ୍ୟୁବୋଧକୁ ଅଧିକ ସ୍ପଷ୍ଟୀକରଣ କରିଥିବା କବି ହେଉଛନ୍ତି ରମାକାନ୍ତ ରଥ ବୋଲି ଆଲୋଚକ ଉଲ୍ଲେଖ କରିଛନ୍ତି। ଆଧୁନିକ ଜୀବନଯାତ୍ରାର ବ୍ୟସ୍ତତା ଭିତରେ ପ୍ରେମ କହିଲେ ଏକ ଯାନ୍ତ୍ରିକ ଯୌନକ୍ରିୟାକୁ ବୁଝାଏ; ଏ ପ୍ରସଙ୍ଗରେ ଗୁରୁପ୍ରସାଦଙ୍କ 'ଅଳକାସାନ୍ୟାଲ' କବିତାଟିକୁ ସୁନ୍ଦର ଭାବରେ ଆଲୋଚନା କରିଛନ୍ତି ଡ.ସର।

ବାସ୍ତବରେ ସମାଲୋଚନା କ୍ଷେତ୍ରରେ ଏକ ସଫଳ ବ୍ୟତିକ୍ରମ ହେଉଛନ୍ତି ପ୍ରମୋଦ ସର। ନାମକରଣ ଦିଗରୁ ହେଉ ଅବା ଭାଷାଶୈଳୀ ଦିଗରୁ ସବୁଥିରେ ବାରିହୋଇପଡ଼େ ତାଙ୍କର ମୌଳିକ ପଣଟି। ଭାଷା ସରଳ ଓ ଭାବଗର୍ଭକ। ଶୈଳୀ କାବ୍ୟିକ; କାରଣ କବିଟିଏ ଯେତେବେଳେ ଅନ୍ୟ କବିମାନଙ୍କୁ ଆଲୋଚନା କରିଥାଏ ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଧାରାଟି ଆପଣାଛାଏଁ ଉତୁରି ଆସେ। ଦୁଇଟି ସମାଲୋଚନା ପୁସ୍ତକ ନାମକରଣ ଦିଗରୁ ମଧ୍ୟ ବେଶ୍ ସଫଳ। ଏଭଳି ନାମକରଣରୁ ଆଲୋଚକଙ୍କ ସର୍ଜନଶୀଳ ଚିନ୍ତାଧାରାଟି ବେଶ୍ ବାରିହୋଇପଡ଼େ। ଉଦାହରଣ ଭାବେ ଆଲୋଚକଙ୍କ ଲେଖନୀରୁ କିଛି ଧାଡ଼ିକୁ ଉଦ୍ଧାର କରାଯାଇପାରେ।

"ଏହି ସ୍ୱପ୍ନରୁ ଆରମ୍ଭ ସମ୍ପର୍କର ସୂତ୍ର। ଯୋଡ଼ି ଦେବାର, ଆପଣେଇ ଦେବାର ବ୍ୟାକୁଳତା ଆଉ ଏଇ ବ୍ୟାକୁଳତାରୁ ତାଙ୍କର ଆବେଗମୟ ସ୍ୱୀକାରୋକ୍ତି। ସ୍ୱପ୍ନର ସମ୍ପର୍କ; ସମ୍ପର୍କରୁ ସ୍ୱୀକାରୋକ୍ତି" (ପୃଷ୍ଠା ୧୦୮ ସ୍ୱପ୍ନ ସମ୍ପର୍କ ଓ ସ୍ୱୀକାରୋକ୍ତି)

**ଉପସଂହାର:**

ତେବେ ଆଧୁନିକ ଓଡ଼ିଆ କବିତାରେ ତୁଳନାତ୍ମକ ଦିଗଟି ଯେତିକି ସର୍ଜନଶୀଳ ଦିଗଟି ସେତିକି ଗୁରୁତ୍ୱ ଲାଭ କରିଛି। ଆଧୁନିକ ଓଡ଼ିଆ କବିଙ୍କ ଦୃଷ୍ଟିଭଙ୍ଗୀର ବ୍ୟାପ୍ତି ଓ ବୈଚିତ୍ର୍ୟ ନିରୂପଣ କରିବାକୁ ଯାଇ ଯଥେଷ୍ଟ ଶ୍ରମ ଓ ମନୋନିବେଶ ଉପରେ ଗୁରୁତ୍ୱ ଦେଇଛନ୍ତି ଡ.ସର। ତାଙ୍କର ଏହି ଉଦ୍ୟମ ସତରେ ପ୍ରଶଂସନୀୟ। ତାଙ୍କ କାବ୍ୟବୋଧର ଗଭୀରତା ଓ ବିଶ୍ଳେଷଣ ଦୃଷ୍ଟିର ତୀକ୍ଷ୍ଣତା ସହିତ ଉପସ୍ଥାପନା ଭଙ୍ଗୀର ସରସତା ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ସ୍ଥାନ। ନିଜର ମୌଳିକ ଚିନ୍ତାଧାରାକୁ ସର୍ଜନଶୀଳ ଦିଗ ମାଧ୍ୟମରେ ପ୍ରତିଫଳିତ କରିବାରେ ସେ ବେଶ୍ ସଫଳ।

**ସହାୟକ ଗ୍ରନ୍ଥସୂଚୀ:**


୧. କର, ବାଉରୀବଂଧୁ, ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ମହାବୀର ପ୍ରକାଶନ, ଭୁବନେଶ୍ୱର, ୨୦୨୩।

୨. ମହାନ୍ତି,ଯତୀନ୍ଦ୍ର ମୋହନ, ସୂର୍ଯ୍ୟସ୍ନାତ, ଏଥେନା ବୁକସ୍, ଭୁବନେଶ୍ୱର, ୨ୟ ସଂ-୨୦୨୪।

୩. ସର, ସୀମାବଦ୍ଧ ସମୟ ଓ ସ୍ୱପ୍ନର ଅଭିସାର, ଅଗ୍ରଦୂତ, କଟକ, ୧୯୯୩।

୪. ସର, ପ୍ରମୋଦ, ସ୍ୱପ୍ନ, ସଂପର୍କ ଓ ସ୍ୱୀକାରୋକ୍ତି, ଅଗ୍ରଦୂତ, କଟକ, ୧୯୯୩।

DOI : https://doi.org/10.5281/zenodo.15674017

ମୂଳ ପ୍ରବନ୍ଧ

# ମିତ୍ରସ୍ୟ ଚକ୍ଷୁସାରେ ସମାଜ ଦୃଷ୍ଟି

**ଶକୁନ୍ତଳା ମିର୍ଦ୍ଧା**

**ସଂକ୍ଷିପ୍ତସାର :**

ମନୁଷ୍ୟ ସମାଜରେ ବଂଚି ରହିବାକୁ ହେଲେ ପ୍ରଥମେ ଏକ ମିତ୍ର ଭାବ ସୃଷ୍ଟି କରିବା ଦରକାର। ଆମେ ଆମ ନିଜ ଭିତରେ ଥିବା ଗବାକ୍ଷକୁ ଖୋଲିବାକୁ ଚେଷ୍ଟା କଲେ ଯାଇ ପ୍ରକୃତରେ ଗବାକ୍ଷଟି ଖୋଲିଥାଏ ଏବଂ ଆମେ ଅନ୍ୟମାନଙ୍କ ସହିତ ସହଜରେ ମିଶିପାରି ଥାଉ। ମିତ୍ରସ୍ୟ ଚକ୍ଷୁସାରେ ରହିଛି ସମାଜ ପ୍ରତି ଯଥେଷ୍ଟ ଉପାଦେୟ ତଥ୍ୟ । ଚିତ୍ତରଞ୍ଜନ ଦାସ ସେଗୁଡିକ ଅତ୍ୟନ୍ତ ସୁନ୍ଦର ଭାବରେ ବର୍ଣ୍ଣନା ଦେଇଛନ୍ତି, ତାହାକୁ ଆମେ ମାନେ ମାନି ଚଳିଲେ ସମାଜକୁ ସୁଧାର ଆଣିବା ନିମନ୍ତେ ଅତ୍ୟନ୍ତ ସହଜ ସରଳ ହୋଇପୋରିବ। ବିଭିନ୍ନ ଦୃଷ୍ଟିକୋଣରୁ ସେ ସମାଜକୁ ନିରୀକ୍ଷଣ କରି ସେଗୁଡିକ ଅମ ପାଖକୁ ପହଂଚାଇବା ସହ ସେସବୁର ସମାଧାନର ପନ୍ଥା ମଧ୍ୟ ଦେଖାଇଛନ୍ତି । ସମାଜ ଭିତରେ କେବଳ ମନୁଷ୍ୟମାନେ ହିଁ ବାସ କରନ୍ତି , ସମାଜ ବାହାରେ ଦେବତା ବା ପଶୁ ମାନେ ବାସ କରନ୍ତି ତାଙ୍କ ସମାଜ ଦୃଷ୍ଟିରେ ଆମେ ସମାଜ ସଂସ୍କାର , ଧର୍ମବିଶ୍ୱାସ ଠାରୁ ଆରମ୍ଭ କରି ବର୍ତ୍ତମାନର ଶାସନ ବ୍ୟବସ୍ଥା ପର୍ଯ୍ୟନ୍ତ ସମାଜର ସମସ୍ତ ଚିତ୍ର ଦେଖିପାରିବା । ମିତ୍ରସ୍ୟ ଚକ୍ଷୁସାରେ ରହିଛି ଯଥେଷ୍ଟ ସାମାଜିକ ଉପାଦେୟତା।

**ପ୍ରମୁଖ ଶବ୍ଦାବଳୀ :**

ସମାଜ,ଜୀବନ,ପରିବାର,ବିଦ୍ୟାଳୟ,ମିତ୍ର,ବିବାହ,ଆଇନ୍,ଜାତି ।

**ଉପକ୍ରମ :**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସମାଜରେ ତାର ଜନ୍ମ,ସମାଜରେ ବିକାଶ ଓ ପରିଶେଷରେ ସମାଜରେ ହିଁ ଲୀନ ହୋଇଥାଏ।ସମାଜ ବ୍ୟତିରେକ ବଂଚିରହିବା କଷ୍ଟକର ବ୍ୟାପାର । ଏକ ସୁସ୍ଥ ଜୀବନଯାପନ ନିମନ୍ତେ ସମାଜର କେତେକ ନୀତିନିୟମ ମାନି ଚଳିବାକୁ ହୋଇଥାଏ।ନିର୍ଦ୍ଦିଷ୍ଟ ବଳୟ ମଧ୍ୟରେ ମନୁଷ୍ୟ ରହିବା ଦ୍ୱାରା ହିଁ ଶୃଙ୍ଖଳିତ ହୋଇ ରହିଥାଏ। ସମସ୍ତଙ୍କୁ ନେଇ ସମାଜ ଗଠନ ହୋଇଥାଏ, ଯହିରେ ସମସ୍ତଙ୍କ ଅବଦାନ ରହିଥାଏ। ଯେଉଁ ବ୍ୟକ୍ତିବିଶେଷଙ୍କ ଦ୍ୱାରାସମାଜ ନିୟନ୍ତ୍ରଣ କରାଯାଇଥାଏ ତାର ପ୍ରଜ୍ଞାଦୃଷ୍ଟି ଓ ବୋଧଶକ୍ତି ସାମାଜିକ ଶୁଚିତା ତଥା ସୁସ୍ଥତା ସମ୍ପର୍କରେ ଥାଏ ସଚେତନ। ସମାଜ ସହିତ ସାହିତ୍ୟର ସମ୍ପର୍କ ନିବିଡ ହୋଇଥାଏ। ସ୍ରଷ୍ଟାର ସମାଜବୋଧ କଳାତ୍ମକ ଭାବରେ ସାହିତ୍ୟରେ ଚିତ୍ରାୟିତ ହୁଏ।ସାହିତ୍ୟ ମଣିଷର କଥା କହିଲା ବେଳେ ତାର ସମାଜ ,ସଂସ୍କୃତି ସମ୍ପର୍କରେ ମଧ୍ୟ ନାନା କଥା କହିଥାଏ। ଚିତତରଞ୍ଜନ ଦାସଙ୍କ ମିତ୍ରସ୍ୟ ଚକ୍ଷୁସାରେ ସମାଜ ପ୍ରତି ଯେଉଁଦିଗଗୁଡିକ ଦୃଶ୍ୟମାନହୁଏ ସେଗୁଡିକ ହେଉଛି ସମାଜ ସଂସ୍କାର,ଜାତୀୟତା, ଧର୍ମବିଶ୍ୱାସ, ନାରୀଶିକ୍ଷା,ବିବାହ, ଯୌତୁକପ୍ରଥା, ବିଧବା ସମସ୍ୟା, ମିତ୍ରତା ସ୍ଥାପନ ଅଦି ।

**ସମାଜ ସଂସ୍କାର :**

ମନୁଷ୍ୟ ସମାଜରେ ବଂଚି ରହିବା ଏକାନ୍ତ ଆବଶ୍ୟକ ହୋଇଥାଏ। ସମାଜରେ ଅନେକ ନୀତିନିୟମ ପ୍ରଣୟନ କରାଯାଇଛି କିନ୍ତୁ ସମୟାନୁସାରେ ସେଗୁଡିକର ପରିବର୍ତ୍ତନ ଆବଶ୍ୟକ ହୋଇଥାଏ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.15674017
Article No - BPP00301

**ଯୋଗାଯୋଗ : ଶକୁନ୍ତଳା ମିର୍ଦ୍ଧା ଗବେଷିକା),**
ସ୍ନାତକୋତର ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ,ବ୍ୟାସବିହାର, ବାଲେଶ୍ୱର
Email ID : mirdhasakuntala02@gmail.com
ORCID ID : https://orcid.org/0009-0009-8847-8829

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୯.୦୨.୨୦୨୫ | ୧୦.୦୩.୨୦୨୫ | ୨୬.୦୪.୨୦୨୫ | ୧.୦୫.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମିର୍ଦ୍ଧା, ଶକୁନ୍ତଳା; ୨୦୨୫। ମିତ୍ରସ୍ୟ ଚକ୍ଷୁସାରେ ସମାଜ ଦୃଷ୍ଟି। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ, ପୃଷ୍ଠା :୭୪-୭୮।

ସମାଜ ସଂସ୍କାର ଦିଗରେ ପ୍ରଥମେ ରାଜା ରାମମୋହନ ରାୟ ବ୍ରାହ୍ମ ସମାଜ ପ୍ରତିଷ୍ଠା କରି ଅନେକ ସମାଜ ସଂସ୍କାର ମୂଳକ କାର୍ଯ୍ୟ କରିଥିଲେ। ସେ ବ୍ରାହ୍ମଧର୍ମର ସୂଚନା,ସତୀଦାହ ପ୍ରଥାର ବିଲୋପ ତଥା ବିଭିନ୍ନ ଧର୍ମର ପଦ୍ଧତିକୁ ନିଜର ଲେଖା ମାଧ୍ୟମରେ ପରିବର୍ତ୍ତନ କରିଥିଲେ। ଓଡିଆ ସାହିତ୍ୟରେ ନୀଳକଣ୍ଠ ଅନେକ ପ୍ରବନ୍ଧରେ ସମାଜ କୁସଂସ୍କାର ଓ ରକ୍ଷଣଶୀଳତା ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ। ଚିତତରଞ୍ଜନ ଦାସ ମିତ୍ରସ୍ୟ ଚକ୍ଷୁସାରେ ଦେଖାଇଛନ୍ତି ଭଗବାନଙ୍କ ସୃଷ୍ଟିରେ ସମସ୍ତେ ସମାନ । ସେମାନଙ୍କ ଏକ ମାତ୍ର ପରିଚୟ ହେଉଛି ମନୁଷ୍ୟ ଜାତି । ପୁଣି ସେଥିରେ ଯେଉଁ ଉଚ୍ଚନୀଚ ଭେଦଭାବ,ଧନୀଦରିଦ୍ରର ଶ୍ରେଣୀବିଭାଗ ,କଳାଗୋରାକୁ ଗାନ୍ଧିଜୀ ବିରୋଧ କରୁଥିବା ସମୟରେ ଚିତତରଞ୍ଜନ ଦାସ ଓ ତାଙ୍କ ଗାଁର ଗୌରୀ ଭାଇ ଦୁହେଁ ମିଶି ସବର୍ଣ୍ଣ ପିଲାମାନଙ୍କ ଲାଗି ଗୋପବନ୍ଧୁ ପାଠାଗାର ସ୍ଥାପନା ସହ ବୀଣାପାଣି ଡ୍ରାମାଟିକ କ୍ଲବ ସ୍ଥାପନା କଲେ ଓ ହରିଜନ ମାନଙ୍କ ସହିତ ମିଶି ସ୍କୁଲ ଘର ସ୍ଥାପନ କରିଥିଲେ। ପୂର୍ବରୁ ଯେଉଁ ଜାତି ଭେଦ ବ୍ରାହ୍ମଣମାନଙ୍କ ଆଧିପତ୍ୟ ଥିଲା ସେମାନେ ନିଜକୁ ଭଗବାନଙ୍କ ସନ୍ତାନ ବୋଲି ମନେକରୁଥିଲେ। ତାକୁ ଚିତତରଞ୍ଜନ ନିଜ ଗାଁରେ ୧୯୪୬ ମସିହାରେ ଗାଁର ଦଧିବାମନ ଜୀଉ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇଥିଲେ। ସେ ସର୍ବଦା ବିଶ୍ୱାସ କରୁଥିଲେ ଯେ"ଏପରି ଗୋଟିଏ କଳା ରହିଛି ଯେଉଁଠି ତୁମ ପାଖରେ ରହିଥିଲେ ତୁମେ ଶହେଜଣ ମଣିଷଙ୍କର ଏକ ମେଳରେ ମଧ୍ୟ ପ୍ରତ୍ୟେକଙ୍କ ସହିତ ବ୍ୟକ୍ତିଗତ ଯୋଗସୂତ୍ର ସ୍ଥାପନ କରିପାରିବ।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୪୫୯) ଚିତ୍ତରଞ୍ଜନଙ୍କ କହିବା ବାହୁଲ୍ୟ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରଥମେ ଆତ୍ମବିଶ୍ୱାସ ଏକାନ୍ତ ଆବଶ୍ୟକ ।

## ଯୌଥ ପରିବାର :

ପ୍ରତ୍ୟେକ ମଣିଷର ଅସଲ ଡୋର ହେଉଛି ତାର ପରିବାରବୋଧ। ଶିଶୁଟିଏ ଜନ୍ମ ହେବାଠାରୁ ଏକ ପରିବାର ତା ଲାଗି ଡୋର ଗୁଡିକୁ ସଜାଡି ଅପେକ୍ଷା କରି ରଖିଥାଏ। ତାକୁ ନିଜର କରିବା ପାଇଁ ଅନେକ ମଣିଷ ଅପେକ୍ଷା କରି ରହିଥାନ୍ତି। ଭାରତବର୍ଷର ଗାଆଁ ମାନଙ୍କରେ ପରିବାରର ଗଢଣଟା ଏକାବେଳେକେ ମାଟିଟାର ଗୁଣ ଭଳି ମନେ ହୋଇଥାଏ। ଆମେ ଆଖି ପାଇବା ଦିନଠାରୁ ପୃଥିବୀ ଆଡକୁ ଅନାଇବାକୁ ସମର୍ଥ ହେବାମାତ୍ରକେ ହିଁ ମାୟା ଲାଗି ଲାଗି ଯାଉଥାଏ। କାହାର ମାୟା ଛାଡି ଛାଡି ଯାଉଥିବା ବେଳେ ଆଉ କାହାର ମାୟା ଯୋଡି ହୋଇଯାଉଥାଏ। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ କୌଣସି ଜିନିଷ କାହାକୁ କେବେ ଛାଡୁ ନଥାଏ କେବଳ ପରିଧିଟା ହିଁ ବଢିବାରେ ଲାଗିଥାଏ। ଚିତ୍ତରଞ୍ଜନ ଦାସ କହନ୍ତି "ଯେଉଁମାନେ ନିଜକୁ ଅନ୍ୟ ସହ ଯୋଡି ପାରିନଥାନ୍ତି ସେହିମାନେ ହିଁ ବୈରାଗ୍ୟ ଧାରଣ କରନ୍ତି। ଯୋଡି ନ ପାରିବାର ଏହି ସିଦ୍ଧାନ୍ତୀ ମାନେ ଅନେକ ସମୟରେ ବୈରାଗ୍ୟ ବୋଲି କହନ୍ତି।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୪୯୩)ପରିବାର ମଧ୍ୟରେ ସବୁଠାରୁ ନିଆରା ହେଉଛି ଯୌଥ ପରିବାର। ଏହି ଯୌଥ ପରିବାର ବ୍ୟବସ୍ଥା ଭାରତରେ ଏକ ବିଚିତ୍ର ବ୍ୟବସ୍ଥା। ପୃଥିବୀରେ ବହୁ ବର୍ଷ ପୂର୍ବରୁ ଏହି ଯୌଥ ପରିବାର ହିଁ ଥିଲା ବୋଲି ସମାଜକୁ ଅଧ୍ୟୟନ କରୁଥିବା ମହାମହା ମନୀଷୀମାନେ ମତ ଦିଅନ୍ତି।ଏହାକୁ କେହି ଗଢି ନ ଥିଲେ ଅଜାଣତ ଭାବରେ ହିଁ ଗଢି ଆସି ଜଙ୍ଗଲୀମାନଙ୍କୁ ଏକତ୍ର କରିବାର ମାଧ୍ୟମ ଥିଲା। ଆପଣାକୁ ନେଇ ପାରିବାର ବା ଅନ୍ୟମାନଙ୍କ ଲାଗି ଅଧିକରୁ ଅଧିକ ବଂଚି ଆପଣା ଲାଗି ଅଧିକ ମୂର୍ତ୍ତତ ଏବଂ ଅଧିକ ନିଶ୍ଚିତ ଭାବରେ ବଂଚି ପାରିବାର ଯେଉଁ ପ୍ରବୃତ୍ତିଟି ସଭ୍ୟତା ଗଢି କ୍ରମ ଅନୁସାରେ ବିକଶିତ ହୋଇଥାଏ ତାର ପରିବାରବୋଧ ସେଥିରୁ ଜନ୍ମ। ତେଣୁ ପରିବାରକୁ ବୋଝ ବୋଲି ଗ୍ରହଣ ନ କରି ଜୀବନର ଅଂଶ ହିସାବରେ ହିଁ ଗ୍ରହଣ କଲେ ଯଥେଷ୍ଟ ହେବ । ତେଣୁ ଚିତତରଞ୍ଜନ ଦାସ କହନ୍ତି - "ପରିବାର କହିଲେ ଯେ ଗୋଟାଏ ଏକାନ୍ତ ସ୍ୱାର୍ଥପ୍ରଣୋଦିତ ଖାତକୁ ନ ବୁଝାଇ ବସ୍ତୁତଃ ଏକ ସଦା ସମ୍ପ୍ରସାରଣକ୍ଷମ ବୋଧକୁ ବୁଝାଏ।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୫୦୧)

ଯୌଥ ପରିବାରର ପିଲାମାନେ ଏକକ ପରିବାରର ପିଲା ଠାରୁ ଅଧିକ ଚାଲାକ ଚତୁର ହେବା ସହ ବେଶୀ ସୁବିଧା ସୁଯୋଗ ପାଇଥାନ୍ତି। କାରଣ ପରିବାରଠାରୁ ଯେଉଁ ଶିକ୍ଷା ମିଳେ ତାହା ଅନ୍ୟ କୌଣସି ବିଦ୍ୟାଳୟ , ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ଠାରୁ ମିଳି ନଥାଏ । ଚରିତ୍ର ଗଠନ କରିବାର ମୂଳକେନ୍ଦ୍ର ହେଉଛି ପରିବାର। ଚିତ୍ତରଞ୍ଜନଙ୍କ ରହିଥିଲା ଯୌଥ ପରିବାର ସେ ତାଙ୍କ ମାଆଙ୍କ ଅପେକ୍ଷା ବଡ ମାଆ ଓ ବଡ ଭାଉଜଙ୍କ ପାଖରେ ଅଧିକ ସମୟ ବିତାଉ ଥିଲେ । କାରଣ ତାଙ୍କୁ ସ୍କୁଲ ଅପେକ୍ଷା ଘରର ପରିବେଶଟି ହିଁ ଅଧିକ ଭଲ ଲାଗୁଥିଲା। ଅଧିକାଂଶ ପିଲା ସ୍କୁଲ ନ ଯିବା କିମ୍ବା ଅଧାରୁ ପାଠ ଛାଡିବା କାରଣ ହେଉଛି ସ୍କୁଲରେ ଘରୋଇ ପରିବେଶ ନ ପାଇବା ଓ ଶିକ୍ଷକମାନଙ୍କ ଭୟରେ ଛାତ୍ରମାନେ ଅଧାରୁ ପାଠପଢା ଛାଡୁଥିଲେ। ତେଣୁ ପିଲାମାନଙ୍କୁ ସ୍କୁଲ ପ୍ରତି ଆକର୍ଷଣ କରାଯିବା ପାଇଁ କଣ ଆବଶ୍ୟକ ତାହା ଦର୍ଶାଇ ଦେଇଛନ୍ତି- "ଆମର ଏହି ସଂସାରରେ ଯଦି ଗୁରୁଜନମାନେ ପିଲା ଲାଗି ପାଠକୁ ମଧ୍ୟ ଠିକ୍ ଖେଳପରି ଆକର୍ଷଣ କରିପାରନ୍ତେ , ତେବେ ପାଠ କିମ୍ବା ସ୍କୁଲ ପିଲା ସକାଶେ କଦାପି ଏଭଳି ଭୟ ଅଥବା ବିତୃଷ୍ଣାର କାରଣ ହେଉନଥାନ୍ତା।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୪୫)

## ଧର୍ମ ବିଶ୍ୱାସ :

ଧର୍ମକୁ ନେଇ ଅନେକ ମଣିଷ ଧାର୍ମିକ ହୁଅନ୍ତି । ନୀତିକୁ ନେଇ ନୀତିଶାସ୍ତ୍ର ମାନଙ୍କର ରଚନା କରାଯାଏ ଓ ଆଦର୍ଶରୁ ମଣିଷ

ମାନଙ୍କୁ ଆଦର୍ଶବାନ କରନ୍ତି । କିନ୍ତୁ ଅନେକ ସମୟରେ ଧର୍ମକୁ ନେଇ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ଜାତି ଜାତି ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କନ୍ଦଳ ସୃଷ୍ଟି ହେଉଛି । ଚିତ୍ତରଞ୍ଜନ ଦାସ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରି ମଧ୍ୟ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ଖ୍ରୀଷ୍ଟିୟାନମାନଙ୍କ ଚର୍ଚ୍ଚକୁ ମଧ୍ୟ ଯାଇଛନ୍ତି। କାରଣ ସେ ବିଶ୍ୱାସ କରନ୍ତି ଭଗବାନ ଜଣେ,ଧର୍ମାନୁସାରେ ଭିନ୍ନ ଭିନ୍ନ ମାଧ୍ୟମରେ ବିଶ୍ୱାସ କରିଥାନ୍ତି। ପ୍ରକୃତ ଜ୍ଞାନୀ ବ୍ୟକ୍ତି କେବେ ଧର୍ମକୁ ନେଇ କୌଣସି ବାଦବିବାଦ ସୃଷ୍ଟି କରନ୍ତି ନାହିଁ।

ସେଥିପାଇଁ କୁହାଯାଇଛି – "ଯିଏ ଧର୍ମକୁ ସତକୁ ସତ ଜାଣେ ସିଏ ପୃଥିବୀ ଯାକ ହିଁ ଧର୍ମର ସନ୍ଦର୍ଶନ କରିପାରେ। କେବଳ ରାଢମାନେ ହିଁ ନିଜର ଆଚରିତ ଧର୍ମ ଢମ ଗୁଡିକୁ ଠିକ୍ ବୋଲି ଅନ୍ତତଃ ନିଜ ପାଖରେ ଏକ ପ୍ରତ୍ୟୟ ଆଣି ଦେବାକୁ ଅନ୍ୟ ଆଚାର ଓ ଅନ୍ୟ ଧର୍ମ କିସମ ଗୁଡିକୁ ମଳି ଦେବାକୁ ମ୍ଲେଚ୍ଛର ଅବତାର ହୋଇ ବାହାରନ୍ତି।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୨୩୨)

ପ୍ରତ୍ୟେକ ଧର୍ମ ନିଜନିଜ ଚଷମା ଗୁଡାକୁ ହିଁ ଏକମାତ୍ର ଚଷମା ବୋଲି ଧରିଥାନ୍ତି। ତେଣୁ ଅନ୍ୟ ଭଳି ଚଷମାଗୁଡିକ ସହିତ ଟକ୍କର ଖାଇଲା ବେଳେ ଅନେକ ହନ୍ତସନ୍ତ ହୁଅନ୍ତି। ପୁଣି ଅନେକ ସ୍ଥାନରେ ଶାସକମାନେ ଗୋଟାଏ ଗୋଟାଏ ଧର୍ମଦେଉଳ ଆଦରି ନେଇଛନ୍ତି। ସେମାନେ ତରବାରୀ ଧରି ସତେ ଅବା ଭଗବତ୍ ପ୍ରେରିତ ରୋଷବତାର ଧାରଣ କରି ମନୁଷ୍ୟମାନଙ୍କୁ ବାଟକୁ ଆଣିବାକୁ ଯୁଦ୍ଧ କରିଥାନ୍ତି । କେବଳ ହିନ୍ଦୁ ଧର୍ମକୁ ଛାଡି ଅନ୍ୟ ଧର୍ମରେ ସେମାନଙ୍କୁ ଧର୍ମ ଶିକ୍ଷା ଦେଇଥାନ୍ତି। ଫଳରେ ସେମାନେ କେବଳ ନିଜ ଧର୍ମଛଡା ଅନ୍ୟ ଧର୍ମକୁ ଗ୍ରହଣ କରିପାରନ୍ତି ନାହିଁ। ସେହିପରି ଅନ୍ୟ ପକ୍ଷରେ କହିଛନ୍ତି ଯେ ଆମେ ମନ୍ଦିର , ମସ୍‌ଜିଦ୍,ଗୀର୍ଜା ଯିବା ସମୟରେ ଯଥାର୍ଥ ପୋଷାକ ପରିଧାନ କରିଗଲେ ମନରେ ଭଗବାନଙ୍କ ପ୍ରତି ଭକ୍ତିଭାବ ଆସେ । କିନ୍ତୁ ଉପଯୁକ୍ତ ବସ୍ତ୍ର ପରିଧାନ କରି ନ ଗଲେ ଭକ୍ତି ବଦଳରେ ମନରେ ବିକାର ଭାବ ଜାତ ହୁଏ । କାରଣ ପରିବେଶ ସହିତ ଭକ୍ତିର ସମ୍ପର୍କ ଏକାନ୍ତ କାମ୍ୟ । ବିଦେଶ ଭ୍ରମଣ କାଳରେ ସେ ଏକ ଗୀର୍ଜାରେ ଏହି ନିୟମ ପ୍ରଣୟନ ଦେଖିଥିଲେ ।

## ଜାତୀୟତା ମନୋଭାବ :

ପ୍ରତ୍ୟେକ ମନୁଷ୍ୟ ଏକ ଜାତିର ବା ସମ୍ପ୍ରଦାୟର ହୋଇଥାଏ। ତେଣୁ ସେ ତାର ଜାତିକୁ ଭଲପାଇବା ଏକାନ୍ତ କାମ୍ୟ। ଏହି ଜାତିରୁ ସୃଷ୍ଟି ହୋଇଥାଏ ଜାତୀୟତା ମନୋଭାବ। ଜାତୀୟତା ଆନ୍ଦୋଳନର ମାର୍ଗ ଦେଖାଦେଇଥିଲା ଭାରତକୁ ଇଂରେଜମାନେ ଅକ୍ତିଆର କରି ରଖିଥିବା ବେଳେ ମହାତ୍ମା ଗାନ୍ଧି ସମଗ୍ର ଦେଶବାସୀଙ୍କୁ ଜାତୀୟତାର ମହାମନ୍ତ୍ରରେ ଦୀକ୍ଷିତ କରାଇଥିଲେ। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ସହ ଦେଶକବାସୀଙ୍କୁ ସ୍ୱାଧୀନତା ଦେବାରେ ସକ୍ଷମ ହୋଇଥିଲେ। ଏପରିକି ଏହି ସମୟରେ ଚିତ୍ତରଞ୍ଜନ ଦାସ ଛାତ୍ର ଥାଇ ମଧ୍ୟ ଜାତୀୟତା ଆନ୍ଦୋଳନରେ ଯୋଗଦେଇ ଜେଲ୍ ମଧ୍ୟ ଯାଇଥିଲେ। ୧୯୩୯ ମସିହାରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ କଟକ ମେଡିକାଲ ସ୍କୁଲ ଧର୍ମଘଟକୁ କେନ୍ଦ୍ରକରି ସତ୍ୟାଗ୍ରହରେ କାର୍ଯ୍ୟ ନିର୍ବାହ କରିଥିଲେ ଗାନ୍ଧୀଙ୍କ ଭାରତଛାଡ ଆନ୍ଦୋଳନର ଡାକରାରେ ଚିତ୍ତବାବୁ ଲୋକମାନଙ୍କୁ ଖବର ପହଂଚାଇବା ପାଇଁ ପ୍ରଚାର ପତ୍ର ଛାପୁଥିଲେ । ସବୁଠାରୁ କୌତୁକ ବିଷୟ ଥିଲା ବ୍ରିଟିଶ ସରକାରଙ୍କ ଗାଁ ପ୍ରତିନିଧି ପୋଲିସ ବାରଣ୍ଡାରେ ଥିବାବେଳେ ସେ ଘର ଭିତରେ ବ୍ରିଟିଶ୍ ମାନଙ୍କୁ ତଡିବା ପାଇଁ ପ୍ରଚାର ପତ୍ର ଲେଖୁଥିଲେ। ଏହି ଜାତୀୟତା ମନୋଭାବ ନେଇ କାର୍ଯ୍ୟ କରିବାକୁ କେହି ତାଙ୍କୁ ବାଧ୍ୟ କରି ନ ଥିଲେ ସେ ନିଜ ଇଚ୍ଛା ଅନୁସାରେ ହିଁ କରୁଥିଲେ । କାରଣ ଯେତେବେଳେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ କରିବାକୁ ଚାହେଁ ସେଥିପ୍ରତି ନିଜସ୍ୱ ଆଗ୍ରହ ରହିଥିବା ଆବଶ୍ୟକ । ତେଣୁ ସେ କହିଛନ୍ତି ସ୍ୱଧର୍ମ ଅନୁସାରେ ହିଁ ସଂସାରରେ ଭଲ ପାଇବାର କ୍ଷେତ୍ରଟି ନିର୍ଣ୍ଣିତ ହୋଇଥାଏ। ଜାତୀୟତା ଆନ୍ଦୋଳନ ପାଇଁ ଚିତ୍ତରଞ୍ଜନ ଦେଇଥିବା ଉତ୍ସାହ ବାଣୀ ମଧ୍ୟରୁ ପଦଟିଏ ହେଉଛି–

ବାଜି ମରିନାହିଁ ,ବାଜି ସରିନାହିଁ ମହୀରେ
ବାଜିଲାଣି ତୂରୀ ,ଆଜିର ସମର ଗହୀରେ।
ସଉକୀ ସରଗ ସଜାଇ କରେ ଯେ ବଡାଇ
ମଣିଷର ସେଇ ଅମଣିଷେ ହେବ ଲଢାଇ।
(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୪୫୨)

ମହାତ୍ମା ଗାନ୍ଧୀଙ୍କୁ ଯେତେବେଳେ ହତ୍ୟା କରାଯାଇଛି ଜବାହର ଲାଲ ନେହେରୁ ଆଲୁଅ ଲିଭିଗଲା ବୋଲି କହିଥିବା ବେଳେ ସେହିଦିନଠାରୁ ଚିତ୍ତବାବୁଙ୍କ ଭିତରେ ଏକ ପ୍ରଦୀପ ପ୍ରଜ୍ୱଳିତ ହୋଇ ଉଦ୍‌ବୋଧନ କରିବାର ବାର୍ତ୍ତା ସୃଷ୍ଟି ହେବାକୁ ଲାଗିଲା । ଗାନ୍ଧି ଦେଇଥିବା ସ୍ୱାଧୀନତାକୁ ବଜାୟ ରଖିବାର ଦାୟିତ୍ୱକୁ ଅମେ ସମ୍ପାଦନ କରିବା ଆବଶ୍ୟକ ।

## ଶିକ୍ଷା ଗ୍ରହଣ/ପ୍ରଦାନ:

ଶିକ୍ଷା ପ୍ରତ୍ୟେକ ବ୍ୟକ୍ତି ପାଇଁ ଏକାନ୍ତ ଜରୁରୀ ହୋଇଥାଏ। ଶିକ୍ଷା ବଳରେ ମନୁଷ୍ୟ ଆଦିମରୁ ସଭ୍ୟ ଆଡକୁ ଆସିଛି । ଜଣେ ଅନ୍ୟ ଜଣଙ୍କୁ ବୁଝିବାର ମାଧ୍ୟମ ଏହି ଶିକ୍ଷାଦ୍ୱାରା ସମ୍ଭବ ହୋଇପାରିଛି। ଶିକ୍ଷା ପୁଣି ବିଭିନ୍ନ ପ୍ରକାର ହୋଇଥାଏ । ପ୍ରତ୍ୟେକ ବସ୍ତୁ, ପ୍ରାଣୀ, ଜଡ, କୀଟପତଙ୍ଗ ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରୁ ଶିକ୍ଷା ଗ୍ରହଣ କରାଯାଇଥାଏ। ତା ଲାଗି ସ୍ଥାନ ,କାଳ,ପାତ୍ରର ବିଚାର ନଥାଏ । ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଶିକ୍ଷା ଗ୍ରହଣ କରିପାରିବେ

ଓ ଶିକ୍ଷା ମଧ୍ୟ ଦେଇ ପାରିବେ। ଚିତ୍ତରଞ୍ଜନ ଦାସ ପିଲା ଦିନରେ ସ୍କୁଲକୁ ଯିବାକୁ ଇଚ୍ଛା କରୁ ନ ଥିଲେ ସତ ମାତ୍ର ପରେ ସେ ଜେଲ୍‌ରେ ରହି ମଧ୍ୟ ଉର୍ଦ୍ଦୁ ଶିଖିଥିଲେ। ପରବର୍ତ୍ତୀ ସମୟରେ ସେ ବିଦେଶ ଗସ୍ତ କରି ଜ୍ଞାନ ଆହରଣ କରିଥିଲେ। କାରଣ ସେ ଜାଣିଥିଲେ ଯେ ପକ୍ଷୀ ଉଡେ ଯେତେ ଦୂର, ସେ ଜାଣେ ତାର ବ୍ୟବହାର । ଏହି ନ୍ୟାୟରେ ସେ ବଭିନ୍ନ ପ୍ରକାର ଅନୁଭୂତି ସାଉଁଟି ସେଗୁଡିକ କାର୍ଯ୍ୟକାରୀ କରିବାକୁ ଆଗଭର ହୋଇଥିଲେ । ଫିନଲାଣ୍ଡରେ ସେ ଲୋକ ବିଦ୍ୟାଳୟ ଗୁଡ଼ିକ ଦେଖି ଆସି ସେ ଚମ୍ପତ୍ତିମୁଣ୍ଡାରେ ସ୍ଥାପନ କଲେ ଜୀବନ ବିଦ୍ୟାଳୟ । କିନ୍ତୁ ଏହାର ପୁର୍ବରୁ ଗୋପବନ୍ଧୁ ଦାସ ସତ୍ୟବାଦୀରେ ବନବିଦ୍ୟାଳୟ ସ୍ଥାପନ କରିଥିଲେ । ଯହିଁରେ ମଣିଷ ତିଆରି କରୁଥିଲେ ବୋଲି କୁହାଯାଏ କିନ୍ତୁ ଚିତ୍ତ ବାବୁ ଜୀବନ ବିଦ୍ୟାଳୟରେ କଲେ ଶିକ୍ଷା ସହିତ ଶ୍ରମର ବିନିଯୋଗ।ଏହା ମାଧ୍ୟମରେ ଅନେକ ଗରୀବ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯାଇ ଶିକ୍ଷିତ କରାଯାଉଥିଲା। ଜଣେ ଶିକ୍ଷକ ବା ଅଧ୍ୟାପକର ଶିକ୍ଷାଦାନ ନିମନ୍ତେ କୌଣସି ପ୍ରମାଣପତ୍ରର ଆବଶ୍ୟକତା ନାହିଁ। ଜଣେ ବ୍ୟକ୍ତିର ଦକ୍ଷତା ହିଁ ଶିକ୍ଷାଦାନ ପାଇଁ ଯଥେଷ୍ଟ। ଯେକୌଣସି ବିଷୟରେ ସେ ପାରଙ୍ଗମ ହୋଇପାରନ୍ତି। ବର୍ତ୍ତମାନ ସମୟରେ ଏହି ପ୍ରମାଣପତ୍ର ଆଧାରରେ ଯେଉଁ ନିଯୁକ୍ତି ପ୍ରକ୍ରିୟା ଚାଲୁଛି ତାହା ମାଧ୍ୟମରେ ଜଣେ ବ୍ୟକ୍ତିର ଜ୍ଞାନକୁ ମାପିବା ସମ୍ଭବ ନୁହେଁ। ଚିତ୍ତରଞ୍ଜନ ଦାସ ଯେତେବେଳେ ଆଗ୍ରାଠାରେ ଅଧ୍ୟାପନା କରୁଥିଲେ ସେତେବେଳେ ତାଙ୍କୁ ଶିକ୍ଷାଗତ ପ୍ରମାଣପତ୍ର ମାଗିଥିଲେ କିନ୍ତୁ ସେ ତାଙ୍କ ଜିଦ୍‌ରେ ଅଟଳ ରହି ଦେଇନଥିଲେ। କାରଣ ସେ ଚାହୁଁଥିଲେ ଶିକ୍ଷାଦାନ କ୍ଷେତ୍ରରେ କିଛି ପରିବର୍ତ୍ତନ କରିବାକୁ । ପ୍ରମାଣପତ୍ର ଜନିତ ଯୋଗ୍ୟତାକୁ ବିଚାର ନ କରି ଦକ୍ଷତାକୁ ମାପିବା ହିଁ ଶ୍ରେୟସ୍କର ହେବ । ତାହା ହିଁ ଶିକ୍ଷା କ୍ଷେତ୍ରକୁ ଯଥେଷ୍ଟ ଆଗକୁ ନେବାରେ ସାହାଯ୍ୟ କରିବ । ମିତ୍ରସ୍ୟ ଚକ୍ଷୁସାରେ କହିଛନ୍ତି – "ଜଣେ ଅଧ୍ୟାପକର ଜୀବନ ହେଉଛି ସ୍ୱାଧୀନ ଚିନ୍ତାର ଜୀବନ,ସ୍ୱାଧୀନ ସ୍ୱପ୍ନମାନ ଦେଖାଉ ଥିବାର ଜୀବନ । ତାହାହିଁ ଜଣେ ଅଧ୍ୟାପକ ପାଇଁ ସବୁଠାରୁ ବଡ ଆନନ୍ଦ।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୫୧୩)

## ସ୍ୱାବଲମ୍ବନଶୀଳତା :

ବଂଚି ରହିବାକୁ ହେଲେ କିଛି ନା କିଛି କର୍ମ କରିବାକୁ ହୋଇଥାଏ। ଅନ୍ୟର ସାହାଯ୍ୟ ନେଇ ସମ୍ପୂର୍ଣ୍ଣ ରୂପେ ଜୀବିକା ନିର୍ବାହ କରି ହୁଏ ନାହିଁ। ତେଣୁ ତାଙ୍କୁ ସ୍ୱାବଲମ୍ବନଶୀଳତା ହେବା ଆବଶ୍ୟକ। ନିଜ ଗୋଡରେ ନିଜେ ଛିଡା ହେବାକୁ ହେଲେ ତାକୁ କଠୋର ପରିଶ୍ରମ କରିବାକୁ ହୋଇଥାଏ। ଅଧିକାଂଶ ଲୋକେ କୌଣସି କାମଧନ୍ଦା ନ କରି ଘରେ ଖାଲି ହାତବାନ୍ଧି ସରକାରଙ୍କ ସାହାଯ୍ୟକୁ ଚାହିଁ ରହିବା ଛଡା କିଛି କରି ନଥାନ୍ତି। ଫଳରେ ଆଗକୁ ଉନ୍ନତି କରିବା ପରିବର୍ତ୍ତେ ସେମିତି ଦରିଦ୍ର ହୋଇ ରହୁଛନ୍ତି । କିନ୍ତୁ ଚିତ୍ତରଞ୍ଜନ ଦେଖିଛନ୍ତି ଯେ ଫିନଲାଣ୍ଡର କିଛି ଲୋକମାନଙ୍କ ଚାଷଜମି ନ ଥିଲେ ମଧ୍ୟ ସେମାନେ ବିଭିନ୍ନ ଉପାୟରେ ନିଜ ଗୋଡରେ ନିଜେ ଛିଡା ହେବାକୁ ଚେଷ୍ଟା କରୁଥିଲେ। କିଏ ଗାଈ ରଖି ସେମାନଙ୍କ ଯତ୍ନ ନେଇ କ୍ଷୀର ବିକ୍ରି କରି ଚଳୁଥିଲା ବେଳେ ପୁଣି କିଏ ଚାଷ କରି ଫସଲ ଉତ୍ପାଦନ କରୁଥିଲେ। ତେଣୁ ସେ କହୁଥିଲେ – "କିଛି ସତ କୁ ସତ କରି ପାରିବାକୁ ହେଲେ ଯେ ସବା ଆଗ ନିଜ ଗୋଡରେ ଛିଡା ହେବାକୁ ହୁଏ।" (ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା-୪୨୨)ଆପଣାକୁ ଆପଣାର କ୍ଷେତ୍ରରେ ସମ୍ପୂର୍ଣ୍ଣ ରୂପେ ଦେଇ ପାରିଲେ କିପରି ଆପଣାକୁ ସମ୍ପୂର୍ଣ୍ଣପାଇ ହୁଏ ତାହା ସ୍ପଷ୍ଟ ଭାବରେ କହିଛନ୍ତି । ଯେଉଁ ବ୍ୟକ୍ତି ନିଜ ପାଇଁ କିଛି କରି ପାରି ନ ଥାଏ ସେ ଅନ୍ୟ ପାଇଁ କଣ ଅବା କରିପାରିବ ? ଅନ୍ୟ ଦେଶର ଲୋକଙ୍କ ଭଳି ଆମ ଦେଶର ଲୋକମାନଙ୍କୁ ସଚେତନଶୀଳ ହେବାକୁ ପଡିବ। ଫଳରେ ଆମେ ଉନ୍ନତି ପଥରେ ଢେର ଆଗକୁ ଆଗେଇ ପାରିବା।

## ମିତ୍ରତା ସ୍ଥାପନ :

ମନୁଷ୍ୟ ଏକାକୀ କଦାପି ବଂଚି ପାରେ ନାହିଁ କି ଆଗକୁ ବଢିପାରେ ନାହିଁ । ସମସ୍ତଙ୍କ ସହ ସୁସମ୍ପର୍କ ରକ୍ଷାକରି ହିଁ ଆଗକୁ ବଢିବାକୁ ଚେଷ୍ଟା କରେ । ତେଣୁ ପ୍ରଥମେ ଆମକୁ ଅନ୍ୟ ମାନଙ୍କ ସହ ମିତ୍ରତା ସ୍ଥାପନ କରିବାକୁ ହୋଇଥାଏ। ମିତ୍ରତା ସ୍ଥାପନ ସେତେବେଳେ ହୁଏ ଯେତେବେଳେ ଜଣେ ବ୍ୟକ୍ତି ନିଜ ଜୀବନରେ ରହିଥିବା ମିତ୍ର ଦର୍ଶନଟିକୁ ଦେଖିପାରିବ। ନିଜର ଅନୁଭବ ଯେପର୍ଯ୍ୟନ୍ତ ଅଧିକ ଗଭୀର ହୋଇନଥାଏ। ସେ ପର୍ଯ୍ୟନ୍ତ ଏହାର ପରିଚୟ ଅସମ୍ଭବ ହୋଇଥାଏ। ସେହିମାନେ ଅନ୍ୟ ସମସ୍ତଙ୍କୁ ନିନ୍ଦା କରନ୍ତି। ଅସଲ କଥା ହେଉଛି ଅତି ନିକଟରେ ଆପଣାର ଯେଉଁ ମିତ୍ର ଭାବଟି ଅପେକ୍ଷା କରି ନିଜ ଭିତରୁ ହଜାର ସଂକେତ ପାଉଥିଲେ ମଧ୍ୟ ସେମାନେ ତାହାକୁ ଜାଣି ପାରି ନ ଥାନ୍ତି । ସେମାନେ ମର୍ମ ଖୋଜୁ ଖୋଜୁ ମଣିଷର ମୂର୍ତ୍ତିରେ ଅଟକିବା ପରି ନିଜର ଅହଂ ପାଖରେ ଅଟକି ଯାନ୍ତି। ଅହଂକାର କାନ୍ଥଗୁଡାକ ହିଁ ମିତ୍ରତ୍ୱର ନିର୍ଭର ବୋଲି ମନେ ହୁଅନ୍ତି । କାନ୍ଥଗୁଡିକ ଭାଙ୍ଗିଗଲେ ହୁଏତ ନିଜ ପାଇଁ ଭୂମି ବୋଲି ଆଉ ଗୋଟେ ହେଲେ କିଛି ରହିପାରେ ନାହିଁ । ସମ୍ପ୍ରତି ଆମର ଆଧୁନିକ ସଂସାରରେ ଅନେକ ସଂଶୟ ବଢୁଛି , ବିଶ୍ୱାସମାନେ ବିଦା ହୋଇ ଯାଉଛନ୍ତି । ପାଠ ବଢୁଛି ପ୍ରେମ କମିଯାଉଛି,ବଳାତ୍କାର ବଢୁଛି ,ଦମ୍ଭ ମଧ୍ୟ ବଢୁଛି ,ପ୍ରବଳମାନେ ପ୍ରବଳତର ହେବାରେ ଲାଗିଥିଲେ ମଧ୍ୟ ଜୀବନରେ ସତକୁ ସତ ମିତ୍ରଟିଏ ମିଳିପାରିବ ବୋଲି ପ୍ରତ୍ୟୟଟି ହତବଳ ହେବାରେ ଲାଗେ। ମନୁଷ୍ୟ ଦିନକୁଦିନ ଏତେ ଭୀରୁ ହୋଇଯାଉଛି ଯେ, ଭୀରୁତା ଗୁଡାକୁ ହିଁ ଆପଣାର ସବୁଠାରୁ ଅଧିକ ନିର୍ଭରଯୋଗ୍ୟ ସମ୍ପଦ ରୂପେ ସାଇତି ରଖିବାକୁ ସିଏ ବାହାରେ କେତେ ନା କେତେ ଅପସାହସକୁ ସତେ ଅବା ଶିଙ୍ଗ ବୋଲି ଦେଖାଇ ବୁଲୁଥାଏ। ମିତ୍ରତା ସ୍ଥାପନ

ସମ୍ପର୍କରେ ଚିତ୍ତରଞ୍ଜନ ଦାସ କହିଛନ୍ତି – "ଆପଣା ଭିତରେ ରହିଥିବା ସେହି ମିତ୍ରଟିକୁ ହିଁ ଦର୍ପଣ ରୂପେ ବ୍ୟବହାର କରି ଆମେ ସଂସାର ଯାକ ଆପଣାର ପରିଚୟ ଦେବାର ସାହସଟିକୁ ଅର୍ଜନ କରିପାରୁ । ଗୋଟିଏ କଥାରେ କହିଲେ ଆମେ ମିତ୍ରର ଚକ୍ଷୁରେ ହିଁ ଆପଣାକୁ ଦେଖି ଶିଖୁ ,ଏହି ସବୁକିଛିକୁ ଦେଖି ଶିଖୁ।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା–୧୨)

## ବିବାହ ଚିତ୍ର :

ବିବାହ ଦୁଇଟି ମନର ମିଳନକୁ ବନ୍ଧନ କରି ରଖିବାର ମାଧ୍ୟମ। ଯେଉଁ ବିବାହରେ ସ୍ୱାମୀ ସ୍ତ୍ରୀଙ୍କ ମନ ମିଶି ନ ଥାଏ ତାକୁ ବିବାହ କୁହାଯାଇ ନ ପାରେ । ତାହା ହେଉଛି କେବଳ ସମାଜ ଦୃଷ୍ଟିରେ ଏକ ବନ୍ଧନ । ଜଣେ ଅନ୍ୟ ଜଣକ କଥାକୁ ବୁଝିପାରିବା ଦ୍ୱାରା ହିଁ ବୈବାହିକ ଜୀବନ ସଫଳ ହୋଇଥାଏ । ଚିତ୍ତରଞ୍ଜନ ଦାସ ନିଜେ ତାଙ୍କ ବିବାହର ପ୍ରଥମ ପତ୍ନୀ ପ୍ରମିଳାଙ୍କୁ ବିବାହ କରି ବେଶୀଦିନ କଟାଇ ପାରିନଥିଲେ । ମନୋବିଜ୍ଞାନର ଅଧ୍ୟାପକ ହୋଇ ମଧ୍ୟ ସ୍ତ୍ରୀଙ୍କ ମନ କଥାକୁ ବୁଝି ପାରି ନ ଥିଲେ । ଦେଶ ବିଦେଶରେ ମନୋବିଜ୍ଞାନରେ ଯେତେସବୁ ଗବେଷଣା କରିଥିଲେ ତାହା ସ୍ତ୍ରୀ ପ୍ରମିଳାଙ୍କ ନିକଟରେ ହାର ମାନି ଯାଇଥିଲା । ସ୍ତ୍ରୀ ସବୁବେଳେ ଚୁପ୍‌ଚାପ୍ ଓ ପ୍ରତିକ୍ରିୟାହୀନ । ଏପରି ସମ୍ପର୍କରେ ରହିଲେ ବୈବାହିକ ଜୀବନ କେବେହେଲେ ସଫଳ ହୁଏନାହିଁ । ତେଣୁ ସେ କହିଛନ୍ତି– "ପ୍ରତ୍ୟେକ ପାଇବା ଯେପରି ଅନନ୍ୟ ,ପ୍ରତ୍ୟେକ ହରାଇବା ମଧ୍ୟ ସେହିପରି ଅନନ୍ୟ ,ତେଣୁ ପ୍ରତ୍ୟେକ ସହିବା ମଧ୍ୟ ଅବଶ୍ୟ ଅନନ୍ୟ।"(ମିତ୍ରସ୍ୟ ଚକ୍ଷୁସା,ପୃଷ୍ଠା–୫୦୯)

## ଯୌତୁକ ପ୍ରଥା :

ଆମ ସମାଜରେ ଯୌତୁକ ଦେବା ନେବା ରୀତିଟା ବହୁ ପୂରାକାଳରୁ ପ୍ରଚଳିତ ହୋଇ ଆସୁଛି । ଏହି ଦେବା ନେବା ପ୍ରକ୍ରିୟାରେ ଉଭୟ ପକ୍ଷର ଦୋଷ ତ୍ରୁଟି ରହିଥାଏ । କନ୍ୟାର ପିତାମାତା ନିଜର ସମ୍ମାନକୁ ଜଗି ଖୁସିରେ ଯୌତୁକ ଦେଉଥିବାବେଳେ ଅନ୍ୟ କୌଣସି ଦରିଦ୍ର ପିତାମାତାଙ୍କ ପାଇଁ ତାହା ବୋଝର ଶିକାର ହେବାକୁ ପଡୁଛି। କାରଣ ଗୋଟିଏ କନ୍ୟା ସନ୍ତାନ ଜନ୍ମ ହେବାଠାରୁ ତାକୁ ଭରଣ ପୋଷଣ କରି ବିବାହ କରିବାଟା ଦୁଃସାଧ୍ୟ ବ୍ୟାପାର ହୋଇପଡେ। ଯୌତୁକର ନିର୍ଯ୍ୟାତନାରେ କେଉଁଠି ବୋହୂକୁ ଅତ୍ୟାଚାର ଦିଆଯାଉଥିବା ବେଳେ ଆଉ କେଉଁଠି ଗଞ୍ଜଣା ଦେବା ସହ ହତ୍ୟା ମଧ୍ୟ କରାଯାଉଛି । ଦୁହିତା ଦୁଇ କୂଳର ହିତା ନ ହୋଇ ବୋଝ ପାଲଟି ଯାଉଛି। ଏହି କଳୁଷ ପ୍ରଥାଟା ସମାଜରେ ଯେପର୍ଯ୍ୟନ୍ତ ରହିଥିବ ଅନ୍ୟମାନଙ୍କୁ ଏହାର ଶିକାର ହେବାକୁ ପଡୁଥିବ । ଚିତ୍ତରଞ୍ଜନଙ୍କ ପରିବାରରେ ମଧ୍ୟ ଏହି ଯୌତୁକ ପ୍ରସଙ୍ଗରେ ସ୍ୱର ଉଠିଥିଲା କିନ୍ତୁ ବିରୋଧ କରିଥିଲେ ଚିତତରଞ୍ଜନ । ତାଙ୍କ ତୃତୀୟ ଭାଉଜ ବାହା ହୋଇ ଆସିବା ସମୟରେ ଘରେ ଯୌତୁକ ପ୍ରତି ଯେଉଁ ଆଶା ପୋଷଣ କରିଥିଲେ ସେମାନଙ୍କ ପସନ୍ଦର ଜିନିଷ ନ ଆସିଥିବାରୁ ଘରେ ଯେଉଁ ଅସନ୍ତୋଷ ବାତାବରଣ ସୃଷ୍ଟି ହୋଇଥିଲା ସେ ପ୍ରତିବାଦ କରି ପ୍ରଥମେ ମୁହଁ ଖୋଲିଥିଲେ ଏବଂ କହିଥିଲେ–ଏହି ଅଣନିଃଶ୍ୱାସୀ ପରିବେଶଟା ଦୂରନ ହେବା ପର୍ଯ୍ୟନ୍ତ ମୁଁ ଏଘରେ ଖାଇବି ନାହିଁ। ବତ୍‌ର୍ତମାନ ସମାଜରେ ଦେଖାଦେଉଥିବା ଯୌତୁକ ପ୍ରଥାପରି ମନୋଭାବକୁ ବିରୋଧ କରି ଆମେ ଚିତ୍ତରଞ୍ଜନଙ୍କ ପରି ହେବା ଆବଶ୍ୟକ।

## ଉପସଂହାର :

ମିତ୍ରସ୍ୟ ଚକ୍ଷୁସାରେ ଚିତ୍ତରଞ୍ଜନ ଦାସ ସମାଜକୁ ଅତି ନିଖୁଣ ଭାବରେ ଦର୍ଶାଇଛନ୍ତି । ସମାଜକୁ ସେ ଅତି ପାଖରୁ ଦେଖି ସମସ୍ୟା କାଢି ତାର ସମାଧାନର ସୁତ୍ର ମଧ୍ୟ ଦେଖାଇଛନ୍ତି। ବର୍ତ୍ତମାନ ଯେଉଁ ନାନା ପ୍ରକାର ଅସୁବିଧା ସୃଷ୍ଟି ହେଉଛି ତାକୁ ଆମେ ସୁଧାରିବା ଆବଶ୍ୟକ। ନଚେତ୍ ଆଗାମୀ ଦିନରେ ଏପରି ଏକ ବାତାବରଣ ସୃଷ୍ଟି ହେବ ଯାହାକି ସମ୍ପୂର୍ଣ୍ଣ ରୂପେ ସମାଜ ବ୍ୟବସ୍ଥା ଭୁଶୁଡି ପଡିବ। ମନୁଷ୍ୟ ଆଦିମରୁ ସଭ୍ୟ ଆଡକୁ ପରିବତର୍ତିତ ହୋଇ ଆସିଥିଲା । କିନ୍ତୁ ସେ ପ୍ରଗତି କରିବା ପ୍ରତିବଦଳରେ ପଶ୍ଚାତମୁଖୀ ଆଡକୁ ଗତି କରିବ। ସାମାଜିକ ପ୍ରାଣୀ ଭାବେ ସମାଜର ସୁରକ୍ଷା ଦାୟିତ୍ୱକୁ ତୁଲାଇବାକୁ ପଡିବ। ପ୍ରତ୍ୟେକ ମନୁଷ୍ୟ ଏହାକୁ ଏକ ଗୁରୁ ଦାୟିତ୍ୱ ବୋଲି ମନେ କରି କାର୍ଯ୍ୟ କରିବା ଉଚିତ୍। ଚିତ୍ତରଞ୍ଜନ ବିଭିନ୍ନ ଦେଶ ବିଦେଶ ଭ୍ରମଣ କରି ସେଠାକାର ଭଲ ଗୁଣ ଗୁଡିକ ଆମର ଏଠାକାର ପରିବେଶ ସହିତ ମିଶାଇ ଚଳିବାକୁ ପ୍ରୟାସ କରିଛନ୍ତି । ଫଳରେ ଆମେ ନିଶ୍ଚିତ ଭାବରେ ଏକ ଉନ୍ନତିର ମାର୍ଗ ଆଡକୁ ଅଗ୍ରସର ହୋଇପାରିବା। ତାଙ୍କ ସମାଜ ପ୍ରତି ରହିଥିବା ଦୃଷ୍ଟିଭଙ୍ଗୀ ଖୁବ୍ ଉନ୍ନତ।

## ସହାୟକ ଗ୍ରନ୍ଥସୂଚୀ :



୧. ଦାସ ଚିତତରଞ୍ଜନ,ମିତ୍ରସ୍ୟ ଚକ୍ଷୁସା–ପଥିକ ପ୍ରକାଶନୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ–୨୦୨୩।


୨. ମହାନ୍ତି ଭାରତ ଭୂଷଣ,ଚିତତରଞ୍ଜନ ଦାସ କୃତି ଓ ସ୍ମୃତି–ଆମ ଓଡିଶା,ୟୁନିଟ୍–୩,ଖାରବେଳ ନଗର ଭୁବନେଶ୍ୱର,ପ୍ରଥମ ସଂସ୍କରଣ,ନଭେମ୍ବର ,୨୦୨୩।

୩. ସେନ୍ ଡକ୍ଟର ସିନ୍ଧୁ, ସାମାଜିକ ପ୍ରେକ୍ଷାପଟରେ ଚିତରଞ୍ଜନ ଦାସଙ୍କ ଦୃଷ୍ଟି ଓ ଦର୍ଶନ–ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର,ପ୍ରଥମ ସଂସ୍କରଣ–୨୦୧୮।


❖ ❖ ❖

ଖୁସିର ସହିତ ଜଣାଉଛୁ ଯେ,
ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।




**PRACHEE SAHITYA SAMAJ PUBLICATION**
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

ଖୁସିର ସହିତ ଜଣାଉଛୁ ଯେ,
ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।








**PRACHEE SAHITYA SAMAJ PUBLICATION**

At-Niladri Vihar. Po-Naya Bazar, Dist.-Cuttack-753004 (Odisha)

Mob. : 88957 07011

# SARVODAYA SOCIETY GOALS

Voice for Voiceless

1. Stop Contaminating Water
2. Stop Polluting Air
3. Stop Plastic Use
4. Save Earth
5. Stop Drug Abuse and Alcoholism
6. Stop Untouchability
7. Help Dibyanga
8. Help Mentally Disable Person
9. Help Senior Citizens
10. Help Sick Person
11. Help Poor Children
12. Help Poor Women
13. Planting Tree
14. Protecting Animals and Birds
15. Spreading Basic Education
16. Women Empowerment
17. Cleanliness Campaign
18. Satya and Ahmisha
19. Health and Hygienic
20. Communal Harmony
21. Vocational Education
22. Cottage Industries
23. Village Economy
24. Self Help Groups
25. Feed the Need
26. Farming and Agriculture

SARVODAYA SOCIETY

Voice for Voiceless

GOALS

For Positive Constrictive Programme

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking**
**please contact :**
**The Advertising Manager**
**Niladri Vihar, Naya Bazar,**
**Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.................................................................................................................

Address...........................................................................Pin code ..........................

Mobile No..........................................E-Mail...........................................................

I am sending, Rs......................,(Bank Draft) Postal extra

Check Number..............................................................Date..........................................

Bank.........................................................Place.........................................................

Date..........................................Signature...................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ